



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-59 ◆SATURDAY ◆23 AUGUST 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୫୯ ◆ଶନିବାର ◆୨୩ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମାସିଂଘେ ଗିରଫ



■ କଲମ୍ବୋ, ୨୨।୮ (ଏଜେନ୍ସି): ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମାସିଙ୍ଘେଙ୍କୁ ଶୁକ୍ରବାର ଗିରଫ ହୋଇଛନ୍ତି। ସରକାରୀ ଅର୍ଥ ବାଟମାରଣ ଓ ଦୁର୍ନୀତି ଅଭିଯୋଗରେ ଶ୍ରୀଲଙ୍କା ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଏହି ମାମଲା ୨୦୨୩ର। ସେ ରାଷ୍ଟ୍ରପତି ଥିବା ବେଳେ ଏହି ସମୟରେ ପତ୍ନୀ ତଥା ପ୍ରଫେସର ମୈତ୍ରୀ ବିକ୍ରମାସିଙ୍ଘେଙ୍କ ଦୀକ୍ଷାନ୍ତ ସମାରୋହରେ ଯୋଗଦେବାକୁ ଲଣ୍ଡନ ଯାଇଥିଲେ। ଦୁହେଁ ଉଲଭରହାମ୍ପଟନ୍ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତେବେ ସେ ସିଧା ଶ୍ରୀଲଙ୍କାରୁ ଲଣ୍ଡନ ଯାଇ ନ ଥିଲେ। ସେ ହାଭାନାରେ ଜି-୭୭ ସମ୍ମିଳନୀରେ ଯୋଗ ଦେଇ ଲଣ୍ଡନ ବାଟେ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ଏକ ବ୍ୟକ୍ତିଗତ ଗସ୍ତ ଥିଲା। ମାତ୍ର ସେ ଏଥିରେ ସରକାରୀ ଅର୍ଥର ଅପବ୍ୟବହାର କରିଥିଲେ। ଏହା ଛଡା ସେ ନିଜର ବ୍ୟକ୍ତିଗତ ସୁରକ୍ଷାକର୍ମୀଙ୍କୁ ମଧ୍ୟ ସରକାରୀ ପାଣ୍ଠିରୁ ଦରମା ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା।

ଶୁକ୍ରବାର ସକାଳେ ରାନିଲଙ୍କୁ ଆର୍ଥିକ ଅପରାଧ ଯାଞ୍ଚ ବିଭାଗ (ଏଫ୍‌ସିଆଇଡି)ରେ ହାଜର କରାଯାଇଥିଲା। ତାଙ୍କୁ ଦୀର୍ଘ ୪ ଘଣ୍ଟାର ଧରି ପଚରାଉଚରା କରାଯିବା ପରେ ଗିରଫ କରାଯାଇଥିଲା। ୭୬ ବର୍ଷୀୟ ରାନିଲ ଶ୍ରୀଲଙ୍କାର ପ୍ରଥମ ପୂର୍ବତନ ରାଷ୍ଟ୍ରପତି ▶ପୃଷ୍ଠା-୭

## ୧୨ ହଜାର ଫୁଟ ଉଚ୍ଚରେ ଭାଙ୍ଗିଲା ବୋଇଂ ବିମାନ ଡେଣା

### ୬୨ ଯାତ୍ରୀଙ୍କ ସହ ଟେକ୍ସାସରେ ସୁରକ୍ଷିତ ଅବତରଣ

■ ୱାଶିଂଟନ, ୨୨।୮ (ଏଜେନ୍ସି): ଆମେରିକାରେ ଡେଲ୍ଟା ଏୟାର ଲାଇନ୍ସର ଏକ ବୋଇଂ ୭୩୭ ବିମାନ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଗତ ୧୯ ତାରିଖରେ ବିମାନ ୧୨,୦୦୦ ଫୁଟ ଉଚ୍ଚରେ ଉଡୁ ଥିବାବେଳେ ଏହାର ବାମପଟ ଡେଣା ଭାଙ୍ଗି ଅଲଗା ହୋଇ ଯାଇଥିଲା। ଏହାପରେ ବିମାନକୁ ଟେକ୍ସାସର ଅଷ୍ଟିନ୍-ବେର୍ଗଷ୍ଟ୍ରମ୍ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରାଯାଇଥିଲା। ଏହି ବିମାନ ଫ୍ଲୋରିଡାର ଅର୍ଲାଣ୍ଡୋ ବିମାନ ବନ୍ଦରରୁ ଟେକ୍ସାସକୁ ଯାଉଥିଲା। ଏଥିରେ ୬୨ ଯାତ୍ରୀଙ୍କ ସହ ୬ ଜଣ କ୍ରୁ ମେମ୍ବର ଥିଲେ। ଡେଣା ଭାଙ୍ଗିବା ପରେ ବିମାନ ଜୋରରେ ଦୋହଲିବାରେ ଲାଗିଥିଲା। ଫଳରେ ଯାତ୍ରୀମାନେ ଆତଙ୍କିତ ହୋଇଥିଲେ। ଜଣେ ଯାତ୍ରୀ ଡେଣା ଭାଙ୍ଗିବା ଘଟଣାର ଫୁଟେଜ ରେକର୍ଡ କରିଥିଲେ। ଅବତରଣ ପରେ ଡେଲ୍ଟା ଏୟାର ଲାଇନ୍ସ ଯାତ୍ରୀମାନଙ୍କୁ କ୍ଷମା ମାଗିଛି। ଏହି କମ୍ପାନୀ ଆମେରିକାର ଏକ ବହୁ ପୁରୁଣା ଏୟାର ଲାଇନ୍ସ ଓ ଏହାକୁ ୧୯୨୫ରେ ସ୍ଥାପନ କରାଯାଇଥିଲା। ଚଳିତ ବର୍ଷ ଡେଲ୍ଟା ଏୟାର ଲାଇନ୍ସର ଏହା ଦ୍ୱିତୀୟ ଘଟଣା। ପୂର୍ବରୁ ଗତ ଫେବୃଆରୀରେ କାନାଡାର ଟରଣ୍ଟୋରେ ଏହି କମ୍ପାନୀର ଏକ ବିମାନ ଅବତରଣ କରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ୨୧ ଜଣ ଆହତ ହୋଇଥିଲେ।

### ୧୨ ଦିନ ହେଲା ଆନ୍ଦୋଳନରେ ୧୦ ହଜାର ରାଜସ୍ୱ ଅମଲା

# ସରକାର ବେଫିକର; ସଂଘ ଅଟଳ

■ ଭୁବନେଶ୍ୱର, ୨୨।୮ (ସମିସ): ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ୧୨ ଦିନରେ ପହଞ୍ଚିଛି। ଶନିବାର ଓ ରବିବାରକୁ ମିଶାଇଲେ ଏହା ୧୪ ଦିନ ହେବ। ଏତେ ଦିନ ହେବ ନିଜ ଜିଦ୍‌ରେ ଅଟଳ ଥିବା ଅମଲା ସଂଘ ସରକାରଙ୍କ ଦରମା ବନ୍ଦ ଓ କାର୍ଯ୍ୟାନୁଷ୍ଠାନ ଚେତାବନୀ ସତ୍ତ୍ୱେ ଆନ୍ଦୋଳନ ଜାରି ରଖିଛି। ଖରା ବର୍ଷାରେ ରାଜସ୍ୱ ଅମଲାମାନେ ନିଜ ନିଜ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିବା ବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପଛକୁ ହଟିବାର ପ୍ରଶ୍ନ ଉଠୁନି ବୋଲି ସଂଘ କହିଛି। ଅନ୍ୟପଟେ ଆନ୍ଦୋଳନକୁ ୧୨ ଦିନ ବିତିଯାଇଥିଲେ ମଧ୍ୟ ସରକାରଙ୍କ ତରଫରୁ ବିଭାଗୀୟ ମନ୍ତ୍ରୀ କିମ୍ବା ବରିଷ୍ଠ ଅଧିକାରୀ ସେମାନଙ୍କ ଦାବି ପୂରଣ କରିବା ଦୂରର କଥା, ସେମାନଙ୍କ ସହ କୌଣସି ଆଲୋଚନା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରି ନାହାନ୍ତି। ରାଜସ୍ୱ ଅମଲାଙ୍କ ଆନ୍ଦୋଳନ ଯୋଗୁଁ ସାରା ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ଅଚଳ ହୋଇପଡ଼ିଛି। ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଗୁରୁତ୍ୱପୂର୍ଣ୍ଣ ସକାରୀ ସେବା ପାଇବାରୁ ବଞ୍ଚିତ ହେଉଥିବା ସତ୍ତ୍ୱେ ସରକାର କାହିଁକି

▶ ସାରା ରାଜ୍ୟରେ ରାଜସ୍ୱ ସେବା ଅଚଳ

▶ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ସଂଘ

ଆଲୋଚନା ପାଇଁ ସଂଘକୁ ଡାକୁ ନାହାନ୍ତି ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ସାରା ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଉର୍ଦ୍ଧ୍ୱ ରାଜସ୍ୱ ଅମଲା ଅଧିକାରୀମାନେ ସମୂହ ଛୁଟିରେ ଯିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ୧୦ ଦଫା ଦାବିରେ ଏହି ଆନ୍ଦୋଳନ ଜାରି ରହିଥିବାରୁ ରାଜ୍ୟର ସମସ୍ତ ବ୍ଲକ, ତହସିଲ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ବିଭାଗ, ଉପ ଜିଲ୍ଲାପାଳ କାର୍ଯ୍ୟାଳୟ, ଶିଶୁ ବିକାଶ କାର୍ଯ୍ୟାଳୟ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା , ପରିବହନ କାର୍ଯ୍ୟାଳୟ, ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲା ସମାଜ ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ଜିଲା ପଞ୍ଚାୟତ କାର୍ଯ୍ୟାଳୟ, ଯୋଗାଣ ଅଧିକାରୀ କାର୍ଯ୍ୟାଳୟ ଆଦିରେ ସମସ୍ତ ପ୍ରକାର କାର୍ଯ୍ୟ ଏକ ପ୍ରକାର ଠପ ହୋଇଯାଇଛି। ସାଧାରଣ ଜନତା କୌଣସି କାର୍ଯ୍ୟରେ କାର୍ଯ୍ୟାଳୟ ଆସିଲେ ଅମଲାଙ୍କ ଚଉକି ଫାଙ୍କା ପଡିଥିବାରୁ ସେମାନେ ନିରାଶ ହୋଇ ଘରକୁ ଫେରିଯାଉଛନ୍ତି। ମୁଖ୍ୟତଃ ଏହି ଆନ୍ଦୋଳନ ଯୋଗୁଁ ବିଭିନ୍ନ ସାର୍ଟିଫିକେଟ୍ ଇସ୍ୟୁ, ଜମିଜମା ପଟ୍ଟା ଭଳି କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ରାଜ୍ୟ ସରକାର ସବୁ ଦେଖି ମଧ୍ୟ ଚୁପ୍ ବସିଛନ୍ତି। ସରକାର ଏଥିପ୍ରତି ଧ୍ୟାନଦେଇ ତୁରନ୍ତ ଅମଲାଙ୍କ ଦାବି ପୁରଣ କିମ୍ବା ସେମାନଙ୍କୁ ଆନ୍ଦୋଳନରୁ ଓହରିବା ନେଇ ପ୍ରକ୍ରିୟା ନ କରାଇଲେ ଜନସାଧାରଣଙ୍କ ସମସ୍ୟା ଆହୁରି ବଢ଼ି ବଢ଼ି ଯିବାର ଆଶଙ୍କା ସୃଷ୍ଟି ହୋଇଛି।

ଅନ୍ୟପଟେ ସରକାର ଏହି ଆନ୍ଦୋଳନକୁ ପ୍ରଶମିତ କରିବା ବଦଳରେ ରାଜସ୍ୱ ଅମଲାଙ୍କୁ ଡରାଇବା ସାଧାରଣ ଲୋକଙ୍କ ପାଇଁ ଆହୁରି ସମସ୍ୟା ବଢ଼ାଇଛି। ସରକାର ▶ପୃଷ୍ଠା-୭

### କୁକୁର ପ୍ରେମୀଙ୍କ ପାଇଁ ନିଷ୍ପତ୍ତି ବଦଳାଇଲେ ସୁପ୍ରିମକୋର୍ଟ

## ବନ୍ଧ୍ୟାକରଣ କରି ଛାଡ଼; ହିଂସ୍ରଙ୍କୁ ରଖ



- ସାର୍ବଜନୀନ ସ୍ଥାନରେ ଖାଦ୍ୟ ଦେବା ମନା
- ଦିଲ୍ଲୀ ସମେତ ସାରା ଦେଶରେ ଲାଗୁ ହେବ
- କୁକୁର ପ୍ରେମୀଙ୍କୁ ୨୫ ହଜାର, ଏନ୍‌ଜିଓଙ୍କୁ ୨ ଲକ୍ଷ ଦେବାକୁ ନିର୍ଦ୍ଦେଶ
- ଜାତୀୟସ୍ତରୀୟ ନୀତି ପ୍ରସ୍ତୁତି କରିବା ଜରୁରୀ

■ ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): କୁକୁର ପ୍ରେମୀଙ୍କ ପାଇଁ ସୁପ୍ରିମକୋର୍ଟ ନିଜ ରାୟ ପରିବର୍ତ୍ତନ କରିଛନ୍ତି। ଗତ ୧୧ ତାରିଖରେ ଦିଲ୍ଲୀ ଏନ୍‌ସିଆରରୁ ବୁଲା କୁକୁରଙ୍କୁ ହଟାଇବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାକୁ ନେଇ କୁକୁର ପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ସେଲିବ୍ରିଟିଙ୍କଠାରୁ ନେଇ ପୂର୍ବତନ ସାଂସଦ, ବିରୋଧୀ ଦଳ ନେତା, ଏନ୍‌ଜିଓ, କିଛି ସାଧାରଣ ଲୋକେ ମଧ୍ୟ ଏହାକୁ ବିରୋଧ କରିଥିଲେ। ଅନେକ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରି କୁକୁର ପ୍ରେମୀ ଗିରଫ ମଧ୍ୟ ହୋଇଥିଲେ। ପରେ ରାୟର ସମୀକ୍ଷା ଆବେଦନକୁ ସିଜେଆଇ ଗ୍ରହଣ କରିବାକୁ ରାଜି ହୋଇଥିଲେ। ଜଷ୍ଟିସ ବିକ୍ରମ ନାଥଙ୍କ ନେତୃତ୍ୱାଧୀନ ତିନି ଜଣିଆ ଖଣ୍ଡପୀଠ ଶୁକ୍ରବାର ଏହି ମାମଲାର ଶୁଣାଣି କରି ପୂର୍ବ ନିର୍ଦ୍ଦେଶକୁ ଅତ୍ୟନ୍ତ କଠୋର କହି ଏହାକୁ ବଦଳାଇ ଦେଇଛନ୍ତି। ବନ୍ଧ୍ୟାକରଣ ଏବଂ ଟିକାକରଣ ପରେ ବୁଲା କୁକୁରଙ୍କୁ ଛାଡ଼ିଦେବାକୁ ସୁପ୍ରିମକୋର୍ଟ କହିଛନ୍ତି। ତେବେ ହିଂସ୍ର ଏବଂ ରେବିଜ୍ ସଂକ୍ରମିତ କୁକୁରଙ୍କୁ ଆଶ୍ରୟ ସ୍ଥଳରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ▶ପୃଷ୍ଠା-୭

### ବିହାର ଏସ୍‌ଆଇଆର ମାମଲା

## ଆଧାର କାର୍ଡକୁ ବୈଧ କହିଲେ ସୁପ୍ରିମକୋର୍ଟ


■ ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ସ୍ୱତନ୍ତ୍ର ଭୋଟର ଯାଞ୍ଚ (ଏସଆଇଆର)କୁ ନେଇ ହଙ୍ଗାମା ଜାରି ରହିଛି। ବିରୋଧୀ ଏହାକୁ ପ୍ରତ୍ୟାହାର ଦାବି କରୁଥିବାବେଳେ ଚିଠା ଭୋଟର ତାଲିକାରୁ ଅନେକ ଲୋକ ବାଦ୍ ପଡ଼ିଛନ୍ତି। ଶୁକ୍ରବାର ସୁପ୍ରିମକୋର୍ଟ ଏ ନେଇ ନିର୍ବାଚନ କମିଶନ (ଇସି)ଙ୍କୁ ବଡ଼ ନିର୍ଦ୍ଦେଶ ଦେଇଛନ୍ତି।

- ଭୋଟର ତାଲିକାରେ ନାମ ଯୋଡ଼ିବା ପାଇଁ ଅନ୍‌ଲାଇନ ଆବେଦନ
- ରାଜନୈତିକ ଦଳଙ୍କୁ ଭର୍ତ୍ସନା କଲେ ସର୍ବୋଚ୍ଚ ନ୍ୟାୟାଳୟ

ପରିଚୟ ପ୍ରମାଣ ଭାବେ ଆଧାର କାର୍ଡକୁ ମାନ୍ୟତା ଦେବାକୁ ସୁପ୍ରିମକୋର୍ଟ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୧୧ ଅନ୍ୟ ପ୍ରମାଣପତ୍ର ସହ ଆଧାରକୁ ସାମିଲ କରିବାକୁ ସରକାରଙ୍କୁ କହିଛନ୍ତି। ଏହା ସହିତ ହଟିଥିବା ନାମକୁ ତାଲିକାରେ ଯୋଡ଼ିବା ପାଇଁ ଅନ୍‌ଲାଇନ ଆବେଦନ ଅନୁମତି ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ମାମଲାରେ ଚୁପ୍ ରହିବାକୁ ନେଇ ସୁପ୍ରିମକୋର୍ଟ ରାଜନୈତିକ ଦଳଙ୍କୁ ଭର୍ତ୍ସନା କରିଛନ୍ତି। ▶ପୃଷ୍ଠା-୭

## ନବୀନ ନିବାସରେ ପ୍ରେମ ପଟ୍ଟନାୟକ



■ ଭୁବନେଶ୍ୱର, ୨୨।୮ (ସମିସ): ଡିହାଇଡ୍ରେସନ୍ ଜନିତ ଅସୁସ୍ଥତାରୁ ମୁକ୍ତ ହୋଇ ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବାସଭବନକୁ ଫେରିବା ପରେ ପୁଣି ନବୀନ ନିବାସରେ ଆରମ୍ଭ ହୋଇଛି ଗହଳି। ଦଳର ବରିଷ୍ଠ ନେତାମାନେ ନବୀନଙ୍କୁ ଭେଟିଥିବାବେଳେ ନବୀନଙ୍କ ବଡ଼ଭାଇ ତଥା ବିଶିଷ୍ଟ ଶିଳ୍ପପତି ପ୍ରେମ ପଟ୍ଟନାୟକ ଆଜି ନବୀନ ନିବାସରେ ପହଞ୍ଚିଛନ୍ତି। ସେ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି ଓ ଚିକିତ୍ସା କରୁଥିବା ଡାକ୍ତର ପ୍ରଫେସର ସମୀର ସାହୁ ଓ ଡାକ୍ତର ଅଲୋକ କୁମାର ପାଣିଗ୍ରାହୀଙ୍କ ସହ ମଧ୍ୟ ▶ପୃଷ୍ଠା-୭

### ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ୫ ବର୍ଷରେ ୩୦ ହଜାର କିମି ରାସ୍ତା, ୫୦୦ ସେତୁ



- ନିମ୍ନମାନର କାମ ପାଇଁ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ପ୍ରକଳ୍ପ କାର୍ଯ୍ୟର ଗୁଣବତ୍ତା ଓ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ

■ ଭୁବନେଶ୍ୱର, ୨୨।୮ (ସମିସ): ବିଭିନ୍ନ ଯୋଜନା ଓ ବଜେଟ ମାଧ୍ୟମରେ ବିଭାଗକୁ ମିଳୁଥିବା ଅର୍ଥରାଶିର ଶତପ୍ରତିଶତ ଉପଯୋଗ କରି ରାଜ୍ୟବାସୀଙ୍କୁ ଉନ୍ନତମାନର ଗମନାଗମନ ସୁବିଧା ଯୋଗାଇଦେବାକୁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହିକ୍ରମରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସବୁଦିନିଆ ସଂଯୋଗୀକରଣ ପାଇଁ ଆସନ୍ତା ୫ ବର୍ଷ ଭିତରେ ୩୦ ହଜାର କିମି ରାସ୍ତା ଓ ୫୦୦ ସେତୁ ନିର୍ମାଣ ହେବ। ଶୁକ୍ରବାର ▶ପୃଷ୍ଠା-୭

# ସରକାରଙ୍କ ଗଳାରେ 'ଏନ୍‌ଏସି' କଣ୍ଟା

### ୧୨କୁ ମିଳିଛି ମାନ୍ୟତା, ଆଉ ୯ ପାଇଁ ପ୍ରକ୍ରିୟା ଜାରି

■ ଭୁବନେଶ୍ୱର, ୨୨।୮ (ସମିସ): ନିକଟରେ ରାଜ୍ୟ ସରକାର ୧୨ ଟି ସହରାଞ୍ଚଳକୁ ବିଜ୍ଞପିତ ଅଞ୍ଚଳ ପରିଷଦ ବା ଏନ୍‌ଏସି ମାନ୍ୟତା ଦେଇଛନ୍ତି। ସେହିପରି ଆସନ୍ତା ୩୧ ତାରିଖରେ ସ୍ୱାୟତ୍ତଶାସନ ଦିବସରେ ଆଉ ୯ ସହରାଞ୍ଚଳକୁ ଏନ୍‌ଏସି ମାନ୍ୟତା ଦିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ କଥା ସତ ହେଲେ ରାଜ୍ୟରେ ମୋଟ ୨୧ଟି ନୂଆ ସହରାଞ୍ଚଳ ଏନ୍‌ଏସି ମାନ୍ୟତା ପାଇବ। ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୧ଟି ନୂଆ ଏନ୍‌ଏସି ଘୋଷଣା ସରକାରଙ୍କ ପାଇଁ ପରୋକ୍ଷରେ ବୁମେରାଂ ପାଲଟିଛି । ପୂର୍ବରୁ

- ୫୭ ନୂଆ ଏନ୍‌ଏସି ଘୋଷଣା କରିଥିଲେ ପୂର୍ବ ସରକାର
- ବାକି ଜିଲ୍ଲାରେ ବିକ୍ଷୋଭ ପ୍ରତିବାଦ ସହ ତେଜୁଛି ଅସନ୍ତୋଷ
- ଏନ୍‌ଏସିରୁ ମ୍ୟୁନିସିପାଲିଟି ମାନ୍ୟତା ବି ଶୀତଳଭଣ୍ଡାରରେ

ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ରାଜ୍ୟରେ ୫୭ ଟି ନୂଆ ଏନ୍‌ଏସି ନେଇ ଘୋଷଣା ହୋଇଥିଲା। ଏଥିରେ ସାରା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସହରଗୁଡ଼ିକ ସାମିଲ ରହିଥିଲା। ମାତ୍ର ବିଜେପି ସରକାର ଏହି ସଂଖ୍ୟାକୁ ହ୍ରାସ କରିବା ଯୋଗୁଁ ଅବଶିଷ୍ଟ ୩୬ଟି ସହରାଞ୍ଚଳରେ ଅସନ୍ତୋଷ ତେଜିବାରେ ଲାଗିଛି। ଶୁକ୍ରବାର ରାଜ୍ୟର ଏକାଧିକ ସ୍ଥାନ ଯଥା ବେଗୁନିଆ, ଚଣ୍ଡିଖୋଲ୍ ଓ ଜୟପାଟଣା ଆଦିରେ ଏନ୍‌ଏସି ମାନ୍ୟତା ଦାବି କରି ଧାରଣା ଓ ବନ୍ଦ ଡାକରା ଦିଆଯାଇଛି। ଏଠାରେ ସ୍ଥାନୀୟ ବାସିନ୍ଦା ପୂର୍ବ ସରକାରଙ୍କ ଘୋଷଣାକୁ ମନେ ପକାଇ ସେମାନଙ୍କୁ କାହିଁକି ଏନ୍‌ଏସି ମାନ୍ୟତାରୁ ବାଦ୍ ଦିଆଗଲା ବୋଲି ଡବଲ ଇଂଜିନ ସରକାରକୁ ପ୍ରଶ୍ନ କରିଛନ୍ତି।

ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ୫୭ ଟି ନୂତନ ଏନ୍‌ଏସି ଘୋଷଣା କରିବା ପରେ ସଂପୃକ୍ତ ଅଞ୍ଚଳବାସୀ ଖୁସି ପ୍ରକଟ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩୫ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୨ସହରକୁ ଏନଏସି ମାନ୍ୟତା ମିଳିବା ପରେ ଦୀର୍ଘ ବର୍ଷ ଧରି ହେଉଥିବା ଦାବି ସାକାର ହୋଇଥିଲା। ▶ପୃଷ୍ଠା-୭











ସକାଳ THE SAKALA
www.sakalaepaper.com

## ସୁପରଷ୍ଟାର ଗୋବିନ୍ଦାଙ୍କ ଛାଡ଼ପତ୍ର!




ମୁମ୍ବାଇ, ୨୨।୮ (ଏଜେନ୍ସି): ଦୀର୍ଘ ଦିନ ଧରି ବି-ଟାଉନରେ ଚାଲିଥିବା ଚର୍ଚ୍ଚା ସତ ହୋଇଛି। ଶେଷରେ ସୁପରଷ୍ଟାର ଗୋବିନ୍ଦାଙ୍କ ଛାଡ଼ପତ୍ର ହେବାକୁ ଯାଉଛି। ପତ୍ନୀ ସୁନିତା ଏହି ଅଭିନେତାଙ୍କ ଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସେ ବାନ୍ଦ୍ରା ପରିବାର କୋର୍ଟରେ ଛାଡ଼ପତ୍ର ଆବେଦନ କରିଛନ୍ତି। ଆଉ ସ୍ୱାମୀ ଗୋବିନ୍ଦାଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ମଧ୍ୟ ଲଗାଇଛନ୍ତି। ଗୋବିନ୍ଦା ଅନ୍ୟ ମହିଳାଙ୍କ ସହ ଶାରୀରିକ ସମ୍ବନ୍ଧ ରଖିଥିବା ଏବଂ ନିଷ୍ଠୁରତାର ଅଭିଯୋଗ ଲଗାଇ ସୁନିତା ଏହି ଆବେଦନ କରିଥିବା ସୂଚନା ମିଳିଛି। ତେବେ ଗୋବିନ୍ଦାଙ୍କ କିଛି ଘନିଷ୍ଠ ଏହି ଖବରକୁ ଭ୍ରମାତ୍ମକ କହିଥିବା ରିପୋର୍ଟ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ପରିବାର କୋର୍ଟ ଏ ନେଇ ଗତ ମେ' ୨୫ ତାରିଖରେ ଗୋବିନ୍ଦାଙ୍କୁ ସମନ ଜାରି କରିଥିଲେ। ପରେ ଜୁନ୍‌ରୁ ଉଭୟେ ମାମଲାର ସମାଧାନ ଲାଗି ପ୍ରୟାସ କରୁଛନ୍ତି। ସୁନିତା ଶୁଣାଣି ସମୟରେ କୋର୍ଟରେ ହାଜର ହେଉଥିବାବେଳେ ଗୋବିନ୍ଦା ଉପସ୍ଥିତ ହୋଇନାହାନ୍ତି। ପୂର୍ବରୁ ଜଣେ ମରାଠୀ ଅଭିନେତ୍ରୀଙ୍କ ସହ ଗୋବିନ୍ଦାଙ୍କ ନାମ ଯୋଡ଼ା ଯାଉଥିଲା।

## ୨.୨ କୋଟି କ୍ୟାସ୍ ଦେଇ ତେଲ ପକାଇଥିଲେ ପୁଟିନ



ମସ୍କୋ, ୨୨।୮ (ଏଜେନ୍ସି): ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଆଲାସ୍କା ଗସ୍ତକୁ ନେଇ ଚର୍ଚ୍ଚା ଥମିବାର ନା ଧରୁନି। ୟୁକ୍ରେନ ସହ ଯୁଦ୍ଧ ବନ୍ଦ ନିମନ୍ତେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଚର୍ଚ୍ଚା କରିବାକୁ ଗତ ୧୫ ତାରିଖରେ ଯାଇଥିବା ପୁଟିନ ନଗଦ ୨.୨ କୋଟି ଟଙ୍କା ଦେଇ ନିଜ ବିମାନଗୁଡ଼ିକରେ ତେଲ ପକାଇ ଥିଲେ। ଆମେରିକା ସଚିବ ମାର୍କୋ ରୁବିଓ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆଲାସ୍କାରେ ଅବତରଣ କରିବା ପରେ ପୁଟିନଙ୍କ ବିମାନକୁ ଇନ୍ଧନ ଆବଶ୍ୟକ ଥିଲା। ଆମେରିକା କଟକଣା ଯୋଗୁଁ ବ୍ୟାଙ୍କିଂ ସିଷ୍ଟମ ବ୍ୟବହାର ପାଇଁ ତାଙ୍କୁ ଅନୁମତି ମିଳି ନ ଥିଲା। ଏଥିପାଇଁ ପୁଟିନଙ୍କୁ ନଗଦ ଅର୍ଥ ଦେବାକୁ ପଡ଼ିଥିଲା। ରୁଷ୍ ଉପରେ ଲାଗିଥିବା କଟକଣା ଏବେ ବି ବଳବତ୍ତର ରହିଛି। ଏହାର ପ୍ରଭାବ ମଧ୍ୟ ମସ୍କୋ ଭୋଗୁଛି। ତେବେ ୟୁକ୍ରେନ ଯୁଦ୍ଧ ଉପରେ ଏହାର କୌଣସି ପ୍ରଭାବ ପଡ଼ି ନାହିଁ।

## ଟ୍ରମ୍ପଙ୍କ ପୂର୍ବ ସହଯୋଗୀ ବୋଲ୍ଟନଙ୍କ ଘରେ ଏଫ୍‌ବିଆଇ



ୱାଶିଂଟନ, ୨୨।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସମାଲୋଚନାକୁ ସହି ପାରୁନାହାନ୍ତି। ଦ୍ୱିତୀୟ ଥର ହ୍ୱାଇଟ ହାଉସରେ କାର୍ଯ୍ୟାରମ୍ଭ କରିବା ପରଠାରୁ ଏହା ସ୍ପଷ୍ଟ ଭାବେ ଜଣାପଡୁଛି। ଟ୍ରମ୍ପଙ୍କ ନିର୍ବାଚନ ପ୍ରଚାରରେ ୨୫୦୦ କୋଟି ଟଙ୍କା ଖର୍ଚ୍ଚ କରିଥିବା ପୂର୍ବତନ ସହଯୋଗୀ ତଥା ବ୍ୟବସାୟୀ ଏଲନ ମସ୍କଙ୍କୁ ମଧ୍ୟ ସେ ନିଜ ମନ୍ତ୍ରିମଣ୍ଡଳରୁ ବିଦା କରିଥିଲେ। ଏମିତିକି ସମ୍ପର୍କ ଖରାପ କରି ସିଧା ଧମକ ଦେଲେ। କାରଣ ପ୍ରବାସୀ ନିଯୁକ୍ତି ବିଲ୍‌କୁ ନେଇ ମସ୍କଙ୍କ ସହ ତାଙ୍କର ମତଭେଦ ହୋଇଥିଲା। ଆଉ ଏବେ ଭାରତ ଉପରେ ଲଗାଇଥିବା ଶୁଳ୍କକୁ ସମାଲୋଚନା ପାଇଁ ନିଜ ପ୍ରଥମ କାର୍ଯ୍ୟକାଳରେ ଏନ୍‌ଏସ୍‌ଏ ଥିବା ଜନ୍ ବୋଲ୍ଟନଙ୍କ ପଛରେ ଟ୍ରମ୍ପ ଏଫ୍‌ବିଆଇ ଲଗାଇଛନ୍ତି। ମେରିଲାଣ୍ଡ ସ୍ଥିତି ବୋଲ୍ଟନଙ୍କ ଘରେ ଆଜି ଏଜେନ୍ସି ଚଢ଼ଉ କରିଛି। ଏଫ୍‌ବିଆଇ ନିର୍ଦ୍ଦେଶକ କାଶ୍ ପଟେଲଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବୋଲ୍ଟନ ଗୋପନୀୟ ରିପୋର୍ଟକୁ ୨୦୨୦ରେ ପ୍ରକାଶିତ ନିଜ ପୁସ୍ତକରେ ସାମିଲ କରିଥିବା ଅଭିଯୋଗ ଲାଗିଛି। ତେବେ ଏହି ମାମଲା ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ସମୟରେ ଆରମ୍ଭ ହୋଇଥିଲା। ରାଜନୈତିକ କାରଣ ଯୋଗୁଁ ସେ ଏହାକୁ ଅଟକାଇ ଦେଇଥିଲେ।

## ଏୟାରବେସ୍ ନିକଟରେ ବିସ୍ଫୋରଣ: ୧୮ ମୃତ

ବୋଗୋଟା, ୨୨।୮ (ଏଜେନ୍ସି): ଲାଟିନ ଆମେରିକୀୟ ଦେଶ କଲମ୍ବିଆରେ ଗୁରୁବାର ଦୁଇଟି ଭିନ୍ନ ଭିନ୍ନ ଆକ୍ରମଣରେ ୧୮ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସହର ସ୍ଥିତ ଏୟାରବେସ୍ ନିକଟରେ ଥିବା ଏକ ଟ୍ରକ୍‌ରେ ଗତକାଲି ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ଏଥିରେ ୬ ଜଣ ମୃତ୍ୟୁବରଣ କରିଥିବା ବେଳେ ୭୧ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ବିସ୍ଫୋରଣ ମାର୍କୋ ଫିଡେଲ ସୁଆରେଜ ମିଲିଟାରୀ ଆଭିଏସନ ସ୍କୁଲ୍ ନିକଟରେ ହୋଇଥିଲା। ସେହିପରି ଏହାର କିଛି ଘଣ୍ଟା ପୂର୍ବରୁ ଅନ୍ୟଏକ ଘଟଣାରେ କୋକେନ ଚାଷକୁ ନଷ୍ଟ କରିବାକୁ ନିଶା ପଦାର୍ଥ



ବିରୋଧୀ ଅଭିଯାନରେ ବାହାରିଥିବା ପୁଲିସଙ୍କୁ ନେଇ ଯାଉଥିବା ଏକ ହେଲିକପ୍ଟର ଉପରକୁ ଡ୍ରୋନ ମାଡ଼ କରି ଆକ୍ରମଣ କରାଯାଇଥିଲା। ଏଥିରେ ୧୨ ଜଣ ପୁଲିସ କର୍ମଚାରୀ ମୃତ୍ୟୁବରଣ କରିଥିଲେ। ଏହି ଦୁଇଟି ଆକ୍ରମଣ ପଛରେ ବିଦ୍ରୋହୀ ସଂଗଠନ ଏଫ୍‌ଏଆରସିର ଏକ ଗୋଷ୍ଠୀର ହାତ ଅଛି ବୋଲି କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ କହିଛନ୍ତି। କଲମ୍ବିଆ ସରକାରଙ୍କୁ ଗାଦିଚ୍ୟୁତ କରିବା ଏଫ୍‌ଏଆରସିର ମୂଳ ଲକ୍ଷ୍ୟ ରହିଆସିଛି।

## ଭାରତୀୟ ଡ୍ରାଇଭରଙ୍କ ଭିସା ଉପରେ ରୋକ୍ ଲଗାଇଲା ଆମେରିକା

ଅମୃତସର, ୨୨।୮ (ଏଜେନ୍ସି): ଭାରତୀୟ ଡ୍ରାଇଭରଙ୍କ ଭିସା ଉପରେ ଆମେରିକା ରୋକ ଲଗାଇ ଦେଇଛି। ଗତ ୧୩ ତାରିଖରେ ଫ୍ଲୋରିଡା ରାଜ୍ୟରେ ପଞ୍ଜାବର ଜଣେ ଟ୍ରକ ଡ୍ରାଇଭରଙ୍କ ତ୍ରୁଟିପୂର୍ଣ୍ଣ ୟୁଟର୍ଣ୍ଣ ଯୋଗୁଁ ୨ ଜଣ ଆମେରିକୀୟ ପ୍ରାଣ ହରାଇବା ପରେ ନୂଆ ଭିସା ଉପରେ ଏହି କଟକଣା ଲଗାଯାଇଛି। କିନ୍ତୁ ପୁରୁଣା ଡ୍ରାଇଭରଙ୍କ ଭିସାକୁ ରଦ୍ଦ କରାଯିବନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି ଯେ ବିଦେଶୀ ଡ୍ରାଇଭରଙ୍କ ସଂଖ୍ୟା ବୃଦ୍ଧି ଯୋଗୁଁ ନାଗରିକଙ୍କ ଜୀବନ ବିପଦରେ ପଡ଼ିଛି। ଆମେରିକୀୟ ଡ୍ରାଇଭରଙ୍କ ଆୟ ମଧ୍ୟ ପ୍ରଭାବିତ ହେଉଛି। ବର୍ତ୍ତମାନ ଆମେରିକା ଟ୍ରାନ୍ସପୋର୍ଟ ଶିଳ୍ପରେ ଦେଢ଼ ଲକ୍ଷ ପଞ୍ଜାବୀ ଡ୍ରାଇଭର ନିୟୋଜିତ ଅଛନ୍ତି।

### ପୁଣି ସଂସଦ ଭବନ ସୁରକ୍ଷାରେ ଅବହେଳା

## ପାଚେରୀ ଡେଇଁ ପରିସରରେ ପହଞ୍ଚିଲେ ବ୍ୟକ୍ତି

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ପୁଣିଥରେ ସଂସଦ ଭବନ ସୁରକ୍ଷାରେ ଅବହେଳା ହୋଇଛି। ଜଣେ ବ୍ୟକ୍ତି ସୁରକ୍ଷା ବଳୟ ଭେଦି ପାଚେରୀ ଡେଇଁ ସଂସଦ ପରିସରରେ ପ୍ରବେଶ କରି ଗରୁଡ ଦ୍ୱାର ପର୍ଯ୍ୟନ୍ତ ପହଞ୍ଚିବାକୁ ସକ୍ଷମ ହୋଇଛନ୍ତି। ଅବଶ୍ୟ ସୁରକ୍ଷାକର୍ମୀ ତାଙ୍କୁ ତୁରନ୍ତ ଧରି ନେଇଛନ୍ତି। ତାଙ୍କୁ ଏବେ ପଚରାଉଚରା କରାଯାଉଛି। ରିପୋର୍ଟ ଅନୁସାରେ ଏହି ବ୍ୟକ୍ତିଜଣକ ଗୁରୁବାର ସକାଳ ୬.୩୦ରେ ରେଳଭବନ ନିକଟରେ ଥିବା ଗଛ ଚଢ଼ି ଭିତରକୁ ଡେଇଁବା ସହ ପାଚେରୀ ପାର କରିବାକୁ ସକ୍ଷମ ହୋଇଥିଲା। କିନ୍ତୁ ଏହି ସମୟରେ ସଂସଦରେ କୌଣସି ସାଂସଦ ନ ଥିଲେ। ସଂସଦର ମୌସୁମୀ ଅଧିବେଶନ ଗୁରୁବାର ଶେଷ ହୋଇଥିଲା। ଲୋକସଭା ଓ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରଖାଯାଇଥିଲା। ପୂର୍ବରୁ ଗୋଟିଏ ବର୍ଷ ପୂର୍ବେ ମଧ୍ୟ ଏହି ଭଳି ଘଟଣା ଘଟିଥିଲା। ୨୦୨୪ ଅଗଷ୍ଟ ୧୬ରେ ଜଣେ ଯୁବକ ଦ୍ୱିପହରରେ ପାଚେରୀ ଡେଇଁ ସଂସଦ ପରିସରରେ ପ୍ରବେଶ କରିଥିଲା। କିନ୍ତୁ ସେଠାରେ ନିୟୋଜିତ ଥିବା ସୁରକ୍ଷାକର୍ମୀ ତାକୁ ଧରି ପୁଲିସ୍‌କୁ ହସ୍ତାନ୍ତର କରିଥିଲେ। କିନ୍ତୁ ଏହି ଯୁବକ ଜଣକ ମାନସିକ ବିକାରଗ୍ରସ୍ତ ଥିଲା ବୋଲି ପରେ ଜଣାପଡ଼ିଥିଲା।

## ଦ.ଆମେରିକା ଉପକୂଳରେ ୭.୫ ତୀବ୍ରତାର ଭୂକମ୍ପ

ସାଣ୍ଟିଆଗୋ, ୨୨।୮ (ଏଜେନ୍ସି): ଦକ୍ଷିଣଆମେରିକା ନିକଟସ୍ଥ ସମୁଦ୍ରରେ ଏକ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ରିଚର ସ୍କେଲ୍‌ରେ ଏହାର ତ୍ରୀବ୍ରତା ୭.୫ ଥିଲା। ଅବଶ୍ୟ ଏଥିରେ କୌଣସି କ୍ଷୟକ୍ଷତି ହୋଇନାହିଁ। ଏହି ଭୂକମ୍ପର କେନ୍ଦ୍ର ଆର୍ଜେଣ୍ଟିନାର ଦକ୍ଷିଣରେ ଥିବା ଡ୍ରେକ ପ୍ୟାସେଜ (ସାମୁଦ୍ରିକ ପଥ)ରେ ୧୧ କିମି ଗଭୀରରେ କେନ୍ଦ୍ରୀଭୂତ ହୋଇଥିଲା। ଏହି ଭୂକମ୍ପର ପ୍ରଭାବରେ ପୂରା ଆଣ୍ଟର୍ଟିକାରେ ସୁନାମୀ ନେଇ ସତର୍କତା ଜାରି କରାଯାଇଥିଲା। କିନ୍ତୁ ଏହାକୁ ପରେ ହଟାଇ ନିଆଯାଇଥିଲା।

### ବେଙ୍ଗାଲୁରୁ ଦଳାଚକଟାକୁ ନେଇ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ

# ସରକାର ନୁହେଁ; ସ୍ଥିତି ଦାୟୀ



ବେଙ୍ଗାଲୁରୁ, ୨୨।୮ (ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ବେଙ୍ଗାଲୁରୁରେ ଆରସିବି ବିଜୟ ଶୋଭାଯାତ୍ରାରେ ହୋଇଥିବା ଦଳାଚକଟାକୁ ନେଇ ବିଧାନସଭାରେ ଶୁକ୍ରବାର ଖାମଖିଆଲ ଟିପ୍ପଣୀ ଦେଇଛନ୍ତି। ଏଭଳି ଘଟଣା ପାଇଁ କର୍ଣ୍ଣାଟକ ସରକାର ନୁହଁନ୍ତି, ବରଂ ସ୍ଥିତି ଦାୟୀ ବୋଲି କହିଛନ୍ତି। କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ଏଭଳି ଅନେକ ଘଟଣା ଘଟୁଛି। ଗତ ୧୦ ବର୍ଷରେ ବିଜେପି ଶାସିତ ରାଜ୍ୟମାନଙ୍କରେ ୨୦ଟି ଦଳାଚକଟା ଘଟଣା ଘଟିଥିଲା। ସିଦ୍ଧରମୈୟାଙ୍କ ଅନୁଯାୟୀ ଆର୍‌ସିବି ଶୋଭାଯାତ୍ରାରେ ଦଳାଚକଟା ପାଇଁ କଂଗ୍ରେସ ସରକାର ଦାୟୀ ନୁହଁନ୍ତି। ଲୋକେ ନିୟନ୍ତ୍ରଣ ବାହାରକୁ ଯିବା ପରେ ଏଭଳି ଘଟଣା ଘଟିଥାଏ। ବେଙ୍ଗାଲୁରୁର ଲୋକେ ଆରସିବି ବିଜୟକୁ ନିଜ ବିଜୟ ମାନିଥିଲେ। ଏଥିପାଇଁ ନିୟନ୍ତ୍ରଣ ବିଗିଡ଼ି ଯାଇଥିଲା ଏବଂ ଦୁର୍ଘଟଣା ଘଟିଥିଲା। ସରକାର ମାମଲାର ଯାଞ୍ଚ କରିଥିଲେ। ଘଟଣା ପାଇଁ ଦୋଷୀଙ୍କୁ ଦଣ୍ଡ ଦେବାକୁ ପଦକ୍ଷେପ ନେଇଥିଲେ। ସେ ବିଜେପିର ଅଭିଯୋଗକୁ ନେଇ କହିଛନ୍ତି ଯେ ଯେତେବେଳେ କରୋନା ସମୟରେ ଚାମରାଜନଗରରେ ଅମ୍ଳଜାନ ଅଭାବରୁ ୩୬ ଜଣଙ୍କର ମୃତ୍ୟୁ ହୋଇଥିଲା, ସେତେବେଳେ ବିଜେପି କ'ଣ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୋମାଇଙ୍କୁ ଦୋଷୀ କହିଥିଲା କି? ଏଭଳି ବଡ଼ ଘଟଣାକୁ ନେଇ ସିଦ୍ଧରମୈୟାଙ୍କ ଏପରି ଟିପ୍ପଣୀକୁ ନେଇ ବିଭିନ୍ନ ମହଲରୁ

**ଆରସିବି ବିଜୟକୁ ନିଜ ବିଜୟ ମାନିଲେ ପ୍ରଶଂସକ**

**ସାରା ବିଶ୍ୱରେ ଏଭଳି ଅଘଟଣ ଘଟୁଛି**

ସମାଲୋଚନା କରାଯାଉଛି।

ସୂଚନା ଅନୁଯାୟୀ ଜୁଲାଇ ୪ରେ ଆଇପିଏଲ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)ର ପ୍ରଥମ ଟାଇଟଲ ବିଜୟର ଉତ୍ସବ ପାଳନ ସମୟରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ଘଟି ୧୧ ଜଣ ପ୍ରାଣ ହରାଇଥିବାବେଳେ ୫୦ ରୁ ଅଧିକ ଆହତ ହୋଇଥିଲେ। ଏହା ଉପରେ ଆଲୋଚନା କରି ସିଦ୍ଧରମୈୟା ବିଜେପି ଶାସିତ ରାଜ୍ୟଗୁଡ଼ିକରେ ଦଳାଚକଟା ହୋଇଥିବା ତାଲିକା ଦେଇଥିଲେ। ସେ କହିଥିଲେ ଯେ ବିଜେପି କ୍ଷମତାରେ ଥିବା ସମୟରେ ୨୦୦୮ ଅଗଷ୍ଟରେ ହିମାଚଳ ପ୍ରଦେଶର ବିଳାସପୁରର ନୈନା ଦେବୀ ମନ୍ଦିର,୨୦୦୮ ରେ ଯୋଧପୁର, ୨୦୧୩ରେ ରତନଗଡ଼, ୨୦୨୧ରେ ହରିଦ୍ୱାର, ୨୦୨୩ରେ ମଧ୍ୟପ୍ରଦେଶର ସିହୋର ଏବଂ ୨୦୨୪ରେ ଉତ୍ତର ପ୍ରଦେଶର ହାଥରସରେ ଦଳାଚକଟା ହୋଇଥିଲା। ଜାନୁଆରୀରେ ପ୍ରୟାଗରାଜ କୁମ୍ଭମେଳା ସମୟରେ ଦଳାଚକଟା ଯୋଗୁଁ ୩୯ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୨ରେ ଗୁଜରାଟ ମୋରବି ସେତୁ ଦୁର୍ଘଟଣାରେ ୧୩୫ ଜଣଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା।

ସିଦ୍ଧରମୈୟା କହିଥିଲେ ଯେ ମୋର ୪୨ ବର୍ଷର ରାଜନୈତିକ ଜୀବନରେ ଏପରି ଅଘଟଣ କେବେ ଘଟିନାହିଁ। ଦଳାଚକଟାରେ ମୁଁ କେବେ ୧୧ ଜଣଙ୍କ ମୃତ୍ୟୁ ଦେଖିନାହିଁ। ଏହାକୁ ନେଇ ବହୁତ ଦୁଃଖିତ ଥିଲି। ସେହି ଦିନ ଶୋକ ମଧ୍ୟ ପ୍ରକାଶ କରିଥିଲି।

## ବେଗୁସରାୟରେ ୬ ଲେନ୍ ପୋଲ ଉଦ୍‌ଘାଟନ କଲେ ମୋଦୀ



ପାଟଣା, ୨୨।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ବିହାରର ବେଗୁସରାୟରେ ୬ ଲେନ୍ ବିଶିଷ୍ଟ ଅଣ୍ଟା- ସିମାରିଆ ପୋଲ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଧ୍ୟ ତାଙ୍କ ସହ ପୋଲ ଉପରେ ବୁଲି ଦେଖିଥିଲେ। ଗାମୁଛା ବାହାର କରି ହଲାଇବା ସହ ମୋଦୀ ଲୋକଙ୍କ ଅଭିବାଦନ ଗ୍ରହଣ କରିଥିଲେ। ଏହିଅବସରରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ, ଉପ- ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ। ପୋଲ ତଳେ ଥିବା ଘାଟରେ ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କୁ ଦେଖିବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମୋଦୀ ୩୭ ମିନିଟ୍ ପୋଲ ଉପରେ ରହିଥିଲେ। ଏଥିସହ ମୋଦୀ ଗୟାଜୀରେ ୧୩, ୦୦୦ କୋଟି ଟଙ୍କାର ବିଭିନ୍ନ ଯୋଜନା ଆରମ୍ଭ କରିଥିଲେ।

### ୫୨୦୦ କୋଟି ଟଙ୍କା ଯୋଜନାର ଶୁଭାରମ୍ଭ

ବିହାର ପରେ ପଶ୍ଚିମବଙ୍ଗ ଗସ୍ତ କରି ମୋଦୀ ୫୨୦୦ କୋଟି ଟଙ୍କାର ବିଭିନ୍ନ ଯୋଜନା ଶିଳାନ୍ୟାସ ରଖିବା ସହ ଉଦ୍‌ଘାଟନ କରିଥିଲେ। ସେ ୧୩.୬୨ କିମି ଦୀର୍ଘ ୩ଟି ନୂଆ ମେଟ୍ରୋ ରୁଟ୍ ଉଦ୍‌ଘାଟନ କରିଥିଲେ। ସେ ୧୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହେବାକୁ ଥିବା ୬ ଲେନ୍‌ର ୭.୨ କିମି ବିଶିଷ୍ଟ ଦୀର୍ଘ ଏକ୍ସପ୍ରେସ୍‌ୱେର ଅଧାରଶୀଳା ରଖିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀ ମମତା ବାନର୍ଜୀ ଯୋଗ ଦେଇ ନ ଥିଲେ। ଏହାପରେ ଏକ ଜନସଭାରେ ଯୋଗ ଦେଇ ମୋଦୀ ଅନୁପ୍ରବେଶକାରୀଙ୍କୁ ହଟାଇବା ପାଇଁ ଭାରତର ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଟିଏମ୍‌ସି, କଂଗ୍ରେସ ଓ ଇଣ୍ଡିଆ ମେଣ୍ଟର ଦଳଗୁଡିକ ଅନୁପ୍ରବେଶକାରୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ।

## ବିଧାନସଭାରେ ଆରଏସ୍‌ଏସ୍ ଗୀତ ଗାଇଲେ ଶିବକୁମାର

ବେଙ୍ଗାଲୁରୁ, ୨୨।୮ (ଏଜେନ୍ସି): ସମସ୍ତଙ୍କୁ ଚକିତ କରି କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ବିଧାନସଭାରେ ଶୁକ୍ରବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ଗୀତ 'ନମସ୍ତେ ସଦା ବତ୍ସଲେ ମାତୃଭୂମି'ର ଦୁଇଧାଡି ଗାଇଛନ୍ତି। ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆଇପିଏଲ୍ ଦଳ ଆରସିବିର ଉତ୍ସବ ବେଳେ ହୋଇଥିବା ଦଳଚକଟା ପାଇଁ କର୍ଣ୍ଣାଟକ ସରକାର ନିଜ ଦାୟୀ କରିବାକୁ ଉଚିତ ବୋଲି ଜଣେ ବିଜେପି ବିଧାୟକ କହିଥିଲେ। ଏହାକୁ ସେ ବିରୋଧ କରି ବିଜେପିର ସବୁ ଚାଲ୍ ମତେ ଜଣା ବୋଲି କହିଥିଲେ। ଜବାବରେ ଶିବ୍‌କୁମାର ଏହି ଗୀତ ଗାଇଥିଲେ। ଏହାର ଭିଡିଓ ଇଣ୍ଟରନେଟ୍‌ରେ ଭାଇରାଲ ହେବା ପରେ ସେ ବିଜେପିରେ ଯୋଗ ଦେବେ ବୋଲି ଆକଳନ କରାଯାଇଛି। କିନ୍ତୁ ସେ ଏହାକୁ ଖଣ୍ଡନ କରିଛନ୍ତି ଓ ନିଜକୁ ଜଣେ ଜନ୍ମଗତ କଂଗ୍ରେସି ବୋଲି କହିଛନ୍ତି।

## ଜାତିସଂଘର ଘୋଷଣା: ଗାଜାରେ ଅକାଳ

ୱାଶିଂଟନ, ୨୨।୮ (ଏଜେନ୍ସି): ଜାତିସଂଘ ଶୁକ୍ରବାର ଆନୁଷ୍ଠାନିକ ଭାବେ ଗାଜାରେ ଅକାଳ ଘୋଷଣା କରିଛି। ମଧ୍ୟପ୍ରାଚ୍ୟ ତଥା ପଶ୍ଚିମ ଏସିଆରେ ଜାତିସଂଘ ପ୍ରଥମଥର ପାଇଁ ଏପରି ଘୋଷଣା କରିଛି। ଗାଜାରେ ୫ ଲକ୍ଷ ଲୋକ ଏବେ ଭୟଙ୍କର କ୍ଷୁଧାର ଶିକାର ହୋଇଛନ୍ତି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କିନ୍ତୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଏହାକୁ ମିଥ୍ୟା ବୋଲି କହିଛନ୍ତି। ଜାତିସଂଘ ସମର୍ଥିତ ଏହି ରିପୋର୍ଟର କୌଣସି ଆଧାର ନାହିଁ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଗାଜାରେ କ୍ଷୁଧାରେ ଦୁଇଜଣ ଲୋକ ପ୍ରାଣ ହରାଇଛନ୍ତି। ଏଠାରେ ଯୁଦ୍ଧ ଆରମ୍ଭ ହେବା ପରେ ୧୧୨ ଜଣ ଛୋଟ ପିଲା ସମେତ ୨୭୧ ଜଣ ଲୋକ କ୍ଷୁଧା ଓ କୁପୋଷଣର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ଏବେ ସମାନ କାରଣ ଯୋଗୁଁ ୨୦୨୬ ଜୁନ ସୁଦ୍ଧା ୧୩୨, ୦୦୦ ୫ ବର୍ଷରୁ କମ୍ ଛୋଟ ପିଲା ମୃତ୍ୟୁମୁଖରେ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ଗାଜା ସିଟି ସମ୍ପୂର୍ଣ୍ଣ ରୁପେ ଧ୍ୱଂସ କରିଦେବାକୁ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ କାଜ ଇସ୍ରାଏଲ ଧମକ ଦେଇଛନ୍ତି। ଯଦି ହମାସ ଇସ୍ରାଏଲର ସର୍ତ୍ତ ନ ମାନେ ତେବେ ତାହାକୁ ଭୟଙ୍କର ପରିଣାମ ଭୋଗିବାକୁ ହେବ ବୋଲି ସେ ସତର୍କ କରାଇଛନ୍ତି। ଗାଜା ସହର କବ୍‌ଜା କରିବାକୁ ଇସ୍ରାଏଲ ସେନାକୁ ଅନୁମତି ଦେବାର ଗୋଟିଏ ଦିନ ପରେ ସେ ଏହି ଧମକ ଦେଇଛନ୍ତି। ରାଫା ଓ ବେତ ହନୁନ ସହର ଭଳି ଗାଜାର ମଧ୍ୟ ସମାନ ସ୍ଥିତି ହେବ। ଏହି ଦୁଇଟି ସହର ଏବେ ଆବର୍ଜନାରେ ପରିଣତ ହୋଇଛି। ତେଣୁ ଗାଜାର ମଧ୍ୟ ସମାନସ୍ଥିତି ହେବ ବୋଲି ସେ ଏକ୍ସରେ ପୋଷ୍ଟ କରି ସତର୍କ କରାଇଛନ୍ତି। ଯୁଦ୍ଧ ଶେଷ କରିବାକୁ ଇସ୍ରାଏଲ ମଧ୍ୟ ୫ଟି ସର୍ତ୍ତ ରଖିଛି। ହମାସ ସବୁ ଇସ୍ରାଏଲ ବନ୍ଦୀଙ୍କୁ ଏକାସାଥିରେ ମୁକ୍ତ କରିବା ସହ ସମ୍ପୂର୍ଣ୍ଣ ଭବେ ଅସ୍ତ୍ର ସମର୍ପଣ କରିବାକୁ ଇସ୍ରାଏଲ କହିଛି। ଏବେ ଗାଜାର ୭୫ ପ୍ରତିଶତ ଅଞ୍ଚଳ ଇସ୍ରାଏଲ ନିୟନ୍ତ୍ରଣରେ ରହିଛି। ଗାଜାରେ ଦୀର୍ଘଦିନର ଯୁଦ୍ଧ କାରଣରୁ ଭୟଙ୍କର ମାନବୀୟ ସଂକଟ ଦେଖାଦେଇଛି ଓ ଏପର୍ଯ୍ୟନ୍ତ ୬୦ ହଜାର ଲୋକ ମୃତ୍ୟୁବରଣ କରିଛନ୍ତି।

### ଏଡିଆର ରିପୋର୍ଟ

## ଦେଶର ୪୦% ମୁଖ୍ୟମନ୍ତ୍ରୀଙ୍କ ଉପରେ ଆପରାଧିକ ମାମଲା

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଭାରତର ୪୦ ପ୍ରତିଶତ ଅର୍ଥାତ୍ ୩୦ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ୧୨ ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ଏମାନଙ୍କ ମଧ୍ୟରୁ ୧୦ ପ୍ରତିଶତ ଅର୍ଥାତ୍ ୩୩ ପ୍ରତିଶତଙ୍କ ବିରୋଧରେ ହତ୍ୟା ଉଦ୍ୟମ, ଅପହରଣ ଏବଂ ଲାଞ୍ଚ ଭଳି ଗୁରୁତର ମାମଲା ରହିଛି। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ଉପରେ ସର୍ବାଧିକ ୮୯ ମାମଲା ରହିଛି। ନିର୍ବାଚନରେ ସୁଧାର ଆଣିବାକୁ କାର୍ଯ୍ୟ କରୁଥିବା ଏନ୍‌ଜିଓ ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଗମ୍ଭୀର ଆପରାଧିକ ମାମଲାରେ ୩୦ ଦିନ ପର୍ଯ୍ୟନ୍ତ ହେପାଜତରେ ଥିବା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀଙ୍କୁ ହଟାଇବା ପାଇଁ ସରକାର ସଂସଦରେ ତିନି ବିଲ୍ ଉପସ୍ଥାପନ କରିଥିବାବେଳେ ଏହି ରିପୋର୍ଟ ସାମ୍ନାକୁ ଆସିଛି।


ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସବୁ ମୁଖ୍ୟମନ୍ତ୍ରୀଙ୍କ ସତ୍ୟପାଠ ବିଶ୍ଳେଷଣ କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ବିରୋଧରେ ୪୭, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ଉପରେ ୧୯, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ସିଦ୍ଧରମୈୟାଙ୍କ ବିରୋଧରେ ୧୩, ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଉପରେ ୫, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସଙ୍କ ବିରୋଧରେ ୪, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସୁଖୁଙ୍କ ଉପରେ ୪ଟି, କେରଳ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନଙ୍କ ଉପରେ ୨ଟି ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କ ବିରୋଧରେ ଗୋଟିଏ ମାମଲା ରହିଛି।

## ଭାରତୀୟ ମହାକାଶ ଷ୍ଟେସନର ମଡେଲ ଜାରିକଲା ଇସ୍ରୋ




ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଶୁକ୍ରବାର ପ୍ରଥମ ଥର ପାଇଁ ଭାରତୀୟ ମହାକାଶ ଷ୍ଟେସନ (ବିଏଏସ)ର ମଡେଲର ଫଟୋ ଜାର କରିଛି। ଜାତୀୟ ମହାକାଶ ଦିବସର ଦିନକ ପୂର୍ବରୁ ଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍‌ରେ ଏହାର ମଡେଲ୍‌କୁ ପ୍ରଦର୍ଶିତ କରାଯାଇଛି। ୨୦୨୮ ସୁଦ୍ଧା ଭାରତ ବିଏଏସର ପ୍ରଥମ ମଡ୍ୟୁଲୋ ଉତ୍କ୍ଷେପଣ କରିବାକୁ ଯୋଜନା କରୁଛି। ଏହା ସହିତ, ଭାରତ ମହାକାଶରେ ଏକ ପ୍ରୟୋଗଶାଳା ଅର୍ଥାତ୍ ଅର୍ବିଟାଲ ଲାବୋରାଟୋରି ଥିବା ଦେଶମାନଙ୍କ ତାଲିକାରେ ସାମିଲ ହେବ। ବର୍ତ୍ତମାନ ମହାକାଶରେ ଏଭଳି ଦୁଇଟି ମଡ୍ୟୁଲୋ ରହିଛି।

# ମିଛୁଆ ଟ୍ରମ୍ପ; ସାମ୍ନାକୁ ଆସିଲା ସତ



ୱାଶିଂଟନ, ୨୨।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମିଛ ପୁଣି ଥରେ ଧରା ପଡ଼ି ଯାଇଛି। ସତ ସାମ୍ନାକୁ ଆସିବା ପରେ ଟ୍ରମ୍ପଙ୍କ ଦାବିକୁ ନେଇ ପ୍ରଶ୍ନ ଉଠୁଛି। ଭାରତର ନିର୍ବାଚନରେ ମତଦାନ ସଂଖ୍ୟା ବା ପ୍ରତିଶତ ବୃଦ୍ଧି କରିବାକୁ ଆମେରିକାର ଜଣାଶୁଣା ଏଜେନ୍ସି ୟୁଏସ୍‌ଏଆଇଡି ୧୮୨ କୋଟି ଟଙ୍କା ଦେଇଥିଲା ବୋଲି ସେ ଗତ ଫେବୃଆରୀରେ କହିଥିଲେ। କିନ୍ତୁ ଟ୍ରମ୍ପଙ୍କ ଏହି ଦାବି ମିଥ୍ୟା ସାବ୍ୟସ୍ତ ହୋଇଛି। ଟ୍ରମ୍ପଙ୍କ ଏହି ବିବାଦୀୟ ଦାବି ପରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଆମେରିକା ଦୂତାବାସକୁ ଗତ ୧୦ ବର୍ଷର ତଥ୍ୟ ମାଗିଥିଲା। ଏହା ଜବାବରେ ଦୂତାବାସ ଜୁଲାଇ ୨ରେ ତା'ର ରିପୋର୍ଟ ପ୍ରଦାନ କରିଥିଲା। ଏଥିରେ ଦୂତାବାସ କୌଣସି ପାଣ୍ଠି ଦେଇ ନ ଥିବା କଥା ସ୍ପଷ୍ଟ କରିଛି। ନା କିଛି ପାଣ୍ଠି ମିଳିଥିଲା, ନା କାହାକୁ ଦିଆଯାଇଥିଲା ବୋଲି ଦୂତାବାସ ତରଫରୁ ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଏଥିରେ ୨୦୧୪ରୁ ୨୦୨୪ ପର୍ଯ୍ୟନ୍ତ ଆମେରିକା ପ୍ରଦାନ କରିଥିବା ସବୁ ଆର୍ଥିକ ସହାୟତା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏହି ସମୟ ଅବଧିରେ ଭାରତକୁ ନିର୍ବାଚନ ପ୍ରକ୍ରିୟାରେ କୌଣସି ପାଣ୍ଠି ପ୍ରଦାନ କରାଯାଇନାହିଁ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ବୈଦେଶିକ ମନ୍ତ୍ରଣାଳୟ ଗୁରୁବାର ରାଜ୍ୟସଭାରେ ସୂଚନା ଦେଇଛି। ଉଲ୍ଲେଖଥାଉ କି, ଗତ ଫେବୃଆରୀରେ ଟ୍ରମ୍ପ କହିଥିଲେ ଯେ, 'ଭାରତ ପାଖରେ ବହୁତ ପଇସା ଅଛି, ଭାରତ ସବୁଠାରୁ ଅଧିକ ଶୁଳ୍କ ଲାଗୁ କରୁଥିବା ଦେଶମାନଙ୍କ ମଧ୍ୟରେ ଅନ୍ୟତମ, ଖାସ କରି ଆମେରିକା ଉପରେ, ମୁଁ ଭାରତ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ମାନ କରୁଛି, କିନ୍ତୁ ୧୮୨ କୋଟି ଟଙ୍କା କାହିଁକି?'। ପୁଣି କିଛିଦିନ ପରେ ଟ୍ରମ୍ପ ଏହି ପାଣ୍ଠି ଦେବା ନେଇ ତାଙ୍କ ମନ୍ତବ୍ୟକୁ ଦୋହରାଇଥିଲେ। ଏହିକ୍ରମରେ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନାମ ଉଲ୍ଲେଖ କରିଥିଲେ। ଫେବୃଆରୀ ୨୧ରେ ସେ କହିଥିଲେ ଯେ, ଭାରତରେ ଭୋଟ୍ ପ୍ରତିଶତ ବୃଦ୍ଧି କରିବାକୁ ପାଣ୍ଠି ଦିଆଯାଇଛି। କେବଳ ଭାରତ ନୁହଁ, ଟ୍ରମ୍ପ ମୋଲଡୋଭାକୁ ୧୯୦ କୋଟି ଓ ବାଂଲାଦେଶକୁ ୨୫୧ କୋଟି ଟଙ୍କା ଏବଂ ତିବ୍ବତରେ ଶିକ୍ଷାର ବିକାଶ ପାଇଁ ଆମେରିକା ୨୫୫ କୋଟି ଟଙ୍କାର ପାଣ୍ଠି ପ୍ରଦାନ କରିଥିଲା। ଆଗାମୀ ସେପ୍ଟେମ୍ବର ୨ରୁ ଆମେରିକାର ସବୁ ଅନୁଦାନ (ୟୁଏସ୍‌ଏଆଇଡି) ବନ୍ଦ ହେବ ବୋଲି ଆମେରିକା ଦୂତାବାସ କହିସାରିଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସ୍ପଷ୍ଟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୟୁଏସ୍‌ଏଆଇଡିର ୮୩ ପ୍ରତିଶତ କର୍ଯ୍ୟକ୍ରମ ଆମେରିକା ବନ୍ଦ କରିସାରିଛି। ଆମେରିକା ତା'ର ୯୪ ପ୍ରତିଶତ କର୍ମଚାରୀଙ୍କୁ ଛଟେଇ କରାଯାଇଛି।

# ଭିଜିଲାନ୍ସ ଜାଲରେ ସିଟି ହସପିଟାଲର କୋଟିପତି ବରିଷ୍ଠ ସହାୟକ

୨ଟି କୋଠା ସହ ୧୯ଟି ମୂଲ୍ୟବାନ ପ୍ଲଟ ଠାବ

ଅଢ଼େଇ ଏକରରେ କରିଛନ୍ତି କୁକୁଡ଼ା ଫାର୍ମ

୧.୨୪ କୋଟି ଟଙ୍କା ସରକାରୀ ଅର୍ଥ ତୋଷରପାତ ଅଭିଯୋଗ

ବିନା ବଦଳିରେ ୨୪ବର୍ଷ ଧରି ହସପିଟାଲରେ କାର୍ଯ୍ୟରତ ଥିଲେ



କଟକ, ୨୨।୮ (ସମିସ): କଟକ ସିଟି ହସପିଟାଲ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ଜଣେ କୋଟିପତି ସିନିଅର ଆସିଷ୍ଟାଣ୍ଟ (ବରିଷ୍ଠ ସହାୟକ) କିଶୋର କୁମାର ସାହାଣୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଦେଖି ତାଜୁବ ହୋଇଛି ଭିଜିଲାନ୍ସ। ୧.୨୪ କୋଟି ଟଙ୍କାର ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ଭିଜିଲାନ୍ସ ଆଜି ତାଙ୍କର ଅଫିସ, ବାସଭବନ ଓ ଅନ୍ୟାନ୍ୟ ସ୍ଥାନରେ ଏକକାଳୀନ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଛି। ସରକାରୀ ଅର୍ଥ ତୋଷରପାତ ସହ ଶ୍ରୀ ସାହାଣୀ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ଚଢ଼ଉରୁ ଜଣାପଡ଼ିଛି।

ଚଢ଼ଉ ବେଳେ ତାଙ୍କ ଘରୁ ପୁଳାପୁଳା ଟଙ୍କା, ସୁନାଗହଣା ମିଳିଥିବା ବେଳେ ବିଭିନ୍ନ ସ୍ଥାନରୁ ମୂଲ୍ୟବାନ ପ୍ଲଟ୍ ଠାବ ହୋଇଛି। ଶ୍ରୀ ସାହାଣୀ ଓ ସମ୍ପର୍କୀୟଙ୍କ ନାମରେ ଥିବା ୧୯ଟି ମୂଲ୍ୟବାନ ପ୍ଲଟ୍ ମଧ୍ୟରେ କଟକ ବଦ୍ଧାଳ ଅଞ୍ଚଳରେ ୩ଟି, ଚୌଦ୍ୱାରର ବିଭିନ୍ନ ସ୍ଥାନରେ ୧୨ଟି, ଯୋବ୍ରାରେ ଦୁଇଟି, ଜଟଣୀରେ ଗୋଟିଏ ଓ ସାଲେପୁର ଅଞ୍ଚଳରେ ଗୋଟିଏ ପ୍ଲଟ୍ ଠାବ ହୋଇଛି। ଏଥିମଧ୍ୟରେ କଟକ ଯୋବ୍ରା ଅଞ୍ଚଳରେ ଅଢ଼େଇ ହଜାର ବର୍ଗଫୁଟ୍ ପରିମିତ ୩ ମହଲା ବିଶିଷ୍ଟ କୋଠା, ଚୌଦ୍ୱାର ପଧାନିଆରେ ଅଢ଼େଇ ଏକର ପରିମିତ ଅଞ୍ଚଳରେ ଏକ କୋଠା ସହ କୁକୁଡ଼ା ଫାର୍ମ ଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଏହାବାଦ୍ ତାଙ୍କ ଘରୁ ନଗଦ ୩ ଲକ୍ଷ ୩୦ ହଜାର ୮୦୦ଟଙ୍କା, ୧୩୫ଗ୍ରାମ ଓଜନର ସୁନା ଗହଣା ସହ ଗୋଟିଏ ହୁଣ୍ଡାଇ ସାଣ୍ଟ୍ରୋ କାର ଓ ୩ଟି ବାଇକ୍ ଠାବ ହୋଇଛି। ଏଥିସହ ବିଭିନ୍ନ ବ୍ୟାଙ୍କ ଓ ଡାକଘରେ ତାଙ୍କର ୫୫ଲକ୍ଷ ୪୮ ହଜାର ୪୦୬ଟଙ୍କାର ଜମା ରାଶି ରହିଥିବା ଜଣାପଡ଼ିଛି।

ଶ୍ରୀ ସାହାଣୀ ୧କୋଟି ୨୪ଲକ୍ଷ ୫୮୫୪ଟଙ୍କାର ସରକାରୀ ଅର୍ଥର ଦୁରୁପଯୋଗ କରିଥିବା ନେଇ ଭିଜିଲାନ୍ସ ହାତରେ ଅନେକ ପ୍ରାଥମିକ ତଥ୍ୟ ଲାଗିଛି। ସିଟି ହସପିଟାଲରେ ଶ୍ରୀ ସାହାଣୀ ତାଙ୍କର ଦୀର୍ଘବର୍ଷର କାର୍ଯ୍ୟକାଳ ସମୟରେ ସରକାରୀ ଅର୍ଥକୁ ସରକାରୀ ବ୍ୟାଙ୍କ ଜମାଖାତାରେ ସେ ଜମା କରିନଥିଲେ। ଏପରିକି, ସରକାରୀ ବ୍ୟାଙ୍କ ଆକାଉଣ୍ଟରୁ ବ୍ୟକ୍ତିଗତ ଓ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ବେଆଇନ ଭାବେ ଟଙ୍କା ଟ୍ରାନ୍ସଫର କରି ଚାଲିଥିଲେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

୧୯୯୭ ଜାନୁଆରି ୭ତାରିଖରେ ମାହାଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଅନୁକମ୍ପା ନିଯୁକ୍ତି ଯୋଜନାରେ ଜୁନିଅର ଆସିଷ୍ଟାଣ୍ଟ ଭାବେ ଶ୍ରୀ ସାହାଣୀ ନିଯୁକ୍ତି ପାଇଥିଲେ। ବଦଳି ହୋଇ ବାଙ୍କୀରେ କିଛି ଦିନ କାର୍ଯ୍ୟ କରିବା ପରେ ଗତ ୨୦୦୧ ଏପ୍ରିଲ୧୬ରେ ସିଟି ହସପିଟାଲ ତଥା ସିଡିଏମଓଙ୍କ କାର୍ଯ୍ୟାଳୟର କନିଷ୍ଠ ସହାୟକ ଭାବେ ଯୋଗ ଦେଇଥିଲେ। ୨୦୧୬ ଡିସେମ୍ବର ୧ରୁ ବରିଷ୍ଠ ସହାୟକ ଭାବେ ପଦୋନ୍ନତି ପାଇ ଏହିଠାରେ ଅବସ୍ଥାପିତ ହୋଇଥିଲେ। ବିନା ବଦଳିରେ ଦୀର୍ଘ ଦୁଇଦଶନ୍ଧିରୁ ଅଧିକ ସମୟ (ପ୍ରାୟ ୨୪ବର୍ଷ) ଧରି ସେ ଏଠାରେ ନିଜର ଦବଦବା ଜାହିର କରି ବିଭିନ୍ନ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବାର ଅଭିଯୋଗ ହୋଇଥିଲା।

ପ୍ରକାଶଥାଉକି, କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଆଦେଶ ବଳରେ ଶ୍ରୀ ସାହାଣୀଙ୍କ ଆବାସିକ ଗୃହ, ସରକାରୀ କାର୍ଯ୍ୟାଳୟ ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ଟିମ ଆଜି ସକାଳୁ ଏକକାଳୀନ ଚଢ଼ଉ କରିଥିଲା। ଚଢ଼ଉରେ ୯ଜଣ ଡିଏସପି, ୧୦ଜଣ ଇନ୍ସପେକ୍ଟର୍ ଓ ୭ଜଣ ଏଏସ୍‌ଆଇ ସାମିଲ ଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି।

■ ବିବାହ ଆଳରେ ଯୁବତୀଙ୍କୁ ଦୁଷ୍କର୍ମ

# ସୁନ୍ଦରଗଡ଼ରୁ ଏଏସ୍‌ଓ ଗିରଫ



ଭୁବନେଶ୍ୱର, ୨୨।୮ (ସମିସ): ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର(ଏଏସ୍‌ଓ)ଙ୍କୁ ଗିରଫ କରିଛି ଭୁବନେଶ୍ୱର ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ନୂଆପଲ୍ଲୀ ରେଣ୍ଟାଲ କଲୋନୀରେ ରହୁଥିବା ଯାଜପୁର ଟାଉନ୍ ଥାନା କପିଳେଶ୍ୱର ଗାଁର ସୁଶାନ୍ତ କୁମାର ଜେନା (୩୩)। ମହିଳା ଥାନା ପୁଲିସ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଞ୍ଚଳରୁ ତାକୁ ଗିରଫ କରିଛି।

ପୁଲିସ ସୂଚନା ମୁତାବକ, ୨୦୨୩ ନଭେମ୍ବର ମାସରେ ଚାକିରି ଅନ୍ୱେଷଣରେ ଭୁବନେଶ୍ୱର ଆସିଥିବା ଯୁବତୀଜଣଙ୍କ ୨୦୨୪ ମସିହା ପରଠାରୁ ଏକ ରିଅଲ ଇଷ୍ଟେଟ୍ ସଂସ୍ଥାରେ ଚାକିରି କରୁଥିଲେ। ସାମାଜିକ ଗଣମାଧ୍ୟମ ଜରିଆରେ ଏଏସ୍‌ଓ ସୁଶାନ୍ତଙ୍କ ସହ ତାଙ୍କର ଉତ୍ତମ ବନ୍ଧୁତା ହୋଇଥିଲା। ପରେ ସୁଶାନ୍ତ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅନୈତିକ ସମ୍ପର୍କ ରଖିଥିଲା। ଏଥିସହ ଯୁବତୀଙ୍କ ଅଗୋଚରରେ ଫଟୋ ଓ ଭିଡିଓ ନିଜ ମୋବାଇଲ ଫୋନରେ ସଂଗ୍ରହ କରିନେଇଥିଲା। ଏହାର କିଛି ଦିନ ପରେ ସୁଶାନ୍ତ ପୀଡ଼ିତାଙ୍କୁ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲା। ଉଭୟଙ୍କ ସମ୍ପର୍କକୁ ବାହାରେ ପ୍ରଘଟ କଲେ ଫଟୋ ଓ ଭିଡିଓଗୁଡ଼ିକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେବ ବୋଲି ଧମକ ଦେଇଥିଲା। ଏଥିସହ ତାଙ୍କୁ ବିବାହ କରିବା ଲାଗି ରୋକଠୋକ ମନା କରିଦେଇଥିଲା। ପୀଡ଼ିତାଙ୍କ ପରିବାରଲୋକେ ସୁଶାନ୍ତଙ୍କ ପରିବାରକୁ ଭେଟି ଉଭୟଙ୍କ ବିବାହ ଲାଗି ଅନୁରୋଧ କରିଥିଲେ। ସେମାନେ ରାଜି ହେବା ପରିବର୍ତ୍ତେ ଘଟଣା ସମ୍ପର୍କରେ ଅଭିଯୋଗ କଲେ ସେ ପୀଡ଼ିତାଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଶେଷରେ ନିରାଶ ହୋଇ ପୀଡ଼ିତା ମହିଳା ଥାନାରେ ଏତଲା ଦେଇଥିଲେ। ମହିଳା ଥାନା ପୁଲିସ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଞ୍ଚଳରୁ ସୁଶାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସେପ୍ଟମ୍ବର ୨୮ ତାରିଖରେ ଦ୍ୱିତୀୟ ମେଡିଏସନ ସମ୍ମିଳନୀ

# ଯୋଗ ଦେଇପାରନ୍ତି ରାଷ୍ଟ୍ରପତି

ଭୁବନେଶ୍ୱର,୨୨।୮ (ସମିସ): ଆସନ୍ତା ସେପ୍ଟମ୍ବର ୨୮ ତାରିଖରେ ଦ୍ୱିତୀୟ ମେଡିଏସନ ସମ୍ମିଳନୀ ଓଡ଼ିଶାରେ ହେବ। ଏହି ସମ୍ମିଳନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇପାରନ୍ତି। ଏ ନେଇ ଶୁକ୍ରବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ପୂର୍ବ ବର୍ଷ ମେଡିଏସନ ସମ୍ମିଳନୀ ଦିଲ୍ଲୀରେ ଆୟୋଜିତ ହୋଇଥିଲା। ଏହାକୁ ମହାମହିମ ରାଷ୍ଟ୍ରପତି ଉଦଘାଟନ କରିଥିଲେ। ଏହାସହ ସୁପ୍ରିମକୋର୍ଟ ପ୍ରଧାନବିଚାର ପତିଙ୍କ ସମେତ ସମସ୍ତ ରାଜ୍ୟର ଆଡଭୋକେଟ୍ ଜେନେରାଲ ମାନେ ଉପସ୍ଥିତ ଥିଲେ। ଆଇନ ପ୍ରଣୟନ ସହ ସମ୍ପର୍କ ଥିବା ରାଜ୍ୟର ପ୍ରମୁଖ ଲୋକଙ୍କ ସହ ସମ୍ମିଳନୀ ଦିଲ୍ଲୀରେ ଆୟୋଜିତ ହୋଇଥିଲା। ଦ୍ୱିତୀୟ ମେଡିଏସନ ସମ୍ମିଳନୀ ଓଡ଼ିଶାରେ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ସଚିବ ସ୍ତରୀୟବୈଠକ ସହ ହାଇକୋର୍ଟ ମଧ୍ୟ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସଫଳତା ସହ ଏହା ଯେମିତି ଅନୁଷ୍ଠିତ ହେବ, ସେଥିପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରଧାନବିଚାରପତିଙ୍କ ଠାରୁ ଆରମ୍ଭ କରି ହାଇକୋର୍ଟ ମୁଖ୍ୟବିଚାରପତି ଓ ବିଚାରପତିମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ। ଏଠାରେ ମେଡିଏସନର କେମିତି ପ୍ରକ୍ରିୟା ରହିଛି ସେହିସବୁ ବିଷୟରେ ଆଲୋଚନା ହେବ। ଫଳରେ ଆଗାମୀ ଦିନରେ ବିଭିନ୍ନ କେଶ୍‌ରେ ଲିଟିଗେସନ କମିବ। ସରକାରୀ ସ୍ତରରେ ଆଇନକୁ ନେଇ ଯେଉଁ ପ୍ରକ୍ରିୟା ରହିଛି ଏହି ମେଡିଏସନ ଆମକୁ ନୂଆ ରାସ୍ତା ଦେଖାଇବ। ଏହି କାର୍ଯ୍ୟକ୍ରମକୁ ରାଷ୍ଟ୍ରପତିଙ୍କୁ ଆସିବା ପାଇଁ ଅନୁରୋଧ କରିଛୁ। ମୁଖ୍ୟମନ୍ତ୍ରୀ ମଧ୍ୟ ଅନୁରୋଧ ପତ୍ର ପଠାଇଛନ୍ତି। ସବୁ ରାଜ୍ୟର ନ୍ୟାୟିକ ବ୍ୟବସ୍ଥାର ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ସାମିଲ ହେବା ସହ ପାଖାପାଖି ୨୦୦ ପ୍ରତିନିଧି ଏଥିରେ ଯୋଗ ଦେବେ।

ରାଜ୍ୟରେ ଏଚ୍‌ଆଇଭି ସଂକ୍ରମଣକୁ ନେଇ ତନାଘନା

# ଯୁବପିଢ଼ିଙ୍କୁ ସଚେତନ କରିବାକୁ ଯୁବସେବା ବିଭାଗକୁ ଚିଠି

ଭୁବନେଶ୍ୱର, ୨୨।୮ (ସମିସ): ରାଜ୍ୟରେ ଏଚ୍‌ଆଇଭି ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ଓ ଚାରି ହଜାର ସଂକ୍ରମିତ ନିଖୋଜକୁ ନେଇ ଚିନ୍ତାବ୍ୟକ୍ତ କରିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ । ଯୁବଗୋଷ୍ଠୀ ମଧ୍ୟରେ ଏଚ୍‌ଆଇଭି ବ୍ୟାପୁଥିବା ସଂକ୍ରାନ୍ତରେ 'ସକାଳ'ରେ ପ୍ରକାଶିତ ଖବର ଆଧାରରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ ସହ କ୍ରୀଡ଼ା ଓ ଯୁବସେବା ବିଭାଗକୁ ସଚେତନତା ସୃଷ୍ଟି ନିମନ୍ତେ ଚିଠି ଲେଖିଛି ।

ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟିର ରିପୋର୍ଟ ଅନୁସାରେ ପୁରୁଷ ସହ ପୁରୁଷଙ୍କ ଅପ୍ରାକୃତିକ ଯୌନ ସମ୍ପର୍କ ଯୋଗୁଁ ଏଚଆଇଭି ପଜିଟିଭଙ୍କ ସଂଖ୍ୟା ବଢିବାରେ ଲାଗିଛି। ଯେଉଁଥିରୁ ପାଖାପାଖି ଅଧା ହେଉଛନ୍ତି ଯୁବ ଗୋଷ୍ଠୀ। ସେପଟେ ପଞ୍ଜିକୃତ ଏଡସ୍ ରୋଗୀଙ୍କ ଭିତରୁ ପ୍ରାୟ ହଜାରରୁ ଅଧିକ ଲୋକଙ୍କ ପତ୍ତା ନ ମିଳୁଥିବାରୁ ସଂକ୍ରମଣ ଭୟ ବୃଦ୍ଧି ପାଇଛି। ଯୁବଗୋଷ୍ଠୀଙ୍କ ମଧ୍ୟରେ ସମଲିଙ୍ଗୀ ଓ ଅପ୍ରାକୃତିକ ସମ୍ପର୍କ ଏହି ଭୟକୁ ଅଧିକ ବଢ଼ାଇଛି। ଏପରିକି ୧୭ରୁ ୩୫ ବର୍ଷ ବୟସର ଯୁବଗୋଷ୍ଠୀଙ୍କଠାରୁ ସଂଗୃହୀତ ନମୁନାର ୪୧ % ଏଚଆଇଭି ପଜିଟିଭ ଥିବା ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟିର ରିପୋର୍ଟ ଭୟାବହ ସ୍ଥିତିକୁ ଦର୍ଶାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପଞ୍ଜିକୃତ ୬୫ ହଜାର ୨୧୪ ଏଚଆଇଭି ପଜିଟିଭଙ୍କ ଭିତରୁ ୩, ୯୯୮ ସଂକ୍ରମିତଙ୍କ ପତ୍ତା ମିଳୁନି। ଏମାନଙ୍କ ଭିତରୁ ଅନେକ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି ବା କିଛି ଲୋକ ବାହାର ରାଜ୍ୟରୁ ଆସି ଓଡ଼ିଶାରେ ଟେଷ୍ଟିଂ କରିଛନ୍ତି।ଏପରିକି କିଛି ଲୋକ ସମାଜ ବାସନ୍ଦ ଭୟରେ ନିଜ ଭୁଲ ପରିଚୟ ଦେଇଥିବା କଥା ଯାଞ୍ଚ ପରେ ଜଣାପଡ଼ିଛି।ଏହି ନିଖୋଜ ଏଚଆଇଭି ପିଜିଟିଭ ସଂକ୍ରମିତଙ୍କ ସହ ଅଜାଣତରେ ଯଦି କେହି ଶାରୀରିକ ସଂପର୍କ ରଖନ୍ତି ପରିସ୍ଥିତି ଆହୁରି ଭୟଙ୍କର ହେବ ବୋଲି ଆଶଙ୍କା କରିଛି ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି । ଏ ସଂକ୍ରାନ୍ତରେ 'ସକାଳ'ରେ ଖବର ଆଧାରରେ ସ୍ୱାସ୍ଥ୍ୟ ବିଭାଗ ତନାଘନା ଆରମ୍ଭ କରିଛି ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗକୁ ଏ ସଂକ୍ରାନ୍ତରେ ଗୁରୁତ୍ୱ ଦେବାକୁ ଚିଠି ଲେଖିଛି।

ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ପ୍ରୟାସର ପ୍ରସାର ଏବଂ ପ୍ରଭାବକୁ ବୃଦ୍ଧି କରିବା ପାଇଁ କ୍ରୀଡା, ଯୁବ ସେବା ବିଭାଗ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ରାଜ୍ୟର ସମସ୍ତ ସ୍ଥାନ, ଛାତ୍ରାବାସରେ ନିୟମିତ ବ୍ୟବଧାନରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ପଦକ୍ଷେପ ନିଆଯାଉଛି। ଏଥିସହ ମିନି ମାରାଥନ, ମହୋତ୍ସବ, ଭାବ ବିନିମୟ କାର୍ଯ୍ୟକ୍ରମ, ଶିବିର ଏବଂ ଅନ୍ୟାନ୍ୟ ଜାତୀୟ/ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ କରିବା ନେଇ ପଦକ୍ଷେପ ନେବାକୁ କୁହାଯାଇଛି। ସେହିଭଳି ରେଡ ରିବନ୍ କ୍ୟାପ ପିନ୍ଧିବା ଏବଂ ରେଡ ରିବନ ପତାକା ପ୍ରଦର୍ଶନ କରିବା ଆଦି ସଚେତନତା ଅଭିଯାନ ପାଇଁ ବ୍ରାଣ୍ଡ ଆମ୍ବାସାଡର ଭାବରେ କ୍ରୀଡା ବିଭାଗ ଦ୍ୱାରା ପ୍ରଖ୍ୟାତ କ୍ରୀଡାବିତ୍‌ମାନଙ୍କର ମନୋନୟନ କରିବାକୁ କୁହାଯାଇଛି। ବିଶ୍ୱ ଏଡସ୍ ଦିବସ ପାଳନର ଅଂଶ ଭାବରେ କ୍ରୀଡା-ଭିତ୍ତିକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ ପାଇଁ କୁହାଯାଇଛି।

# ସେପ୍ଟେମ୍ବର ୧୫ରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ

ଭୁବନେଶ୍ୱର,୨୨।୮(ସମିସ): ଆସନ୍ତା ସେପ୍ଟେମ୍ବର ୧୫ରୁ ପୁରୀ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। କାର୍ତ୍ତିକରେ ଲକ୍ଷାଧିକ ଭକ୍ତ ପୁରୀ ଆସିବେ। ଏଥିପାଇଁ ଧାଡ଼ି ଦର୍ଶନ ବ୍ୟବସ୍ଥା ହେବା ନେଇ ଦାବି ହୋଇଆସୁଥିଲା। ପାଖାପାଖି ଏକ ବର୍ଷ ହେବ ଧାଡ଼ି ଦର୍ଶନ ନେଇ ଯୋଜନା ହେଉଥିବେବେଳେ, ଏନେଇ ଶୁକ୍ରବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଧାଡ଼ି ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ ଅଛି। ଏହାଦ୍ୱାରା ଭିଡ଼ ନିୟନ୍ତ୍ରଣ ହୋଇପାରିବ, ଶ୍ରଦ୍ଧାଳୁଙ୍କ ପାଇଁ ସୁଗମ ହେବ। ୩ରୁ ୪ ଦିନ ଭିତରେ ପରିଚାଳନା କମିଟି ଗଠନ ହେବ। ପ୍ରଥମ ବୈଠକରେ ହୁଣ୍ଡି ସିଫ୍ଟ ନେଇ ନିଷ୍ପତ୍ତି ହେବ। ଏହାପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଧାଡ଼ି ଦର୍ଶନ ବ୍ୟବସ୍ଥା ହେଲେ ବ୍ୟାରିକେଡ୍‌ରେ ଯାଇ ରାମ୍ପ ଉପରେ ଠିଆ ହୋଇଗଲେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ଦର୍ଶନ ମିଳିଯିବ। ଫଳରେ ବଡ଼ଦେଉଳ ବାହାର କାଠ ପାଖରୁ ଶ୍ରଦ୍ଧାଳୁଙ୍କୁ ପାଦ ଟିପରେ ଟେକି ହୋଇ ମହାପ୍ରଭୁଙ୍କ ଦର୍ଶନ କରିବା ଲାଗି ଭିଡ଼ରେ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବନି। ଆଗରେ ଥିବା ଶ୍ରଦ୍ଧାଳୁ ଓ ପଛରେ ଥିବା ଶ୍ରଦ୍ଧାଳୁ ସମସ୍ତେ ମହାପ୍ରଭୁଙ୍କୁ ଆଖି ପୂରାଇ ବାହାର କାଠ ପାଖରୁ ଦର୍ଶନ କରିପାରିବେ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପୂରା ପ୍ରସ୍ତୁତ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

# ୨୫ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୨।୮(ସମିସ): ଆସନ୍ତା ସୋମବାର ଅଗଷ୍ଟ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଘରୋଇ ମେଡିକାଲ କଲେଜରେ ଡାକ୍ତରୀ ପାଠପଢ଼ା ଫି' ବୃଦ୍ଧି ପ୍ରସଙ୍ଗ

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

କଟକ,୨୨।୮(ସମିସ): କେତେକ ଘରୋଇ ମେଡିକାଲ କଲେଜରେ ଡାକ୍ତରୀ ପାଠପଢ଼ା ବା ଏମ୍‌ବିବିଏସ୍ ପାଠ୍ୟକ୍ରମ ଫି' ଅହେତୁକ ବୃଦ୍ଧି ନେଇ ଓଜେଇଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାରି ଅଗଷ୍ଟ ୧୬ର ବିଜ୍ଞପ୍ତିକୁ ଚାଲେଞ୍ଜ କରି ଦାୟର ମାମଲାଗୁଡ଼ିକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ହାଇକୋର୍ଟ ମାମଲାର ଶୁଣାଣି କରି ପ୍ରତିପକ୍ଷ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଜେଇଇ, ଜାତୀୟ ମେଡିକାଲ କମିସନ, ଡିଏମଇଟିଙ୍କୁ ନୋଟିସ୍ ଜାରି କରିଛନ୍ତି। ଫି' ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତି ବିଚାରାଧୀନ ମାମଲାର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ସଂଗ୍ରାମ ରାଉତ, ଚୌଧୁରୀ ଆକାଶ କୁମାର ବେହେରା, ସୀତାଂଶୁ ପାଣି ଓ ଅନ୍ୟମାନଙ୍କ ତରଫରୁ ଦାୟର ତିନି ଆବେଦନର ଏକତ୍ର ଶୁଣାଣି କରି ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅଗଷ୍ଟ ୨୬କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ୩ଟି ମେଡିକାଲ କଲେଜ ଯଥା ହାଇକେଟ୍ ଏମସିଏଚ୍ ଭୁବନେଶ୍ୱର, ରାଉରକେଲା ଓ କଟକ ଡ୍ରିମ୍ସ ଇନଷ୍ଟିଚ୍ୟୁଟ ଅଫ୍ ହେଲ୍ଥ ସାଇନ୍ସ ଆଣ୍ଡ ହସ୍ପିଟାଲର ଏମବିବିଏସ ପାଠ୍ୟକ୍ରମ ଫି' ବୃଦ୍ଧି କରାଯାଇଥିଲା। ଏନେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଓଜେଇଇ କର୍ତ୍ତୃପକ୍ଷ ଫି' ବୃଦ୍ଧି ନେଇ ବିଜ୍ଞପ୍ତି ଜାରି କରିଥିଲେ। ୨୦୨୫-୨୬ବର୍ଷ ପାଇଁ ଏମବିବିଏସ୍ ପାଠ୍ୟକ୍ରମ ପାଇଁ ଘରୋଇ କଲେଜର ଫି' ବୃଦ୍ଧି ହଠାତ୍ କରାଯିବା ଦ୍ୱାରା ଆଶାୟୀ ଛାତ୍ରଛାତ୍ରୀ ସମସ୍ୟାରେ ପଡ଼ିଛନ୍ତି ବୋଲି ଦର୍ଶାଇ ହାଇକୋର୍ଟରେ ଏହି ମାମଲା ଦାୟର ହୋଇଛି। ଏମବିବିଏସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ କାଉନସେଲିଂ ଚାଲିଥିବା ବେଳେ ଫି' ବୃଦ୍ଧି କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବିପ୍ଳବ ବାହାଲି, ସୌରଭ ଦାସ, ରଜତ କୁମାର ମିଶ୍ର ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି।

ପାର୍ବଣ ପାଇଁ ପୁଲିସର ପ୍ରସ୍ତୁତି

# ଚାନ୍ଦା ମାଗିଲେ କାର୍ଯ୍ୟାନୁଷ୍ଠାନ

କଟକ, ୨୨।୮ (ସମିସ): ପାର୍ବଣକୁ ଦୃଷ୍ଟିରେ ରଖି ଚଳିତବର୍ଷ ଚାନ୍ଦା ଆଦାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଚାନ୍ଦା ଆଦାୟକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସମସ୍ତ ଏସ୍‌ପିଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଡିଜିପି ଯୋଗେଶ ବାହାଦୂର ଖୁରାନିଆ। ଏହାସହ ବେଆଇନ ଗୋ-ଚାଲାଣ ଏବଂ ବେଆଇନ ବାଣ ବିକ୍ରି ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କହିଛନ୍ତି। ଆଜି ଅପରାହ୍ଣରେ ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଡିଜିପି ଶ୍ରୀ ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାର୍ବଣ ଋତୁ ସମୟରେ ରାଜ୍ୟବାସୀଙ୍କ ନିରାପତ୍ତା ତଥା ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ନିର୍ଦ୍ଦିଷ୍ଟ କେତୋଟି ଦିଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସୋସିଆଲ ମିଡିଆରେ ଗୁଜବ ପ୍ରଚାର ଓ ବିଭ୍ରାନ୍ତିକର ତଥ୍ୟ ଉପରେ ନଜର ରଖିବା ପାଇଁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପୁଲିସ ପାଟ୍ରୋଲିଂ, କଡ଼ାକଡ଼ି ଚେକିଂ, ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସହରର ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସିସିଟିଭି ଲଗାଇବା, ଭସାଣି ସମୟରେ ସତର୍କତା ପଦକ୍ଷେପ ଆଦି ପ୍ରସଙ୍ଗରେ ଉପଯୁକ୍ତବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଥିଲା।

ବୈଠକରେ କ୍ରାଇମବ୍ରାଞ୍ଚ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚ୍‌ଆରପିସି) ଯତୀନ୍ଦ୍ର କୋୟଲ, ଆଇଜିପି ସତୀଶ ଗଜଭିୟେ, ସଫିନ ଅହମ୍ମଦ, ଡଃ ସାର୍ଥକ ଷଡ଼ଙ୍ଗୀ, ଚରଣସିଂ ମିନା, ଯୁଗଳ କିଶୋର କୁମାର ବନୋଥ, କଟକ ଏସପି ଭିନୀତ ଅଗ୍ରୱାଲଙ୍କ ସମେତ ଆଭାସୀ ମାଧ୍ୟମରେ ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେଙ୍କ ସମେତ ସମସ୍ତ ଜିଲ୍ଲା ଏସପି, ରେଞ୍ଜ ଆଇଜି, ଡିଆଇଜି ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରେମିକାର ତଣ୍ଟି କାଟି ବିଷ ପିଇଲେ ଯୁବକ

ବଲାଙ୍ଗିର, ୨୨।୮ (ସମିସ): ପ୍ରେମିକାର ତଣ୍ଟି କାଟିବା ପରେ ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ। ଏଭଳି ଏକ ଅଭାବନୀୟ ଘଟଣା ଆଜି ବଲାଙ୍ଗିର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ସେମାନେ ହେଲେ, ବଲାଙ୍ଗିର ସଦର ଥାନା ଅନ୍ତର୍ଗତ ମାୟାବର୍ହା ଗାଁର ସୁକାନ୍ତୀ ବରିହା ଓ ଲରମ୍ଭା ଥାନା ପଣ୍ଡରିପାଣି ଗାଁର ହଳଧର ବରିହା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ କେଉଁ କାରଣରୁ ଏହି ଅଘଟଣ ଘଟିଛି, ତାହା ଜଣାପଡ଼ିନାହିଁ।

ସୂଚନାନୁଯାୟୀ, ଗୁରୁବାର ହଳଧର ତାଙ୍କ ସଂପର୍କୀୟ ମାୟାବର୍ହା ଗାଁର ରତ୍ନ ବରିହାଙ୍କ ଘରକୁ ଆସିଥିଲେ। ସେଠାରେ ସେ ରତ୍ନଙ୍କ ଝିଅ ସୁକାନ୍ତୀଙ୍କୁ ବିବାହ କରିବେ ବୋଲି ତାଙ୍କ ଘରଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ତେବେ ପରିବାରଲୋକଙ୍କୁ ସାଙ୍ଗରେ ଆଣି ଏ ସଂପର୍କରେ କଥା ହେବା ପାଇଁ ହଳଧରଙ୍କୁ ରତ୍ନ ପରାମର୍ଶ ଦେଇଥିଲେ। ପରେ ଖାଇପିଇ ସମସ୍ତେ ଶୋଇଥିଲେ। ହଳଧର ମଧ୍ୟ ସେଠାରେ ରାତ୍ରିଯାପନ କରିଥିଲେ। ଆଜି ସକାଳୁ ହଳଧର ଘରକୁ ଯିବା ପାଇଁ ବାହାରିବା ପୂର୍ବରୁ ସୁକାନ୍ତୀଙ୍କ ମା'ଙ୍କୁ ପାଣି ମାଗିଥିଲେ। ଏହି ସମୟରେ ସୁକାନ୍ତୀଙ୍କୁ ଏକୁଟିଆ ପାଇ ହଳଧର ତାଙ୍କ ତଣ୍ଟି କାଟି ଫେରାର୍ ହୋଇଯାଇଥିଲା। ପରିବାରଲୋକେ ସୁକାନ୍ତୀଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷେ, ହଳଧର ନିଜ ଘରକୁ ଆସି ବିଷ ପିଇ ଦେଇଥିଲେ। ପରିବାରଲୋକ ତାଙ୍କୁ ପ୍ରଥମେ ପାଟଣାଗଡ଼ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

ସୁକାନ୍ତୀଙ୍କ ପରିବାରଲୋକଙ୍କ ଅଭିଯୋଗ ଆଧାରରେ ସଦର ଥାନା ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀ ରାଜ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଏହାର ତଦନ୍ତ କରୁଛି। କେବଳ ପ୍ରେମ ସଂପର୍କ ନା ଅନ୍ୟ କେଉଁ କାରଣରୁ ଏହି ଘଟଣା ଘଟିଛି, ସେନେଇ ପୁଲିସ୍ ତଦନ୍ତ ଚଳାଇଛି।

ଅସୁରକ୍ଷିତ ବଡ଼ଦେଉଳ

# ଶ୍ରୀମନ୍ଦିର ଉପରକୁ ଚଢ଼ିବା ବେଳେ ଧରାପଡ଼ିଲେ ଭକ୍ତ

ପୁରୀ, ୨୨।୮ (ସମିସ): ପୁଣି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଛି ପ୍ରଶ୍ନ। ହଜାର ହଜାର ଭକ୍ତଙ୍କ ଭିଡ଼ ମଧ୍ୟରେ ପୁଲିସ କର୍ମୀ ଓ ସେବାୟତଙ୍କ ଆଖିରେ ଧୂଳି ଦେଇ ଶ୍ରୀମନ୍ଦିର ଉପରକୁ ଆଜି ପୁଣି ଜଣେ ଶ୍ରଦ୍ଧାଳୁ ଚଢ଼ିବାକୁ ଚେଷ୍ଟା କରିଛନ୍ତି। ବେହେରଣ ଦ୍ୱାର ଦେଇ ସେ ପାଖାପାଖି ୫ ଫୁଟ୍ ଉପରକୁ ଉଠିଥିବା ବେଳେ ସୁରକ୍ଷାକର୍ମୀ ତାଙ୍କୁ ଅଟକାଇବା ସହ ସୁରକ୍ଷିତ ଭାବେ ତଳକୁ ଓହ୍ଲାଇଥିଲେ। ବ୍ୟକ୍ତିଜଣଙ୍କ ହେଲେ, ଉତ୍ତରପ୍ରଦେଶର ମନୋଜ ସିଂ। ପୁଲିସ୍ ତାଙ୍କୁ ସିଂହଦ୍ୱାର ଥାନାକୁ ନେଇ ପଚରାଉଚରା କରିବା ପରେ ଛାଡ଼ି ଦେଇଛି। ମାନସିକ ପୂରଣ ହୋଇଥିବାରୁ ସେ ମନ୍ଦିର ଉପରକୁ ଚଢୁଥିଲେ ବୋଲି ପୁଲିସ ଆଗରେ କହିଛନ୍ତି। ତେବେ ମନ୍ଦିର ଉପରକୁ ଶ୍ରଦ୍ଧାଳୁ ଚଢ଼ିବା, ସପ୍ତାହକ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ବାରମ୍ବାର ଏଭଳି ଘଟଣା ଘଟୁଥିବା ବେଳେ ଆଗକୁ ଯେପରି ଏହାର ପୁନରାବୃତ୍ତି ନ ହେବ, ତାହାର ସମୀକ୍ଷା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଏସ୍‌ପି। ଏଥିପାଇଁ କ'ଣ କ'ଣ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ, ତାହା ମଧ୍ୟ ସ୍ଥିର କରିଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ଭିତରେ ଓ ବାହାରେ ଓଡ଼ିଶା ପୁଲିସ,

ସପ୍ତାହକ ମଧ୍ୟରେ ଦ୍ୱିତୀୟ ଘଟଣା

ସମୀକ୍ଷା କଲେ ମୁଖ୍ୟ ପ୍ରଶାସକ ଓ ଏସ୍‌ପି

ସଚେତନତା ପାଇଁ ମନ୍ଦିର ବାହାରେ ଲାଗିବ ସାଇନବୋର୍ଡ

ଆନନ୍ଦ ବଜାରରେ ହେବ ସ୍ୱତନ୍ତ୍ର ସିସିଟିଭି କଣ୍ଟ୍ରୋଲ ରୁମ୍

ସ୍ୱତନ୍ତ୍ର ସୁରକ୍ଷା ବାହିନୀ, ଜେଟିପିଙ୍କ ଭଳି ମାଳମାଳ ସୁରକ୍ଷାକର୍ମୀ ନିୟୋଜିତ ଥିବା ବେଳେ ବିଭିନ୍ନ ଜାଗାରେ ସିସିଟିଭି ଲାଗିଛି। ଏହା ସତ୍ତ୍ୱେ ଶ୍ରଦ୍ଧାଳୁ ମନ୍ଦିର ଉପରକୁ ଚଢ଼ିଯାଉଛନ୍ତି। ଏହା ସୁରକ୍ଷା ବ୍ୟବସ୍ଥାରେ ବଡ଼ ତ୍ରୁଟି ବୋଲି କିଛି ସଚେତନ ନାଗରିକ କହିଛନ୍ତି। ଯଦି ସମ୍ପୃକ୍ତର ବ୍ୟକ୍ତିଙ୍କର କିଛି ଅସୁବିଧା ହୋଇଥା'ନ୍ତା, ସେଥିପାଇଁ କି'ଏ ଦାୟୀ ରହିଥାନ୍ତା ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ, ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି ଶ୍ରୀମନ୍ଦିର ଏବଂ ପୁଲିସ ପ୍ରଶାସନ। ଆଗକୁ ଯେପରି ଏହାର ପୁନରାବୃତ୍ତି ନ ହୁଏ, ସେନେଇ ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏବଂ ଏସ୍‌ପି ପିନାକ ମିଶ୍ର ମନ୍ଦିର ଭିତରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶ୍ରୀମନ୍ଦିର ଭିତରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଆନନ୍ଦବଜାରରେ ସ୍ୱତନ୍ତ୍ର ସିସି ଟିଭି କଣ୍ଟ୍ରୋଲ ରୁମ୍ କରାଯିବା ସହ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ସୁରକ୍ଷା କର୍ମୀ ନିୟୋଜିତ ହେବେ। ଏଥିସହ ଆହୁରି ଅତିରିକ୍ତ ସୁରକ୍ଷା କର୍ମୀ ମନ୍ଦିର ଭିତରେ ନିୟୋଜିତ କରାଯିବା ନେଇ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ପ୍ରତିକ୍ରିୟା ରଖିଛନ୍ତି।

ଅପରପକ୍ଷେ, ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି ଯେ ଶ୍ରୀମନ୍ଦିରରେ ଅନେକ ସମ୍ବେଦନଶୀଳ ସ୍ଥାନ ରହିଛି, ଯେଉଁ ବାଟଦେଇ ଭକ୍ତମାନେ ଅତି ସହଜରେ ମନ୍ଦିର ଉପରକୁ ଚଢ଼ିପାରୁଛନ୍ତି। ସେହିସବୁ ସ୍ଥାନରେ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ୨୪ ଘଣ୍ଟିଆ ପହରା ଦେବେ। ଏଥିସହ ଶ୍ରୀମନ୍ଦିର ଭିତରେ ପୁଲିସ ଆଉଟ୍‌ପୋଷ୍ଟ କରିବା ନେଇ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଛି। ଭକ୍ତଙ୍କୁ ସଚେତନ କରିବା ଲାଗି ମନ୍ଦିର ବାହାରେ ବିଭିନ୍ନ ସ୍ଥାନରେ ସାଇନ୍ ବୋର୍ଡ ଲଗାଯିବ। ଫଳରେ ଶ୍ରଦ୍ଧାଳୁମାନେ ମନ୍ଦିର ଭିତରକୁ ପ୍ରବେଶ ପୂର୍ବରୁ ବିଭିନ୍ନ କଟକଣା ବାବଦରେ ଅବଗତ ହୋଇପାରିବେ। ଏସବୁ କାମ ପାଇଁ ଏଏସ୍‌ଆଇକୁ ମଧ୍ୟ ଅବଗତ କରାଯିବ। ମନ୍ଦିର ଭିତରେ ଲାଗିଥିବା ସିସିଟିଭିଗୁଡ଼ିକୁ ଆନନ୍ଦବଜାରରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ କରାଯାଇ ସମସ୍ତ ଗତିବିଧି ଉପରେ ନଜର ରଖାଯିବ।

■ ବଢୁଛି ହୀରାକୁଦ ଜଳସ୍ତର

# ପୁଣି ଖୋଲିବ ଗେଟ୍

ସମ୍ବଲପୁର, ୨୨।୮ (ସମିସ): ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାର କ୍ରମାଗତ ଫୁଲିବାରେ ଲାଗିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଥିବା ବେଳେ ଆଜି ସଂଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୧୮.୩୯ ଫୁଟ୍ ରହିଛି। ତେବେ ଆଗାମୀ ଦିନରେ ଉପରମୁଣ୍ଡରେ ବର୍ଷାର ପରିମାଣ ବଢ଼ିବା ନେଇ ଆଶଙ୍କା ଥିବାରୁ ଆସନ୍ତାକାଲି ହୀରାକୁଦର ଗେଟ୍ ଖୋଲାଯାଇପାରେ ବୋଲି କୁହାଯାଇଛି। ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୩୫,୮୫୬ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୬୪୧ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚ୍ୟାନେଲ ଦେଇ ୩୧,୫୬୦ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୮୬୭ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅପରପକ୍ଷେ, ନଦୀବନ୍ଧର ଉପରମୁଣ୍ଡରେ ୧୬.୪୪ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୨.୧୪ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦର ଜଳସ୍ତର ୬୨୦.୮୯ ଫୁଟ୍ ରହିଥିଲା।

● କୋରୁକୋଣ୍ଡା ବ୍ଲକରେ ସାର ଅଭାବ

# ରାସ୍ତା ଅବରୋଧ କଲେ ଚାଷୀ



କୋରୁକୋଣ୍ଡା,୨୨।୮(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକରେ ଚାଷୀମାନେ ସାର ଅଭାବ ଯୋଗୁଁ ହତାଶ ହୋଇପଡିଛନ୍ତି। ଧାନ ଚାଷର ଖରିଫ୍ ଋତୁ ଚାଲିଥିବା ସମୟରେ ଅମଳ ବୃଦ୍ଧି ଓ ବିଭିନ୍ନ ରୋଗ-କୀଟ ପ୍ରତିରୋଧ ପାଇଁ ୟୁରିଆ ସାରର ଚାହିଦା ରହିଛି। ସରକାରୀ ସ୍ୱୀକୃତ ବ୍ୟବସାୟୀ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଣ ହୋଇନାହିଁ। ସାର ନମିଳିବାରୁ କୋରୁକୋଣ୍ଡା ଲ୍ୟାମ୍ପସ ସମ୍ମୁଖରେ ବାଲିମେଳା-ମାଲକାନଗିରି ମୁଖ୍ୟରାସ୍ତାକୁ ଅବରୋଧ କରି ଚାଷୀମାନେ ପ୍ରତିବାଦ କରିଥିଲେ। ଏହାର ପରିଣତିରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ଯାଇଥିଲା। ଖବର ପାଇ କୋରୁକୋଣ୍ଡା ଥାନା ଅଧିକାରୀ ହିମାଂଶୁ ବାରିକ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା କରିବା ପରେ ଅବରୋଧ ହଟିଥିଲା। ଲ୍ୟାମ୍ପସ୍ ପରିଚାଳକ ଅଭିମନ୍ୟୁ ହାଲଦା କହିଛନ୍ତି ଯେ, ଏବର୍ଷ ସାରର ଚାହିଦା ସାଧାରଣତଃ ଠାରୁ ଅଧିକ ଥିବାରୁ ଗଚ୍ଛିତ ସାର ପରିମାଣରୁ ସମସ୍ତଙ୍କୁ ଯଥାପ୍ରକାର ଦେବା ସମ୍ଭବ ହୋଇନାହିଁ। ତଥାପି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି ଏବଂ ଶୀଘ୍ର ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଣ କରାଯିବ ବୋଲି ସେ କହିଛନ୍ତି।

# ମଦ ଚଢ଼ଉ, ୨ ଗିରଫ

କୋଷାଗୁମୁଡା,୨୨।୮(ସମିସ): ନବରଙ୍ଗପୁର ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ ପ୍ରକାରେ ନବରଙ୍ଗପୁର ଅବକାରୀ ଇନ୍ସପେକ୍ଟର ଦିଲ୍ଲୀପ କୁମାର ରଥଙ୍କ ଉପସ୍ଥିତିରେ ଆଜି କୋଡ଼ିଙ୍ଗା ଅବକାରୀ ବିଭାଗ କର୍ମଚାରୀଙ୍କ ଟିମ କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଚିର୍ମା ଗ୍ରାମରେ ଚଢ଼ଉ କରି ଖଗପତି କେଉଟ ନିକଟରୁ ୨୦ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଓ ପୋଚ ୨୦ ଲିଟର ଜବତ କରିଛନ୍ତି। ସେହିପରି କୋଡ଼ିଙ୍ଗ ଥାନା ଅନ୍ତର୍ଗତ ଚିରମା ଠାରୁ ସଙ୍କରଡା ରାସ୍ତା ଉପରେ ବାବୁଲା ହରିଜନ ନିକଟରୁ ୮.୧୭୫ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଗୋଟିଏ ହିରୋ ସ୍ପ୍ଲେଣ୍ଡର ପ୍ଲସ ମୋଟର ସାଇକେଲକୁ ଜବତ କରାଯାଇଛି। ଏହି ଚଢ଼ଉରେ ରେଶମା ସୁନା, ସୁଧାଂସୁ ଶେଖର ବାଘ, ଅକ୍ରମ୍ ଖାନ୍ ଓ ପ୍ରସାଦ ବଳବନ୍ତରାୟ ସହଯୋଗ କରିଥିଲେ।

ଗୁଣିଗାରେଡି ସନ୍ଦେହ

# ସାନସିଗୁରୁ ଗାଁରେ ଯୁବକଙ୍କୁ ବିଭତ୍ସ ହତ୍ୟା

ରାୟଗଡ଼ା,୨୨।୮(ସମିସ): ଅନ୍ଧବିଶ୍ୱାସର ଶୀକାର ହୋଇ ଏକ ବିଭତ୍ସ ହତ୍ୟା ଘଟଣା ଘଟିଯାଇଛି। ରାୟଗଡ଼ା ଜିଲ୍ଲା ସଦର ବ୍ଲକ କାରୁବାଇ ଗ୍ରାମପଞ୍ଚାୟତ ଶେଷଖାଲ ଥାନା ଅନ୍ତର୍ଗତ ସାନସିଗୁରୁ ଗାଁର ୫୪ ବର୍ଷିୟ ନାରାୟଣ ମାଣ୍ଡାଙ୍ଗିଙ୍କୁ ଗୁଣିଆ ବୋଲି ସନ୍ଦେହ କରି ଗାଁର କିଛି ଯୁବକ ଗତ ରାତିରେ ନିର୍ଦ୍ଦୟ ଭାବେ ପିଟି ପଟି ଏବଂ ବେକକୁ ଧାରୁଆ ଅସ୍ତ୍ରରେ କାଟି ହତ୍ୟା କରିଛନ୍ତି। ଘର ପଛ ପଟରେ ମୃତ ନାରାୟଣଙ୍କ ଦିବ୍ୟାଙ୍ଗ ପୁଅ ରହୁଥିଲେ ମଧ୍ୟ ବାପାଙ୍କ ମୃତ୍ୟୁ ବିଷୟରେ ଜାଣି ପାରି ନ ଥିଲେ। କିଛି ଦିନ ତଳେ ତାଙ୍କ ବାପାଙ୍କ ସହ କିଛି ଯୁବକ ପାଟିତୁଣ୍ଡ କରିଥିବା ସେ କହିଛନ୍ତି। ଖବର ପାଇ ଶେଷଖାଲ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ଗାଁରେ ଭୟର ବାତାବରଣ ଖେଳିଯାଇଛି। ଦିବ୍ୟାଙ୍ଗ ପୁଅଙ୍କ ଅଭିଯୋଗ ପ୍ରକାରେ ଚାରି ଜଣଙ୍କୁ ଅଟକ ରଖି ପଚାରା

**ବୃଦ୍ଧିପାଉଛି ଗୁଣିଗାରେଡି ଜନିତ ମାମଲା**

ଉଚୁରା କରୁଛି ପୁଲିସ। ସୂଚନା ପ୍ରକାରେ କିଛି ଦିନ ହେବ ନାରାୟଣକୁ ଗାଁର କିଛି ଲୋକେ ଗୁଣିଆ ସନ୍ଦେହରେ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଗାଁରେ କିଛି ଲୋକ ରୋଗରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇ ପାରୁ ନ ଥିବା ବେଳେ ଲୋକେ ନାରାୟଣକୁ ଗୁଣିଗାରେଡି କରୁଛୁ ବୋଲି ଅଭିଯୋଗ କରୁଥିଲେ। ତେବେ ଗତକାଲି ରାତିରେ ନାରାୟଣ ନିଜ ଘରେ ଶୋଇଥିବା ବେଳେ କିଛି ଯୁବକ ସଂଘବଦ୍ଧ ଭାବେ ଆସି ନାରାୟଣକୁ ଗାଳିଗୁଲଜ କରିବା ସହ ମାରପିଟ କରିଥିଲେ। କାଠଫାଳିଆ ଓ ଏକ ଧାରୁଆ ଅସ୍ତ୍ରରେ ନାରାୟଣର ବେକକୁ ବାରମ୍ବାର ଆକ୍ରମଣ କରିବାରୁ ଘଟଣା ସ୍ଥଳରେ ପ୍ରବଳ ରକ୍ତସ୍ରାବ ହୋଇ ସେ ମୃତ୍ୟୁବରଣ କରିଥିଲେ ବୋଲି ମୃତକଙ୍କ ସଂପର୍କୀୟ ପ୍ରହ୍ଲାଦ ଜିଲାକାରା କହିଛନ୍ତି। ଘଟଣାରେ ଆଉ କାହାର ସଂପୃକ୍ତି ରହିଛି ତାକୁ ନେଇ ଶେଷଖାଲ ଥାନା ପୋଲିସ ତନାଘନା ଆରମ୍ଭ କରିଛି। ରାୟଗଡ଼ା ଜିଲ୍ଲା ଶେଷଖାଲ ଥାନା ଅଞ୍ଚଳରେ ଗତ ୧୫ଦିନ ମଧ୍ୟରେ ୩ଟି ଗୁଣିଗାରେଡି ମାମଲା ଦେଖିବାକୁ ମିଳିଥିବା ବେଳେ ଏଥିରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଆକ୍ରମଣର ଶୀକାର ହୋଇ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି। ଏ ନେଇ ଅଞ୍ଚଳର ସମାଜସେବୀ ଯୁବକ ସତ୍ୟବାନ ମାଣ୍ଡାଙ୍ଗି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଗୁଣି ଗାରେଡି ଭଳି ଅନ୍ଧ ବିଶ୍ୱାସକୁ ବିଶ୍ୱାସ ନ କରିବା ପାଇଁ ପ୍ରଶାସନ, ସ୍ଥାନୀୟ ଜନ ପ୍ରତିନିଧି, ଶିକ୍ଷକ, ସାମ୍ବାଦିକ, ବୁଦ୍ଧିଜୀବି ଏବଂ ଅଞ୍ଚଳର ଭଦ୍ରବ୍ୟକ୍ତିଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଗଲେ ଅଞ୍ଚଳବାସୀ ନିଶ୍ଚିତ ଭାବେ ସଚେତନ ହେବେ ବୋଲି କହିଛନ୍ତି।

# ଉତ୍କଳ ସାମ୍ବାଦିକ ସଂଘର କର୍ମକର୍ତ୍ତା ଚୟନ




ବାଲିମେଳା/କୋରୁକୋଣ୍ଡା, ୨୨।୮(ସମିସ): ଉତ୍କଳ ସାମ୍ବାଦିକ ସଂଘ, ମାଲକାନଗିରି ଜିଲ୍ଲା ଶାଖା ଅନ୍ତର୍ଗତ କୋରୁକୋଣ୍ଡା ବ୍ଲକ ଏବଂ ବାଲିମେଳା ସଂଘର ନୂତନ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଏଥିରେ ପ୍ରଦୀପ କୁମାର ମହାରଣାଙ୍କୁ ସଭାପତି, ଏ. ଦେବାଶିଷ ପାତ୍ରଙ୍କୁ ସମ୍ପାଦକ ଏବଂ ଅଭିନାଶ ବେହେରାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଏହି ଅବସରରେ ବାଲିମେଳାରେ ଅବସ୍ଥିତ ରିକ୍ରିଏସନ କ୍ଲବରେ ସାଧାରଣ ପରିଷଦ ବୈଠକର ଆୟୋଜନ କରାଯାଇଥିଲା। ବୈଠକରେ ମାଲକାନଗିରି ଜିଲ୍ଲା ସଭାପତି ଅଶୋକ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଶ୍ରୀନିବାସ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୃସିଂହଚରଣ ମହାନ୍ତି, ଉପଦେଷ୍ଟା ରତ୍ନାକର ଦାସ, କାଲିମେଳା ବ୍ଲକ ସଭାପତି ଟି. ସତ୍ୟନାରାୟଣ ସୁବୁଦ୍ଧି, ଚିତ୍ରକୋଣ୍ଡା ବ୍ଲକ ସଭାପତି ଶିବ ଖରା, ମାଥିଲି ବ୍ଲକ ସଭାପତି ଶିବ ପରିଚ୍ଛ, ସହିତ ବିକ୍ରମ ସ୍ୱାଇଁ, ଶିବ ପ୍ରସାଦ ପାତ୍ର, ବିଶ୍ୱଜିତ ନାହାକ, ଆଶିଷ ବେହେରା, ଦୀପଙ୍କର କୀର୍ତ୍ତନିଆ, ସୁରେନ୍ଦ୍ର ହାଲଦା, ନରତୋଷ ବାଲା, ବିଦ୍ୟୁତ ବୈରାଗୀ, ସୌରଭ ମଣ୍ଡଳ, ରାହୁଲ ଗୋଲଦାର ପ୍ରମୁଖ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ନୂତନ କର୍ମକର୍ତ୍ତା ଚୟନ ପରେ ସଭାପତି ପ୍ରଦୀପ ମହାରଣା କହିଥିଲେ। କୋରୁକୋଣ୍ଡା ଏବଂ ବାଲିମେଳା ସାମ୍ବାଦିକ ସଂଘରେ ଏକ ନୂତନ ଗୃହ ନିର୍ମାଣ କରିବା ସହିତ ସଂଘକୁ ସୁଦୃଢ଼ କରିବା ପାଇଁ ଆମେ ସମସ୍ତେ ପ୍ରୟାସ କରିବୁ। ଏହି କାର୍ଯ୍ୟକ୍ରମକୁ ସଂଘର ଯୁଗ୍ମ ସମ୍ପାଦକ ଶିବଦତ୍ତ ସାହୁ ସଫଳତାର ସହିତ ପରିଚାଳନା କରିଥିଲେ।

# ମାଥିଲି ଗୁଳିକାଣ୍ଡ ସମ୍ପର୍କରେ ତଥ୍ୟ ପ୍ରଦାନ କଲେ ସମାଜସେବୀ



ମାଥିଲି, ୨୨।୮(ସମିସ): ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲି ବିଜୁ ପଟ୍ଟନାୟକ ମହା ବିଦ୍ୟାଳୟର +୨, +୩ ଛାତ୍ର ଛାତ୍ରୀଙ୍କୁ ସମାଜସେବୀ ଏମ୍‌ଡି ଆକବାର ମାଥିଲି ଗୁଳିକାଣ୍ଡ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ମାଥିଲି ଅଞ୍ଚଳର ବନବାସୀ ସମାଜର ବହୁ ସ୍ୱାଧୀନତା ସଂଗ୍ରାମୀ ସହିଦ ଲକ୍ଷ୍ମନ ନାୟକଙ୍କ ନେତୃତ୍ୱରେ ୧୯୪୨ ଅଗଷ୍ଟ ୨୧ ଶୁକ୍ରବାର ଦିନ ଦେଶ ସ୍ୱାଧୀନତା ନିମନ୍ତେ ଭାରତ ଛାଡ଼ ଆନ୍ଦୋଳନ କରିବା ସମୟରେ ମାଥିଲି ବ୍ରିଟିଶ ପୋଲିସ ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ଲାଠି ଚାଳନା ସହ ଗୁଳି ଚାଳନା କରିଥିଲେ। ଦେଶ ମୁକ୍ତି ନିମନ୍ତେ କେତେକ ସ୍ୱାଧୀନତା ସଂଗ୍ରାମୀ ବ୍ରିଟିଶ ପୋଲିସ ଗୁଳିରେ ସହିଦ ହୋଇଗଲେ। ଆଉ ବହୁତ ସଂଗ୍ରାମୀ ଜେଲ ଦଣ୍ଡ ଭୋଗୁଥିଲେ। ଦେଶ ପ୍ରେମୀ ଲକ୍ଷ୍ମଣ ନାୟକଙ୍କୁ ବ୍ରିଟିଶ ପୁଲିସ ମିଛ ହତ୍ୟା କେଶ ଲଗାଇ ୧୯୪୩ ମାର୍ଚ୍ଚ ୨୯ ତାରିଖରେ ବ୍ରହ୍ମପୁର ଜେଲରେ ଫାଶୀ ଦେଇଥିଲେ। ଆମେ ଭାରତବାସୀ ସେମାନଙ୍କର ତ୍ୟାଗ, ଦେଶପ୍ରେମ ବଳିଦାନକୁ କେବେ ଭୁଲି ପରିବା ନାହି ବୋଲି ସେ ପ୍ରକାଶ କରିଥିଲେ। ମାଥିଲି ଗୁଳି କାଣ୍ଡ ଦିବସ ପାଳନ ଅବସରରେ ସ୍ୱାଧୀନତା ସଂଗ୍ରମୀ ଓ ସହିଦ ମାନଙ୍କୁ ଅନୁଷ୍ଠାନର ଅଧକ୍ଷ ଓ ଅନ୍ୟ ମାନେ ଭକ୍ତି ପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଭତ୍ତା ବନ୍ଦ ହେବାରୁ ବିଡିଓଙ୍କ ଦ୍ୱାରସ୍ଥ ହେଲେ ଦୁଇ ଦିବ୍ୟାଙ୍ଗ

ପୋଡ଼ାଗଡ ୨୨।୮(ସମିସ):



ସମସ୍ତ ସରକାରୀ ଅନୁଷ୍ଠାନମାନଙ୍କରେ ଆଧାର କାର୍ଡ ବାଧ୍ୟତାମୂଳକ ହୋଇଛି। ଯାହାର ଆଧାର କାର୍ଡ ନାହିଁ, ତାକୁ ସରକାରୀ ସୁବିଧା ମିଳୁନି। ଏଭଳି ଦୁଇ ଜଣ ଦିବ୍ୟାଙ୍ଗ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇ ଭତ୍ତା ଟଙ୍କା ବନ୍ଦ ହୋଇଥିବା ନେଇ ଗୁହାରି କରିଛନ୍ତି। ସେମାନେ ହେଲେ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡ଼ାଗଡ ପଞ୍ଚାୟତ ଅଧିନସ୍ଥ, ପରଜା ସୁକୁ ଗାଁର ଉଦ୍ଧବ ମୁଦୁଲି ଏବଂ କମଳା ମୁଦୁଲି। ଉଭୟଙ୍କୁ ଦୀର୍ଘ ବର୍ଷ ଠାରୁ ଦିବ୍ୟାଙ୍ଗ ଭତ୍ତା ଟଙ୍କା ମିଳୁଥିଲା। ବର୍ତ୍ତମାନ ସରକାରଙ୍କ ନିୟମ ଅନୁସାରେ, ଯେଉଁ ମାନଙ୍କ ପାଖରେ ଆଧାର କାର୍ଡ ନ ଥିଲେ, ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ଠାରୁ ଆରମ୍ଭ କରି, ପିଡିଏସ୍ ଚାଉଳ, ଦିବ୍ୟାଙ୍ଗ ଭତ୍ତା, ଭଳି ଅନ୍ୟାନ୍ୟ ସୁବିଧାରେ ରୋକ୍ ଲଗା ଯାଉଛି। ଫଳରେ ଆଧାର କାର୍ଡ ନ ଥିବା ବ୍ୟକ୍ତ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କୁହାଯାଇଛି। ଅନ୍ୟ ପଟେ ଆଧାର କାର୍ଡ ନ ଥିବା ଲୋକ ମାନେ ପୋଷ୍ଟ ଅଫିସ ଠାରୁ ଆରମ୍ଭ କରି ଜନସେବା କେନ୍ଦ୍ର ଠାରେ ଯାଇ, ଆଧାର ଯାଇ ଆଧାର ଫୋଟ ଉଠାଉଛନ୍ତି। କିନ୍ତୁ କୌଣସି କାରଣରୁ ଆଧାର କାର୍ଡ ଆସୁନାହିଁ। ଯାହା ଦ୍ୱାରା ଲୋକ ଦୁର୍ଦ୍ଦଶା ଭୋଗୁ ଥିବା କୁହାଯାଉଛି। କେବଳ ସେତିକି ନୁହେଁ, ଆଜି ଜଣେ ୮୦ ବର୍ଷିଆ ବୃଦ୍ଧ ବର୍ଦ୍ଧିତ ଭତ୍ତା ଟଙ୍କା ପାଇଁ ବିଡ଼ିଓଙ୍କୁ ଗୁହାରି କରିଥିଲେ ବୋଲି ପ୍ରକାଶ କରିଛନ୍ତି। ଏଥିରେ ଲୋକ ମାନେ ଆଧାର କାର୍ଡ କିଭଳି ସୁବିଧାରେ ପାଇ ପାରିବେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

# ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ; ଲୋକେ ହନ୍ତସନ୍ତ



ବୈପାରିଗୁଡା, ୨୨।୮(ସମିସ): ବୈପାରୀଗୁଡା ବ୍ଲକ୍‌ରେ କାର୍ଯ୍ୟରତ ସମସ୍ତ ରାଜସ୍ୱ ଅମଲା କର୍ମଚାରୀ ଛୁଟିରେ ଅଛନ୍ତି। ରାଜ୍ୟ ସଙ୍ଘର ପୂର୍ବ ନିଷ୍ପତ୍ତି ଅନୁସାରେ ଦଶ ଦଫା ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କ ସହିତ ଆଲୋଚନା ବିଫଳ ହେବାରୁ ଏହି ଆନ୍ଦୋଳନ କରିବାକୁ ବାଧ ହେଲୁବୋଲି କର୍ମଚାରୀ ମାନେ କହିଛନ୍ତି। ଯାହାଫଳରେ ସରକାରୀ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବା ସହିତ ସାଧାରଣ ଲୋକ ଦୂର ଦୂରାନ୍ତରୁ ଆସି ହଇରାଣ ହରକତ ହୋଇ ଘରକୁ ଫେରୁଥିବା ଦେଖିବାକୁ ମିଳିଛି। ବୈପାରିଗୁଡା ବ୍ଲକ୍ ଅଧୀନରେ କୋଡିଏ ଗୋଟି ଗ୍ରାମ ପଞ୍ଚାୟତ ରହିଛି। ବିଭିନ୍ନ କାମ ପାଇଁ କିଏ ତ ୮୦ କିଲୋମିଟର ଦୂର ତେନ୍ତୁଳିଗୁମ୍ମାରୁ ଆସି ନିରାଶରେ ଫେରୁଛି ତ ଆଉ କିଏ ବୋଦାପୁଟ ଘାଟି ପାହାଡିଆ ଅଞ୍ଚଳରୁ ଆସି ଫେରୁଛି। ସେଭଳି କିଛିଦିନ ହେବ ଅନେକ ହିତାଧିକାରୀ ନିରାଶ ହୋଇଛନ୍ତି। ଏତେ ଦୂରରୁ ଜନସାଧାରଣ ଗୋଟିଏ କାମ ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଆସି ଖର୍ଚ୍ଚାନ୍ତ ହେବା ସହ ହଟହଟା ମଧ୍ୟ ହେଉଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପ୍ରଶାସନିକ ସ୍ତରରେ ବିକଳ୍ପ ବ୍ୟବସ୍ଥା ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ।

# ଗଞ୍ଜେଇ ଜବତ, ଜଣେ ଗିରଫ



ନନ୍ଦପୁର,୨୨।୮ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ଅବକାରୀ ବିଭାଗ ୫ କିଲୋଗ୍ରାମ୍ ଗଞ୍ଜେଇ ସହିତ ଜଣେ ଯୁବକଙ୍କୁ ଗିରଫ କରିଛି। ସୂଚନା ପ୍ରକାରେ ଆସାମୀ କାନିଷ୍କ ସକାଳୁ ସାଥିରେ ଗଞ୍ଜେଇ ନେଇ ପାଦୁଆରୁ ବାଞ୍ଜାଲାପୁଟ ଷ୍ଟେସନ ଅଭିମୁଖେ ଯାଉଥିବା ବେଳେ ପାଟ୍ରୋଲିଂରେ ଥିବା ଅବକାରୀ ବିଭାଗ ହାତରେ ଧରା ପଡିଥିଲା। ଗିରଫ ହୋଇଥିବା ଆସାମୀ ଜଣକ ହେଲେ ହରିୟାଣାର ସୋନିପତ୍ ଜିଲ୍ଲାର ପଟେଲ ନଗରର କୁମାରପାଳ ସିଂହଙ୍କ ୨୧ ବର୍ଷୀୟ ପୁତ୍ର କନିଷ୍କ ଦାହିଆ। ଜେରା ସମୟରେ ନନ୍ଦପୁର ଅଞ୍ଚଳରେ ଗଞ୍ଜେଇ ଚୋରାଚାଲାଣରେ ପୂର୍ବରୁ ମଧ୍ୟ ସେ ଜଡିତ ଥିବା ସ୍ୱୀକାର କରିଛି ବୋଲି ଓଆଇସି ଅଭୟ ନାୟକ ସୂଚନା ଦେଇଛନ୍ତି। ଘଟଣାର ତଦନ୍ତ ନନ୍ଦପୁର ଆବକାରୀ ଥାନା ପ୍ରଭାରୀ ଅଭୟ କୁମାର ନାୟକଙ୍କ ନେତୃତ୍ୱରେ ଚାଲିଥିବା ବେଳେ ଗିରଫ ଆସାମୀକୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ତରଫରୁ ସୂଚନା ମିଳିଛି।

● ମଦ ଭାଟିରୁ ଡକାୟତି ଘଟଣା

# ୬ ଅଭିଯୁକ୍ତ ଗିରଫ, ବାଇକ୍ ଓ ଟଙ୍କା ଜବତ



ତେନ୍ତୁଳିଖୁଣ୍ଟି,୨୨।୮(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ପୋଲିସକୁ ମିଳଛି ସଫଳତା। ଏକମ୍ବା ସ୍ଥିତ ଏକ ମଦ ଭାଟିରୁ ଲୁଟ ଘଟଣାରେ ପୁଲିସ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଗତ ଜୁନ ମାସ ୧୫ ତାରିଖ ବିଳମ୍ବିତ ରାତିରେ ୭ରୁ ୮ ଜଣ ଡକାୟତ ବିଞ୍ଜିଗୁଡା ସ୍ଥିତ ଏକ ବାହାର ଭାଟି ଶାଖା ମଦ ଦୋକାନ ପରିଚାଳକ ସନ୍ତୋଷ କୁମାରଙ୍କୁ ଆକ୍ରମଣ କରି କୋଡିଏ ହଜାର ଟଙ୍କା ସହିତ ଗୋଟିଏ ପୋକ ମୋବାଇଲ ଲୁଟି ନେଇଥିବା ନେଇ ମଦ ଭାଟି ମାଲିକ ଫୋନ ଯୋଗେ ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀଙ୍କୁ ଖବର ଦେଇଥିଲେ। ଅଭିଯୋଗ ପାଇ ତେନ୍ତୁଳିଖୁଣ୍ଟି ପୋଲିସ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଘଟଣାର ଦୀର୍ଘ ଦୁଇ ମାସ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇ ନବରଙ୍ଗପୁର ଥାନା ବଣିଆ ଗ୍ରାମର ଗୁପ୍ତ ହରିଜନ, ମୋଜେସ ହରିଜନ, ବାଦଲ ହରିଜନ, ରାଜୁ ହରିଜନ,ଘାସୀ ହରିଜନଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୫ ହଜାର ଟଙ୍କା, ଗୋଟିଏ ଛୁରୀ, ଦୁଇଟି ଠେଙ୍ଗା ଏବଂ ତିନୋଟି ବାଇକ୍ ଜବତ କରିଛ। ଗିରଫ ୬ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରଯାଇଥିବା ବେଳେ ଦୁଇ ଅଭିଯୁକ୍ତ ସୁଧୀର ହରିଜନ ଏବଂ ବାବୁ ହରିଜନ ଫେରାର ଥିବା ସୂଚନା ଦେଇଛନ୍ତି ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ପ୍ରଣବ କୁମାର ଟୁଡୁ।

# ସଫେଇ ଓ ସଡ଼କ ସୁରକ୍ଷା ଅଭିଯାନ

କୋରାପୁଟ,୨୨।୮(ସମିସ): ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ କୋରାପୁଟ ପୌର ପରିଷଦ ପକ୍ଷରୁ ସଦର ମହକୁମାରେ ସଫେଇ ଓ ସଡ଼କ ସୁରକ୍ଷା ସଚେତନ ଅଭିଯାନ ଆୟୋଜିତ ହୋଇଛି। ଶୁକ୍ରବାର ସକାଳେ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଉପାଧକ୍ଷା ସବିତା ପଣ୍ଡାଙ୍କ ସହ ସମସ୍ତ କାଉନସିଲର ଏବଂ କର୍ମଚାରୀ ମାନେ ଜଗନ୍ନାଥ ମନ୍ଦିର ଛକ ଠାରୁ ଗୌତମ ନଗର ପର୍ଯ୍ୟନ୍ତ ସଫେଇ ଅଭିଯାନରେ ଝାଡୁ ଧରି ସଫା କରିଥିଲେ। ସେହିପରି ଅପରାହ୍ନରେ କାଉନସିଲର ଓ କର୍ମଚାରୀ ମାନେ ସଡ଼କ ସୁରକ୍ଷା ଅଭିଯାନ ସଂପର୍କିତ ଏକ ରାଲି କରି ମୁଖ୍ୟ ଟ୍ରାଫିକ ଛକକୁ ଆସିଥିଲେ। ଟ୍ରାଫିକ ଛକ ଦେଇ ଯାତାୟାତ କରୁଥିବା ଦୁଇ ଚକିଆ ଯାନ ଚାଳକ ଯେଉଁମାନେ ହେଲମେଟ ପିନ୍ଧି ନ ଥିଲେ । ସେମାନଙ୍କୁ ଅଟକାଇ ଚକଲେଟ୍ ଦେଇ ନିଜ ସୁରକ୍ଷା ନିମନ୍ତେ ହେଲମେଟ ପିନ୍ଧିବାକୁ ସଚେତନ କରାଇଥିଲେ। ଏହି ସଚେତନ କାର୍ଯ୍ୟକ୍ରମରେ ଲୋକମାନେ ନିଶ୍ଚିତ ଭାବେ ସଚେତନ ହୋଇ ହେଲମେଟ ପିନ୍ଧିବେ ବୋଲି କାଉନସିଲର କାଦମ୍ବିନୀ ସେଠୀ ଓ ପ୍ରଫୁଲ୍ଲ କୁମାର ମହାପାତ୍ର ମତ ରଖିଛନ୍ତି। କୋରାପୁଟ ସହରର ପ୍ରତ୍ୟେକ ପରିବାର ଲୋକେ ନିଜ ସାହି ଏବଂ ସହରକୁ ସଫା ସୁତୁରା ରଖିବା ପାଇଁ ସଫେଇ କାର୍ଯ୍ୟକ୍ରମ ମାଧ୍ୟମରେ ଏକ ବାର୍ତ୍ତା ପ୍ରଦାନ କରାଯାଇଛି। ସହରକୁ ସବୁଜ ସୁନ୍ଦର ରଖିବା ପାଇଁ ସମସ୍ତଙ୍କର ସହଯୋଗ ନିହାତି ଜରୁରୀ ଅଟେ ବୋଲି ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରୀପାଠୀ କହିଛନ୍ତି। ଏହି ଦୁଇଟି କାର୍ଯ୍ୟକ୍ରମରେ ପୌର ପରିଷଦର ସମସ୍ତ କାଉନସିଲର, କର୍ମଚାରୀ ଏବଂ ଝାଡୁଦାର ମାନେ ଯୋଗ ଦେଇଥିଲେ।

# ଆବର୍ଜନାବୁହା ଗାଡ଼ି ଉଦ୍‌ଘାଟିତ




ନାରାୟଣପାଟଣା,୨୨।୮(ସମିସ): ଆଜି ସନ୍ଧ୍ୟାରେ ନାରାୟଣପାଟଣା ବ୍ଲକ ପରିସରରେ ପଞ୍ଚାୟତ ତରଫରୁ ଆବର୍ଜନା ବୁହା ଗାଡ଼ିକୁ ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ ପୂଜାର୍ଚ୍ଚନା କରି ଶୁଭ ଉଦ୍‌ଘାଟନ କରିଛନ୍ତି। ବିଡିଓ ବିକ୍ରମ କୁମାର ଦୋରା ଦାୟୀତ୍ୱ ନେବା ପରେ ଗାଁ ସଫେଇ ସହ ସଚେତନ କରେଇଥିଲେ। ପଞ୍ଚାୟତ ଓ ବ୍ଲକ ତରଫରୁ ଏକ ଆବର୍ଜନା ବୁହା ଗାଡ଼ି କ୍ରୟ କରାଯାଇ ଅଣାଯାଇଥିଲା। ଏହି ଗାଡ଼ି ନିତିଦିନ ସକାଳେ ସାହି ସାହି ବୁଲି ବଜାର ହାଟରୁ ଆବର୍ଜନା ବୋହି ଗାଁ ବାହାରେ ଡମ୍ପିୟାର୍ଡରେ ପକାଇବାକୁ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ବିଡିଓ ବିକ୍ରମ କୁମାର ଦୋରା କହିଛନ୍ତି। କାର୍ଯ୍ୟକ୍ରମରେ ସରପଞ୍ଚ ରେବତୀ କୁନ୍ଦାରିଆ, ପିଇଓ ରମେଶ ତୁଳ, ରାଜକୁମାର ସାରଥୀ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## 'ନାନୋ' ଗବେଷଣାରେ କୃତିତ୍ୱ



କ୍ଷୁଦ୍ରାତିକ୍ଷୁଦ୍ର ନାନୋ ସେରାମିକ୍ସ ପଦାର୍ଥର ବିବିଧ ପ୍ରୟୋଗ ତଥା ସମ୍ଭାବ୍ୟ ଉପଯୋଗିତା ସମ୍ବନ୍ଧରେ ଦୀର୍ଘ ଛଅ ବର୍ଷ ଗବେଷଣା କରି ଯୁବ ଗବେଷକ ଅର୍ପିତା ପ୍ରିୟଦର୍ଶିନୀ ଦୀକ୍ଷିତ କିଟ୍ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି. ଡିଗ୍ରୀ ଲାଭ କରିଛନ୍ତି। ତାଙ୍କ ଗବେଷଣା ଭୌତିକ ବିଜ୍ଞାନ ଓ ନାନୋ ପ୍ରଯୁକ୍ତିର ଅଭିନବତାକୁ ପ୍ରସାରିତ କରିଛି। ଏହା ପୂର୍ବରୁ ସେ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ, ସରାଙ୍ଗରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ। ଅର୍ପିତାଙ୍କ ସନ୍ଦର୍ଭଟି କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ ଏସ୍.କେ. ଏସ୍. ପରାଶରଙ୍କ ମାର୍ଗ ଦର୍ଶନରେ ପ୍ରସ୍ତୁତ। ଆଇ.ଆଇ.ଟି., ରୁର୍କିର ପ୍ରଫେସର ରମେଶ ଚନ୍ଦ୍ର ସନ୍ଦର୍ଭର ଉଚ୍ଚ ପ୍ରଶଂସା କରିଛନ୍ତି। ଅର୍ପିତା ନେଦରଲ୍ୟାଣ୍ଡର ମାକ୍ସ ପ୍ଲାଙ୍କ ଇନଷ୍ଟିଚ୍ୟୁଟରେ ସୋସିଆଲ ରୋବଟିକ୍ସ ସମ୍ବନ୍ଧରେ ଗବେଷଣା ଜାରି ରଖିଥିବା ଡ ଚିନ୍ମୟ ମିଶ୍ରଙ୍କ ଧର୍ମପତ୍ନୀ। ପୁରୀରେ ଅବସ୍ଥାନ କରୁଥିବା କବି ତଥା ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ଡ଼ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ର (ପତି)ଙ୍କ ସେ ପୁତ୍ରବଧୂ ତଥା ସୋର ନିକଟସ୍ଥ ଅଙ୍କବ୍ରହ୍ମପୁର ନିବାସୀ ଶ୍ରୀ ମନୋଜ କୁମାର ଦୀକ୍ଷିତ ଓ ଶ୍ରୀମତୀ ଦୀପିକା ଦୀକ୍ଷିତଙ୍କ ଜ୍ୟେଷ୍ଠା କନ୍ୟା। ସ୍ୱଗ୍ରାମର ପ୍ରଥମ ପିଏଚଡ଼ି ହିସାବରେ ସେ ସମସ୍ତଙ୍କ ପ୍ରଶଂସା ଭାଜନ ହେବା ସହ ଯୁବପିଢୀଙ୍କ ନିମନ୍ତେ ପ୍ରେରଣାମୟ ଉଦାହରଣ ସୃଷ୍ଟି କରିଛନ୍ତି। ଭୌତିକ ବିଜ୍ଞାନ କ୍ଷେତ୍ରରେ ନାନୋ ପ୍ରଯୁକ୍ତିର ଅଧ୍ୟୟନ ତଥା ପରିବେଶ ଅନୁକୂଳ ପ୍ରଦୂଷଣ ମୁକ୍ତ ସେରାମିକ୍ସ ଉପାଦାନ ବିକଶିତ କରି ତାହା ସାହାଯ୍ୟରେ ଯନ୍ତାଂଶ ଓ ଉପକରଣ ନିର୍ମାଣ ସମ୍ବନ୍ଧରେ ତାଙ୍କ ଗବେଷଣା ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚିତ ହୋଇଛି।

# ପ୍ରଶାସନ ଶୁଣିଲାନି, ରାସ୍ତା ମରାମତି କଲେ ଗାଁ ଲୋକେ



ପାପଡ଼ାହାଣ୍ଡି,୨୨।୮ (ସମିସ) : ବାରମ୍ବାର ଗୁହାରି ସତ୍ତ୍ୱେ ରାସ୍ତା ନିର୍ମାଣ ପାଇଁ ଶୁଣିଲାନି ପ୍ରଶାସନ। ଦୀର୍ଘ ୨୦ ବର୍ଷ ହେଲା କାଦୁଅ ପଚପଚ ରାସ୍ତାରେ ଯାତାୟାତ କରୁଛନ୍ତି ଲୋକେ। ପକ୍କାରାସ୍ତା ନିର୍ମାଣ ପାଇ ବହୁବାର ପ୍ରଶାସନ ନିକଟରେ ଗୁହାରି କରିଛନ୍ତ। ଗତ କିଛି ତଳେ କାଦୁଅ ପଚପଚ ରାସ୍ତାରେ ଧାନଗଛ ରୋଇ ପ୍ରତିବାଦ ଜଣେଇଲେ। କିନ୍ତୁ କେହି ଦୃଷ୍ଟି ନଦେବାରୁ ବାଧ ହୋଇ ଗ୍ରାମବାସୀ ଆଜି ରାସ୍ତା ମରାମତି କରିଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ଜଟାବାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଟିଙ୍ଗଡ଼ସର ଗ୍ରାମରେ। ପାପଡ଼ାହାଣ୍ଡି ବ୍ଲକ ଅନ୍ତର୍ଗତ ଜଟାବାଲ ଗ୍ରାମପଞ୍ଚାୟତ ଟିଙ୍ଗଡ଼ସର ଗାଁକୁ ପକ୍କା ରାସ୍ତା ନାହିଁ । ଲଗାଣ ବର୍ଷାରେ ମାଟି ରାସ୍ତା କାଦୁଅ ପଚପଚ ହୋଇ ରହିଛି। ଫଳରେ ଗ୍ରାମକୁ କାଦୁଅ ପଚପଚ୍ ରାସ୍ତାରେ ଆମ୍ବୁଲାନ୍ସ ପହଞ୍ଚିପାରୁନି। ଜରୁରୀ ରୋଗୀ କିମ୍ବା ଗର୍ଭବତୀଙ୍କୁ ଚିକିତ୍ସା ପାଇଁ ମେଡିକାଲ ନେବାକୁ ହେଲେ ଖଟିଆରେ ବୋହି ମୁଖ୍ୟରାସ୍ତା ପର୍ଯ୍ୟନ୍ତ ନେବାକୁ ପଡୁଛି ବୋଲି ଗ୍ରାମବାସୀ କହନ୍ତି। ସେହିପରି ଲୋକମାନେ ରାସନ ସାମଗ୍ରୀ, ଭତ୍ତା ପାଇଁ ଯିବାଆସିବାରେ ସମସ୍ୟା ଭୋଗୁଛନ୍ତି। ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବା ସମୟରେ କାଦୁଅ ରାସ୍ତାରେ ଖସିପଡ଼ି ଆହତ ହେଉଛନ୍ତି। ଏନେଇ ଗ୍ରାମବାସୀ ବହୁବାର ପଞ୍ଚାୟତ, ବ୍ଲକ, ବିଧାୟକଙ୍କୁ ନିବେଦନ କରିଛନ୍ତି। କିନ୍ତୁ କେହି ପଦକ୍ଷେପ ଗ୍ରହଣ କଲେ ନାହିଁ। ନିର୍ବାଚନ ଆସିଲେ ପ୍ରତିନିଧିମାନେ ଭୋଟ ହାତେଇବା ପାଇଁ ଗାଁକୁ ଆସି ବିଭିନ୍ନ ପ୍ରତିଶ୍ରୁତି ଦେଇଥାନ୍ତି। ନିର୍ବାଚନ ସରିଗଲେ ଆଉ କାହାରି ଦେଖା ମିଳେନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ ନକଲେ ପଞ୍ଚାୟତ ନିର୍ବାଚନ ବର୍ଜନ କରିବା ସହ କୌଣସି ରାଜନେତା କିମ୍ବା ପ୍ରଶାସନ ଅଧିକାରୀଙ୍କୁ ଗାଁରେ ପୂରାଇ ଦେବୁ ନାହିଁ ବୋଲି କୁହାଯାଇଛି। ଆଜି ଗ୍ରାମବାସୀ ବାଧ୍ୟ ହୋଇ କଦୁଅ ରାସ୍ତାରେ ମେଟାଲ ଓ ମାଟି ପକାଇ ମରାମତି କରିଛନ୍ତି। ଗତ କିଛି ଦିନ ତଳେ ଗ୍ରାମବାସୀ କାଦୁଅ ରାସ୍ତାରେ ଧାନ ଗଛ ରୋଇ ପ୍ରତିବାଦ କରିଥିଲେ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ପ୍ରଶାସନର ନିଦ ଭାଙ୍ଗି ନାହିଁ ବୋଲି ଗ୍ରାମବାସୀ କହିଛନ୍ତ। ପ୍ରତି ଗାଁରେ ରାସ୍ତା ନିର୍ମାଣ ପାଇ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଏଠାରେ ରାସ୍ତା ହୋଇ ପାରୁନଥିବା ପରିତାପର ବିଷୟ ବୋଲି ଗ୍ରାମବାସୀ ପ୍ରକାଶ ବାଘ, ବିଦ୍ୟାଧର ନାୟକ, ତ୍ରିନାଥ ପାଇକ, ଅଭି ଭତରା, ତ୍ରିପତି ଭତରା, ହରେଶ ଭତରା ଭତରା, ଝଡ଼େଶ ଭତରା, ତୁଳାରାମ ପାଙ୍ଗି, ବୁଧଦେବ ପୂଜାରୀ, ଅର୍ଜୁନ ଭତରା, ଦିନବନ୍ଧୁ ପାଙ୍ଗି, ସୋନୁ ପାଙ୍ଗି, ସୀମାଞ୍ଚଳ ମାଝୀ, ବନ୍ଧୁ ଭତରା, ପଦ୍ମା ଭତରା, ଧନେଇ ଭତରା, ସୁବର୍ଣ୍ଣ ଭତରା ଓ ଚନ୍ଦ୍ରମା ଭତରା କହିଛନ୍ତି।

● ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା

# ରାୟଗଡ଼ାର ନିର୍ଝରାଣୀ ପଟ୍ଟନାୟକଙ୍କୁ ସ୍ୱର୍ଣ୍ଣପଦକ




ରାୟଗଡ଼ା,୨୨।୮(ସମିସ): ଓଡିଶା ଯୋଗାସନ ପ୍ରତିଯୋଗିତା ଆସୋସିଏସନ ତରଫରୁ ଷଷ୍ଠତମ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା ଚଳିତ ମାସ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଯୋଗାସନ ପ୍ରତିଯୋଗିତାରେ ବହୁ ପ୍ରତିଯୋଗିତ ଭାଗ ନେଇଥିଲେ। ରାୟଗଡ଼ା ଜିଲ୍ଲା ଯୋଗାସନ ଆସୋସିଏସନ ତରଫରୁ ପ୍ରତିଯୋଗିତାରେ ରାୟଗଡ଼ାରି ନିର୍ଝରାଣୀ ପଟ୍ଟନାୟକ(ଇଜି) ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ପ୍ରତିଯୋଗୀ ସରୋଜ ବିରାକା ରୌପ୍ୟ ଓ ସ୍ୱାଧୀନା ପଣ୍ଡା ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଥିଲେ। ରାୟଗଡ଼ା ଜିଲ୍ଲା ପାଇଁ ଏହା ଏକ ଗୌରବର ବିଷୟ ହୋଇଛି। ଏଥିପାଇଁ ରାୟଗଡା ଯୋଗାସନ ଆସୋସିଏସନର ନୃସିଂହ କୁମାର ବାହିନୀପତିଙ୍କୁ ସମସ୍ତ ସଦସ୍ୟଙ୍କ ସମେତ କୃତି ଅର୍ଜନ କରିଥିବା ପ୍ରତିଯୋଗୀମାନେ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ରକ୍ତତୀର୍ଥର ଆତ୍ମଲିପି’ କାର୍ଯ୍ୟକ୍ରମ




ପାପଡାହାଣ୍ଡି,୨୨।୮ (ସମିସ) : ଭାରତୀୟ ମୁକ୍ତି ସଂଗ୍ରାମରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଅବଦାନ ଚିରସ୍ମରଣୀୟ। ଶହ ଶହ ସଂଗ୍ରାମୀ ବ୍ରିଟିଶ ସରକାରଙ୍କ ସହ ଲଢେଇ କରି ନିଜ ଆତ୍ମ ଉତ୍ସର୍ଗ କରିଥିଲେ। ୧୯୪୨ ମସିହା ଅଗଷ୍ଟ ମାସରେ ମାଥିଲି ଓ ପାପଡାହାଣ୍ଡିରେ ହେଇଥିବା ନର ସଂଘାର ସେହି ସମୟରେ ଭାରତ ଛାଡ ଆନ୍ଦୋଳନକୁ ଦୃଢ କରି ଇଂରେଜ ବିରୋଧରେ ପ୍ରଖରରୁ ଅତି ପ୍ରଖର ଜନଆନ୍ଦୋଳନ ଆରମ୍ଭ ହେଲା। ସେମାନଙ୍କ ସ୍ମୃତିଚାରଣ କରିବା ପାଇଁ ଦେଶିଆ କୁଟୁମ୍ ଆରମ୍ଭ କରିଛି ‘ରକ୍ତତୀର୍ଥର ଆତ୍ମଲିପି’ କାର୍ଯ୍ୟକ୍ରମ। ପାପଡାହାଣ୍ଡି ଶହୀଦ ସ୍ମୃତି ଦିବସ ପାଳନ ଅବସରରେ ସରକାରୀ ଲାଲ୍ ବାହାଦୁର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି ଏହି କାର୍ଯ୍ୟକ୍ରମ। କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ଦୂରଦର୍ଶନର ଜିଲ୍ଲା ପ୍ରତିନିଧି ପ୍ରଭାତୀ ବିଷୋୟୀ ଓ ବିଶିଷ୍ଟ ଅତିଥି ଭାବେ ପାପଡାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସରକାରୀ ଲାଲ୍ ବାହାଦୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଭାରତୀ ବିଷୋୟୀ ଉପସ୍ଥିତ ଥିଲେ। ଦେଶିଆ କୁଟୁମର ସଭାପତି ସାଇମନ ବିଡିକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଂପାଦକ ସବ୍ୟସାଚୀ ବିଷୋୟୀ। ନିଜ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀଙ୍କ ଉପରେ ଅଧିକ ଜାଣି ସେମାନଙ୍କ ପ୍ରତି ଉଚିତ ସମ୍ମାନ ପ୍ରଦର୍ଶନ କରିବା ହେଉଛି ଆମ ଧର୍ମ ଓ କର୍ତ୍ତବ୍ୟ ବୋଲି ଶ୍ରୀ ବେହେରା କହିଥିଲେ। ଇତିହାସରେ ଆମ ମାଟିର ସଂଗ୍ରାମକୁ ଉଚିତ୍ ସମ୍ମାନ ମିଳିନାହିଁ। ତେଣୁ ପିଲାମାନେ ନିଜେ ଯୋଗ୍ୟ ହୁଅ ଓ ନିଜ ମାଟିର ଇତିହାସକୁ ନିଜେ ଲେଖ ବୋଲି ମୁଖ୍ୟ ଆଲୋଚିକା ଆହ୍ୱାନ ଦେବା ସହ ପାପଡାହାଣ୍ଡିର ସ୍ୱାଧୀନତା ସଂଗ୍ରାମ ଉପରେ ବିଶେଷ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାରତୀ ବିଷୋୟୀ ନିଜ ଦେଶର ମୁକ୍ତି ପାଇଁ ନିଜ ଜୀବନ ଦେଇଥିବା ସଂଗ୍ରାମୀଙ୍କୁ ଉଚିତ୍ ସମ୍ମାନ ଦେବା ସହ ଏହି ଦେଶର ସୁନାଗରିକ ହେବା ପାଇଁ କହିଥିଲେ। ଶେଷରେ ସାଇମନ ବିଡିକା ଯୋଗ୍ୟ ମାଟିର ଯୋଗ୍ୟ ସନ୍ତାନ ହେବା ଆମ ପରମ କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

## ୟୁରିଆ ପାଇଁ ଚାଷୀଙ୍କ ଭିଡ଼

# ଜଣକ ପିଛା ମାତ୍ର ୨ ପ୍ୟାକେଟ୍ ସାର



### ଫାଇଦା ନେଉଛନ୍ତି କଳାବଜାରୀ

ଜୟପୁର,୨୨।୮(ସମିସ): କୋରାପୁଟ ଜିଲ୍ଲାରେ ୟୁରିଆ ଯଥେଷ୍ଟ ପରିମାଣରେ ରହିଥିଲେ ସୁଦ୍ଧା ସରକାର ଏବଂ ପ୍ରଶାସନର କିଛି ଅଜବନୀତି ଯୋଗୁଁ କଳାବଜାରୀ ମାନଙ୍କୁ ସୁଯୋଗ ସୃଷ୍ଟି କରିଛି। କୃଷି ବିଭାଗ ସୂଚନା ଅନୁଯାୟୀ କୋରାପୁଟ ଜିଲ୍ଲାକୁ ଆବଶ୍ୟକ ଅନୁଯାୟୀ ୟୁରିଆ ଆସୁଛି। ଏଥିରେ କୌଣସି ସମସ୍ୟା ନଥିବା ନେଇ ଦାବି କରାଯାଉଛି। କିନ୍ତୁ ୟୁରିଆ ପାଇଁ ବିଭିନ୍ନ ଖୁଚୁରା ସାର ଦୋକାନ, ସମବାୟ ସଂସ୍ଥା, ବିକ୍ରୟ କେନ୍ଦ୍ର, ଲ୍ୟାମ୍ପ ଗୁଡିକରେ ପ୍ରବଳ ଭୀଡ ଦେଖିବାକୁ ମିଳିଛି। କେବଳ ଭୋଟର ଆଧାରକାର୍ଡର ଜେରକ୍ସକୁ ନେଇ ୯୦ କିଲୋ ଅର୍ଥାତ ୨ ପ୍ୟାକେଟ ୟୁରିଆ ପ୍ରଦାନ କରାଯାଉଛି। ଏହାର ସୁଯୋଗ ନେଇ କିଛି କଳାବଜାରୀ କିଛି ଲୋକଙ୍କୁ ନେଇ ଠିଆ କରାଇ ଆଧାର କାର୍ଡ ଜେରକ୍ସ ବଦଳରେ ୨ଟି ପ୍ୟାକେଟ ନେଉଛନ୍ତି। ଦୁଇଟି ପ୍ୟାକେଟ ୟୁରିଆ ସହ ଅନ୍ୟାନ୍ୟ କାଟନାଶ ଔଷଧ ବିକ୍ରି ବାବଦକୁ ୬ ଶହ ଟଙ୍କା ନିଆଯାଉଥିବା ବେଳେ ଏହାକୁ କଳାବଜାରୀ କରାଯାଇ ୟୁରିଆ ପ୍ୟାକେଟ ପିଛା ୫୦୦ ଟଙ୍କାରୁ ୬୦୦ଟଙ୍କା ବିକ୍ରି କରାଯାଉଛି। ମୁଖ୍ୟତଃ ଧାନ ଚାଷ ପାଇଁ ୟୁରିଆ ରିହାତିରେ ସରକାରଙ୍କ ପକ୍ଷରୁ ଚାଷୀ ମାନଙ୍କୁ ପ୍ରଦାନ କରାଯାଉଥିବା ବେଳେ ଏହାକୁ କିଛି କଳାବଜାରୀ ମକା ଚାଷୀ ମାନଙ୍କୁ ବିକ୍ରି ପାଇଁ ନେଉଛନ୍ତି ଏବଂ ଚଢା ଦରରେ ବିକ୍ରି କରୁଛନ୍ତି। ଜିଲ୍ଲାର ବିଭିନ୍ନ ସରକାରୀ ଜମି, ଜଙ୍ଗଲ ଜମିରେ କିଛି ଅସାଧୁ ବ୍ୟକ୍ତି ମାନେ ମକା ଚାଷ କରୁଥିବା ଯୋଗୁଁ ଏହିପରି ୟୁରିଆ ସାରକୁ ଚଢା ଦରରେ କ୍ରୟ କରିବା ସହ ଏକ କୃତ୍ରିମ ସମସ୍ୟା ସୃଷ୍ଟି କରୁଛନ୍ତି। ତେଣୁ ଚାଷୀ ମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇ କେବଳ ଚାଷୀ ମାନଙ୍କୁ ୟୁରିଆ ବିକ୍ରିନେଇ ବ୍ୟବସ୍ଥା କରିବାକୁ ଚାଷୀ ମାନେ ଦାବି କରିଛନ୍ତି। ନଚେତ ଏହିପରି ଭୀଡ ବିଭିନ୍ନ ୟୁରିଆ ସାର ବିକ୍ରି କେନ୍ଦ୍ରରେ ଲାଗି ରହିବା ସହ ପ୍ରକୃତ ଚାଷୀ ୟୁରିଆ ପାଇବା ବଦଳରେ କଳାବଜାରୀ ମାନେ ଲାଭବାନ ହେବେ ବୋଲି ଅଭିଯୋଗ କରାଯାଇଛି। ଗତ ଅଗଷ୍ଟ ମାସ ପହିଲା ଠାରୁ କେବଳ ଜୟପୁର ଆଞ୍ଚଳିକ ସମବାୟ ବଜାର ସମିତି ମାସରେ ୧୨୮.୨୫ ମାଟ୍ରିକ ଟନ୍ ୟୁରିଆ ବିକ୍ରି ନିମନ୍ତେ ଆସିଥିବା ବେଳେ ପୂର୍ବରୁ ୪୯.୯୯୫ ମ୍ୟାଟ୍ରିକ ଟନ୍ ଗଚ୍ଛିତ ରହିଥିଲା। ସମୁଦାୟ ୧୭୮.୨୪ ମାଟ୍ରିକ୍ ଟନ୍ ମଧ୍ୟରୁ ବର୍ତ୍ତମାନ ୧୬୯.୨୪ ମାଟ୍ରିକ୍ ଟନ ବିକ୍ରି କରାଯାଇଛି ଏବଂ ୯ ମାଟ୍ରିକ୍ ଆଜି ସୁଦ୍ଧା ଗଚ୍ଛିତ ରହିଛି। କୋରାପୁଟ ଜିଲ୍ଲାକୁ ବର୍ତ୍ତମାନ ସୁଦ୍ଧା ୧ହଜାର ୬ଶହରୁ ଅଧିକ ମାଟ୍ରିକ ଟନ୍ ବର୍ତ୍ତମାନ ସୁଦ୍ଧା ପହଞ୍ଚିଥିବା ବେଳେ ସମୁଦାୟ ୧ ହଜାର ୮୦୦ ମାଟ୍ରିକ ଟନ୍ ନେଇ ଲକ୍ଷ୍ୟଧାର୍ଯ୍ୟ ରହିଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଜିଲ୍ଲାରେ ୟୁରିଆ ଅଭାବ ରହିବ ନାହିଁ। ସମସ୍ତ ଚାଷୀ ସାର ପାଇପାରିବେ ବୋଲି କହିଛନ୍ତି।

# ରାଜସ୍ୱ ଅମଲା ସଂଘର ଆନ୍ଦୋଳନକୁ ରବି ନନ୍ଦଙ୍କ ସମର୍ଥନ



କୋରାପୁଟ,୨୨।୮ (ସମିସ): ବିଭିନ୍ନ ଦାବି ପୂରଣ ପାଇଁ ରାଜସ୍ୱ ଅମଲା ସଂଘ ଦୁଇ ସପ୍ତାହ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖି ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଧାରଣାରେ ବସିଛନ୍ତି। ଅମଲା ସଂଘ ଆନ୍ଦୋଳନକୁ ବିଭିନ୍ନ ସଂଗଠନ ଏବଂ ରାଜନୈତିକ ଦଳ ସମର୍ଥନ କରୁଥିବା ବେଳେ ବରିଷ୍ଠ ବିଜେଡି ନେତା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଶୁକ୍ରବାର ଆନ୍ଦୋଳନ ସ୍ଥାନରେ ପହଞ୍ଚି ସମର୍ଥନ ଜଣାଇଛନ୍ତି। ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ସହ ବିଜେଡ଼ି ନେତା ଓ କର୍ମୀ ରାଜସ୍ୱ ଅମଲା ସଂଘ ଧାରଣା ସ୍ଥଳକୁ ଯାଇ ଅମଲା ମାନଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ସରକାର ତୁରନ୍ତ ରାଜସ୍ୱ ଅମଲା ସଂଘର ନ୍ୟାର୍ଯ୍ୟ ଦାବିକୁ ଗ୍ରହଣ କରନ୍ତୁ ବୋଲି ବ୍ୟକ୍ତବ୍ୟ ଦେବା ସହ ରାଜ୍ୟ ସରକାର କାହିଁକି ଆଲୋଚନା କରି ସମାଧାନ କରୁ ନାହାନ୍ତି ବୋଲି ଶ୍ରୀ ନନ୍ଦ ପ୍ରଶ୍ନ କରିଛନ୍ତି। ଆଜିକୁ ୧୨ ଦିନ ଧରି ଆନ୍ଦୋଳନ ଚାଲିଥିବାରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାମ ଠପ୍ ହୋଇଯାଇଛି। ତଥାପି ସରକାର ଆଲୋଚନା ନକରିବା ଆଶ୍ଚର୍ଯ୍ୟର କଥା ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ। ରାଜସ୍ୱ ଅମଲା ମାନେ କାର୍ଯ୍ୟବନ୍ଦ କରିଥିବାରୁ ଦୂରଦୂରାନ୍ତରୁ ବିଭିନ୍ନ କାର୍ଯ୍ୟ ନେଇ ଜିଲ୍ଲା ସଦର ମହକୁମାକୁ ଆସୁଥିବା ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ପୋଡ଼ାଗଡ. ୨୨।୮(ସମିସ): କୋରାପୁଟ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ମସ୍ତିପୁଟ ପଞ୍ଚାୟତର ବଣ୍ଡାଗୁଡା ଗାଁରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଖେଳରେ ୩୫ଟି ଦଳ ଭାଗ ନେଇଥିଲେ। ବୋଣ୍ଡାଗୁଡା ଯୁବକ ଆସୋସିଏସନ୍ ଦ୍ୱାରା ଖେଳଟି ଆୟୋଜନ କରାଯାଇଥିଲା। ଖେଳରେ ମୁଖ୍ୟ ଅତିଥି ଭାବେ ବିଧାୟକ ଲକ୍ଷ୍ମୀପୁର ପବିତ୍ର ସାଉଁନ୍ତା ଏବଂ କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝୀ, ଯୁବ ବିଜେଡି ନେତା ସୁବାଷ ସାଗର ସଂସଦ ପ୍ରତିନିଧି ବାବୁଲା ବେନ୍ୟା, ଲକ୍ଷ୍ମୀପୁର ସଂସଦ ପ୍ରତିନିଧି କୈଳାସ ଚନ୍ଦ୍ର ଖୋସଲା, ଯୁବ ନେତା ମଣ୍ଟୀ ଖରା, ଯୁବ ନେତା ରମେଶ ଖରା, ସିନ୍ଧୁ କୁଲଦୀପ ଏବଂ ଗ୍ରାମର ବହୁ ଲୋକ ଯୋଗଦେଇ ଖେଳକୁ ସାଫଲ୍ୟମଣ୍ଡିତ କରିଥିଲେ। ଶେଷ ଖେଳ ଦୁଇ ଗୋଷ୍ଠୀ ମଧ୍ୟରେ ଖେଳା ଯାଇଥିଲା। ଡେଞ୍ଜର ଏଲେଭେନ୍ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବଡ଼ଚିନ୍ଦ୍ରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଖେଳ ଗତ ୧୮ ତାରିଖରୁ ଆରମ୍ଭ ହୋଇ ୨୨ ତାରିଖ ପର୍ଯ୍ୟନ୍ତ ଚାଲିଥିଲା।

## ● ପୋଖରୀରେ ବୁଡ଼ି ମା’ ଝିଅଙ୍କ ମୃତ୍ୟୁ ଘଟଣା

# ଗୋଟିଏ ଜୁଇରେ ଜଳିଲେ ମା’ଝିଅ

ନନ୍ଦପୁର,୨୨।୮ (ସମିସ): ପୋଖରୀରେ ବୁଡ଼ି ପ୍ରାଣ ହରାଇଥିବା ମା’ ଓ ଝିଅଙ୍କୁ ଅଶ୍ରୁଳ ବିଦାୟ ଦେଇଛନ୍ତି ହରଗଣ୍ଡା ଗ୍ରାମବାସୀ। କୁଣିଆ ହୋଇ ଯାଇ ଶବ ହୋଇ ଫେରିଲେ ମା’ଝିଅ। ଶୁକ୍ରବାର ହରଗଣ୍ଡା ଶ୍ମଶାନରେ ଅନ୍ତ୍ୟେଷ୍ଟି କ୍ରିୟା ଶେଷ ହୋଇଛି। ଗୋଟିଏ ଜୁଇରେ ମା’ ଝିଅଙ୍କ ଶବ ସଂସ୍କାର ହୋଇଛି। ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଡିଲାପୁଟ ଗ୍ରାମର ବିବାହିତ ନମିତା ମାଝୀ ତାଙ୍କ ଝିଅ ସୁମିତ୍ରା ମାଝୀଙ୍କୁ ସାଥିରେ ନେଇ ବାପ ଘର କୁମ୍ଭାର ଗନ୍ଧନା ପଞ୍ଚାୟତର ବାଲିଆ ଗୁଡାକୁ ଆସିଥିଲେ। ଗତ ଗୁରୁବାର ଦିନ ସ୍ଥାନୀୟ ପୋଖରୀରେ ଗାଧୋଉଥିବା ବେଳେ ଝିଅ ସୁମିତ୍ରା ମାଝୀ ଗଭୀର ପାଣି ମଧ୍ୟରେ ଫସି ଯିବାରୁ ଝିଅକୁ ଉଦ୍ଧାର କରିବାକୁ ଯାଇ ମା’ନମିତା ମାଝୀ ମଧ୍ୟ ଗଭୀର ପାଣିରେ ବୁଡି ପ୍ରାଣ ହରାଇଥିଲେ।

# ମହାବଳ ବାଘ ଫଟୋ ଭାଇରାଲ, ଜଙ୍ଗଲ ବିଭାଗର ତଦନ୍ତ

କୋଷାଗୁମୁଡା,୨୨।୮ (ସମିସ): ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକର ଏକୋରି ଓ ନୂନପାଣି ଛକ ଉପରେ ଏକ ମହାବଳ ବାଘ ଚାଲିଯାଉଥିବା ଫୋଟ ଓ ଭିଡିଓ ସକାଳ ୮ଟା ୪୦ସମୟରେ ସୋସିଆଲ ମିଡ଼ିଆ ରେ ଭାଇରଲ ହୋଇଥିଲା। ପୁଣି ଏକ ଫଟୋ କିଛି ଘଣ୍ଟା ପରେ ସେହି ଏକା ସ୍ଥାନରେ ଦୁଇଟି ମହାବଳ ବାଘ ସାମ୍ନା ସାମ୍ନି ଭାବରେ ଚାଲୁଥିବା ଏକ ଫୋଟ ଭାଇରଲ ହୋଇଥିଲା। ଇରଲ ମହାବଳ ବାଘର ଫୋଟ ଏବଂ ଭିଡିଓକୁ ଦେଖି ଅଞ୍ଚଳର ଜନସାଧାରଣଙ୍କ ଭିତରେ କୋକୁଆ ଭୟ ଖେଳିଯାଇଛି। ମହାବଳର ପାଦ ଚିହ୍ନ ମଧ୍ୟ ଭାଇରାଲ ହୋଇଛି। ଏହି ଭାଇରାଲ ଫୋଟକୁ ଦେଖି କୋଡ଼ିଙ୍ଗା ବନ ଅଧିକାରୀ ତଥା ରେଞ୍ଜର ପୂର୍ଣଚନ୍ଦ୍ର ନନ୍ଦ ଓ ତାଙ୍କ ଟିମ ସଦଳବଳେ ସକାଳ ୧୦ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଅନୁସନ୍ଧାନ କରିଥିଲେ। ଖବର ପ୍ରେରଣ ସମୟ ମଧ୍ୟରେ ମଧ୍ୟ ବନବିଭାଗ ଅଧିକାରୀ ସବଳେ ଉକ୍ତ ଏକୋରି ଗ୍ରାମର ଛକ ଅଞ୍ଚଳ ରେ ଅନୁସନ୍ଧାନ ଜାରି ରଖୁଥିବା ଜଣାପଡ଼ିଛି। ରେଞ୍ଜର ଶ୍ରୀ ନନ୍ଦଙ୍କ ସୂଚନା ପ୍ରକାରେ ଏହି ଭାଇରାଲ ଫଟୋର ସତ୍ୟତା ଜାଣିବା ପାଇଁ ମଙ୍ଗଳବାର ସକାଳେ ପ୍ରାୟ ୯ଟାରେ ସେମାନେ ପାଦରେ ଚାଲି ଚାଲି ଜଙ୍ଗଲ ଭିତରେ ଅନୁସନ୍ଧାନ ଜାରୀ ରଖିଥିଲେ। ହେଲେ କୌଣସି ପ୍ରକାର ବାଘ ଉପସ୍ଥିତ ବିଷୟରେ ତଥ୍ୟ ସନ୍ଧ୍ୟା ୭ଟା ସୁଦ୍ଧା ମିଳି ନଥିଲା। ଶୁକ୍ରବାର ରାତିରେ ମଧ୍ୟ ଅନୁସନ୍ଧାନ ଜାରି ରହିବ ବୋଲି ସେ କହିଛନ୍ତି। ତେବେ ଫଟୋରେ କେତେଦୂର ସତ୍ୟତା ରହିଛି ଏବଂ ଏହାକୁ କିଏ ଭାଇରାଲ କରିଛି ସେ ନେଇ ତଦନ୍ତ କରିବାକୁ ଦାବି ହେଉଛି। ଛତିଶଗଡ଼ର ଘଞ୍ଚ ଜଙ୍ଗଲରୁ ଏଠାକୁ ବାଘ ଆସିବା ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ ବୋଲି ଲୋକେ କହୁଛନ୍ତି।

# ଜଳବାୟୁ ପରିବର୍ତ୍ତନରେ ପଞ୍ଚାୟତର ଭୂମିକା ତାଲିମ ଶିବିର



ମାଲକାନଗିରି, ୨୨।୮(ସମିସ): ଗୋଷ୍ଠୀ ଆଧାରିତ ଜଳ ପରିଚାଳନା ଓ ସ୍ୱଚ୍ଛତା ମାଧ୍ୟମରେ ଗ୍ରାମୀଣ ସମୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ଅନୁକୂଳନରେ ଗ୍ରାମ ପଞ୍ଚାୟତର ଭୂମିକା ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲାରେ ତିନି ଦିନିଆ ପ୍ରଶିକ୍ଷକଙ୍କ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଜିଲ୍ଲା ପରିଷଦ ତତ୍ତ୍ୱାବଧାନରେ ଚଳିତ ମାସ ୧୯ ତାରିଖ ରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ପ୍ରଶିକ୍ଷଣର ଉଦଯାପନୀ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବରଙ୍କ ସମେତ ସମ୍ମାନିତ ଅତିଥି ଭାବରେ ଏପିଡି ରାମଚନ୍ଦ୍ର ଖଡ଼ିଆ, ଅନ୍ୟତମ ଅତିଥି ଭାବରେ ଆରଜିଏସଏ ଡିପିଏମ ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୋର୍ଗ୍ରାମ୍ ମ୍ୟାନେଜର ହିମାଂଶୁ ଭୁଷଣ ମହାରଣା ଶିବିରର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ବିସ୍ତୃତ ଭାବେ ଉପସ୍ଥିତ ପ୍ରଶିକ୍ଷାର୍ଥିଙ୍କୁ ଅବଗତ କରାଇଥିଲେ। ତାଲିମ୍ ଶିବିରରେ ଜିଲ୍ଲା ଏବଂ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ପ୍ରଶିକ୍ଷାର୍ଥିଙ୍କୁ ଗୋଷ୍ଠୀ ଆଧାରିତ ଜଳ ପରିଚାଳନା ଓ ସ୍ୱଚ୍ଛତା ମାଧ୍ୟମରେ ଗ୍ରାମୀଣ ସମୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ଅନୁକୂଳନରେ ଗ୍ରାମ ପଞ୍ଚାୟତ ର ଭୂମିକା ଉଦ୍ଦେଶ୍ୟରେ ବିଶେଷ ତାଲିମ ଦିଆଯାଇଥିଲା। ଶିବିରରେ ତାଲିମ୍ ଦାତା ଭାବରେ ସୋମନାଥ ମହାନ୍ତି, ସଦାନନ୍ଦ ତାଡିଙ୍ଗି, ସମୀର ଶବର, ପ୍ରତ୍ୟୁଷ ମହାନନ୍ଦ, ପ୍ରେରଣାଦାୟୀ ଏବଂ ତଥ୍ୟ ମୂଳକ ତାଲିମ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ ଓ ସୁସଂଘଟିତ ଭାବେ ପରିଚାଳନା କରିବାରେ ବିନାଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଏନ.ଅହଲ୍ୟା, ବିଶ୍ୱନାଥ ମଣ୍ଡଳ, ରାଜକୁମାର ଦୁରୁଆ, ନିପିନ୍ଦ୍ର ଦୂରୁଆ ଓ ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସାଧନ କେନ୍ଦ୍ରର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ନାରାୟଣପାଟଣା ଗସ୍ତ

# କାଳିଆମାଳି ପାହାଡ଼ ନୂଆ ରୂପ ପାଇବ: ଜିଲ୍ଲାପାଳ



ନାରାୟଣପାଟଣା,୨୨।୮ (ସମିସ): କୋରାପୁଟ ଜିଲ୍ଲାପାଳ ମନୋଜ୍ ସତ୍ୟବାନ ମହାଜନ ଦିନିକିଆ ନାରାୟଣପାଟଣା ବ୍ଲକ ଗସ୍ତ କରିଛନ୍ତି। ଦାମନଯୋଡି ଦେଇ ବିଜାଘାଟି ପଞ୍ଚାୟତରେ ହେଉଥିବା ମେଗା ପାନୀୟଜଳ ପ୍ରକଳ୍ପର ସେ ସମୀକ୍ଷା କରିଥିଲେ। ପ୍ରଥମ ଅବଧୀ ସରିଯାଇଥିବା ବେଳେ କାମ ୩୦ ପ୍ରତିଶତ ହୋଇଥିବା ଦେଖି ଠିକା ସଂସ୍ଥା ଉପରେ ବିଗିଡ଼ି ଥିଲେ। ଅସନ୍ତୋଷ ପ୍ରକାଶ କରି ତୁରନ୍ତ କାମ ବର୍ଷେ ଭିତରେ ସାରିବାକୁ ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ପର୍ଯ୍ୟଟନ ସ୍ଥଳୀ କାଳିଆମାଳି ପାହାଡ ଯାଇ ସେଠାରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଦେଖି ବିମୋହିତ ହୋଇଥିଲେ। ସବୁଜ ପାହାଡ଼ ମଝିରେ ପାଣି, ଚାରିପଟେ ସବୁଜ ପାହାଡର ପ୍ରାକୃତିକ ମନଲୋଭା ପାହାଡ଼ର ଚାରିପଟେ ବୁଲି ଦେଖିଥିଲେ। ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି କାଳିଆମାଳି ପାହାଡର ଉନ୍ନତି, ବିକାଶ , ବେକାର ଯୁବକ ଆତ୍ମନିର୍ଭରଶୀଳ ପାଇଁ ଆଲୋଚନା କରିଥିଲେ। ରାତ୍ରୀ ରହଣୀ କଟେଜ, ଫିଲ୍ମ ସୁଟିଙ୍ଗ ସହ ପର୍ଯ୍ୟଟକ ପ୍ରତିଦିନ ଏଠାକୁ ଆସି ମନୋରଂଜନ କରନ୍ତି। ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ହଜାର ହଜାର ପର୍ଯ୍ୟଟକ ଏଠାକୁ ସୁଅ ଛୁଟୁଥିବା କହିଥିଲେ। ପର୍ଯ୍ୟଟନ ସ୍ଥଳୀ ପାଇଁ ସରକାରଙ୍କ ତରଫରୁ ବ୍ୟାପକ ପଦକ୍ଷେପ ନିଆଯାଇଥିବା ବେଳେ ଏହାର ଏକ ରୋଡମ୍ୟାପ ତିଆରି କରାଯାଇଛି। ଭିତ୍ତିଭୂମି ବିକାଶ ହେବ ପର୍ଯ୍ୟଟନ ସ୍ଥଳୀ ପାଇଁ ଆବଶ୍ୟକୀୟ ପଦକ୍ଷେପ ପ୍ରଶାସନ ପକ୍ଷରୁ ନିଆଯାଉଥିବା କହିଥିଲେ। ପରେ ଜିଲ୍ଲାପାଳ ଅଧିକାରୀଙ୍କ ସହ ବିକ୍ରମପୁର ନୂତନ ପୋଲର ଆଗ୍ରଗତିର ସମୀକ୍ଷା କରିଥିଲେ। ନାରାୟଣପାଟଣାରୁ ତଳଗୁମାଣ୍ଡି ପଞ୍ଚାୟତକୁ ହେଉଥିବା ନୂତନ ରାସ୍ତାର ଘାଟି କଟିଙ୍ଗ ଠିକ୍ ଢଙ୍ଗରେ ହେଉନଥିବା ନେଇ ପଞ୍ଚାୟତବାସୀ ଅଭିଯୋଗ କରିଥିଲେ। ବିଭାଗୀୟ ଅଧିକାରୀ ଗ୍ରାମବାସୀଙ୍କ କହିବାନୁସାରେ ପାହାଡ କାଟିଥିଲେ ଭଲ ରାସ୍ତା ହୋଇଥାନ୍ତା। ବର୍ତ୍ତମାନ ଯେଉଁ ପ୍ରକାରେ ପାହାଡ଼ କଟାଯାଇ ରାସ୍ତା ହେଉଛି, ତାହା ସୁରକ୍ଷିତ ନୁହେଁ ବୋଲି ଅଭିଯୋଗ କରିଥିଲେ। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିକୁ ଦେଖି ରାସ୍ତା ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। ପରେ ଜିଲ୍ଲାପାଳ ସରକାରୀ ହାଇସ୍କୁଲ ଯାଇ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇଥିଲେ। ସ୍କୁଲର ଭିତ୍ତିଭୂମି, ଶିକ୍ଷକ ଅଭାବ ,ଶିକ୍ଷାଦାନ, ଶ୍ରେଣୀଗୃହର ବିଷୟବସ୍ତୁ ବିଷୟରେ ଆଲୋଚନା କରିଥିଲେ। ନୂତନ ଜିଲ୍ଲାପାଳ ଆସିଥିବା ଛାଣି କିଛି ଗ୍ରାମବାସୀ ନିଜ ନିଜ ଗାଁର ସମସ୍ୟା ବଖାଣିଥିଲେ। ଯେଉଁଥିରେ ଠିକା ସଂସ୍ଥା ଏନ୍‌ବିସିସି ଟାଙ୍ଗଣିପଦର ଗାଁକୁ ଯେଉଁ ରାସ୍ତା କରିଛି ତାହା ବର୍ଷାରେ ଧୋଇଗଲାଣି। ହିଲଟପ୍ ମାଇନ୍‌ରୁ ରଙ୍ଗପାଣି ଗାଁକୁ ପକ୍କା ରାସ୍ତା କରିବାକୁ ଗ୍ରାମବାସୀ ଅନୁରୋଧ କରିଥିଲେ। ଜିଲ୍ଲାପାଳଙ୍କ ଗସ୍ତ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ବିଡିଓ ବିକ୍ରମ କୁମାର ଦୋରା, ତହସିଲଦାର ପ୍ରଭାତୀ ଝଡିଆ, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ସଂଜୟ ସୀ, ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପ ସହକାରୀ ଯନ୍ତ୍ରୀ ବିଜୟ କୁମାର ବେହେରା , ସହକାରୀ ଯନ୍ତ୍ରୀ ଶୁଶାନ୍ତ କୁମାର ମହାଲିକ, ସରପଞ୍ଚ ପିଲିବ ଶିରିକା, ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ପିଇଓ କର୍କରା, ଯନ୍ତ୍ରୀ ଶ୍ରାବଣୀ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

# ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ

କୋରୁକୋଣ୍ଡା, ୨୨।୮(ସମିସ): ମାଲକାନଗିରି ଜିଲ୍ଲା କୋରକୁଣ୍ଡା ବ୍ଲକ ଅନ୍ତର୍ଗତ ମାତ୍ରିୱକ୍ଷଡକ୍ଷ ଗ୍ରାମ ପଞ୍ଚାୟତ ଅଧିନସ୍ଥ ଏମ. ପି. ଭି. ୧୮(ବି) ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ବନ ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ମଧ୍ୟ ସହଯୋଗ କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ବାଲିମେଲା ବନବିଭାଗ ଏସିଏଫ ପ୍ରିୟଙ୍କା ମହୁକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅସିତ ମିସ୍ତ୍ରୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥି ଗଣ ଉପସ୍ଥିତ ଛାତ୍ରଛାତ୍ରୀ, ଗ୍ରାମବାସୀ, ମହିଳା ମାନଙ୍କୁ ବୃକ୍ଷ ରୋପଣର ଉପକାରିତା ସମ୍ବନ୍ଧରେ ସଚେତନ କରାଇଥିଲେ। ବନବିଭାଗ ତରଫରୁ ବିଦ୍ୟାଳୟ ପରିସରରେ ୫୦ରୁ ଉର୍ଦ୍ଧ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀପକ ସରକାର, ଗ୍ରାମ୍ୟ କମିଟି ସଭାପତି ବିଜୟ ମଲ୍ଲିକ, ୱାର୍ଡ ମେମ୍ବର ୱାଗା ପୂଜାରୀ, ବିଦ୍ୟାଳୟ ସହକାରୀ ଶିକ୍ଷକ ରାମା ପୂଜାରୀ,ଏମ. ଭି.୨୫ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରୀନା ମଣ୍ଡଳ, ସହକାରୀ ଶିକ୍ଷୟିତ୍ରୀ ସଂଗୀତା ନାୟକ,ରାଖାଲଗୁଡା ଉ.ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିବପ୍ରସାଦ ସାମନ୍ତରାୟ, ଏମ. ଭି. ୨୪ ଉ.ପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମା ପଡିଆମୀ ପ୍ରମୁଖ ବିଦ୍ୟାଳୟ ପରିସରମଧ୍ୟରେ ଗୋଟିଏ ଗୋଟିଏ ଚାରା ରୋପଣ କରିଥିଲେ। ସିଆରସିସି ଉତ୍ତମ ସମଦ୍ଦାର ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍‌ଏସି ଘୋଷଣା ଦାବି

# ନାଗରିକ ମଞ୍ଚର ୧୨ ଘଣ୍ଟିଆ ବୋରିଗୁମ୍ମା ବନ୍ଦ



### କଂଗ୍ରେସ ଓ ବିଜେଡିର ସମର୍ଥନ

ବୋରିଗୁମ୍ମା, ୨୨।୮ (ସମିସ): ବୋରିଗୁମ୍ମା ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) ଘୋଷଣା ଦାବି କରି ବୋରିଗୁମ୍ମା ନାଗରିକ ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଆଜି ସକାଳ ୬ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ ସହ ଗାଡି ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ବୋରିଗୁମ୍ମା ବନ୍ଦକୁ କଂଗ୍ରେସ ଓ ବିଜେଡି ସମ୍ପୂର୍ଣ୍ଣ ସମର୍ଥନ କରିଛନ୍ତି। ରାଜ୍ୟର ଏକ ବୃହତ୍ ବ୍ଲକ ଭାବେ ବୋରିଗୁମ୍ମା ପରିଚିତ। ବିଭିନ୍ନ ଦୃଷ୍ଟିକୋଣରୁ ବୋରିଗୁମ୍ମା ଏନ୍‌ଏସି ପାଇଁ ସମସ୍ତ ମାପଦଣ୍ଡ ଥାଇ ସୁଦ୍ଧା ଏପର୍ଯ୍ୟନ୍ତ ବୋରିଗୁମ୍ମା ଏନଏସି ଘୋଷଣା ହୋଇପାରିନାହିଁ। ବର୍ତ୍ତମାନ ମୋହନ ସରକାର ଗତ କିଛି ଦିନ ତଳେ ସାତ ଜିଲ୍ଲାର ୧୨ଟି ଅଞ୍ଚଳକୁ ଏନଏସି ଘୋଷଣା କରିଥିଲେ। କିନ୍ତୁ ଏଥିରେ ବୋରିଗୁମ୍ମା ସହରର ନାଁ ନ ଥିଲା। ଫଳରେ ରାଜନୈତିକ ସ୍ତରରେ ହେଉ ଅବା ପ୍ରଶାସନିକ ସ୍ତରରେ ବୋରିଗୁମ୍ମା ସହରକୁ ଏନଏସି ଘୋଷଣା ସମ୍ପୂର୍ଣ୍ଣ ଭାବେ ଅବହେଳା କରାଯାଇଛି। ଏହାର ଦୃଢ ପ୍ରତିବାଦ କରି ବୋରିଗୁମ୍ମା ନାଗରିକ ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ବୋରିଗୁମ୍ମା ବନ୍ଦ ସମ୍ପୂର୍ଣ୍ଣ ଭାବେ ସଫଳ ହୋଇଥିବା ବେଳେ ବୋରିଗୁମ୍ମା ବିଭିନ୍ନ ସଂଗଠନ ଯଥା ବଣିକ ସଂଘ, ବାର ଏସୋସିଆସନ, ବୋରିଗୁମ୍ମା ପ୍ରେସ କ୍ଲବ, ଟ୍ରକ ମାଲିକ ସଂଘ, ବିଭିନ୍ନ ମନ୍ଦିର ପରିଚାଳନା କମିଟି, ନୀଳମାଧବ ଡ୍ରାଇଭର ସଂଘ, ଓଡିଶା ଡ୍ରାଇଭର ମହାସଂଘ, ମିସ୍ତ୍ରୀ ସଂଘ ଭଳି ଅନେକ ସଙ୍ଗଠନ ବୋରିଗୁମ୍ମା ବନ୍ଦ ଡାକରାକୁ ସମର୍ଥନ ଦେଇଥିଲେ। ତେବେ ବୋରିଗୁମ୍ମା ବନ୍ଦ ଡାକରା ପୂର୍ବରୁ ବିଭିନ୍ନ ରାଜନୈତିକ ଦଳ ବୋରିଗୁମ୍ମା ଏନଏସି ପ୍ରସଙ୍ଗ ନେଇ ବିଭିନ୍ନ ମନ୍ତବ୍ୟ ରଖିଥିଲେ। କିନ୍ତୁ କାହା ମନ୍ତବ୍ୟ କାହା ସହିତ ତାଳମେଳ ଖାଉ ନାହିଁ। ଫଳରେ ସବୁ କିଛି ଥାଇ ଏପର୍ଯ୍ୟନ୍ତ ବୋରିଗୁମ୍ମା ଏନଏସି ଘୋଷଣା ହୋଇପାରୁ ନାହିଁ। ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ବୋରିଗୁମ୍ମା ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଅତିରିକ୍ତ ତହସିଲଦାର ବୋଇନା ସତୀଶ କୁମାର ଓ ଏସ୍ଡିପିଓ ସତ୍ୟବ୍ରତ ଲେଙ୍କାକୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ବୈପାରୀଗୁଡ଼ା,୨୨।୮ (ସମିସ): ବୈପାରୀଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜି ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାତ୍ରୀଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ ଶିବିରରେ ବ୍ଲକ୍ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରୁ ବ୍ଲକ ଉପାଧକ୍ଷା ପୂର୍ଣ୍ଣିମା ବାରିକ, ବିଡ଼ିଓ ଶକ୍ତି ମହାପାତ୍ର, କୋଟପାଡ଼ ବିଧାୟକ ପ୍ରତିନିଧି ଚିଏଚ ପ୍ରଭାକର ରାଓ, ସରପଞ୍ଚ ସୂର୍ଯ୍ୟମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଭିନ୍ନକ୍ଷମ ମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟ କ୍ଷେତ୍ରରେ ମୋଟ ୫୬୨ ଜଣ ଆବେଦନକାରୀଙ୍କ ପରୀକ୍ଷା କରାଯାଇଛ। ଅସ୍ଥିଶଲ୍ୟ ବିଭଗରେ ୨୪୩ ଜଣ ରୋଗୀ, କର୍ଣ୍ଣ, ନାସା ଓ ଗଳା ରୋଗୀ ୮୬ ଜଣ, ମାନସିକ ରୋଗୀ ୮୨ ଜଣ, ଦୃଷ୍ଟି ବ୍ୟାଧିତ ୯୩ ଜଣ ରୋଗୀ ଓ ସିକିଲସେଲ ରୋଗୀ ୫୮ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ବ୍ଲକର କୋଣ ଅନୁକୋଣରୁ ଭିନ୍ନକ୍ଷମ ଚିହ୍ନଟ ଓ ସେମାନଙ୍କ ବସ୍ ପାସ, ବିଭିନ୍ନ ଉପକରଣ ସାମଗ୍ରୀ, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଋଣ ସମ୍ବନ୍ଧୀୟ ବ୍ୟତୀତ ସରକାରଙ୍କ ଠାରୁ ରହିଥିବା ସୁବିଧା ସୁଯୋଗ ପ୍ରଦାନ କରି ଉତ୍ସାହିତ କରାଯାଇଥିଲା। ଏହି ଭିନ୍ନକ୍ଷମ ମାନେ ଅନେକେ ସରକାରୀ ସୁବିଧାରୁ ବଞ୍ଚିତ ରହୁଥିବା ଶିବିରରେ ନଜର ରହିଥିବା ବେଳେ ତାଙ୍କର ସବୁ କିଛି ସୁବିଧା ପ୍ରଦାନ କରାଯିବ ବୋଲି ଅଧିକାରୀ ମାନେ ମତ ପ୍ରକାଶ କରିଥିଲେ। ଶିବିରରେ ଭିନ୍ନକ୍ଷମ ମାନଙ୍କ ବିଭିନ୍ନ ଅସୁବିଧାକୁ ପରୀକ୍ଷା ନିରୀକ୍ଷା କରିବା ପାଇଁ ଜିଲ୍ଲାସ୍ତରରୁ ୬ଜଣ ଡାକ୍ତର ନିଯୁକ୍ତ ହୋଇଥିଲେ। ଏହି ଶିବିରରେ ଅଙ୍ଗନବାଡି କର୍ମୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା, ବ୍ଲକ୍ କର୍ମଚାରୀ, ସହିଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଫ୍ରେଣ୍ଡସ୍ ୟୁନିଟ କ୍ଲବ ସ୍ୱେଚ୍ଛାସେବୀ ଯଶୋଦା ମାଝୀ ଏବଂ କିଶୋର ଗଦବା ପ୍ରମୁଖ ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ସରଳତାରେ ହିଁ ସତ୍ୟ ଲୁଚି ରହିଥାଏ।
-ନିଉଟନ୍

## ଓଡ଼ିଶାରେ ଗାଲିୟମ ଆଶା

ନିକଟରେ କେନ୍ଦ୍ର କ୍ୟାବିନେଟ ୪ଟି ସେମିକଣ୍ଡକ୍ଟର ୟୁନିଟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେଥିମଧ୍ୟରୁ ଓଡ଼ିଶାରେ ଦୁଇଟି ୟୁନିଟ ପ୍ରତିଷ୍ଠା ହେବ। ଅନ୍ୟ ଦୁଇଟି ଆନ୍ଧ୍ର ଓ ପଞ୍ଜାବକୁ ମିଳିଛି। ଏଥିଲାଗି ସରକାର ୪୫୯୪ କୋଟି ଟଙ୍କା ବିନିଯୋଗ କରିବେ। ସମୟର ଆବଶ୍ୟକତା ଓ ଚାହିଦା ଦୃଷ୍ଟିରୁ ସେମିକଣ୍ଡକ୍ଟରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଆତ୍ମନିର୍ଭରଶୀଳ ଭାରତ ଯୋଜନାରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ବ୍ରିଟେନର କ୍ଲାସ-ସିକ ୱାଫେର ଫାବ୍ ଲିମିଟେଡ ସହ ମିଳିତ ଉଦ୍ୟମରେ ସିକ୍ସେମ୍ ପ୍ରାଇଭେଟ ଲିମିଟେଡ ଓଡ଼ିଶାର ଏଡି ପ୍ରକଳ୍ପ ହାତକୁ ନେଇଛି। ଏହା ସିଲିକନ କାର୍ବାଇଡ ଉପକରଣ ଉତ୍ପାଦନ କରିବ। ସଂପୂର୍ଣ୍ଣ ବ୍ୟବସାୟିକ ଆଭିମୁଖ୍ୟ ରଖି ପ୍ରକଳ୍ପ ହାତକୁ ନିଆଯାଇଛି। ଭୁବନେଶ୍ୱରସ୍ଥ ଇନଫୋସିସ ଭ୍ୟାଲିକୁ ହିଁ ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଚିହ୍ନଟ କରାଯାଇଛି। ୪ଟି ସେମକଣ୍ଡକ୍ଟର ପ୍ରକଳ୍ପ ମଧ୍ୟରୁ ଓଡ଼ିଶାକୁ କାହିଁକି ଦୁଇଟି ମିଳିଛି ଏଭଳି ଏକ ପ୍ରଶ୍ନ ମନରେ ଉଙ୍କି ମାରିପାରେ। ଏଥିଲାଗି ଆବଶ୍ୟକ ଓ ଉପଯୋଗୀ ବିରଳ ଗାଲିୟମ୍ ଧାତବ ଆସନ୍ତା ୨ବର୍ଷ ମଧ୍ୟରେ ଓଡ଼ିଶାରୁ ଉତ୍ପାଦିତ ହେବ। ଏଥିଲାଗି ନୂଆ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ନାଲକୋ ଦାମନଯୋଡ଼ିରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିସାରିଛି। ସମଗ୍ର ଦେଶରେ ପ୍ରଥମ କରି ଗାଲିୟମ ଓଡ଼ିଶା ହିଁ ଉତ୍ପାଦନ କରିବାକୁ ଯାଉଛି। ଏହାକୁ କେବଳ ଏକ ସଂଯୋଗ କହିଲେ ଠିକ ହେବ ନାହିଁ। ପରସ୍ପର ଉପରେ ନିର୍ଭରଶୀଳ ଏହି ଦୁଇଟି ପ୍ରକଳ୍ପ ପାଇଁ ଯଥେଷ୍ଟ ପୂର୍ବରୁ କ୍ଷେତ୍ର ପ୍ରସ୍ତୁତ କରାଯାଇଛି।

ଦେଶରେ ୧୦ଟି ସେମିକଣ୍ଡକ୍ଟର ପ୍ରକଳ୍ପ ପ୍ରତିଷ୍ଠା କରି ବିଶ୍ୱରେ ନିଜର ପ୍ରାଧାନ୍ୟ ଜାହିର କରିବାକୁ ଭାରତ ସରକାର ଯେଉଁ ପ୍ରୟାସ ଆରମ୍ଭ କରିଛନ୍ତି ତାହାକୁ ରୋକିବା ସକାଶେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଗୁଆ ୩ଶହ ପ୍ରତିଶତ ଶୁଳ୍କ ଲାଗୁ କରିବାର ଯେଉଁ ଇଙ୍ଗିତ ଦେଇଛନ୍ତି ତାହା ଯେ ଅର୍ଥହୀନ ଓ ଅବାସ୍ତବ ଏକଥା ବୁଝିବାକୁ ବାକି ନାହିଁ। ତାଙ୍କର ଏହି ନାଲି ଆଖିରେ ଭାରତର ସେମିକଣ୍ଡକ୍ଟର ପ୍ରକଳ୍ପ ଯେ ବନ୍ଦ ହୋଇଯିବ ଏକଥା ନୁହେଁ। ଆମେରିକାକୁ ବାଦଦେଲେ ମଧ୍ୟ ଭାରତ ପାଇଁ ବିଶ୍ୱରେ ସେମିକଣ୍ଡକ୍ଟରର ବଜାରର ଅଭାବ ନାହିଁ। ଯେମିତି ଚୀନର ବିରଳ ମୃତ୍ତିକାକୁ ବାଦଦେଲେ ଆମେରିକାର ଏକାଧିକ ପ୍ରକଳ୍ପ କାର୍ଯ୍ୟ କ୍ଷମତା ହରାଇବ। ସେଥିସକାଶେ ଟ୍ରମ୍ପ ଚୀନ୍ ସହ ସାଲିସ କରିବାର ବାଧ୍ୟବାଧକତା ରହିଛି। ନାଲକୋର ଗାଲିୟମ ଧାତବ ଉତ୍ପାଦନ କ୍ଷମତାର ମଧ୍ୟ ସୁଦୂରପ୍ରସାରୀ ପ୍ରଭାବ ରହିଛି। ଏହା କେବଳ ସେମିକଣ୍ଡକ୍ଟର ନୁହେଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଇଲୋକ୍ଟୋନିକ ସାମଗ୍ରୀ, ଲେନ୍ସ, ଲେଜର ଓ ମେଡିକାଲ ଇମେଜିଂ ଭଳି ଆବଶ୍ୟକତା ମେଣ୍ଟାଇବାକୁ ସମର୍ଥ। ଏଭଳି ଉପଯୋଗୀ ବିରଳ ଧାତବ ସାମଗ୍ରୀ ଉତ୍ପାଦନ କରି ନବରତ୍ନ ରାଷ୍ଟ୍ରୀୟ ଉଦ୍ୟୋଗ ସ୍ତରରୁ ଉର୍ଦ୍ଧ୍ୱରେ ନିଜର ସ୍ଥିତି ଜାହିର କରିବାକୁ ଯାଉଛି ନାଲକୋ।

ନାଲକୋ ମଙ୍ଗଳବାର ବିରଳ ଧାତବ ସାମଗ୍ରୀ ଗାଲିୟମ ଉତ୍ପାଦନ ସଂପର୍କରେ ସୂଚନା ଦେଇ କହିଛି ଯେ ଏହି ପ୍ରକଳ୍ପ ଏଥିମଧ୍ୟରେ ବେଶ ଅଗ୍ରଗତି ହାସଲ କରିସାରିଛି ଏବଂ ଯେତେଦୂର ସମ୍ଭବ ଆସନ୍ତା ଦୁଇବର୍ଷ ମଧ୍ୟରେ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିବ। ଭାବା ଆଣବିକ ଗବେଷଣା କେନ୍ଦ୍ର (ବାର୍କ) ଓ ଭାରି ଜଳ ବୋର୍ଡ(ଏଚ୍‌ଡବ୍ଲୁବି) ଏବଂ ଗବେଷଣା ଓ ଉନ୍ନୟନ ସଂସ୍ଥା ସହଯୋଗରେ ନାଲକୋ ଗାଲିୟମ ଧାତବ ନିଷ୍କାସନ ଏବଂ ଭାରିଜଳର ଅଣ ଆଣବିକ ପ୍ରୟୋଗ ନେଇ ଜାରି ରଖିଥିବା ଗବେଷଣାର ସୁଫଳ ମିଳିଛି। ବକ୍ସାଇଟରୁ ଆଲୁମିନା ଉତ୍ପାଦନର ଉପଜାତ ଦ୍ରବ୍ୟ ରୂପେ ଗାଲିୟମ ଧାତବ ସଂଗ୍ରହ କରାଯାପାରିବ। ଏଦିଗରେ ନିଜସ୍ୱ ଜ୍ଞାନକୌଶଳ ଉପଯୋଗ କରାଯାଉଛି। କୋରାପୁଟର ଦାମନଯୋଡ଼ିରେ ଥିବା ଆଲୁମିନା ରିଫାଇନାରୀ ନିକଟରେ ଗାଲିୟମ ଧାତବ ନିଷ୍କାସନ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ବାର୍ଷିକ ୧୫ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ପ୍ଲାଣ୍ଟରୁ ପରୀକ୍ଷାମୂଳକ ଭାବେ ୮/୯ ମାସ କାର୍ଯ୍ୟ ପରେ ଦୁଇବର୍ଷ ମଧ୍ୟରେ ବ୍ୟାବସାୟିକ ଉତ୍ପାଦନ ହେବ। ସୂଚନା ଯୋଗ୍ୟ କି ଏପର୍ଯ୍ୟନ୍ତ ଚୀନ ବିଶ୍ୱବଜାରରେ ଗାଲିୟମ ଯୋଗାଣରେ ପ୍ରାଧାନ୍ୟ ହାସଲ କରିଆସିଥିବା ବେଳେ ଭାରତରେ ଗାଲିୟମ ଧାତବ ଉତ୍ପାଦନ ପାଇଁ ନାଲକୋକୁ ହିଁ ନିରଙ୍କୁଶ ଅଧିକାର ମିଳିଛି।

ନାଲକୋ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ ଆଲୁମିନିୟମ ଉତ୍ପାଦନ ବୃଦ୍ଧି ସକାଶେ ୩୫,୦୦୦ କୋଟି ଟଙ୍କା ନିବେଶର ସୂଚନା ଦେବା ଯେତେ ବଡ଼କଥା ନୁହେଁ, ବିରଳ ଖଣିଜ ସାମଗ୍ରୀ ଓ ମୃତ୍ତିକାର ଉପଯୋଗିତାକୁ ଦୃଷ୍ଟିରେ ରଖି ବିଦେଶରେ ବିପୁଳ ବିନିଯୋଗର ଯେଉଁ ତଥ୍ୟ ପ୍ରଦାନ କରିଛନ୍ତି ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଦେଶର ଅନ୍ୟ ଉପରେ ନିର୍ଭରଶୀଳତା ହ୍ରାସ ଓ ପ୍ରଗତିର ମାର୍ଗକୁ ଗତି ଦେବା ସକାଶେ କେନ୍ଦ୍ର ସରକାରଙ୍କ ପରାମର୍ଶ କ୍ରମେ ଆର୍ଜେଣ୍ଟିନାରେ ୫ଟି ଖଣି ନାଲ୍‌କୋ କିଣିଛି। ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ (କାବିଲ) ସହ ନାଲକୋ ସହଭାଗିତାରେଏହି ପଦକ୍ଷେପ ଗ୍ରହଣ କରିଛି। ସଂସ୍ଥା ଖୁବ୍‌ଶୀଘ୍ର ମାଇନିଂ ଆରମ୍ଭ ସକାଶେ କାର୍ଯ୍ୟ ପରିଚାଳନା ଏଜେନ୍ସି ସହ ଯୋଗାଯୋଗ ରକ୍ଷା କରି ଆବଶ୍ୟକ ପଦକ୍ଷେପ ନେବ। ଯଦି ବ୍ୟବସ୍ଥିତ ଢଙ୍ଗରେ କାମ ଠିକ୍‌ଠାକ୍ ଚାଲେ ତେବେ ୨୦୨୭ ସୁଦ୍ଧା ମାଇନିଂ ଆରମ୍ଭ ହୋଇଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଅଷ୍ଟ୍ରେଲିଆରେ ଲିଥିୟମ ମାଇନର ଅଂଶୀଦାର ହେବ ନାଲକୋ। ବିଦ୍ୟୁତ୍ ଚାଳିତ ଯାନବାହନର ବ୍ୟାଟେରି ପ୍ରସ୍ତୁତି ଓ ଶକ୍ତି ସଞ୍ଚୟ କ୍ଷେତ୍ରରେ ଲିଥିୟମର ଉପଯୋଗିତାକୁ ଦୃଷ୍ଟିରେ ରଖି ନାଲକୋ ଏହି ପଦକ୍ଷେପ ଗ୍ରହଣ କରୁଛି। କାବିଲ ସହଯୋଗରେ ଚିଲିରେ ଅନୁରୂପ ପଦକ୍ଷେପ ଗ୍ରହଣ କରାଯିବାର ସୂଚନା ମଧ୍ୟ ସେ ଦେଇଛନ୍ତି। ଯଦି ଏହି ପ୍ରୟାସ ସଫଳ ହୁଏ ତେବେ ଭାରତର ଅନ୍ୟ ଉପରେ ନିର୍ଭରଶୀଳତା ହ୍ରାସ ପାଇବ।

ଟ୍ରମ୍ପଙ୍କ ୫୦ ପ୍ରତିଶତ ରପ୍ତାନି ଶୁଳ୍କ ବୃଦ୍ଧିର ପ୍ରତିକୂଳ ପ୍ରଭାବ ନାଲକୋର ବର୍ଦ୍ଧିତ ଆଲୁମିନିୟମ ଉତ୍ପାଦନ ଉପରେ ପ୍ରତିଫଳିତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ତେବେ ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ କହିବା କଥା ହେଲା, ବ୍ରିଟେନର ଆବଶ୍ୟକତା ପୂରଣ ପାଇଁ ନାଲକୋ ଆଲୁମିନିୟମ ରପ୍ତାନି କରିପାରିବ। ମୁକ୍ତ ବାଣିଜ୍ୟ ଜୋନ୍ ସୁଯୋଗ ନେଇ ନିଃଶୁଳ୍କ ରାପ୍ତାନିରୁ ସଂସ୍ଥା ଲାଭବାନ ହେବ। ବିଦ୍ୟୁତ୍ ଚାଳିତ ଯାନ ଓ ସୋଲାର ପ୍ୟାନେଲର ବର୍ଦ୍ଧିତ ବଜାର ଦୃଷ୍ଟିରୁ ବ୍ରିଟେନର ଆଲୁମିନିୟମ ଚାହିଦା ବୃଦ୍ଧିପାଇଛି। ସେ ଦୃଷ୍ଟିରୁ ଆମେରିକା ଅପେକ୍ଷା ବ୍ରିଟେନ ବଜାର ଉପରେ ଅଧିକ ପ୍ରାଧାନ୍ୟ ଦିଆଯିବ। ସବୁଠାରୁ ବଡ଼ କଥା ହେଲା, ସମୟରେ ଆବଶ୍ୟକତା ପ୍ରତି ଧ୍ୟାନ ଦେଇ ନାଲକୋ ନିବେଶର ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ କରିବା। ଏହା ନିଶ୍ଚୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

# ମଧ୍ୟବିତ୍ତ ପରିବାରରେ 'ଅର୍ଜୁନଙ୍କ ଦ୍ୱନ୍ଦ୍ୱ'

ଡକ୍ଟର ଅବଶ ପରିଡ଼ା

ମହାଭାରତର ଅର୍ଜୁନ କେବଳ ଜଣେ ପୌରାଣିକ ନାୟକ ନୁହନ୍ତି, ସେ ଏକ ଆଦର୍ଶ। ଭାରତୀୟ ମଧ୍ୟବିତ୍ତ ବର୍ଗର ପ୍ରତ୍ୟେକ ପିତାମାତା ନିଜ ପିଲାକୁ ଅର୍ଜୁନଙ୍କ ଭଳି ଦକ୍ଷ, ସଫଳ ଓ ସ୍ଥିର କରିବାକୁ ଚାହାନ୍ତି। ଅର୍ଜୁନଙ୍କ ସମାନ ମଧ୍ୟବିତ୍ତ ବର୍ଗ ମଧ୍ୟ ପ୍ରତିଯୋଗିତା, ଭୟ ଓ ନୈତିକ ଦ୍ୱନ୍ଦ୍ୱର ଏକ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ। ଯେଉଁଠି ସଫଳତା ହେଉଛି ମୂଲ୍ୟର ଚୂଡ଼ାନ୍ତ ମାପକାଠି। କୁରୁକ୍ଷେତ୍ରରେ ଅର୍ଜୁନଙ୍କ ଦ୍ୱନ୍ଦ୍ୱ ଓ ମଧ୍ୟବିତ୍ତ ଶ୍ରେଣୀର ବିବେକ ସହିତ ହେଉଥିବା ସଂଘର୍ଷର ଅନେକ ସମାନତା ଅଛି। ଶ୍ରୀକୃଷ୍ଣଙ୍କ ଜ୍ଞାନ ଦ୍ୱାରା ଅର୍ଜୁନ ପରିଚାଳିତ ହୋଇ ଧର୍ମର ସ୍ୱଷ୍ଟତା ଓ ଦ୍ୱନ୍ଦ୍ୱର ସମାଧାନ ଆଣିପାରିଥିଲେ। ସେହିପରି ମଧ୍ୟବିତ୍ତ ବର୍ଗ ମଧ୍ୟ ନିଜ ବିବେକ, ସ୍ଥିରତା, କର୍ତ୍ତବ୍ୟ ଓ ନୈତିକ ସନ୍ତୁଳନ ମାଧ୍ୟମରେ ନିଜ ଦ୍ୱନ୍ଦ୍ୱର ସମାଧାନ ଖୋଜୁଛନ୍ତି।

ସଫଳତାର ପରିଭାଷା କ'ଣ ହେବ ତାହା ମଧ୍ୟବିତ୍ତ ଶ୍ରେଣୀ ନିଜେ ସ୍ଥିର କରିଛି। ଆର୍ଥିକ ସ୍ଥିରତା, ସାମାଜିକ ଗତିଶୀଳତା, ସାଂସ୍କୃତିକ ଆକାଂକ୍ଷା ସହ ପରିବାରର ଆଶା ଦ୍ୱାରା ଏହା ଆକୃତିପ୍ରାପ୍ତ। ଏହାମଧ୍ୟରୁ ଆର୍ଥିକ ସ୍ଥିରତା ହେଉଛି ମଧ୍ୟବିତ୍ତ ପରିବାରର ସଫଳତା ମାପିବା ପାଇଁ ସବୁଠାରୁ ଶକ୍ତିଶାଳୀ ଏବଂ ବହୁଳ ଭାବରେ ବ୍ୟବହୃତ ମାନଦଣ୍ଡ। ନିଜସ୍ୱ ଘର, ମାଲିକାନା, ସ୍ଥିର ଆୟ ଏବଂ ପିଲାମାନଙ୍କ ପାଇଁ ଶିକ୍ଷାଗତ ସୁଯୋଗ ହେଉଛି ଆମ ପାଇଁ ଆର୍ଥିକ ସ୍ଥିରତା। କିଛିଦିନ ତଳେ ହୋଇଥିବା ଏକ ସର୍ବେକ୍ଷଣର ତଥ୍ୟ କୁହେ ଯେ ସତୁରି ପ୍ରତିଶତରୁ ଅଧିକ ଭାରତୀୟ ମଧ୍ୟବିତ୍ତ ପରିବାର ବ୍ୟକ୍ତିଗତ କ୍ୟାରିଅର ଅଭିବୃଦ୍ଧି ଅପେକ୍ଷା ପିଲାମାନଙ୍କ ଗୁଣାତ୍ମକ ଶିକ୍ଷାକୁ ସଫଳତାର ମାପକାଠି ବୋଲି ବିବେଚନା କରନ୍ତି। ସେହିପରି ଅକ୍ସଫାମ୍ ଅଧ୍ୟୟନରୁ ଜଣାପଡ଼ିଛି ଯେ ମଧ୍ୟବିତ୍ତ ଶ୍ରେଣୀର ଅଭିଭାବକମାନେ ଅତିରିକ୍ତ କୋଚିଂ, ଘରୋଇ ବିଦ୍ୟାଳୟ ଓ ଡିଜିଟାଲ୍ ଉପକରଣ ଯଥା ମୋବଇଲ, ଟାବଲେଟ, ଲାପଟପରେ ବିନିଯୋଗ କରିବା ପାଇଁ ନିଜର ଅବସର ଏବଂ ସ୍ୱାସ୍ଥ୍ୟ ଖର୍ଚ୍ଚକୁ ହ୍ରାସ କରନ୍ତି। ଏହା ହେଉଛି ଭାରତୀୟ ମଧ୍ୟବିତ୍ତ ଶ୍ରେଣୀର 'ଶିକ୍ଷା-ଚାଳିତ' ସଫଳତାର ଧାରଣାର ଏକ ପ୍ରତିଫଳନ।

ଅପରପକ୍ଷେ, ଆଫ୍ରିକୀୟ ମଧ୍ୟବିତ୍ତ ଶ୍ରେଣୀ ନିମନ୍ତେ ବୃତ୍ତିଗତ ସଫଳତା ହିଁ ସାମାଜିକ ସମ୍ମାନ। 'ଚାକିରି ହରାଇବା' ହେଉଛି ଆଫ୍ରିକୀୟ ମଧ୍ୟବିତ୍ତଙ୍କ ପାଇଁ ସବୁଠାରୁ ବଡ଼ ମାନସିକ ଆଘାତ। ଉଭୟ ଉଦାହରଣ ବିପରୀତ ଲାଗିପାରେ। କିନ୍ତୁ ଏହା ଭିତରେ ଏକ ସାଧାରଣ ଲକ୍ଷ୍ୟ ଅଛି। ତାହା ହେଉଛି ଯେ ଜଣେ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତି ନିଜ ପିତାମାତା ଏବଂ ସମ୍ପ୍ରଦାୟର ପ୍ରତିଷ୍ଠାକୁ ଏହି ସବୁ ଗତିଶୀଳତା ମାଧ୍ୟମରେ ଉନ୍ନତ କରିବାକୁ ଚାହେଁ। ପୃଥିବୀର ସମସ୍ତ ମଧ୍ୟବିତ୍ତ ଶ୍ରେଣୀ ସଫଳତା ହାସଲ ପାଇଁ 'ଅନୁରୂପ' ରଣନୀତି ଅନୁସରଣ କରନ୍ତି। 'ଅନୁରୂପ'ର ଅର୍ଥ ହେଉଛି ଚାକିରି କରିବା ଓ ଚାକିରିରେ କଠିନ ପରିଶ୍ରମ କରିବା, ପିଲାମାନଙ୍କ ଭବିଷ୍ୟତ ପାଇଁ ବିନିଯୋଗ କରିବା ଏବଂ ସାମାଜିକ ଭାବରେ ଗୃହୀତ ସଫଳତାର ମାନଦଣ୍ଡକୁ ପୂରଣ କରିବା। ଏହା ସବୁ ଏକପ୍ରକାରର ପ୍ରତିଯୋଗିତା। ପ୍ରତିଯୋଗିତାରେ ଚାପ ରହିବା ବହୁତ ସ୍ୱାଭାବିକ। ତେଣୁ ଏହି ଚାପରେ ଶିକ୍ଷାଗତ ସଫଳତାର ଅନୁସନ୍ଧାନ ମଧ୍ୟବିତ୍ତ ଶ୍ରେଣୀ ମଧ୍ୟରେ ପ୍ରତିଯୋଗିତାକୁ ତୀବ୍ର କରିଛି। ଭାରତର କୋଚିଂ ଶିଳ୍ପ ଏବଂ ଘରୋଇ ବିଦ୍ୟାଳୟ ବୃଦ୍ଧି ହେଉଛି ଏହାର ଜ୍ୱଳନ୍ତ ଉଦାହରଣ।

ଅନେକ ଅଭିଯୋଗ କରନ୍ତି ଯେ ମଧ୍ୟବିତ୍ତ ବର୍ଗ ସବୁଠାରୁ ସ୍ୱାର୍ଥପର। ଧନୀଙ୍କୁ ସୁବିଧା ଓ ଗରିବଙ୍କୁ ଅତିରିକ୍ତ ଧ୍ୟାନ ଓ ସାହାଯ୍ୟ ମିଳିଲେ ମଧ୍ୟବିତ୍ତ ଶ୍ରେଣୀ ସମାଲୋଚନା କରେ। ସମାଜବିଜ୍ଞାନୀମାନେ ମତରେ ଉପଯୁକ୍ତ ସୁଯୋଗର ଅଭାବ ଓ ସମ୍ବଳର ଅସମାନ ବଣ୍ଟନ ପାଇଁ ମଧ୍ୟବିତ୍ତ ଶ୍ରେଣୀ ସମାଲୋଚକ ହୁଅନ୍ତି। ସାମାଜିକ ବ୍ୟବସ୍ଥାରେ ନିଜ ସ୍ଥାନକୁ ସୁରକ୍ଷିତ ରଖିବା ମଧ୍ୟବିତ୍ତ ବର୍ଗ ପାଇଁ ଏକ ଚିନ୍ତା। ସମ୍ଭବତଃ ସେଥିପାଇଁ, ସଫଳତାକୁ ଏକ ସାଂରଚନିକ ସୁଯୋଗ ଭାବରେ ମଧ୍ୟବିତ୍ତ ଶ୍ରେଣୀ ଦେଖେ। ଆଜି ଭାରତର ଜନସଂଖ୍ୟାରେ ମଧ୍ୟବିତ୍ତ ବର୍ଗର ଅଂଶ ୩୧ ରୁ ୪୧% ମଧ୍ୟରେ ବୋଲି ଅନୁମାନ କରାଯାଉଛି। ନିଯୁକ୍ତି ଦୃଷ୍ଟିରୁ, ଅଧିକାଂଶ ମଧ୍ୟବିତ୍ତ ଶ୍ରେଣୀ ଆନୁଷ୍ଠାନିକ ଘରୋଇ କ୍ଷେତ୍ରରେ ଓ ଦରମାପ୍ରାପ୍ତ ଚାକିରିରେ କାମ କରନ୍ତି। ତେଣୁ ଘରୋଇ ଚାକିରିରେ ଅସୁରକ୍ଷା, ମୁଦ୍ରାସ୍ଫୀତି ଏବଂ ଶିକ୍ଷାରେ ବୃଦ୍ଧି ପାଉଥିବା ଖର୍ଚ୍ଚ ମଧ୍ୟବିତ୍ତ ପରିବାରର ଅନିଶ୍ଚିତତାର ଏକ ପ୍ରଧାନ କାରଣ। ଏହାବ୍ୟତୀତ ଗରିବଶ୍ରେଣୀକୁ ଖସିଯିବାର ଭୟ ମଧ୍ୟବିତ୍ତଙ୍କ ପାଇଁ ଏକ ନିରନ୍ତର ଚାପ।

ଆର୍ଥିକ ଅସୁରକ୍ଷା ଏବଂ ସାମାଜିକ ଉନ୍ନତି ମଧ୍ୟରେ ମଧ୍ୟବିତ୍ତ ଶ୍ରେଣୀ ସନ୍ତୁଳନ ରଖେ। ପୂର୍ବରୁ କୁହାଯାଇଛି ଯେ ମଧ୍ୟବିତ୍ତ ଶ୍ରେଣୀ ନିଜ ପିଲାମାନଙ୍କ ଶିକ୍ଷା ଓ ନିଜସ୍ୱ ଘର କିଣିବାକୁ ପ୍ରାଥମିକତା ଦିଅନ୍ତି। ତେଣୁ ସେମାନେ ଯାହା ସଞ୍ଚୟ କିମ୍ବା ଆୟ କରନ୍ତି ସେଥିମଧ୍ୟରୁ କୋଡ଼ିଏ ପ୍ରତିଶତରୁ ଅଧିକ ପିଲାମାନଙ୍କ ଶିକ୍ଷା ପାଇଁ ଖର୍ଚ୍ଚ କରନ୍ତି ବୋଲି କିଛି ଅଧ୍ୟୟନର ତଥ୍ୟରେ ପ୍ରକାଶ ପାଇଛି। ସେହିପରି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ଘରୋଇ ଆର୍ଥିକ କମିଟି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ମଧ୍ୟବିତ୍ତ ଶ୍ରେଣୀର ୭୭%ରୁ ଅଧିକ ସଞ୍ଚୟ ରିଅଲ ଇଷ୍ଟେଟରେ ନିବେଶ ହୋଇଛି। ଏହି ଦୁଇଟି ଅର୍ଥନୈତିକ ବ୍ୟୟର ଢାଞ୍ଚା ମଧ୍ୟବିତ୍ତ ବର୍ଗର ଅର୍ଥନୈତିକ ସ୍ଥିରତା ଏବଂ ସାମାଜିକ ସ୍ଥିତି ପାଇଁ ଥିବା ଅନ୍ୱେଷଣକୁ ପ୍ରତିଫଳିତ କରେ।

ମଧ୍ୟବିତ୍ତ ବର୍ଗ ଖର୍ଚ୍ଚର ଆଉ ଏକ ଦ୍ୱନ୍ଦ୍ୱପୂର୍ଣ୍ଣ ପାର୍ଶ୍ୱ ଅଛି। ଆଶ୍ଚର୍ଯ୍ୟର କଥା ହେଉଛି, ଘର କିମ୍ବା ପିଲାର ଭବିଷ୍ୟତ ପାଇଁ ସଞ୍ଚୟ କରୁଥିବା ଏହି ଶ୍ରେଣୀ କିନ୍ତୁ ପର୍ବ କିମ୍ବା ବିବାହ ସମୟରେ ବହୁତ ଖର୍ଚ୍ଚ କରନ୍ତି। ଖର୍ଚ୍ଚ କାଟୁଥିବା ମଧ୍ୟବିତ୍ତ ପରିବାର ଅନ୍ୟପଟେ ଆକାଂକ୍ଷୀ ବ୍ୟବହାର ବା ଆକାଂକ୍ଷୀ ଖର୍ଚ୍ଚରେ ମଧ୍ୟ ଲିପ୍ତ। ଉଦାହରଣତଃ, ମଧ୍ୟବିତ୍ତ ପରିବାରର ଖର୍ଚ୍ଚ ଦୁଇଚକିଆ ଯାନ, ସ୍ମାର୍ଟଫୋନ୍ ଓ ସୁନା ଉପରେ ଅସମାନୁପାତିକ। ନିଲସେନର ଏକ ଗ୍ରାହକ ସର୍ଭେ ଦର୍ଶାଉଛି ଯେ ବ୍ରାଣ୍ଡେଡ୍ କପଡ଼ା ଓ ସାମଗ୍ରୀର ଚାହିଦା ମଧ୍ୟ ଏହି ବର୍ଗରେ ବୃଦ୍ଧି ହେଉଛି। ଆର୍ଥିକ ସୀମାବଦ୍ଧତା ସତ୍ତ୍ୱେ ମଧ୍ୟବିତ୍ତ ପରିବାରର ବିବାହ ଓ ଯୌତୁକ ଖର୍ଚ୍ଚ କଥା ନ କହିଲେ ଭଲ। ଓଡ଼ିଶା ଓ ଉତ୍ତର ପ୍ରଦେଶର କେତେକ ଗବେଷଣାରୁ ଜଣାପଡ଼ିଛି ଯେ ମଧ୍ୟବିତ୍ତ ପରିବାରଗୁଡ଼ିକ 'ସମ୍ମାନଜନକ ବିବାହ' ଆୟୋଜନ କରିବା ପାଇଁ ଋଣ ନେଉଛନ୍ତି କିମ୍ବା ସମ୍ପତ୍ତି ବନ୍ଧକ ରଖୁଛନ୍ତି। ସେହିପରି ମଧ୍ୟବିତ୍ତ ପରିବାର ମଧ୍ୟରେ ବ୍ୟକ୍ତିଗତ ଋଣ, ଇଏମ୍‌ଆଇ ଓ କ୍ରେଡିଟ୍ କାର୍ଡ ଉପରେ ନିର୍ଭରଶୀଳତା ବୃଦ୍ଧି ପାଉଛି। ଅନେକ ପେସାଦାର ଯୁବଙ୍କ ଦରମାର ଏକ ବଡ଼ ଅଂଶ ଋଣ ପ୍ରଦାନରେ ଯାଉଛି। ମୋଟ ଉପରେ, ମଧ୍ୟବିତ୍ତ ନିଯୁକ୍ତିପ୍ରାପ୍ତ ଯୁବ ବର୍ଗ 'ଆକାଂକ୍ଷା-ଋଣ ଫାଶ' ରେ କବଳିତ।

କଠିନ ପରିଶ୍ରମ, ଶିକ୍ଷା ଏବଂ ସମ୍ମାନକୁ ମୂଲ୍ୟ ଦେଉଥିବା ମଧ୍ୟବିତ୍ତ ଶ୍ରେଣୀ ସାର୍ବଜନୀନ ଭାବରେ ଦୁର୍ନୀତିକୁ ନିନ୍ଦା କରନ୍ତି। କିନ୍ତୁ ଅଭିଯୋଗ ଏହା ମଧ୍ୟ ହୁଏ ଯେ ବଞ୍ଚିବା, ସୁବିଧା ଏବଂ ଉନ୍ନତି ପାଇଁ ଦୁର୍ନୀତି ଜାଲରେ ଛନ୍ଦି ହୋଇଯାଇଛନ୍ତି ମଧ୍ୟବିତ୍ତ ବର୍ଗ। 'ଚୟନମୂଳକ ନୈତିକତା'ର ଦ୍ୱନ୍ଦ୍ୱରେ ରହୁଥିବା ମଧ୍ୟବିତ୍ତ ଶ୍ରେଣୀ ଗୋଟେପଟେ ରାଜନୀତି ଓ କର୍ପୋରେଟର 'ବଡ଼ ଦୁର୍ନୀତି'କୁ ନିନ୍ଦା କରୁଥିବା ବେଳେ ଅନ୍ୟପଟେ 'ଛୋଟ ଦୁର୍ନୀତି', ଯେପରିକି ସ୍କୁଲ ଓ କଲେଜରେ ନାମଲେଖା, ସରକାରୀ ଅଫିସ ଓ ପଞ୍ଜୀକରଣ କିମ୍ବା ସରକାରୀ ଚାକିରି ନିଯୁକ୍ତି ପାଇଁ ଲାଞ୍ଚ ଦେବାକୁ ସାଧାରଣ ଅଭ୍ୟାସ ଭାବେ ଗ୍ରହଣ କରନ୍ତି। 'ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ଗ୍ଲୋବାଲ୍ କରପସନ୍ ବାରୋମିଟର' ଏକ ରିପୋର୍ଟ ଦର୍ଶାଇଛି ଯେ ବିକାଶଶୀଳ ଦେଶଗୁଡ଼ିକରେ ସର୍ବାଧିକ ଲାଞ୍ଚଦାତା ହେଉଛନ୍ତି ମଧ୍ୟବିତ୍ତଶ୍ରେଣୀ।

ସାର୍ବଜନୀନ ପ୍ରସଙ୍ଗରେ ନୀତିନିୟମକୁ ବଳି ଦେଉଥିବା ମଧ୍ୟବିତ୍ତମାନେ କିନ୍ତୁ ନିଜ ବ୍ୟକ୍ତିଗତ ଜୀବନରେ ସତ୍ୟବାଦୀ, ନୈତିକତା ଓ ସକାରାତ୍ମକ ଚିନ୍ତାଧାରାକୁ ପ୍ରୋତ୍ସାହନ ଦିଅନ୍ତି। ଧନୀଙ୍କ ଭଳି ସମ୍ପତ୍ତି ଏବଂ ଗରିବଙ୍କ ଭଳି ସଂଘର୍ଷ ମଧ୍ୟରେ ଅବସ୍ଥିତ ମଧ୍ୟବିତ୍ତ ଶ୍ରେଣୀର ଏହା ହେଉଛି ଏକ ବୈଶିଷ୍ଟ୍ୟ। 'ପିୟୁ ରିସର୍ଚ୍ଚ ସେଣ୍ଟର'ର ସର୍ବେକ୍ଷଣ ଅନୁଯାୟୀ ଭାରତର ୭୨% ମଧ୍ୟବିତ୍ତ ଶ୍ରେଣୀ ବିଶ୍ୱାସ କରନ୍ତି ଯେ ସମାଜରେ ସମ୍ମାନ ପାଇବା ପାଇଁ 'ସତ୍ୟ ଓ ନୈତିକ ଭାବରେ ବଞ୍ଚିବା' ଅତ୍ୟନ୍ତ ଜରୁରୀ। ପିଲାମାନଙ୍କ ବ୍ୟକ୍ତିଗତ ଆଚରଣରେ ସଚ୍ଚୋଟତାକୁ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ। କିନ୍ତୁ କିଛି ସାମାଜିକ ଗବେଷଣାରେ ଉଲ୍ଲେଖ ଅଛି ଯେ ଘରେ ସତ କହିବାକୁ ପ୍ରୋତ୍ସାହନ ମିଳୁଥିବା ବେଳେ ପ୍ରତିଯୋଗିତାମୂଳକ ପରୀକ୍ଷା କିମ୍ବା ଚାକିରି ସାକ୍ଷାତକାରରେ ସମ୍ପୂର୍ଣ୍ଣ ସତ କହିବାକୁ ମଧ୍ୟବିତ୍ତ ପରିବାର ବାରଣ କରେ।

ଭାରତୀୟ ମଧ୍ୟବିତ୍ତ ଶ୍ରେଣୀର ଏହିସବୁ ଆଲୋଚିତ ସମସ୍ୟା, ଦ୍ୱନ୍ଦ୍ୱ ଓ ସମାଧାନ ହେଉଛି କୁରୁକ୍ଷେତ୍ର ଯୁଦ୍ଧରେ ଅର୍ଜୁନଙ୍କ ଦ୍ୱନ୍ଦ୍ୱ ଓ ସମାଧାନ ଭଳି। ଯେଉଁଠି 'ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ' -ଉଠ, ଲଢ଼ ଓ ଯଶ ପ୍ରାପ୍ତି କର' ହେଉଛି ବଞ୍ଚିବାର ମନ୍ତ୍ର।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ମନ୍ଥର ଜୀବନ

କନକଲତା ପରିଡ଼ା

ଓଡ଼ିଶାର ଅନ୍ୟତମ ପ୍ରାତଃ ସ୍ମରଣୀୟ ସାହିତ୍ୟିକ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ ତାଙ୍କ ଅନ୍ୟତମ ଅନନ୍ୟ ରଚନା 'ବେଗ ହିଁ ଉନ୍ନତିର ଲକ୍ଷଣ'ରେ ଶିଳ୍ପ ବିପ୍ଳବ ପରେ ବିଭିନ୍ନ ଯାନବାହନ ଓ ଯନ୍ତ୍ରପାତିର ବ୍ୟବହାର ଆମ କାର୍ଯ୍ୟ କରିବାର ବେଗବୃଦ୍ଧି କରିବାରୁ କ୍ରମେ ଆମେ କିପରି ଉନ୍ନତ ହେଲୁ ତାହାର ସୂଚନା ଦେଇଛନ୍ତି। ସେହି ସମୟରୁ ଆଜି ମଧ୍ୟରେ ଏସବୁ ବୃଦ୍ଧି ପାଇଛି ଅକଳ୍ପନୀୟ ଭାବେ। ଫଳରେ ଆମର ଜୀବନଶୈଳୀ ହୋଇ ପଡ଼ିଛି ଅତ୍ୟନ୍ତ ଚଞ୍ଚଳ। ଏହାର ଅର୍ଥ ହେଲା ଯେ ଆମେ ସଦାବେଳେ ଚାହୁଁଛୁ କୌଣସି କାମକୁ ଖୁବ୍ ଶୀଘ୍ର ଏବଂ ଯଥାର୍ଥ ଭାବେ ସମାପନ କରିବାକୁ। ସେଥିପାଇଁ ଆମେ ତହିଁରେ ଦେହ ଓ ମନକୁ ନିବିଡ଼ ଭାବେ ନିୟୋଜିତ କରି ରଖୁଛୁ। ଏପରିକି ଆମେ ଆହାର, ନିଦ୍ରା ଓ ବିଶ୍ରାମ ଭୁଲି ଦୀର୍ଘସମୟ ଧରି ସେଥିରେ ଲାଗିଯାଉଛୁ। ତେବେ 'ଅତି ସର୍ବତ୍ର ଗର୍ହିତମ୍' ନ୍ୟାୟରେ ଏହା ଏବେ ସୃଷ୍ଟି କରିବାରେ ଲାଗିଛି ନାନାଦି ସମସ୍ୟା।

ବୈଜ୍ଞାନିକମାନଙ୍କ ମତରେ ଏହା ଫଳରେ ଶାରୀରିକ ଓ ମାନସିକ ଚାପ ବୃଦ୍ଧି ପାଉଛି, ଯାହାକି ନାନାଦି ରୋଗର କାରଣ ହେଉଛି ଏବଂ କାର୍ଯ୍ୟପ୍ରତି ଆମର ଆଗ୍ରହ କ୍ଷୟ ହେବା ସହିତ ଚିନ୍ତା ଶକ୍ତିକୁ ମଧ୍ୟ ବ୍ୟାହତ କରୁଛି। ସେଥିପାଇଁ ଏବେ କୁହାଯାଉଛି ଜୀବନଧାରାକୁ ମନ୍ଥର ଓ ସୁସଂଗତ କରିବା ପାଇଁ। ଏକଥା ମନକୁ ଆସୁଛି ଆଉ ଜଣେ ମହାନ୍ ଇଂରାଜୀ କବି ହେନେରୀ ଡାଭିସ୍‌ଙ୍କ ସୁପ୍ରସିଦ୍ଧ କବିତା 'ହ୍ୱାଟ ଇଜ୍ ଦିସ୍ ଲାଇଫ୍ ଇଫ୍ ଫୁଲ୍ ଅଫ୍ କେୟାର୍'। ଏଥିରେ ସେ ପ୍ରଶ୍ନ କରିଛନ୍ତି ଯେ ବ୍ୟସ୍ତତାଭରା ଜୀବନ ଗୋଟିଏ କି ଜୀବନ, ଯଦି ତହିଁରେ ଗଛତଳେ ଟିକେ ଠିଆହୋଇ ଗୋରୁ ଓ ଛେଳି ମେଣ୍ଢା ଚରୁଥିବାର କିମ୍ବା ଜଙ୍ଗଲ ଦେଇ ଗଲା ବେଳେ ଗୁଣ୍ଡୁଚି ମୂଷା ଘାସ ଭିତରେ ତା' କୋଳିଟିଏ ଲୁଚାଇବାର କିମ୍ବା ନଦନଦୀର ପ୍ରବାହ ଅଥବା ଆକାଶରେ ବିଚ୍ଛୁରିତ ତାରକାମାଳ ଦେଖିବାକୁ ସମୟ ନ ଥାଏ? ପ୍ରକୃତରେ ଏବେ ବୈଜ୍ଞାନିକମାନେ ଏହାର ସତ୍ୟତା ସ୍ୱୀକାର କରୁଛନ୍ତି। ସେମାନେ କହୁଛନ୍ତି ଯେ ସବୁଦୃଷ୍ଟିରୁ ସମସ୍ତଙ୍କ ପାଇଁ ଏବଂ ବିଶେଷକରି ବୟସ୍କମାନଙ୍କ ପାଇଁ ମନ୍ଥର ଜୀବନ ହିଁ ଏକାନ୍ତ ଉପାଦେୟ। ଏହା ଦେଇଥାଏ ଶରୀର ଓ ମନକୁ ଆବଶ୍ୟକ ବିଶ୍ରାମ ମାଧ୍ୟମରେ ସୁସ୍ୱାସ୍ଥ୍ୟ, ଦୀର୍ଘଜୀବନ ଏବଂ ସୃଜନାତ୍ମକ ଚିନ୍ତା ପାଇଁ ଯଥେଷ୍ଟ ସମୟ।

ମନ୍ଥର ଜୀବନର ଅର୍ଥ ନୁହେଁ ଆଳସ୍ୟପରାୟଣତା ଏବଂ ଉତ୍ପାଦନ ହ୍ରାସ କରିବା। ବରଂ ଏହା ହେଉଛି ସୁସଂଗତ ଭାବେ କାର୍ଯ୍ୟ କରି ଉତ୍ପାଦର ପରିମାଣ ଅପେକ୍ଷା ତାହାର ମାନ ପ୍ରତି ସଚେତନ ରହିବା ଏବଂ କୌଣସି ମତେ ଲକ୍ଷ୍ୟଟିଏ ସାଧନ କରିଦେବା ଅପେକ୍ଷା ତାହା ସୁଚାରୁରୂପେ ସଂପାଦନ କରିବା। ପୁନଶ୍ଚ ତହିଁରୁ ଅଧିକ ଅର୍ଥପୂର୍ଣ୍ଣ ଅନୁଭୂତି ଅର୍ଜନ କରିବା। ଲୋକେ ଏବେ ହୃଦୟଙ୍ଗମ କରିବାକୁ ଆରମ୍ଭ କଲେଣି ଯେ ବଢ଼ିବଢ଼ି ଚାଲିଥିବା ବ୍ୟସ୍ତତା, ଅବଶତା, ମାନସିକ ଚାପ ଓ ରୋଗ ବାହିତ ସଂପୃକ୍ତ ଚଞ୍ଚଳ ଜୀବନ ସହନୀୟ ନୁହେଁ କି ସନ୍ତୋଷଜନକ ନୁହେଁ। ଅନ୍ୟପକ୍ଷରେ, ସବୁକାର୍ଯ୍ୟର ଅଗ୍ରାଧିକାର ନିର୍ଦ୍ଦିଷ୍ଟ ରୂପେ ମୂଲ୍ୟାୟନ କରି ତଦନୁଯାୟୀ ତାହା ମନଯୋଗ ସହକାରେ କରିବା ଉଚିତ। ଏହାଦ୍ୱାରା ଇଚ୍ଛା ମୁତାବକ ବଞ୍ଚିବା ଏବଂ ସନ୍ତୋଷଜନକ ତଥା ସାମଗ୍ରିକ ଭାବେ ଦେହ ଓ ମନର ସ୍ୱାସ୍ଥ୍ୟ ଯେପରି ବ୍ୟାହତ ନ ହୁଏ ସେଥିପ୍ରତି ଧ୍ୟାନ ଦେବା।

ମନ୍ଥର ଜୀବନଧାରାକୁ କିପରି ଗ୍ରହଣ କରାଯାଇ ପାରିବ ସେସମ୍ପର୍କରେ କେତେକ ସୂଚନା ଦେଇଛନ୍ତି ଇଂଲଣ୍ଡର ମନୋବିଜ୍ଞାନୀମାନେ। ତହିଁରୁ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଏଠାରେ ଅବତାରଣା କରାଯାଇପାରେ। ୧-କେଉଁ କେଉଁ କାର୍ଯ୍ୟ ତୁମକୁ ଆନନ୍ଦ ଦେଉଛି ଏବଂ ପରିପୂର୍ଣ୍ଣତା ଅନୁଭବ କରାଉଛି ତାହା ଚିହ୍ନଟ କର। ଯଥାସମ୍ଭବ କେବଳ ସେବର କାର୍ଯ୍ୟଗୁଡ଼ିକୁ ହାତକୁ ନେବାକୁ ଚେଷ୍ଟା କର। ୨- ମୋବାଇଲ, ଟିଭି କିମ୍ବା କମ୍ପ୍ୟୁଟର ନିକଟରେ ଅତ୍ୟଧିକ ସମୟ ନ ବିତାଇ ଏହାର ବ୍ୟବହାରକୁ କେବଳ ଆବଶ୍ୟକତା ମଧ୍ୟରେ ସୀମିତ ରଖ। ଅନ୍ୟପକ୍ଷରେ, ବିବିଧ ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମ, ବ୍ୟକ୍ତିଗତ ସମ୍ପର୍କ ପରିବର୍ଦ୍ଧନ, ବାସ୍ତବ ଦୁନିଆ ଓ ନୂତନ ଚିନ୍ତାଧାରାର ବିକାଶ ପାଇଁ ତାହାର ବିନିଯୋଗ କର। ୩- ଭୋଜନ, ପଠନ ଆଦି କାର୍ଯ୍ୟ ମନଧ୍ୟାନ ଦେଇ କର। ସେ ସମୟରେ ଅନ୍ୟ କିଛି ଚିନ୍ତା କରିନାହିଁ। ସେହିପରି ଯୋଗ, ବ୍ୟାୟାମ, ସଂପର୍କୀୟଙ୍କ ସହିତ ବାର୍ତ୍ତାଳାପ, ପ୍ରଭାତ କିମ୍ବା ସାନ୍ଧ୍ୟଭ୍ରମଣ ଆଦି ନିୟମିତ ଭାବେ କର। ୪- ତୁମ କାର୍ଯ୍ୟକଳାପକୁ ନିୟମିତ ଓ ଶୃଙ୍ଖଳିତ କର। ସର୍ବନିମ୍ନ ଆବଶ୍ୟକତା ଏବଂ ମନ୍ଥର ଜୀବନଧାରା ପରସ୍ପର ସହିତ ସଂପୃକ୍ତ। ଏଣୁ ଅଯଥା ଆବଶ୍ୟକତା କିମ୍ବା ଅଙ୍ଗୀକାରବଦ୍ଧତା ସୀମିତ କରିବା ମାଧ୍ୟମରେ ଦୈନନ୍ଦିନ କାର୍ଯ୍ୟକଳାପ ହ୍ରାସ କରି ଶାନ୍ତିରେ ନିଃଶ୍ୱାସ ମାରିବାକୁ ସମୟ ବଞ୍ଚାଅ। ୫- ପ୍ରକୃତି କୋଳରେ ନିୟମିତ କିଛି ସମୟ ବିତାଅ। ତାହା ବଗିଚାରେ ବୁଲିବା ହେଉ, ସେଥିରେ ଥିବା ଗଛଲତାଙ୍କ ଯତ୍ନନେବା ହେଉ କିମ୍ବା ପାହାଡ଼ ପର୍ବତରେ ପରିଭ୍ରମଣ ହେଉ। ଏହାର ଦେହ ଓ ମନ ଉପରେ ବହୁ ସକାରାତ୍ମକ ପ୍ରଭାବ ରହିଛି। ୬- ଯେଉଁ କାର୍ଯ୍ୟଟି କରୁଛ, ତାହା ଯେପରି ତୁମର ଉପଭୋଗ୍ୟ ହୁଏ, ସେଥିପ୍ରତି ଦୃଷ୍ଟି ଦିଅ। ୭- ବିଶ୍ରାମ ଓ ନିଦ୍ରା ସୁସ୍ଥ ଜୀବନ ପାଇଁ ଏକାନ୍ତ ଆବଶ୍ୟକ। ଏଣୁ ଏହା ନିୟମିତ ଯଥେଷ୍ଟ ସମୟ କର। ଏହାକୁ ଆଳସ୍ୟ ବୋଲି ମନେ କରି ଏଥିପାଇଁ ନିଜନକୁ ଦୋଷୀ ବୋଲି ଅନୁଭବ କରନାହିଁ।

ମନ୍ଥର ଜୀବନ ମାନସିକ ଚାପ ଓ ଦୁଶ୍ଚିନ୍ତା ଦୂରକରେ ଏବଂ ସହୃଦୟଶୀଳ ମନୋଭାବର ବିକାଶ ଘଟାଏ। ଏହା ସ୍ମରଣେ କରାଇଦିଏ ଯେ ଜୀବନ ଏକ ଘୋଡ଼ା ଦଉଡ଼ ନୁହେଁ। ବରଂ ମନକୁ ବିକଶିତ କରିବାର ଅନୁଭୂତିଟିଏ। ଏଣୁ ଅଧିକ ସରଳ ଓ ସଚେତନ ଜୀବନଚର୍ଯ୍ୟା ଆପଣାଇ ନେବା ଦ୍ୱାରା ତୁମେ ଦୈନନ୍ଦିନ ଜୀବନରେ ସୁଖ, ଶାନ୍ତି ଓ ପରିପୂର୍ଣ୍ଣତା ଅନୁଭବ କରିପାରିବ। ଅତଏବ ଏହାକୁ ଅନୁସରଣ କରିବା ଆମ ସମସ୍ତଙ୍କ ପାଇଁ ଏବଂ ବିଶେଷକରି ବୟସ୍କମାନଙ୍କ ପାଇଁ ଏକାନ୍ତ ଆବଶ୍ୟକ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

# ପଦ୍ମସମ୍ଭବ, ମନ୍ଦରଭା ଓ ୟେଶେ

ପ୍ରବୀର କୁମାର ପଟ୍ଟନାୟକ

## ଦ୍ୱିତୀୟ-ବୁଦ୍ଧ କଥା

ପୂର୍ବପ୍ରକାଶିତ ଉତ୍ତାରୁ...

ୟେଶେ ସୋଗ୍ୟାଲ୍: ତିବ୍ବତୀୟ କିମ୍ବଦନ୍ତୀ କୁହେ ତିବ୍ବତର ଏକ ଉପତ୍ୟକା ଜଣେ ଜମିଦାର ବା ସର୍ଦ୍ଦାରଙ୍କର ଦୈବୀକୃପାରୁ ଗୋଟିଏ କନ୍ୟାରତ୍ନ ଲାଭ ହୋଇଥିଲା। ଶିଶୁ ଅବସ୍ଥାରେ ଏହି କନ୍ୟା ଅତ୍ୟନ୍ତ ବୁଦ୍ଧିମତୀ ଥିଲେ। ସମସ୍ତପ୍ରକାର ବିଦ୍ୟା ଓ ଶାସ୍ତ୍ରମାନ ଖୁବ୍ ସହଜରେ ଓ ସଙ୍ଗେସଙ୍ଗେ ଆୟତ୍ତ କରିଦେଉଥିଲେ। ଷୋହଳ ବର୍ଷ ବୟସରେ ସେ ତିବ୍ବତର ରାଜା ଖ୍ରୀ-ସ୍ରନ୍‌ଙ୍କର ରାଣୀ ହୋଇଗଲେ। ପଦ୍ମସମ୍ଭବ ତିବ୍ବତ ଆସିବା ପରେ ତାଙ୍କ ଦ୍ୱାରା ଦୀକ୍ଷିତ ହୋଇ ଶିଷ୍ୟା ହୋଇଗଲେ। ୟେଶେଙ୍କର ସ୍ମୃତିଶକ୍ତି ଅତ୍ୟନ୍ତ ପ୍ରଖର ଥିଲା ଯାହା ଦୈବୀକୃପା ବିନା ଅସମ୍ଭବ ଥିଲା। ୟେଶେଙ୍କୁ ଡାକିନୀ ଅବତାର କୁହାଯାଏ। ଷୋହଳ ବର୍ଷ ବୟସରେ ହିଁ ସେ ଗୁରୁ ପଦ୍ମସମ୍ଭବଙ୍କର ଅତ୍ୟନ୍ତ ଅନ୍ତରଙ୍ଗ ତଥା ଘନିଷ୍ଠ ଓ ବିଶ୍ୱାସୀ ଶିଷ୍ୟା ହୋଇ ଯାଇଥିଲେ। ପଦ୍ମସମ୍ଭବଙ୍କର ପାଞ୍ଚଜଣ ଶିଷ୍ୟାଙ୍କ ମଧ୍ୟରେ ୟେଶେ ହିଁ ମୁଖ୍ୟ ଥିଲେ। ସେ ଥିଲେ ପଦ୍ମସମ୍ଭବଙ୍କର ସହକର୍ମୀ, ବ୍ୟକ୍ତିଗତ ସଚିବ ଓ



ସହାୟିକା ଏବଂ ତାଙ୍କର ସମସ୍ତ ବ୍ୟାପାରର ପରିଚାଳିକା। ତାଙ୍କର ସ୍ମୃତିଶକ୍ତି ଏକ ଚମତ୍କାରିତାପୂର୍ଣ୍ଣ ଶକ୍ତିଭଳି କାମ କରୁଥିଲା। ସେ ଥରେ ଯାହା ଶୁଣି ଦେଉଥିଲେ ଚିରଦିନ ପାଇଁ ତାହାକୁ ମନେ ରଖି ଦେଉଥିଲେ। ପଦ୍ମସମ୍ଭବଙ୍କଠାରୁ କଥାଛଳରେ ସମସ୍ତ ତଥ୍ୟ ସଂଗ୍ରହ କରି ସେ 'ଗୁରୁଙ୍କ ଇତିହାସର ସୁବର୍ଣ୍ଣ ଜପମାଳା' ନାମକ ଗୋଟିଏ ଗ୍ରନ୍ଥ ରଚନା କରି ତାହାକୁ ଲୁକ୍କାୟିତ ଭାବେ ନିରାପଦ ସ୍ଥାନରେ ରଖି ଯାଇଥିଲେ, ଯାହାକୁ ଗତ ପାଞ୍ଚ ଶହ ବର୍ଷ ପୂର୍ବେ ଆବିଷ୍କାର କରାଯାଇଛି।

ତିବ୍ବତରେ ବଜ୍ରଯାନ ହେଉଛି ମୁଖ୍ୟ ଧର୍ମ ଏବଂ ତାହାର ଧର୍ମଗ୍ରନ୍ଥମାନଙ୍କୁ ସମସ୍ତେ ପାଠକରି ଶିକ୍ଷାଲାଭ କରୁଥିଲେ। ମାତ୍ର ସମସ୍ତେ ମୁଖ୍ୟ ଭାବରେ ପରିଚାଳିତ ହେଉଥିଲେ ଗୁପ୍ତଶାସ୍ତ୍ରଗୁଡ଼ିକର ଫଳଦାୟିନୀ ଶକ୍ତି ଦ୍ୱାରା। ଏହି ଗୁପ୍ତଶାସ୍ତ୍ରଗୁଡ଼ିକର ମୁଖ୍ୟ ହେଲେ ଆଚାର୍ଯ୍ୟ ପଦ୍ମସମ୍ଭବ। ତାଙ୍କର ଧାର୍ମିକ କାର୍ଯ୍ୟକଳାପଗୁଡ଼ିକ ମଧ୍ୟରେ ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟଥିଲା ସେ ଧାର୍ମିକ ଦ୍ରବ୍ୟମାନ, ଶାସ୍ତ୍ରସବୁ, ବିଭିନ୍ନ ଧାର୍ମିକ ସଂପଦ, ବିଭିନ୍ନ ଅଲୌକିକ ଔଷଧୀୟ ଦ୍ରବ୍ୟ ତଥା ଚିକିତ୍ସାଶାସ୍ତ୍ର, ଜ୍ୟୋତିଷ ଶାସ୍ତ୍ରମାନ। ଏସବୁକୁ ସେ ତିବ୍ବତ, ଭାରତ ଓ ନେପାଳର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ନିରାପଦ ସ୍ଥାନରେ ଗୁପ୍ତଭାବେ ଭବିଷ୍ୟତରେ ଶିଷ୍ୟମାନଙ୍କ ଆବଶ୍ୟକତା ଓ ବ୍ୟବହାର ପାଇଁ ୟେଶେ ସୋଗ୍ୟାଲଙ୍କ ସହାୟତା ତଥା ଜ୍ଞାତସାରରେ ଲୁକ୍କାୟିତ ଭାବେ ସାଇତି ରଖୁଥିଲେ।

ପଦ୍ମସମ୍ଭବଙ୍କର ସମସ୍ତ ଗୁରୁତ୍ୱପୂର୍ଣ୍ଣ ବାଣୀ, ଉପଦେଶ, ଶିକ୍ଷା ଓ ରହସ୍ୟମୟ ଗୁପ୍ତବିଦ୍ୟାସବୁ ଯାହା ୟେଶେଙ୍କୁ ଗୁରୁ କହୁଥିଲେ ବା ଅନ୍ୟଙ୍କୁ କହିବାର ଅଥବା ଶିକ୍ଷା ଦ୍ୱାରା ୟେଶେ ଜାଣୁଥିଲେ ସେସବୁକୁ ମଧ୍ୟ ଗୁପ୍ତ ଲିପି 'ଡାକିନୀ ଭାଷା'ରେ ଲିପିବଦ୍ଧ କରି ରଖୁଥିଲେ ଏବଂ ଏସବୁ ସହସ୍ର ସଂଖ୍ୟାରେ ପ୍ରସ୍ତୁତ କରି ଲୁକ୍କାୟିତ ଭାବେ ବିଭିନ୍ନ ସ୍ଥାନରେ ସାଇତି ରଖୁଥିଲେ ଅତ୍ୟନ୍ତ ନିରାପଦ ସ୍ଥାନମାନଙ୍କରେ। ୟେଶେଙ୍କର ଭାଇ ପାଲଗି, ଯେକି ଭାରତକୁ ଶିକ୍ଷା ଓ ତାଲିମ ପାଇଁ ତିବ୍ବତରୁ ପଦ୍ମସମ୍ଭବ ପଠାଇଥିବା ୧୦୮ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଜଣେ ଥିଲେ, ଭାରତରୁ ଫେରିବା ପରେ ପଦ୍ମସମ୍ଭବ ତିବ୍ବତ ଓ ଅନ୍ୟ ଯେଉଁଆଡ଼େ ଯାଉଥିଲେ ତାଙ୍କ ସାଙ୍ଗରେ ଛାଇ ପରି ରହୁଥିଲେ। ପାଲ୍‌ଗି ଗୁରୁ ପଦ୍ମସମ୍ଭବଙ୍କର 'ହୃଦୟର ସନ୍ତାନ' ଭାବେ ନିଜର ପରିଚୟ ହାସଲ କରିଥିଲେ। ଉଭୟ ୟେଶେ ଓ ପାଲ୍‌ଗି ଗୁରୁ ପଦ୍ମସମ୍ଭବଙ୍କର ସବୁଠାରୁ ନିଜର ଥିଲେ ଏବଂ ତାଙ୍କର ସମସ୍ତ ବିଷୟ ବୁଝିବା ସହ ସମସ୍ତ ଗୋପନ ରହସ୍ୟ ମଧ୍ୟ ଜାଣି ପାରିଥିଲେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଆରମ୍ଭ ହେଲା ରଥ ଭଙ୍ଗା

**ପ୍ରଥମେ ଭଙ୍ଗାଯାଉଛି ଦେବଦଳନ ରଥ**

ପୁରୀ,୨୨।୮ (ସମିସ): ନବଦିନାତ୍ମକ ଯାତ୍ରା ସାରି ମହାପ୍ରଭୁ ରତ୍ନସିଂହାସନରେ ବିରାଜମାନ କରିଛନ୍ତି। ହେଲେ ଚତୁର୍ଦ୍ଧାବିଗ୍ରହ ଯାତ୍ରା କରିଥିବା ତିନିରଥ ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ରହିଥିଲା। ଶୁକ୍ରବାରଠାରୁ ରଥଭଙ୍ଗା ଆରମ୍ଭ ହୋଇଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଏହା ଭଙ୍ଗାଯାଉଛି। ଏଥିରେ ୯ ଜଣ ଭୋଇ ସେବକ ନିୟୋଜିତ ହୋଇଛନ୍ତି। ସକାଳେ ସୁଭଦ୍ରାଙ୍କ ଦେବଦଳନ ରଥରେ ଭୋଇ ସେବକମାନେ ଲଡୁ ମାହାର୍ଦ୍ଧ ଓ ନଡ଼ିଆ ଆଣି ରଖିଥିଲେ। ଭୋଇ ସର୍ଦ୍ଦାର ରଥରେ ନଡ଼ିଆ ବାଡ଼େଇବା ପରେ ଆରମ୍ଭ ହୋଇଥିଲା ଭଙ୍ଗା କାମ। ଉପରଆଡ଼ୁ ରଥ ଭଙ୍ଗା ଯାଉଛି।

ପ୍ରଥମ ଦିନରେ ରଥର ଖପୁରୀ, ପାରାଭାଡ଼ି, ପୋଟଳ, ପୋଟଳ ପାରେଣି, ଖମ୍ବ ଓ ଓରା, ତୃତୀୟ ଭୂଇଁ, ଦ୍ୱିତୀୟ ଭୂଇଁ, ଅନ୍ଧାରୀ ତାଗ, କଇଁଚି, ପ୍ରଭା, ଚାରି ଦ୍ୱାର ପର୍ଯ୍ୟନ୍ତ ଭଙ୍ଗାଯାଇଛି। ରଥ ଭଙ୍ଗାଯାଇ ବାହାରୁଥିବା କାଠକୁ ମଶାଣୀଚଣ୍ଡୀ ଛକସ୍ଥିତ ଗୋଦାମ ଘରେ ରଖାଯାଉଛି। ଏହାକୁ ଠାକୁରଙ୍କ କୋଠଭୋଗ ଜାଳେଣି ପାଇଁ ବ୍ୟବହାର କରାଯିବ। ଦେବଦଳନ ରଥ ସମ୍ପୂର୍ଣ୍ଣ ଭାଙ୍ଗିବାକୁ ଆହୁରି ତିନିଦିନ ଲାଗିବ ବୋଲି ଭୋଇ ସର୍ଦ୍ଦାର କହିଛନ୍ତି। ପରେ ତାଳଧ୍ୱଜ ଏବଂ ଶେଷରେ ନନ୍ଦିଘୋଷ ରଥ ଭଙ୍ଗାଯିବ। ତେବେ ରଥଭଙ୍ଗା ସମୟରେ ବହୁ ଭକ୍ତ କାଠ ନେବା ପାଇଁ ନିବେଦନ କରନ୍ତି। ତେଣୁ ପୁଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

ରଥ ସମ୍ପୂର୍ଣ୍ଣ ଭଙ୍ଗାଯିବା ପରେ ସମସ୍ତ କାଠ ଶ୍ରୀମନ୍ଦିର ପ୍ରଶାସନର ଜିମା ଦିଆଯିବ। ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟ୍ ଅନୁଯାୟୀ, ଖେଇ ବାବଦରେ ରଥର କିଛି ଅଂଶ ମହାରଣା, ରୂପକାର, କମାର ଓ ଭୋଇ ସେବକଙ୍କୁ ପ୍ରଦାନ କରାଯିବ। ସିଂହାସନ, ପ୍ରଭା, ନାଟଗୋଡ, ଗୁଜ ଓ ଚକକୁ ଷ୍ଟୋର ରୁମ୍‌ରେ ରଖାଯିବ। ଏହାକୁ ବିକ୍ରି କରାଯିବ। ବଳକା କାଠକୁ ଚିରଟ କରାଯାଇ ଶ୍ରୀମନ୍ଦିର ରୋଷଶାଳାରେ ମହାପ୍ରଭୁଙ୍କ କୋଠଭୋଗ ପ୍ରସ୍ତୁତିରେ ବ୍ୟବହାର କରାଯିବ। ଗତ ମାସ ୯ ତାରିଖରେ ତିନିରଥରୁ ସାରଥୀ, ଘୋଡ଼ା, ସଖୀ, ପାର୍ଶ୍ୱ ଦେବଦେବୀ, ହଂସପଟା, କନ୍ୟାପଟା, ଚାରମାଳ, ଠେକରାବାଡକୁ ଭୋଇ ସେବକମାନେ ଖୋଲିଥିଲେ। ସାରଥୀଙ୍କୁ ଓହ୍ଲାଯାଇ ନରେନ୍ଦ୍ର ମହଲା ପରିସରରେ ରଖାଯାଇଛି। ସେହିପରି ପାର୍ଶ୍ୱ ଦେବଦେବୀ, ହଂସପଟା, କନ୍ୟାପଟା ପ୍ରଭୃତି ବାଗେଡ଼ିଆ ଧର୍ମଶାଳା ପରିସରରେ ରଖାଯାଇଥିବା ବେଳେ ଘୋଡାଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ରଖାଯାଇଛି। ତେବେ ତିନିରଥ ସମ୍ପୂର୍ଣ୍ଣ ଭାଙ୍ଗିବା ପାଇଁ ୧୨ ରୁ ୧୫ ଦିନ ଲାଗିବ।

## ସିଭିଲ ସର୍ଭିସ ମୁଖ୍ୟ ଲିଖିତ ପରୀକ୍ଷାରେ ୮୦୬ଜଣ କୃତକାର୍ଯ୍ୟ

କଟକ, ୨୨।୮ (ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା-୨୦୨୩ର ମୁଖ୍ୟ ଲିଖିତ ପରୀକ୍ଷାରେ ମୋଟ ୮୦୬ଜଣ କୃତକାର୍ଯ୍ୟ ହେବା ସହ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୯୩ଜଣ ମହିଳା ରହିଛନ୍ତି। ଏ ସଂକ୍ରାନ୍ତରେ ଓପିଏସସି ୱେବସାଇଟ୍‌ରେ ସବିଶେଷ ତାଲିକା ପ୍ରକାଶ ପାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରମାଣପତ୍ର ଓ ଅନ୍ୟ ଦସ୍ତାବିଜ ଯାଞ୍ଚ ସହ ପର୍ସୋନାଲଟି ଟେଷ୍ଟ ପାଇଁ ଉପରୋକ୍ତ ପରୀକ୍ଷାର୍ଥୀମାନଙ୍କୁ ଓପିଏସସି ମୁଖ୍ୟ କାର୍ଯ୍ୟାଳୟକୁ ଡକାଯିବ। ଆସନ୍ତା ସେପ୍ଟେମ୍ବର ୬ରୁ ଏହି ପ୍ରକ୍ରିୟା ଆରମ୍ଭ ହେବ।

## ସେପ୍ଟେମ୍ବର ୧୦ରୁ ଭୁବନେଶ୍ୱର ଷ୍ଟେସନରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ଭୁବନେଶ୍ୱର,୨୨।୮ (ସମିସ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ତୀର୍ଥଯାତ୍ରୀମାନେ ଭୁବନେଶ୍ୱରରୁ ଅଯୋଧ୍ୟା ଓ ବାରଣାସୀ ପରିଦର୍ଶନ କରିବେ। ଏହି ଯୋଜନାରେ କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳର ୭୭୫ ଜଣ ତୀର୍ଥଯାତ୍ରୀ ଏବଂ ସେମାନଙ୍କୁ ସହଯୋଗ କରିବାକୁ ୨୫ ଜଣ ଅଧିକାରୀ ଏହି ପ୍ରଥମ ପର୍ଯ୍ୟାୟରେ ସାମିଲ ହେବେ। ଆସନ୍ତା ସେପ୍ଟେମ୍ବର ୧୦ରୁ ତୀର୍ଥଯାତ୍ରୀମାନେ ଭୁବନେଶ୍ୱର ଷ୍ଟେସନରୁ ବାହାରି ଅଯୋଧ୍ୟା ଓ ବାରଣାସୀ ଦର୍ଶନ କରି ସେପ୍ଟେମ୍ବର ୧୫ ତାରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଶୁକ୍ରବାର ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ତୀର୍ଥଯାତ୍ରାରେ ସାମିଲ ହେଉଥିବା ବରିଷ୍ଠ ନାଗରିକମାନଙ୍କର ସୁରକ୍ଷା, ଖାଦ୍ୟପେୟ, ସ୍ୱାସ୍ଥ୍ୟ ଆଦି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ତୀର୍ଥଯାତ୍ରୀମାନେ ସେପ୍ଟେମ୍ବର ୯ ତାରିଖରେ ସଂପୃକ୍ତ ଜିଲ୍ଲାରୁ ବାହାରି ଭୁବନେଶ୍ୱରରେ ପହଞ୍ଚିବା ସହ ସେମାନଙ୍କ ନିମନ୍ତେ ଭୁବନେଶ୍ୱରର ବିଭିନ୍ନ ସରକାରୀ ଅନୁଷ୍ଠାନରେ ଅସ୍ଥାୟୀ ରହଣୀ ବ୍ୟବସ୍ଥା କରାଯିବ।


**ସତ୍ୟପାଠ**

ଖୋର୍ଦ୍ଧାର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ତାରିଖ ୩୦/୦୬/୨୫ ରେ ଶପଥ ନେଇଥିବା ଏକ ସତ୍ୟପାଠ ନମ୍ବର-୨୦୦୩ ଅନୁଯାୟୀ, ମୁଁ ଅରୁଣ ସୁନ୍ଦରାୟ, ପିତା – ଭାସ୍କର ସୁନ୍ଦରାୟ, ସା/ପୋ-ଗଡମାଣିତିର, ଥାନା-ବେଗୁନିଆ, ପିନ୍-୭୫୨୦୬୨ ନିବାସୀ ଅଟେ। ମୋର ଆଧାର ନମ୍ବର-୬୩୮୦୩୯୬୬୬୧୧୪। ମୁଁ ମୋର ନାବାଳକ ଝିଅର ନାମ ଅନନ୍ୟା ସୁନ୍ଦରାୟ (ପୁରୁଣା ନାମ) ରୁ ଆଦ୍ୟାସ୍ମିତା ସୁନ୍ଦରାୟ (ନୂତନ ନାମ) ପରିବର୍ତ୍ତନ କରି ଆଦ୍ୟାସ୍ମିତା ସୁନ୍ଦରାୟ (ନୂତନ ନାମ) ରଖିଛି। ତେଣୁ ଉଭୟ ନାମ ଆଦ୍ୟାସ୍ମିତା ସୁନ୍ଦରାୟ ଏବଂ ଅନନ୍ୟା ସୁନ୍ଦରାୟ ଜଣେ ଏବଂ ସମାନ ବ୍ୟକ୍ତି ଯିଏ ଭବିଷ୍ୟତର ସମସ୍ତ କାର୍ଯ୍ୟ ପାଇଁ ଆଦ୍ୟାସ୍ମିତା ସୁନ୍ଦରାୟ ନାମରେ ପରିଚିତ ହେବେ। **ଅରୁଣ ସୁନ୍ଦରାୟ**

**AFFIDAVIT**

I, Shahenaj Akhtar, W/o.: Sardar Saukat Alli, resident of Plot No71/7, Near Ranasinghpur MOO Bus Stop Jadupur, Po-Dumduma, Housing board colony, Bhubaneswar, Dist-Khorda, Odisha, Pin-751019, Aadhar Card Number - 861122780202, Declare by this Affidavit No. 284/2025, 21/08/2025 that onwards I shall be known as **Shahenaz Akhatar** for all future purpose.

**SALE**

MARUTI TOUR S, Model - 2023, Registration No-OD-34-S-0093, in as is where is condition Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days.


## ୨୯ ତାରିଖରେ ସରକାରୀ ଛୁଟି

ଭୁବନେଶ୍ୱର, ୨୨।୮ (ସମିସ): ଆସନ୍ତା ୨୯ ଅଗଷ୍ଟକୁ ସରକାରୀ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଚଳିତବର୍ଷ ୨୮ ତାରିଖ ଦିନ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ହେବ। ଏହାର ପରଦିନ ଅର୍ଥାତ୍ ୨୯ ତାରିଖକୁ ଛୁଟି ଘୋଷଣା କରାଯାଇଛି। ଏନେଇ ଶୁକ୍ରବାର ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଯଦିଓ ଛୁଟି ସମ୍ପର୍କରେ କୌଣସି ବିଶେଷ କାରଣ ଜଣାପଡ଼ିନାହିଁ, ମାତ୍ର ନୂଆଁଖାଇ ପରଦିନ ଦୂରଦୂରାନ୍ତରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଯୋଗଦେବା ନେଇ ପଶ୍ଚିମ ଓଡ଼ିଶାବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ସମ୍ଭବତଃ ୨୯କୁ ଛୁଟି ଘୋଷଣା କରାଯାଇଥିବା ଚର୍ଚ୍ଚା ହେଉଛି।

## ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

ବାରିପଦା, ୨୨।୮ (ସମିସ): ମୟୂରଭଞ୍ଜ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକସୋ କୋର୍ଟ ଆଜି ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତ ବୀରସିଂ ହାଁସଦା (୬୦)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏହାସହ ପୀଡ଼ିତା ନାବାଳିକାକୁ ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ସନ୍ତୋଷ କୁମାର ନାୟକ ଏହି ରାୟ ଶୁଣାଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶ୍ରୀଲଙ୍କାର ପୂର୍ବତନ...

ଭାବେ ଗିରଫ ହୋଇଛନ୍ତି। ତାଙ୍କୁ କଲମ୍ବୋ ଫୋର୍ଟ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ହାଜର କରାଯାଇଛି। କିନ୍ତୁ ବିକ୍ରମସିଙ୍ଘେ ସବୁ ଅଭିଯୋଗକୁ ଭିତ୍ତିହୀନ ଓ ଅମୂଳକ ବୋଲି କହିଛନ୍ତି। ତାଙ୍କ ପତ୍ନୀ ନିଜ ଖର୍ଚ୍ଚରେ ଲଣ୍ଡନ ଗସ୍ତ କରିଥିଲେ ଓ ସେ ଏଥିପାଇଁ କୌଣସି ସରକାରୀ ଅର୍ଥର ଉପଯୋଗ କରିନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ୧୯୯୦ରୁ ଆରମ୍ଭ କରି ଏପର୍ଯ୍ୟନ୍ତ ରାନିଲ ୬ ଥର ଭିନ୍ନ ଭିନ୍ନ କାର୍ଯ୍ୟକାଳରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଛନ୍ତି। ଏହି ଅବସରରେ ସେ ୨୩ଥର ବିଦେଶ ଯାତ୍ରା କରିଛନ୍ତି। ଏଥିପାଇଁ ସରକାରୀ ପାଣ୍ଠିରୁ ଦୁଇ ମିଲିଅନ ଡଲାର ଅର୍ଥାତ ୧୭.୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ସେ ୨୦୨୨ରେ ଶ୍ରୀଲଙ୍କାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ।

### ସରକାର ବେଫିକର...

କର୍ମଚାରୀମାନଙ୍କୁ ଭୟଭୀତ କରାଇ ଛୁଟି ବାତିଲ କରିବା, ଦରମା ବନ୍ଦ କରିବା ଓ କାର୍ଯ୍ୟାନୁଷ୍ଠାନ ଭଳି ଚେତାବନୀ ଦେଇଛନ୍ତି। ଯାହା କର୍ମଚାରୀମାନଙ୍କୁ ଦାବି ପୂରଣ ଜିଦ୍‌ରେ ଆହୁରି ଅଟଳ କରିଛି। ରାଜସ୍ୱ ଅମଲା ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ସରକାର ସଂଘକୁ ଧମକ ଦେବା ପରିବର୍ତ୍ତେ ଆଲୋଚନା ପାଇଁ ଡାକିବା ଉଚିତ। ସରକାର ନିଜକୁ ଲୋକଙ୍କ ସରକାର କହୁଛନ୍ତି। ଯେଉଁମାନେ ସେବା ପାଉନାହାନ୍ତି ସେମାନେ ଲୋକ ଓ ଆନ୍ଦୋଳନରେ ବସିଥିବା କର୍ମଚାରୀମାନେ ମଧ୍ୟ ଲୋକ। ତେଣୁ ଘରର ମୁରବୀ ହିସାବରେ ମୁଖ୍ୟମନ୍ତ୍ରୀ ଏହି ମାମଲାରେ ହସ୍ତକ୍ଷେପ କରିବା ସହ ସଂଘକୁ ଆଲୋଚନା ପାଇଁ ଡାକି ଏହାର ସମାଧାନ କରିବା ଉଚିତ। ଲୋକମାନେ ହଇରାଣ ହୁଅନ୍ତୁ, ଏହା ସଂଘ କେବେ ଚାହିଁନାହିଁ। ତେଣୁ ଲୋକଙ୍କୁ ସେବା ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ। ଆମ ହାତରେ କୌଣସି କ୍ଷମତା ନାହିଁ। ସରକାର ରାଜସ୍ୱ ଅମଲାମାନଙ୍କ ନ୍ୟାଯ୍ୟ ଦାବି ମାନି ନେଲେ ଏହି ଆନ୍ଦୋଳନ ପ୍ରତ୍ୟାହାର ହୋଇଯିବ ବୋଲି ସେ କହିଛନ୍ତି।

ସୂଚନା ଥାଉକି ୧୦ ଦଫା ଦାବି ପୂରଣ ଲକ୍ଷ୍ୟରେ ଜୁଲାଇ ୭ ତାରିଖରୁ ସଂଘର ସମସ୍ତ ସଦସ୍ୟ କଳାବ୍ୟାଚ ପରିଧାନ କରି ପ୍ରତିବାଦ ଜଣାଇଥିଲେ। ପରେ ଜୁଲାଇ ୯ ତାରିଖ ଦିନ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ ସଂଘ ସହ ଆଲୋଚନା କରି ୧୫ ଦିନ ଭିତରେ ନିଷ୍ପତ୍ତି ନେବେ ବୋଲି ପ୍ରତିଶୃତି ଦେଇଥିଲେ। ଏହାପରେ ଏକ ମାସ ବିତିଥିଲେ ମଧ୍ୟ ଦାବି ପୂରଣ ନ ହେବାରୁ ସଂଘ ସରକାରଙ୍କ ଉପରେ ଭରସା ତୁଟାଇ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛି। ଅନ୍ୟପଟେ ସରକାର ଆଲୋଚନା କରିବା ପରିବର୍ତ୍ତେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ସମୂହ ଛୁଟିରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କହିବା ସହ ଖୋଦ୍ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଅମଲା ସଂଘକୁ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିଲେ। ଏହାପରେ ସଂଘ ନିଜ ଜିଦ୍‌ରେ ଅଟଳ ରହିବା ସହ ୧୨ ଦିନ ହେବ ସମୂହ ଛୁଟି ଆନ୍ଦୋଳନକୁ ବଳବତ୍ତର ରଖିଛି।

### ବନ୍ଧ୍ୟାକରଣ କରି...

କୁକୁରଙ୍କୁ ସାର୍ବଜନୀନ ସ୍ଥାନରେ ଖାଇବାକୁ ନ ଦେବା ପାଇଁ ସୁପ୍ରିମକୋର୍ଟ ମନା କରିଛନ୍ତି। ଏ ନେଇ ଅଲଗା ସ୍ଥାନ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଦିଲ୍ଲୀ ସମେତ ସାରା ଦେଶରେ କାର୍ଯ୍ୟକାରୀ ହେବ। କୁକୁରଙ୍କୁ ହଟାଇବା ଆବେଦନକୁ ବିରୋଧ କରି ସୁପ୍ରିମକୋର୍ଟ ଆସିଥିବା ବ୍ୟକ୍ତି ଏବଂ ଏନ୍‌ଜିଓଙ୍କୁ ଯଥାକ୍ରମେ ୨୫ ହଜାର ଏବଂ ୨ ଲକ୍ଷ ଟଙ୍କା ଲେଖାଏଁ ରେଜିଷ୍ଟ୍ରାରଙ୍କ ନିକଟରେ ଜମା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସପ୍ତାହେ ଭିତରେ ଅର୍ଥ ଜମା କରିବାକୁ କହିଛନ୍ତି। ଯଦି ଏପରି ନ କରନ୍ତି ତେବେ ମାମଲା ଶୁଣାଣିରେ ସାମିଲ ହେବାକୁ ଅନୁମତି ଦିଆଯିବ ନାହିଁ। ଗତ ୧୧ ତାରିଖର ନିର୍ଦ୍ଦେଶକୁ ବିରୋଧ କରି ଅନେକ କୁକୁର ପ୍ରେମୀ ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଥିଲେ। ଏବେ ସବୁ କୋର୍ଟରେ ଦାଏର ମାମଲା ସର୍ବୋଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର ହେବ ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ବୁଲୁ କୁକୁରଙ୍କୁ ପୋଷ୍ୟ କରିବା ପାଇଁ କୁକୁର ପ୍ରେମୀ ପୌର ନିଗମ ନିକଟରେ ଆବେଦନ ଦାଏର କରିପାରିବେ। କିନ୍ତୁ ପୋଷ୍ୟ କରି କୁକୁରକୁ ବାହାରକୁ ଛାଡ଼ିପାରିବେ ନାହିଁ। ଜଷ୍ଟିସ ବିକ୍ରମନାଥ କହିଛନ୍ତି ଯେ ବୁଲା କୁକୁରଙ୍କୁ ନେଇ ଜାତୀୟସ୍ତରୀୟ ନୀତି ପ୍ରସ୍ତୁତ କରିବା ଜରୁରୀ। ଏହି ମାମଲାରେ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ୮ ସପ୍ତାହ ପରେ ଅକ୍ଟୋବରରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

### ଆଧାର କାର୍ଡକୁ...

ଭୋଟରଙ୍କୁ ସହାୟତା କରିବା ପାଇଁ ଦଳଗୁଡିକ କ'ଣ କରିଛନ୍ତି ବୋଲି ପଚାରିଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ରାଜନୈତିକ ଦଳଙ୍କ ନିଷ୍କ୍ରିୟତା ବିଚଳିତ କରିଦେଉଛି। ରାଜ୍ୟର ୧୨ ଦଳଙ୍କ ମଧ୍ୟରୁ ମାତ୍ର ତିନୋଟି କୋର୍ଟକୁ ଆସିଛନ୍ତି। ଦଳଗୁଡିକର ୧.୬ ଲକ୍ଷ ବୁଥ ସ୍ତରୀୟ ଏଜେଣ୍ଟ (ବିଏଲଏ) ହେବା ସତ୍ତ୍ୱେ କେବଳ ଦୁଇଟି ଆପତ୍ତି ଆସିଥିବା ନେଇ କୋର୍ଟ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଏତେ ବିଏଲଏ ନିଯୁକ୍ତି ସତ୍ତ୍ୱେ ସାଧାରଣ ନାଗରିକ ଏବଂ ରାଜନୈତିକ କର୍ମୀଙ୍କ ମଧ୍ୟରେ ଏତେ ଦୂରତା କାହିଁକି? ଲୋକଙ୍କୁ ସହାୟତା ପାଇଁ ଦଳଗୁଡିକ ଆଗକୁ ଆସିବା ଦରକାର ବୋଲି କୋର୍ଟ କହିଛନ୍ତି। ଶୁଣାଣି ସମୟରେ କୋର୍ଟ ଇସିଙ୍କୁ ଅନେକ ପ୍ରଶ୍ନ ପଚାରିଥିଲେ। ରାଜ୍ୟର ୧୨ ମାନ୍ୟତା ପ୍ରାପ୍ତ ଦଳଙ୍କୁ ପକ୍ଷଭୂକ୍ତ କରିବାକୁ କହିଥିଲେ। ନାମ ହଟିଥିବା ଭୋଟରଙ୍କ ଆବେଦନ ଜମା କରିବା ପାଇଁ ବିଏଲଏଙ୍କୁ ରସିଦ ଦେବାକୁ କହିଥିଲେ।

### ନବୀନ ନିବାସରେ...

ଆଲୋଚନା କରିଛନ୍ତି। ଏହି ଅବସରରେ ଭି.କେ.ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିବା ସୂଚନା ମିଳିଛି। ଗତ ଜୁନ୍ ମାସରେ ସର୍ଭିକାଲ ଆର୍ଥ୍ରାଇଟିସ ଅସ୍ତ୍ରୋପଚାର ପାଇଁ ନବୀନ ମୁମ୍ବାଇର କୋକିଳାବେନ୍ ହସପିଟାଲରେ ଭର୍ତ୍ତି ହୋଇଥିବାବେଳେ ପ୍ରେମ ପଟ୍ଟନାୟକ ମଧ୍ୟ ସେଠାରେ ପହଞ୍ଚିଥିଲେ ଓ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ନବୀନଙ୍କ ଚିକିତ୍ସା ପରେ ପ୍ରେମ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜାରି କରି ରାଜ୍ୟବାସୀଙ୍କୁ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବଗତ କରାଇବା ସହିତ ନବୀନଙ୍କ ପ୍ରତି ରାଜ୍ୟବାସୀ ପ୍ରକଟ କରିଥିବା ଶ୍ରଦ୍ଧା ଓ ପ୍ରାର୍ଥନା ପାଇଁ ସେ କୃତଜ୍ଞତା ଜଣାଇଥିଲେ। ଏବେ ଡ଼ିହାଇଡ୍ରେସନ ଜନିତ ଅସୁସ୍ଥତା ଖବର ପାଇ ପ୍ରେମ୍ ପଟ୍ଟନାୟକ ସାନଭାଇ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବାକୁ ଆସିଥିବା କୁହାଯାଉଛି।

ସୁସ୍ଥ ହେବା ପରେ ନବୀନ ବର୍ତ୍ତମାନ ନବୀନ ନିବାସରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଅଛନ୍ତି। ସେ ଡ଼ାକ୍ତରଖାନାରେ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ ଓ ବହୁ ବରିଷ୍ଠ ନେତାମାନେ ନବୀନଙ୍କ ସହ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

### ୫ ବର୍ଷରେ...

ଲୋକସେବା ଭବନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରି ସଡ଼କ ଓ ସେତୁ ନିର୍ମାଣ ଜରିଆରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସବୁଦିନିଆ ରାସ୍ତା ସଂଯୋଗୀକରଣ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାସ୍ତା ଓ ସେତୁ ଗୁଡ଼ିକର ଗୁଣବତ୍ତା ସହିତ ଏହାର ରକ୍ଷଣାବେକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିମ୍ନମାନର କାମ କରୁଥିବା କଣ୍ଟ୍ରାକ୍ଟର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗକୁ ନିର୍ଦ୍ଦେଶ ଦେବା ସହ ପାହାଡ଼ିଆ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକରେ ଲୋକଙ୍କ ଗମନାଗମନ ପାଇଁ ଉତ୍ତମମାନର ରାସ୍ତା ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଥିବା କଣ୍ଟ୍ରାକ୍ଟରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକର ଆଲୋଚନାରୁ ଜଣାପଡିଛି ଯେ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅଦ୍ୟାବଧି ଅନୁମୋଦନ ପ୍ରାପ୍ତ ୭୩,୯୮୪.୮୮ କିଲୋମିଟର ରାସ୍ତା ମଧ୍ୟରୁ ୭୦,୭୧୧.୨୪ କିଲୋମିଟର ରାସ୍ତା ନିର୍ମାଣ କରି ଓଡ଼ିଶା ଭାରତ ବର୍ଷରେ ଚତୁର୍ଥ ସ୍ଥାନ ହାସଲ କରିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ଆଦିବାସୀ ଅଧ୍ୟୁସିତ ଅଞ୍ଚଳ, ଆକାଂକ୍ଷୀ ବ୍ଲକ, ନକ୍ସଲ ପ୍ରଭାବିତ ଅଞ୍ଚଳମାନଙ୍କରେ ସଡ଼କ ଓ ସେତୁ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ୧,୦୨୧ଟି ଯୋଗାଯୋଗବିହୀନ ଜନବସତି ପାଇଁ ୯୪୨ଟି ସଡ଼କ ଓ ୮ଟି ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି।

ସେହିଭଳି ୧୦୦ରୁ ଅଧିକ ପିଭିଟିଜି ବର୍ଗର ଜନବସତିଗୁଡ଼ିକର ସଂଯୋଗିକରଣ ପାଇଁ 'ପିଏମ୍ ଜନ ମନ ଯୋଜନା'ରେ ୭୩ଟି ଗ୍ରାମରେ ୬୬ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪୫୦୦.୩୦ କିଲୋମିଟର ରାସ୍ତା ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୪୬୯.୯୪ କୋଟି ଟଙ୍କା ବ୍ୟୟବରାଦରେ ୫୦୦୦ କିଲୋମିଟର ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି। ସେତୁବନ୍ଧନ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୮୬ଟି ସେତୁ ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୦୦ଟି ସେତୁ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିସହିତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳର ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ଯଥା-ଛାତ୍ରାବାସ, ମହାବିଦ୍ୟାଳୟଗୃହ ନିର୍ମାଣ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ, ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ, କଲ୍ୟାଣ ମଣ୍ଡପ ଇତ୍ୟାଦି ନିର୍ମାଣ କାର୍ଯ୍ୟ ମଧ୍ୟ ଜାରିରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୪୫୧ଟି ବିଭିନ୍ନ କୋଠାବାଡି ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୨୨୯ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି।

### ସରକାରଙ୍କ ଗଳାରେ...

ଅନେକବାର ବନ୍ଦ, ଆନ୍ଦୋଳନ ପରେ ତତ୍‌କାଳୀନ ରାଜ୍ୟ ସରକାର ସେମାନଙ୍କ ଦାବି ଶୁଣି ଏନ୍‌ଏସି ଘୋଷଣା କରିଥିଲେ। ଏହାପରେ ସମ୍ପୃକ୍ତ ଅଞ୍ଚଳବାସୀ ତତ୍‌କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ମଧ୍ୟ ଜଣାଇଥିଲେ। ହେଲେ ଏନ୍‌ଏସି ଖୁସି ଏବେ ମିଳାଇଯିବା ପରେ ପୁଣିଥରେ ସେମାନେ ଆନ୍ଦୋଳକୁ ଓହ୍ଲାଇଛନ୍ତି। କେବଳ ସେତିକି ନୁହେଁ ରାଜ୍ୟର ବର୍ତ୍ତମାନ ଯେଉଁ ଏନ୍‌ଏସି ରହିଛି, ସେଥି ମଧ୍ୟରୁ ୫ ଟି ଏନ୍‌ଏସିକୁ ମ୍ୟୁନସିପାଲଟିକୁ ଉନ୍ନୀତ କରାଯିବା ନେଇ ନବୀନ କରିଥିବା ଘୋଷଣା ଏବେ ବି କାର୍ଯ୍ୟକାରୀ ହୋଇ ନାହିଁ।

ସମ୍ପ୍ରତି ଯେଉଁ ଆନ୍ଦୋଳନ ଦାନା ବାନ୍ଧୁଛି, ତାକୁ ଦଳମତ ନିର୍ବିଶେଷରେ ସହଯୋଗ ମିଳୁଛି। ଅନେକ ସଂଗଠନ ଏହି ଦାବିରେ ସାମିଲ ହେଉଛନ୍ତି। ତେଣୁ ସରକାରଙ୍କ ପାଇଁ ଆଗକୁ ଏହା ଅଡୁଆ ସ୍ଥିତି ସୃଷ୍ଟି କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଆଜି ଜୟପାଟଣାରେ ବନ୍ଦ ଡାକରାକୁ ବିଭିନ୍ନ ମହଲରୁ ସମର୍ଥନ ମିଳିଛି। ବିଜୁ ଜନତା ଦଳ ତରଫରୁ ଧାରଣା ପ୍ରଦର୍ଶନ କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୟପାଟଣାକୁ ଏନ୍‌ଏସି ଘୋଷଣା କହିଥିଲେ। ହେଲେ ଡବଲ ଇଞ୍ଜିନ ସରକାର ତାକୁ ଅଣଦେଖା କରିଛନ୍ତି। ତେଣୁ ଏଠାରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନଗୁଡ଼ିକ ସହ ଅଖ ଚକ ବନ୍ଦ ରହିଛି। ଦୋକାନ ବଜାର ବନ୍ଦ କରି ଏହାକୁ ବଣିକ ସଂଘ ମଧ୍ୟ ସମର୍ଥନ ଜଣାଇଛି। ସେହିପରି ବେଗୁନିଆରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ବିଭିନ୍ନ ସଙ୍ଗଠନ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ଏଠାରେ ବନ୍ଦ ରହିଛି। ଗତ ବିଜେଡି ସରକାର ଅମଳରେ ବେଗୁନିଆକୁ ଏନଏସି ମାନ୍ୟତା ମିଳିଥିଲା। ବର୍ତ୍ତମାନ ବିଜେପି ସରକାର ରାଜନୈତିକ ଅଭିସନ୍ଧି ରଖି ଏହାକୁ କାଟି ଦେଇଛନ୍ତି ବୋଲି ଅଭିଯୋଗ ହୋଇଛି। ଚଣ୍ଡିଖୋଲକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବି କରି ଚଣ୍ଡିଖୋଲ ଛକରେ ବଡ଼ଚଣା ବିଜେଡି ପକ୍ଷରୁ ଗଣଧାରଣା ଦିଆଯାଇଛି।


**PRAKASH CHANDRA MAHAPATRA HIGHER SECONDARY SCHOOL**
SURADA-761108, GANJAM, ODISHA
**JOB RECRUITMENT**

Applications from desirous candidates with full Bio-Data and Xerox copies of certificates, having requisite qualification for the following posts with a Bank Draft of Rs. 200/- (Two Hundred only) in favour of Principal, PCM Women's H.S School, Surada (GM.) Payable at SBI, Surada. From 25.08.2025 to 01.09.2025 through Speed Post/Regd. Post / By Hand to office address. This post is purely contractual in nature and age must be as per govt. rule.

**1. Lecturer in Odia (One Post)** - (Having minimum qualification 55% at PG level).

**N.B – Shortlisted candidates will call for interview on Dtd. 03.09.2025**

Sd/- Principal Cum Secretary
PCM W.H.S.S Surada Gm.

C-953
Phone: 0674 - 2431253
Fax : 0674 – 2432895
E_mail : info@bmc.gov.in
Web : bmc.gov.in

**BHUBANESWAR MUNICIPAL CORPORATION**
No. 41548/Date 21.08.2025
ଭୁବନେଶ୍ୱର ମହାନଗର ନିଗମର ପକ୍ଷରୁ ସାଧାରଣ ସୂଚନା

ଭୁବନେଶ୍ୱର ମହାନଗର ନିଗମ ତରଫରୁ ଏତଦ ଦ୍ୱାରା ଜଣାଇ ଦିଆ ଯାଉଛି ଯେ; ଇଚ୍ଛୁକ ସ୍ୱୟଂସହାୟକ ଗୋଷ୍ଠୀ (SHG), ରେସିଡେଣ୍ଟ ୱେଲଫେଆର ଆସୋସିଏସନ୍ (RWA) ଓ ବେସରକାରି ସେବା ସଂସ୍ଥା (NGO) ମାନେ ଭୁବନେଶ୍ୱର ମହାନଗର ନିଗମର ପରିବେଶ ବିଭାଗରୁ ବିନା ମୂଲ୍ୟରେ ଚାରା ସଂଗ୍ରହ କରିବା ସହ ଖାଲି ଥିବା ଉପଯୁକ୍ତ ସ୍ଥାନରେ ବୃକ୍ଷ ରୋପଣ କରି ଏହାର ଯଥାର୍ଥ ରକ୍ଷଣାବେକ୍ଷଣ କରିବା ପାଇଁ ନିବେଦନ କରାଗଲା। ଏହି ପଦକ୍ଷେପରେ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହିତ, ସହରବାସୀଙ୍କ ଦୈନନ୍ଦିନ ଜୀବନରେ ମଧ୍ୟ ହିତକର ପରିବେଶ ସୃଷ୍ଟି ହେବ। ଏହା ସହରରେ ପ୍ରଦୂଷଣ ନିୟନ୍ତ୍ରଣ ଓ ସ୍ୱଚ୍ଛ-ସୁସ୍ଥ ପରିବେଶ ସୃଷ୍ଟିରେ ସହାୟକ ହେବ। ତେଣୁ ସମସ୍ତଙ୍କୁ ଏହି ଉଦ୍ୟମରେ ସକ୍ରିୟ ଭାଗ ନେବାକୁ ଓ ବୃକ୍ଷ ରୋପଣ ସହ ତାହାର ରକ୍ଷଣାବେକ୍ଷଣରେ ଆଗକୁ ଆସିବାକୁ ଆହ୍ୱାନ କରାଯାଉଅଛି।

ଉପ ଆୟୁକ୍ତ (ପରିବେଶ)
ଭୁବନେଶ୍ୱର ମହାନଗର ନିଗମ
OIPR-13002/11/0243/2526

**OFFICE OF THE ROURKELA MUNICIPAL CORPORATION: ROURKELA**
**INVITATION FOR BID** C-951
No. 10222 Dated 21/08/2025
Bid Identification No.: MC/RMC/33/2025

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/33/2025 for 15 nos. Civil work with value of Rs. 2.49 lakh to 42.72 lakh.
1. Bid documents will be available in website www.tendersorissa.gov.in from 22.08.2025.
2. Bids must be submitted on "online" on or before 06.09.2025 by 17.00 hours.
3. Bids shall be opened at 11.00 hours on 08.09.2025 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**

OIPR-13131/11/0162/2526
Municipal Commissioner,
Rourkela Municipal Corporation

**AFFIDAVIT**

By virtue of an affidavit no-1124 dtd 19.08.2025 sworn before The Executive Magistrate, Bolgarh, I, Kailash Chandra Maharana, S/o- Trinath Maharana, R/O At- Dalai Sahi, Post- Manikagoda, P.S.- Bolgarh, Dist- Khordha, PIN- 752066, Odisha, declare that I have changed my name from Kailas Moharana to Kailash Chandra Maharana. Henceforth, I shall be known as **Kailash Chandra Maharana** for all purposes.

**AFFIDAVIT**

By virtue of an affidavit sworn before Notary Public Titilagarh, dated 14.08.2025 I, Sabita Bhue , Address At/Po- Bagmunda, Ps- Larambha, Dist- Balangir, Odisha, Pin- 767025 declare that I have changed my name from Sabita Nag to Sabita Bhue. Henceforth, I shall be known as Sabita Bhue for all purposes.
**Sabita Bhue**

**AFFIDAVIT**

By virtue of an Affidavit before Notary Public, Malkangiri, I, **Mudha Kabasi,** aged about 70 years, S/o.: Late Deba Kabasi, resident of Village: Rauliguda, PO.: Tamasa, P.S./Dist.: Malkangiri, Odisha, declare by this Affidavit No.: 1314/2025, Dated:21/08/2025 that I have changed my name from Kabasi Muda to **Mudha Kabasi**. Henceforth I shall be known as "**Mudha Kabasi**" for all future purposes.

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.: ELOP-T-10-2025
କାର୍ଯ୍ୟର ନାମ : ପାଞ୍ଚ ବର୍ଷ ଅବଧି ନିମନ୍ତେ MEMU କାର୍ ସେଡ୍, ଖୋର୍ଦ୍ଧା ରୋଡ଼ ଠାରେ HYT/ପୁନେ ନିର୍ମିତ CNC ଅଣ୍ଡର ଫ୍ଲୋର ପିଟ୍ ହ୍ୱିଲ୍ ଲେଦ୍ (Lathe) ମେସିନ୍‌ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
ବିଜ୍ଞାପିତ ମୂଲ୍ୟ : ₹ 1,35,70,178/-, EMD : ₹ 2,17,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-, ଶେଷ ହେବା ଅବଧି : 60 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.25.08.2025ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.09.2025ରିଖ 1600 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ଼
PR-504/Q/25-26

**AFFIDAVIT**

By virtue of an affidavit before The Notary Public, Titilagarh, on dated- 19/08/2025. I, **Kamadhari Bagartti** (new name) formerly called as **Kanadhari Bagartti** (old name), S/o Bhagaban Bagartti, Permanent resident of At- Naren, P.O. Naren, P.S. Titilagarh, Dist- Balangir (Odisha), PIN- 767066 now residing at the same place affirm that I have changed my name from **Kanadhari Bagartti** (old name) to **Kamadhari Bagartti** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Kamadhari Bagartti** (new name).
**Kamadhari Bagartti**

**AFFIDAVIT**

By virtue of an affidavit before The Notary Public, Titilagarh, on dated- 18/08/2025. I, **Keshab Ratei** (Applicant name), S/O- Jogi Ratei, Permanent resident of At- Burdipada (Bandupala), P.O. Desil, P.S. Titilagarh, Dist- Balangir, (Odisha), PIN- 767033, now residing at the same place affirm that I have changed my minor daughter's name from **Ispari Ratei** (old name) to **Iswari Ratei** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Iswari Ratei** (new name).
**Keshab Ratei**

**AFFIDAVIT**

I, SK Muktar Ali, aged about 58 years, S/o- Shaikh Khurshid Ali, resident of At- Biritol, PO- Rasulpur, Dist- Jagatsinghpur, PIN- 754104, Odisha declared by this affidavit No. 1672, dtd- 19/08/2025 that now onwards I shall be known as **SHAIKH MUKHTAR ALI** for all future purposes.

**AFFIDAVIT**

I, Subhashree Nayak, aged about 32 years, W/o- Dilip Kumar Nayak, resident of At- Rout Sahi, PO- Budheswar Colony, PS- Laxmisagar, Bhubaneswar, Dist- Khurda, PIN- 751006, Odisha declared by this affidavit No. 1671, dtd- 19/08/2025 that now onwards I shall be known as **SUBHASHREE MOHANTY** for all future purposes.

**AFFIDAVIT**

By virtue of an affidavit (CF No. 05) sworn before The Notary Public, Padampur, on dated- 18/08/2025. I, **Tejash Sahu,** S/o- Dillip Sahu, permanent & current resident of At- Padampur (Bijayanagar), PO- Rajborasambar, PS- Padampur, DIst- Bargarh, PIN- 768036, Odisha declare that I have changed my name from **Sonu Sahu** (old name) to **Tejash Sahu** (new name). Henceforth, I shall be known as **Tejash Sahu** (new name) for all future purposes.
**Tejash Sahu**

**AFFIDAVIT**

By virtue of an affidavit (CF No. 01) sworn before The Executive Magistrate, Padampur, on dated- 22/08/2025. I, **Tapa Barik,** W/o- Ballabh Barik, permanent & current resident of At- Ghesara, PO- Saplahar, PS- Jagadalpur, Dist- Bargarh, PIN- 768036, Odisha declare that I have changed my name from **Ballav Barik** (old name) to **Tapa Barik** (new name). Henceforth, I shall be known as **Tapa Barik** (new name) for all future purposes.
**Tapa Barik**

**AFFIDAVIT**

I, Alok Kumar Pachisia, S/o-Bal Krishna Pachisia, At -Godavari enclave, Biju Patnaik Chhak, Opposite Sarala Bhawan, PO -Tulasipur, Dist -Cuttack, Pin - 753008, Odisha, declare by this affidavit No -7322, dated- 20.02.2016, that now onwards I shall be known as **ALOK PACHISIA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on dtd- 20/08/2025, affidavit No-11. My name and address is **Manoj Das** (Age 36 year), S/o- Tukuna Das, resident of At/Po: Gopalpur, Ps: Bhadreswar, Dist: Cuttack, Odisha the same name and adress is recorded in my Aadhar Card & Central Bank of India passbook A/c No: 3526613204 but my name and adress has been wrongly recorded as **Manoj Kumar Das**, At-Gangarampur, Po- Gunupur via-Jaria, Ps-Pattamundai, Dist- Kendrapada in my Postal SB Passbook A/c No: 6274871229. I declare that my self **Manoj Das,** At/Po-Gopalpur, PS- Bhadreswar, Dist-Cuttack and **Manoj Kumar Das,** At-Gangarampur, Po-Gunupur, Ps-Pattamundai, Dist-Kendrapada is one and same person for all purposes.

### ବର୍ଷା ହେଲେ ବଢ଼ୁଛି ମୋଟୁବାସୀଙ୍କ ଚିନ୍ତା

# ସିଲେରୁ, ସାବେରୀ ନଦୀର ପଛୁଆ ଜଳକୁ ଭୟ



ମୋଟୁ, ୨୨।୮ (ସମିସ): ମାଲକାନଗିରି ଜିଲ୍ଲାରେ ବର୍ଷା ଦିନ ଆସିଲେ ବଢ଼ୁଛି ମୋଟୁ ଓ ଆଖପାଖ ଗ୍ରାମ ଗୁଡିକର ଚିନ୍ତା। ପୋଲାଭରମ ପ୍ରକଳ୍ପ ହେବା ପରଠାରୁ ମୋଟୁ ସମେତ ଅନେକ ଗ୍ରାମର ଚିନ୍ତା ବଢାଇଛି ସାବେରୀ ଓ ସିଲେରୁ ନଦୀର ପଛୁଆ ଜଳ। ପ୍ରତିବର୍ଷ ବର୍ଷା ହେଲେ ମାଟୁ ପ୍ରତି ବିପଦ ବଢିବାରେ ଲାଗିଛି। ଚଳିତ ବର୍ଷ ମଧ୍ୟ ସାବେରୀ ନଦୀରେ ଜଳସ୍ତର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯଦିଓ ବର୍ତ୍ତମାନ ସୁଧା ପୋଲାଭରମ ଯୋଗୁଁ ପଛୁଆ ପାଣି ଆସି ନାହିଁ, କିନ୍ତୁ ବର୍ଷା ବଢିଲେ ଓ ଉଭୟ ନଦୀର ଜଳସ୍ତର ବୃଦ୍ଧି ହେଲେ ଜଳ ନିଷ୍କାସନ ନ ହୋଇ ପଛୁଆ ଜଳ ଆସି ମୋଟୁ ଓ ଆଖପାଖ ଗ୍ରାମ ଜଳମଗ୍ନ ହେବାର ଭୟ ସ୍ଥାନୀୟ ଲୋକଙ୍କୁ ଘାରିଛି। ଗତ କିଛିଦିନ ପୂର୍ବେ ସାବେରୀ ନଦୀର ଜଳସ୍ତର ବୃଦ୍ଧି ହେତୁ ମାଲକାନଗିରିରୁ ଛତିଶଗଡକୁ ସଂଯୋଗ କରୁଥିବା ଝାପ୍ରା ପୋଲ ବୁଡି ଯିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଆଗକୁ ଯଦି ଅଧିକ ବର୍ଷା ହୁଏ, ତେବେ ଏହି ନଦୀର ଜଳସ୍ତର ଆହୁରି ଅଧିକ ବଢିବାର ଆଶଙ୍କା ରହିଛି। କେବଳ ମାଲକାନଗିରି ଜିଲ୍ଲା ନୁହେଁ, ବରଂ ଆଖପାଖ ଜିଲ୍ଲାରେ ମଧ୍ୟ ବର୍ଷା ହେଲେ ଏହି ନଦୀ ଗୁଡିକର ଜଳସ୍ତର ବୃଦ୍ଧି ପାଏ। ପୂର୍ବରୁ ପୋଲାଭରମ ବନ୍ଧ ନିର୍ମାଣ ହୋଇ ନଥିବା ବେଳେ ନଦୀର ଜଳସ୍ତର ବୃଦ୍ଧି ହେଲେ ମଧ୍ୟ ଜଳ ନିଷ୍କାସନ ସଠିକ ଭାବେ ହେଉଥିବାରୁ ବିଶେଷ ସମସ୍ୟା ଉପୁଜି ନଥିଲା। କିନ୍ତୁ କିଛି ବର୍ଷ ଧରି ପୋଲାଭରମ କାର୍ଯ୍ୟ ଯୋଗୁଁ ସିଲେରୁ ଓ ସାବେରୀ ନଦୀରେ ଜଳ ନିଷ୍କାସନ ନ ହୋଇ ପଛୁଆ ଜଳ ଆସିବାରୁ ଅଞ୍ଚଳରେ ବର୍ଷା ଦିନ ହେଲେ ଚିନ୍ତା ବଢିଆବରେ ଲାଗୁଛି।

## ୩ ଗାଁ ବିକାଶରେ ବାଧକ ସାଜିଛି ପାହାଡ଼ିଆ ନଦୀ



ବୈପାରୀଗୁଡ଼ା, ୨୨।୮ (ସମିସ): ଗ୍ରାମାଞ୍ଚଳରେ ଗମନାଗମନ ସୁବିଧା କରିବା ପାଇଁ ସରକାର କାହିଁ କେତେ ଯୋଜନା କରିଛନ୍ତି। ହେଲେ ଏହି ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରୁନାହାନ୍ତି। ଅନେକ ସ୍ଥାନରେ ଗାଁ ଲୋକେ ଦୀର୍ଘ ବର୍ଷ ଧରି ଦାବି କରିଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପୋଲ ଖଣ୍ଡିଏ ନିର୍ମାଣ ହୋଇପାରୁନାହିଁ। ଯାହାକୁ ନେଇ ଏବେ ବଢୁଛି ଅସନ୍ତୋଷ। ବର୍ଷା ଦିନରେ ନଦୀ ଫୁଲିଲେ ଜୀବନକୁ ବାଜି ଲଗାଇ ରସି ସାହାଯ୍ୟରେ ନଦୀ ପାର ହେବାକୁ ପଡେ। ଏଭଳି ଚିତ୍ର ଦେଖିବାକୁ ମିଳିଛି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଚେରକା ପଞ୍ଚାୟତର କାଙ୍ଗୁଗୁଡା ନିକଟରେ। ଚେରକା ପଞ୍ଚାୟତର କାଙ୍ଗୁଗୁଡା , ଅଟାଳଗୁଡା ଏବଂ ଝାଲିଆଗୁଡା ତିନୋଟି ଗ୍ରାମର ଏକ ଶହରୁ ଅଧିକ ପରିବାର ଲୋକେ ଜୀବନକୁ ବାଜି ଲଗାଇ ଦଉଡ଼ି ସାହାଯ୍ୟରେ ନଦୀ ପାର ହେଉଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟ ଶିକ୍ଷକ, ସ୍ଥାନୀୟ ଅଙ୍ଗନବାଡି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀମାନେ କଷ୍ଟେ ମଷ୍ଟେ ଯିବା ଆସିବା କରୁଛନ୍ତି। ସ୍କୁଲ ପିଲା ଏବଂ ଅଙ୍ଗନବାଡି ଛୁଆ ଠାରୁ ଆରମ୍ଭ କରି ମହିଳା ପୁରୁଷ ସମସ୍ତେ ହନ୍ତସନ୍ତ ହେଉଛନ୍ତି। ଆଉଜରୁରୀ କାଳୀନ ପରିସ୍ଥିତରେ ସେମାନଙ୍କ କଷ୍ଟ ଦ୍ୱିଗୁଣିତ ହେଉଛି ବୋଲି ଗାଁ ଲୋକେ କହିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ହେଉ ଅବା ନିତିଦିନିଆ ଆବଶ୍ୟକ ସାମଗ୍ରୀ, ପିଡିଏସ ସାମଗ୍ରୀ ହେଉ ସବୁବେଳେ ଏ ଅଞ୍ଚଳବାସୀ ପଞ୍ଚାୟତ କାର୍ଯ୍ୟାଳୟ ଉପରେ ନିର୍ଭରଶୀଳ। ଏହି ଗାଁ ପାଇଁ ରହିଛି ରାସ୍ତା ଓ ପୋଲ ସମସ୍ୟା। ଭଲ ରାସ୍ତାଟିଏ ନଥିବାରୁ ଅନେକ ହଇରାଣ ହୁଅନ୍ତି ଅଞ୍ଚଳବାସୀ। ହେଲେ ଗାଁକୁ ଯିବାକୁ ଏହି କଚ୍ଚା ରାସ୍ତା ଦେଇ ପାହାଡିଆ ନଦୀ ପାରି ହେବାକୁ ପଡେ। ଆଉ ବର୍ଷା ଦିନେ ଜଳବନ୍ଦୀ ଜୀବନ। ସରକାର ଅପହଞ୍ଚ ଇଲାକାରେ ରାସ୍ତା ସହ ପୋଲ ନିର୍ମାଣ କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ସବୁ ନେଉଛନ୍ତି। ହେଲେ ଶାସନ କାଳର ଦୂରଦୃଷ୍ଟି ଅଭାବରୁ ବିକାଶର ସ୍ରୋତରେ ସାମିଲ ହେବାରୁ ବଞ୍ଚିତ ରହିଯାଇଛି ଚେରକା ପଞ୍ଚାୟତର ୩ ଖଣ୍ଡ ଗାଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଗାଁର ଭୀମ ସନ୍ତା, ଶଶି ଅନ୍ତିଆ, ଜୟନ୍ତୀ ଭୂମିଆ, ବିଦ୍ୟାବତୀ ପୋଲାଇ ପ୍ରମୁଖ ଦାବି କରିଛନ୍ତି।

## ପହଞ୍ଚିଲା ୩ ଗାଡ଼ି ସାର

ଉମରକୋଟ,୨୨।୮ (ସମିସ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ଏକ କୃଷି ପ୍ରଧାନ ଅଞ୍ଚଳ। ବ୍ଲକରେ ପ୍ରାୟ ଅନେକ ଦିନ ହେଲା ୟୁରିଆ ସଙ୍କଟ ଲାଗି ରହିଛି। ଏଭଳି ସ୍ଥିତିରେ କାଲି କ୍ରିବକୋ କମ୍ପାନୀର ୟୁରିଆ ସାର ତିନି ଗାଡ଼ି ଆସିଥିଲା। ଉକ୍ତ ୟୁରିଆ ସାର ଉମରକୋଟ ବ୍ଲକର ଯାଦବ ଟ୍ରେଡ଼ର, ତ୍ରିଷ୍ଣା ଟ୍ରେଡ଼ର, ପାଉଲ ଟ୍ରେଡ଼ର, ଅଲେଖମହିମା ଏଣ୍ଟର ପ୍ରାଇଜେସ,ରୁଇଦାସ ମଣ୍ଡଳ,ବିଶ୍ୱାସ ଫର୍ଟିଲାଇଜର, ଜୈନ ଫର୍ଟିଲାଇଜର, ବାସୁଦେବ ବିଶ୍ୱାସ, ବିଶ୍ୱାସ ଆଣ୍ଡ ସନସ ଏହିଭଳି ୯ଟି ସବ ଡିଲରଙ୍କୁ ଦିଆଯାଇଛି । କୃଷି ଅଧିକାରୀଙ୍କ ଉପସ୍ଥିତିରେ ଏହାକୁ ବଣ୍ଟନ କରାଯିବ ବୋଲି କହିଛନ୍ତି ଜିଲା କୃଷି ଅଧିକାରୀ ନିହାର ନାୟକ କହିଛନ୍ତି। ଅନ୍ୟପଟେ ଚଳିତ ବର୍ଷ ଚାଷ ପାଇଁ ୮୭ ହଜାର ମେଟ୍ରିକ ଟନ ସମସ୍ତ ପ୍ରକାର ସାର ଆବଶ୍ୟକତା ଥିଲା ବର୍ତ୍ତମାନ ସୁଦ୍ଧା ୮୨ ହଜାର ମେଟ୍ରିକ ଟନ ସାର ଆସି ସରିଲାଣି। ସେଥିମଧ୍ୟରୁ ୫୩,୫୦୦ ମେଟ୍ରିକ ଟନ ୟୁରିଆ ସାର ଆବଶ୍ୟକତା ରହିଥିଲା ଏବଂ ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୦ ହଜାର ମେଟ୍ରିକ ୟୁରିଆ ଆସି ସାରିଲାଣି । ଆଗାମୀ ଦିନରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆହୁରି ସାର ଆସିବ ବୋଲି କହିଛନ୍ତି ଜିଲ୍ଲା କୃଷି ଅଧିକାରୀ ସୂଚନା ଦେଇଛନ୍ତି।

### ● ସ୍ଥାୟୀ ଉପନିବନ୍ଧକ ଅଧିକାରୀ ନିଯୁକ୍ତି, ନିଜସ୍ୱ କୋଠା ନିର୍ମାଣ ଦାବି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



ବିଷମ କଟକ,୨୨।୮ (ସମିସ): ରାୟଗଡା ଜିଲ୍ଲା ବିଷମ କଟକ ତହସିଲ କାର୍ଯ୍ୟାଳରେ ଅବସ୍ଥିତ ଉପ ନିବନ୍ଧକ କାର୍ଯ୍ୟାଳୟରେ ସ୍ଥାୟୀ ଉପନିବନ୍ଧକ ଅଧିକାରି ନିଯୁକ୍ତ ସାଙ୍ଗକୁ କାର୍ଯ୍ୟାଳୟ କୋଠା ତୁରନ୍ତ ନିର୍ମାଣ ନିମନ୍ତେ ବିଷମ କଟକ ନାଗରିକ ମଞ୍ଚ ତରଫରୁ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଷମ କଟକ ତହସିଲଦାର କେ.ଭେଙ୍କେଟଶ୍ୱର ରେଡ଼ିଙ୍କୁ ପ୍ରଦାନ କରଯାଇଛି। ବିଷମକଟକ ସବ-ରେଜିଷ୍ଟ୍ରାର କାର୍ଯ୍ୟଳୟ ରେ ଜଣେ ସବ-ରେଜିଷ୍ଟ୍ରାର ଅଧିକାରୀ ଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ଦୀର୍ଘ ଦିନ ଧରୀ ସରକାରଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ମଧ କାର୍ଯ୍ୟାଳକୁ ଜଣେ ସ୍ଥାୟୀ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଉନାହିଁ। ବର୍ତମାନ, ଏହି ଦାୟିତ୍ୱ ତହସିଲଦାରଙ୍କ ହାତରେ ରହି ଆସୁଅଛି। ତହସିଲଦାର ବହୁବିଧ ପ୍ରଶାସନିକ ଦାୟିତ୍ୱରେ ରହୁଛନ୍ତି। ଫଳସ୍ୱରୂପ ପଞ୍ଜୀକରଣ କାର୍ଯ୍ୟରେ ବ୍ୟାଘାତ ଘଟୁଛି। ଯାହା ଜନସାଧାରଣ, ଆଇନଗତ, ବୃତ୍ତିଗତ, ସମ୍ପତି କାରବାର ଏବଂ ଡକ୍ୟୁମେଣ୍ଟେସନ୍ ସହିତ ଜଡିତ ଅଂଶୀଦାର ମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ୨୮ ଜୁନ୍ ୨୦୨୩ ତାରିଖ ରେ ବିଷମକଟକ ସମେତ ନିୟମିତ ଉପ-ନିବନ୍ଧନ କାର୍ଯ୍ୟାଳୟ ରୂପାନ୍ତରିତ ୧୫ଟି ଏକ୍ସ-ଅଫିସିଓ ସବ-ରେଜିଷ୍ଟ୍ରେସନ୍ ଅଫିସ ପାଇଁ ପଦ ସୃଷ୍ଟି ବିଷୟରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଥିଲା। ଏଥିରେ ମଞ୍ଜୁରୀପ୍ରାପ୍ତ କର୍ମଚାରୀ ଗଠନର ତାଲିକା ମଧ ରହିଥିଲା। ପୂର୍ବ ଦିନରେ ବିଷମକଟକର ବାର ଆସୋସିଏସନ୍ ତରଫରୁ ସବ୍‌ରେଜିଷ୍ଟ୍ରାର୍ କାର୍ଯ୍ୟଳୟରେ ସୁଗମ କାର୍ଯ୍ୟକାରିତା ସୂନିଶ୍ଚିତ କରିବା ପାଇଁ ଜଣେ ସ୍ଥାୟୀ ସବ୍ ରେଜିଷ୍ଟ୍ରାରଙ୍କୁ ନିଯୁକ୍ତି ଦେବା ପାଇଁ ଆନୁଷ୍ଠାନିକ ଭାବରେ ଅନୁରୋଧ ମଧ କରାଯାଇଥିଲା। ଏହାସତ୍ୱେ ବର୍ତମାନ ସୁଦ୍ଧା ଅଧିକାରୀ ନିଯୁକ୍ତ ହୋଇପାରିଲେ ନାହିଁ କି ବିଷମ କଟକ ଠାରେ ନୂତନ ଉପନିବନ୍ଧକ କାର୍ଯ୍ୟାଳୟ କୋଠା ନିର୍ମାଣ ହୋଇପାରିଲା ନାହିଁ। ତେଣୁ ଆଜି ନାଗରିକ ମଞ୍ଚ ଏବଂ ବିଷମ କଟକ ଆଇନଜୀବି ମାନେ ଓଡିଶା ସରକାର ଙ୍କ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବି ପଦ୍ର ପ୍ରଦାନ କରିଛନ୍ତି। ଆଗାମି ୩୦ ଦିନ ମଧରେ ଦାବି ପୁରଣ ନ ହେଲେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ମଞ୍ଚ ସଭାପତି ଗୋପାଳ କୃଷ୍ଣ ପଟ୍ଟନାୟକ ସୂଚନାଦେଇଛନ୍ତି। ଦାବି ପତ୍ର ପ୍ରଦାନ ସମୟରେ ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ,ଆଇନଜୀବି ସନ୍ତୋଷ କୁମାର ପଣ୍ଡା, କୁଳନାଥ ପାଢି, ରାମଚନ୍ଦ୍ର ମିଣିଆକା, ଜିତୁ ପଣ୍ଡା , ଅନୁପ ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ପ୍ରମୁଖ ଉପସ୍ଥିତ ଥିଲେ।

## ମା ମାର୍କମା ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ




ବିଷମ କଟକ,୨୨।୮ (ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା ମାର୍କମା ଯୁକ୍ତ ତିନି ମହାବିଦ୍ୟାଳୟ ପରିସରରେ ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ନୂତନ ଛାତ୍ର ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏହି ସଭାକୁ ପରିଚଳନା କରିଥିଲେ ଯୁକ୍ତ ତିନି ରାଜନୀତି ବିଜ୍ଞାନ ବିଭାଗର ଛାତ୍ର ବିକାଶ ୱାଡକା, ଛାତ୍ରୀ ମମିତା ପିଡିକାକା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅଶ୍ୱନୀ କୁମାର ପଣ୍ଡା ପ୍ରଥମେ ଠାକୁରଙ୍କ ନିକଟରେ ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ନୂତନ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରିଥିଲେ। ଓଡ଼ିଆ ଅଧାପିକା ଦୀପ୍ତିରାଣୀ ମିଶ୍ର ନୂତନ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜଳମୟ ଭବିଷ୍ୟତ କାମନା କରିଥିଲେ। ସେହିପରି ଇଂରାଜୀ ଅଧାପକ ସଞ୍ଜୟ କୁମାର ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ। ବିଭାଗର ମୁଖ୍ୟ ନିରଞ୍ଜନ ପାତ୍ରୀ ନୂତନ ଛାତ୍ରଛାତ୍ରୀ ମାନଙ୍କୁ ସଂପ୍ରତିକ ପରିସ୍ଥିତିରେ ରାଜନୀତି ବିଜ୍ଞାନର ଗୁରୁତ୍ୱ ବିଷୟରେ ବୁଝାଇ ଥିଲେ। ସେହିପରି ଅଧାପକ ବିନନ୍ତ ଡଙ୍ଗ୍ରି କବିତା ଦ୍ୱାରା ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସହ ଉତ୍ସାହିତ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନ ସଭାକୁ ସଫଳତା ସହ ଶେଷ କରିଥିଲେ।

### ● ରାୟଗଡା ଓଭରବ୍ରିଜର ଦୟନୀୟ ଅବସ୍ଥା

## ଏନ୍‌ଏଚ୍ ମୁଖ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଲେ ପ୍ରତିନିଧି ଦଳ

ରାୟଗଡ଼ା,୨୨।୮ (ସମିସ): ରାୟଗଡ଼ାର ଲାଇଫ୍ ଲାଇନ କୁହାଯାଉଥିବା ଓଭରବ୍ରିଜର ଦୟନୀୟ ସ୍ଥିତି ନେଇ ରାୟଗଡ଼ା ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ଓଭରବ୍ରିଜର ସ୍ଥାୟୀ ମରାମତି ପାଇଁ ରାୟଗଡା ସହରର ବୁଦ୍ଧିଜୀବି, ରାଜନୈତିକ ଦଳ, ବିଭିନ୍ନ



ସଂଗଠନ, ସାମ୍ବାଦିକ, ଓକିଲ ସ୍ୱର ଉତ୍ତୋଳନ କରିଛନ୍ତି। ଓଭରବ୍ରିଜର ଦୟନୀୟ ସ୍ଥିତି ନେଇ ଆନ୍ଦୋଳନ ହେଲେ ଜାତୀୟ ରାଜପଥ ବିଭାଗ ତରଫରୁ ସହରବାସୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ୟାଚ ପକା ଉପରି ମରାମତି କାମ କରିଥାନ୍ତି। କିନ୍ତୁ ମରାମତିର କେଇଟା ମାସ ପରେ ପୂର୍ବସ୍ଥିତିକୁ ଫେରିଆସେ ଓଭରବ୍ରିଜ। ଓଭରବ୍ରିଜ ଉପରେ ରାୟଗଡା ସହରବାସୀ ନିର୍ଭର କରୁଥିବା ବେଳେ ଜାତୀୟ ରାଜପଥ ବିଭାଗର ଆନ୍ତରିକତା ଅଭାବରୁ ଏହି ଓଭରବ୍ରିଜ ଦୟନୀୟ ସ୍ଥିତିକୁ ଚାଲି ଆସୁଛି। ଏ ନେଇ ରାୟଗଡ଼ା ବାସିନ୍ଦା ତଥା ବିଜେପି ଦଳର ଏକ ପ୍ରିତିନିଧି ଟିମ ଭୁବନେଶ୍ୱରରେ ଜାତୀୟ ରାଜପଥ ବିଭାଗର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ନବୀନ ପଟେଲଙ୍କୁ ସାକ୍ଷାତ କରି ଓଭରବ୍ରିଜର ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ଓଭରବ୍ରିଜର ସ୍ଥିତି ସମ୍ପର୍କରେ ପ୍ରାୟ ୧ ଘଣ୍ଟା ଧରି ଆଲୋଚନା ହୋଇଥିଲା ବୋଲି ବିଜେପି ସାଂସଦ ପ୍ରାର୍ଥୀ କାଳୀରାମ ମାଝି ସୂଚନା ଦେଇଛନ୍ତି। ଏଥିସହ ଶ୍ରୀ ମାଝୀ ସୂଚନା ଦେଇଛନ୍ତି ଯେ ଓଭରବ୍ରିଜର ମରାମତି କାମ ପାଇଁ ହିମାଚଳ ପ୍ରଦେଶର ଏକ କଂପାନୀ ଟେଣ୍ଡର ପ୍ରକ୍ରିୟାରେ ଚୟନ ହୋଇଛନ୍ତି। ବର୍ଷା ଦିନ ସରିଲା ପରେ କାମ ଆରମ୍ଭ ହେବ ବୋଲି ପ୍ରକାଶ କରିଛନ୍ତି। ମୁଖ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା ସମୟରେ କୋରାପୁଟ ବିଧାୟକ ରଘୁରାମ ମାଛ, ଅତିରିକ୍ତ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ନଳିନୀ ରାଣି ଶବର ଓ ଅଧିକ୍ଷଣ ଯନ୍ତ୍ରୀ ସୌମାର୍ଜିନୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ▶▶ ବାଲାପାଡୁ କ୍ୱାର୍ଟଜ୍ ଖଣି ଖନନକୁ ବିରୋଧ

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ପ୍ରଭାବିତ ଅଞ୍ଚଳବାସୀ



ରାୟଗଡ଼ା,୨୨।୮ (ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ବଡ଼ଇରୁକୁବାଡି ପଞ୍ଚାୟତ ଅନ୍ତର୍ଗତ (ହିଙ୍ଗିରିକଡା ପାହାଡ଼) ବାଲାପାଡୁ କ୍ୱାର୍ଟଜ ଏବଂ କ୍ୱାର୍ଟଜାଇଟି ଖଣି ଖନନକୁ ଅଞ୍ଚଳବାସୀ ଓ ସ୍ଥାନୀୟ ଜନ ପ୍ରତିନିଧି ତୀବ୍ର ବିରୋଧ କରି ଆସୁଛନ୍ତି। ସ୍ଥାନୀୟ ଅଞ୍ଚଳବାସିନ୍ଦାଙ୍କ ଗୋଟିଏ ଜିଦ୍ କୌଣସି ପରିସ୍ଥିତିରେ ମଧ୍ୟ ଖଣି ଉତ୍ତୋଳନ କରିବାକୁ ଦିଆଯିବ ନାହିଁ। ଏ ନେଇ ପ୍ରଭାବିତ ଅଞ୍ଚଳବାସୀ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ସାକ୍ଷାତ କରି ପ୍ରସ୍ତାବିତ କ୍ୱାର୍ଟଜ୍ ଖଣି ଲିଜ୍ ବାତିଲ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଗ୍ରାମବାସୀ ମାନେ ଖଣି ଉତ୍ତୋଳନ ହେଲେ ହିଙ୍ଗିରିକଡା ପାହାଡ ପାଖରେ ବସବାସ କରୁଥିବା ୬ ଗୋଟି ଗ୍ରାମର ପ୍ରାୟ ୧୮୦୦ରୁ ଅଧିକ ଲୋକଙ୍କ ସହ ଆଖପାଖରେ ରହୁଥିବା ୧୦ଗୋଟି ଗ୍ରାମର ୩ ହଜାରରୁ ଅଧିକ ଗ୍ରାମବାସୀ ପ୍ରଭାବିତ ହେବେ ବୋଲି ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି। ଯଦି ଖଣି ଖନନ ହୁଏ, ତେବେ ଆମର ଜୀବନଜୀବିକା ଉପରେ ପ୍ରଭାବ ପକାଇବ। ହିଙ୍ଗିରିକଡା ପାହାଡ଼ରେ ଲଘୁ ବନଜାତ ଦ୍ରବ୍ୟ ଆମ୍ବ, ପଣସ, ଅଁଳା, ହରଡା, ବାହାଡା, ମହୁଲ, ନିମ୍ବ, ନାରଙ୍ଗି, ସଳପ ଆଦି ଗଛ ହଜାର ହଜାର ସଂଖ୍ୟାରେ ରହିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ପାହାଡ ଦ୍ୱାରା ସେମାନଙ୍କ ଜୀବନଜୀବିକା ଚାଲୁଛି। ତେଣୁ ଜୀବନ ଗଲେ ଯାଉ, କିନ୍ତୁ ଏହି ପର୍ବତ ଛାଡିବୁ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବଡ଼ ଇରୁକୁବାଡି ସମିତି ସଭ୍ୟ ଦୟାନିଧି କଣ୍ଡାଗରୀ, ସରପଞ୍ଚ କାମେଶ୍ୱର ତାଡିଙ୍ଗି, ତାଡମା ସରପଞ୍ଚ ଅଲେମ ଜାକାକା, ପିତାମହଲ ସରପଞ୍ଚ ଶର୍ମିଳା ପାଲକା, ଚନ୍ଦ୍ରଶେଖର ଖରସେଲବଂଶ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରକାଶ ଯେ ବାଲାପାଡୁ ଗାଁ ଠାରେ ଥିବା ୫୫.୩୯୪ହେକ୍ଟର ପରିମିତ ଅଞ୍ଚଳରେ କ୍ୱାର୍ଟଜ ଏବଂ କ୍ୱାର୍ଟାର୍ଜାଇଟ ଖଣି ପାହାଡରୁ ବାର୍ଷିକ ୫୪ ହଜାର ୫୦୦ଘନ ମିଟର ଉତ୍ତୋଳନ ନିମନ୍ତେ ପରିବେଶୀୟ ମଞ୍ଜୁରି ପାଇଁ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଲୋକେ ବିରୋଧ କରିବାରୁ ଜନଶୁଣାଣି ବନ୍ଦ କରି ଦିଆଯାଇଥିଲା।

## ମାଝୀଗୁଡ଼ା ସାପ୍ତାହିକ ହାଟ ନିଲାମୀ

କଲ୍ୟାଣସିଂହପୁର,୨୨।୮ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ମାଝୀଗୁଡା ପଞ୍ଚାୟତ ସଦରରେ ସାପ୍ତାହିକ ହାଟ ନିଲାମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଟ ନିଲାମୀ ବେଳେ ମଝିଗୁଡା ସଦର ଗାଁର ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ମଝିଗୁଡା ପଞ୍ଚାୟତର ବିଭିନ୍ନ ଗାଁରୁ ଅନେକ ଲୋକମାନେ ଉପସ୍ଥିତ ରହିଥିଲେ। ଏହି ହାଟ ନିଲାମୀ କାର୍ଯ୍ୟକ୍ରମରେଶ୍ୟାମଧରକଣ୍ଡାଗରୀସଭାପତିତ୍ୱ କରିଥିବା ବେଳେଜିପିଡଇଓ ଶ୍ୱେତମ ପ୍ରଧାନୀ ମୁଖ୍ୟ ଅତିଥି ଯୋଗଦେଇ ଥିବା ବେଳେ ମାଝୀଗୁଡା ପଞ୍ଚାୟତ ଗ୍ରାମସେବକ ରାଜେଶ ପଟ୍ଟନାୟକଙ୍କ ଉପସ୍ଥିତରେ ହଟା ନିଲାମୀ କାର୍ଯ୍ୟକ୍ରମ ଆରମ୍ବ ହୋଇଥିଲା। ପ୍ରଥମେ ମଝିଗୁଡା ସଦରରେ ଥିବା ବନ୍ଧକୁ ମାଁ ତାରିଣୀ ଏସ୍‌ଏଚ୍‌ଜି ଗୃପର ସଭାପତି କେ.ଶ୍ୟାମଳା, ସମ୍ପାଦକ ବି ନିଳେବେଣୀ ତିନିବର୍ଷକୁ ୭୦ ହଜାର ଟଙ୍କା ନିଲାମୀ ନେଇଥିବା ବେଳେ ସାପ୍ତାହିକ ହାଟ ୫,୬୮,୫୦୦ ଟଙ୍କା ଦେଇ ଯୁଧିଷ୍ଠିର ମହାନନ୍ଦିଆ ଏକ ବର୍ଷ ପାଇଁ ନିଲାମୀ ନେଇଥିବା ସୂଚନା ଦେଇଛନ୍ତି।

## ବିୟୁଟିସିଆନ୍ ୱେଲଫେୟାର୍ ଆସୋସିଏସନ୍‌ର କର୍ମଶାଳା



ରାୟଗଡ଼ା,୨୨।୮ (ସମିସ): ଦୈନନ୍ଦିନ ଜୀବନରେ ସମସ୍ତ ଝିଅ ,ମହିଳା ମାନେ ନିଜର ଚେହେରା ସୁନ୍ଦର ଦେଖିବାକୁ ଚାହାନ୍ତି। ଏହି ସୁନ୍ଦରତାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିୟୁଟିସାୟାନ୍ ମାନେ ବିୟୁଟି ପାର୍ଲର ଖୋଲିବା ସହ ଝିଅ ଓ ମହିଳା ମାନେ ସ୍ୱାବଲମ୍ବୀ ମଧ୍ୟ ହୋଇପାରିଛନ୍ତି ବୋଲି କହିଛନ୍ତି କୋରାପୁଟ ଜିଲ୍ଲାରୁ ଆସିଥିବା ବିୟୁଟିସିଆନ ଆସୋସିଏସନ ରାଜ୍ୟ ସମ୍ପାଦିକା ମଞ୍ଜୁଳା ରାଉତ। ରାୟଗଡା ବିୟୁଟିସିୟାନ ୱେଲଫର ଆସୋସିଏସନ୍ ପକ୍ଷରୁ ଆଜି ହୋଟେଲ୍ ତେଜସ୍ୱିନୀ ଠାରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାୟପୁରରୁ ଆସିଥିବା ମେକଅପ ଓ ହେୟାର ଡିଜାଇନର ଯାସିକା ସାହା, ଜାନଭି ପଟେଲ ଏବଂ କାଭିସ୍ କୌର ଗାନ୍ଧୀ ମେକଓପ ଆର୍ଟିଷ୍ଟ ଉପସ୍ଥିତ ଥିଲେ। ମେକ୍‌ଅପ ଆର୍ଟିଷ୍ଟ ମଡେଲ ରିମ୍ ଅଲ୍ଲୁରଙ୍କ ସମେତ କ୍ୱିନ୍ସ କସ୍‌ମେଟିକ ଓନର ଚରଣଦିପ ଗାନ୍ଧୀ ଏବଂ ବିଜନେସ ଡେଭେଲପେର ଖୁସବୁ ରାଣି ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ରାୟପୁରରୁ ଆସିଥିବା ଅତିଥି ମାନେ ସମସ୍ତଙ୍କ ପରିଚୟ ନେଇଥିଲେ। ଆରମ୍ଭରେ ଡେମୋ ଦେଖାଇବା ନିମନ୍ତେ ଜଣେ ମଡେଲର ରିମ୍ ଆଲୁରଙ୍କୁ ମଞ୍ଚ ଉପରେ ବସେଇ ଥିଲେ। ରିମ୍ ଆଲୁର୍‌ଙ୍କୁ ମେକଅପ୍ କରି କେତେ ମାତ୍ରାରେ କେଉଁ କସମେଟିକ ବ୍ୟବହାର କରାଯିବ ସେ ନେଇ ଟିକିନିଖି ତଥ୍ୟ ପ୍ରଦାନ କରିଥିଲେ ବିୟୁଟିସୀୟାନ ଯାଶିକା ଏବଂ କାଭିସ କୌର ଗାନ୍ଧି। ଏହି ଦିନିକିଆ କର୍ମଶାଳାରେ ଅଫିସିଆଲ୍ ମେକଅପ୍ ଏବଂ ପାର୍ଟି ଗୁଡ଼ିକରେ ଗଲେ ଯେଉଁଭଳି ମେକ୍‌ଅପ୍ ହୁଅନ୍ତି ସେଗୁଡିକୁ ବିଶେଷ ଭାବରେ ଗୁରୁତ୍ୱ ଦିଆଯାଇଥିଲା। ସେହିଭଳି ହେୟାର ଡିଜାଇନ୍‌କୁ ମଧ୍ୟ ଅଧିକ ଗୁରୁତ୍ୱ ଦେଇ ଶିକ୍ଷା ଦେଇଥିଲେ ଯାସିକା, ଜାନଭି ଏବଂ କାଭିଶ କୌର ଗାନ୍ଧୀ। କାର୍ଯ୍ୟକ୍ରମକୁ ରାୟଗଡା ବିୟୁଟିସୀୟାନ୍ ୱେଲଫେର ଆସୋସିଏସନ୍‌ର ସଭାପତି ବିଜୟ ଲକ୍ଷ୍ମୀ ମିଶ୍ର ଆୟୋଜନ କରିଥିଲେ। ସଭାପତି ଲକ୍ଷ୍ମୀ ମିଶ୍ର ଓ ଉପ- ସଭାପତି ସିଭାନି ପାଲାକା, ସମ୍ପାଦିକା ଶୈଳସୁତା ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପାଦନ ହୋଇଛି ବୋଲି କହିଛନ୍ତି ଉପଦେଷ୍ଟା ଉଦିତ ଶତପଥୀ। ଆସୋସିଏସନ୍‌ର ସଦସ୍ୟା ଜୁହି ଝା, ଶ୍ୱେତା ପଟ୍ଟନାୟକ, ରଞ୍ଜିତା ଦାସ, ମମତା ପଣ୍ଡା, ଗୀତାଞ୍ଜଳି ସାହୁ ପ୍ରମୁଖ ଏଭଳି କର୍ମଶାଳା ହେବା ଦ୍ୱାରା ବହୁତ୍ କିଛି ମେକଅପ୍ ବିଷୟରେ ଏବଂ ହେୟାର୍ ଡିଜାଇନ୍ ଶିଖି ପାରିଲୁ ବୋଲି କହିଛନ୍ତି।

### ଶୋଚନୀୟ ହୋଇପଡିଛି ହାଲୁଆ ଗାଁ ରାସ୍ତା

## ଯାତାୟାତରେ ବାଧା, ଚୁପ୍‌ବସିଛି ପ୍ରଶାସନ





ରାୟଗଡ଼ା,୨୨।୮ (ସମିସ): ଗ୍ରାମର ବିକାଶର ପ୍ରଥମ ଆଭିମୁଖ୍ୟ ହେଉଛି ସୁବିଧାଜନକ ପକ୍କା ରାସ୍ତା। କିନ୍ତୁ ରାୟଗଡ଼ା ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ୫କିମି ଦୂରରେ ଅବସ୍ଥିତ ହାଲୁଆ ଗ୍ରାମର ମୁଖ୍ୟ ରାସ୍ତାର ଅବସ୍ଥା ଦେଖିଲେ ସେହି ଆଭିମୁଖ୍ୟ କେବଳ କାଗଜକଲମ, ଫାଇଲ ତଳେ ରହିଯାଇଛି। ୩୨୬ ନମ୍ବର ଜାତୀୟ ରାଜପଥ ଠାରୁ ହାଲୁଆ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ଦେଢ କିମି ପିଚୁ ରାସ୍ତା ଏବେ ଖାଲଖମା ଓ ପିଚୁ ଉଠିଯାଇ ମେଟାଲ ରାସ୍ତାରେ ପରିଣତ ହୋଇଛି। ଫଳରେ ବର୍ଷା ହେଲେ କାଦୁଅରେ ପରିଣତ ହେଉଥବା ଏହି ରାସ୍ତା ଆଜି ଗ୍ରାମବାସୀଙ୍କ ପାଇଁ ସର୍ବାଧିକ ଯନ୍ତ୍ରଣାର କାରଣ ହୋଇପଡିଛି। ହାଲୁଆ ଗାଁରେ ପ୍ରାୟ ତିନି ଶହରୁ ଅଧିକ ପରିବାର ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ଗାଁରୁ ବାହାରି ରାୟଗଡ଼ା ଜିଲ୍ଲା ସଦର ମହକୁମାର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଉଥିବା ଛାତ୍ରଛାତ୍ରୀମାନେ, ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ଯାଉଥିବା ରୋଗୀମାନେ, କାମକୁ ଯାଉଥିବା କର୍ମଚାରୀ ତଥା ଗାଁର ଶ୍ରମିକମାନଙ୍କ ପାଇଁ ଏହି ରାସ୍ତା ଏକ ଦୈନନ୍ଦିନ ଦୁଃଖ ପାଲଟିଗଲାଣି। ଦୀର୍ଘ ବର୍ଷେରୁ ଅଧିକ ସମୟ ହେବ ଏହି ପିଚୁ ରାସ୍ତାର ଶୋଚନୀୟ ଅବସ୍ଥା ବିଷୟରେ ସ୍ଥାନୀୟ ବ୍ଲକ୍ ପ୍ରଶାସନ ଅବଗତ ଥିଲେ ମଧ୍ୟ ରାସ୍ତାର ମରାମତି ତଥା ନିର୍ମାଣ ଦିଗରେ ଆଖି ବୁଜି ଦେଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଫଳରେ ଏହା କେବଳ ଏକ ରାସ୍ତାର ସମସ୍ୟା ନୁହେଁ, ବରଂ ଗ୍ରାମର ବିକାଶର ଅବହେଳାର ପ୍ରତୀକ ହୋଇଯାଇଛି। ପଞ୍ଚାୟତ ଠାରୁ ଆରମ୍ଭ କରି ପ୍ରଶାସନଙ୍କୁ ଅନେକ ଥର ଅଭିଯୋଗ ହୋଇଥିବା ସତ୍ତ୍ୱେ ସମାଧାନର ଆଶା ନାହିଁ। ଯାହାକୁ ନେଇ ଏହା ପ୍ରଶାସନର ଉଦାସୀନତାକୁ ସ୍ପଷ୍ଟ କରୁଛି ବୋଲି ଗ୍ରାମବାସୀ କହିଛନ୍ତି। ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ହାଲୁଆ ଗ୍ରାମପଞ୍ଚାୟତର ସଦର ହାଲୁଆ ଗାଁର ମୁଖ୍ୟ ରାସ୍ତାର ଏଭଳି ଶୋଚନୀୟ ଅବସ୍ଥା ଯୋଗୁଁ ଏହି ରାସ୍ତା ଉପରେ ନିର୍ଭର କରି ଯାଉଥିବା ହାଲୁଆ, କୋଡିଙ୍ଗଗୁଡା ଓ ତଳଗୁରୁଠି ଗ୍ରାମର ପ୍ରାୟ ୨ ହଜାରରୁ ଅଧିକ ଲୋକେ ଯାତାୟତ କରି ଅତ୍ୟନ୍ତ କଷ୍ଟ ଭୋଗୁଛନ୍ତି। ଖାଲଖମା ରାସ୍ତାରେ ଗାଡ଼ି ଚଳାଚଳ ଠିକ୍ ଭାବେ ଚାଲି ପାରୁ ନ ଥିବାରୁ ଅଧାବାଟରେ ଠିଆ ହୋଇପଡୁଛି। ପୁଣି ଠେଲି ଠେଲି ଗାଡି ଚାଳକକୁ ରାଜପଥକୁ ଆସିବାକୁ ପଡୁଛି। ଫଳରେ ଦେଢ କିମି ରାସ୍ତ ପାର ହେବାକୁ ଘଣ୍ଟାଏରୁ ଅଧିକ ସମୟ ଲାଗୁଥିବା ଗ୍ରାମର ସୁମନ ଜାକକା, ସୁବାରାଓ କାଡ୍ରକା, ସୁରେନ୍ଦ୍ର ଜାକକା, ରାଜେନ୍ଦ୍ର ଜାକକା, ମୋହନ ଜାକକା, ଚୈତନ୍ୟ ବେନିଆଙ୍କ ସହ ଅନ୍ୟମାନେ ଅଭିଯୋଗ କରିଥିବା ବେଳେ ତୁରନ୍ତ ଏହି ରାସ୍ତା ନିର୍ମାଣ ପାଇଁ ଆମେ ପ୍ରଶାସନ ତଥା ସରକାରଙ୍କୁ ଦାବି କରୁଛୁ ବୋଲି ରୁପାଲି ଜାକକା, ବାସନ୍ତି ଜାକକା, କାମିଲି ହୁଇକା ଓ ଅନ୍ୟମାନେ ପ୍ରକାଶ କରିଛନ୍ତି। ତେବେ ଏ ନେଇ ସ୍ଥାନୀୟ ସରପଞ୍ଚ ତାମାରାଓ ବିଡିକାଙ୍କ ପ୍ରତିକ୍ରିୟା ନେବାରୁ ହାଲୁଆ ଗାଁ ସମେତ ପଞ୍ଚାୟତର ଅନେକ ଗାଁ ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ପ୍ରତି ପଞ୍ଚାୟତ ସମିତି ବୈଠକରେ ସେ ଅବଗତ କରାଇଥିବା ବେଳେ ବିଭାଗ ତଥା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ପଞ୍ଚାୟତବାସୀ ଜିଲ୍ଲା ସଦର ମହକୁମା ନିକଟରେ ରହି ମଧ୍ୟ ସୁବିଧାଜନକ ରାସ୍ତାଟିଏ ପାଇପାରୁ ନାହାନ୍ତି ବୋଲି କହିଛନ୍ତି।

● ହିନ୍ଦୁ ଧର୍ମ ବିରୋଧରେ ଆପତ୍ତିଜନକ ଟିପ୍ପଣି

# ବଜରଙ୍ଗ ଦଳ ପକ୍ଷରୁ ଏତଲା

ନବରଙ୍ଗପୁର,୨୨।୮ (ସମିସ ): ଆପତ୍ତିଜନକ ମନ୍ତବ୍ୟ ରହିଥିବା ଭିଡିଓକୁ ଯୁବକ ଜଣକ ଫେସବୁକରେ ପୋଷ୍ଟ କରିଥିବା ନେଇ ଆଜି ନବରଙ୍ଗପୁର ଥାନାରେ ଏତଲା ଦାଏର କରାଯାଇଛି । ନବରଙ୍ଗପୁର ପୂଜାରିଗୁଡା ପଞ୍ଚାୟତ ବଡ କୁସୁମି ଗ୍ରାମର ଗୋପବନ୍ଧୁ ରନ୍ଧାରି ନାମକ ଯୁବକ ହିନ୍ଦୁ ଧର୍ମ ବିରୋଧରେ ଓ ହିନ୍ଦୁ ଦେବା ଦେବୀଙ୍କ ବିରୁଦ୍ଧରେ ଦୀର୍ଘ ଦିନ ଧରି ଫେସବୁକରେ ପୋଷ୍ଟ କରୁଛନ୍ତି । ଏହି ଭିଡିଓ ଭାଇରାଲ ହେବା ପରେ ନବରଙ୍ଗପୁର ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ, ଇସ୍କନ ସଂସ୍ଥା ତରଫରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହି କ୍ରମରେ ବଜରଙ୍ଗ ଦଳର ବହୁ ସଦସ୍ୟ ନବରଙ୍ଗପୁର ଥାନାରେ ପହଞ୍ଚି ଗୋପବନ୍ଧୁ ରନ୍ଧାରିଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନେଇ ଏତଲା ପ୍ରଦାନ କରିଥିଲେ । ଏତଲାକୁଥାନା ଅଧିକାରୀ ସମ୍ବିତ ବେହେରାଙ୍କୁ ପ୍ରଦାନ କରାଯାଇଥିଲା । ଏହି ଏତଲା ପ୍ରଦାନ ସମୟରେ ବଜରଙ୍ଗ ଦଳର ସୂରଜ ହରିଜନ , ଆକାଶ ନାୟକ, ପି କିରଣ କୁମାର, ଆଇ ରାଜା, ରୋହନ ହରିଜନ, ଏ ହରିଶ, ପି ତରୁଣ, ମହୋନ ହରିଜନଙ୍କ ସମେତ ଇସ୍କନ କର୍ମକର୍ତ୍ତା ବଳରାମ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବାରେ ୧୩୯୮ ଚିକିତ୍ସିତ

ମାଲକାନଗିରି,୨୨।୮ (ସମିସ):



ମାଲକାନଗିରି ଜିଲ୍ଲାରେ ୧୮ରୁ ୨୧ ଅଗଷ୍ଟ ପର୍ଯ୍ୟନ୍ତ ଚାଲିଥିବା "ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା'ରେ ୧୩୯୮ ଜଣ ରୋଗୀ ଚିକିତ୍ସିତ ହୋଇଛନ୍ତି ୭ ଜଣ ସୁପର ସ୍ପେଶାଲିଷ୍ଟ ଡାକ୍ତର ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ମାଲକାନଗିରି ସଦର ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ରୋଗୀଙ୍କ ଚିକିତ୍ସା କରିଛନ୍ତି । ସେଥିମଧ୍ୟରୁ କାର୍ଡିଓଲୋଜିରେ ୨୬୦, ନ୍ୟୁରୋଲୋଜୀରେ ୪୧୫, ଗାଷ୍ଟ୍ରୋଏଣ୍ଟେରୋଲୋଜିରେ ୨୬୩, ଏଣ୍ଡୋକ୍ରିନୋଲୋଜୀରେ ୨୨୯ ଓ ନେଫ୍ରୋଲୋଜିରେ ୨୩୧ ଓ ୧୩୦ ଜଣଙ୍କର ଇସିଜି କରାଯାଇଛି । ସେହିପରି ୫୯ ଜଣଙ୍କର ଏଣ୍ଡୋସ୍କୋପି ଓ ୬ ଜଣ ରୋଗୀଙ୍କର ଲେପ୍ରୋସ୍କୋପି ଅପରେସନ କରାଯାଇଛି । ଏହି ଡାକ୍ତରୀ ଦଳରେ ସର୍ଜରୀ ସ୍ପେଶାଲିଷ୍ଟ ଏସ ସି ବି ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଜ୍ୟୋତିର୍ମୟ ନାୟକ, ବରିଷ୍ଠ କାର୍ଡିଓଲୋଜ ଆଭାଂଶ ଟଙ୍କ, ସିନିୟର୍ ନେଫ୍ରୋଲୋଜି ଡାକ୍ତର ଧିରଜ କୁମାର ଲେଙ୍କା, ସିନିୟର୍ ନ୍ୟୁରୋଲୋଜି ଡାକ୍ତର ସଂଘମିତ୍ରା ସାହୁ, ସିନିୟର୍ ଏଣ୍ଡୋକ୍ରିନୋଲୋଜୀ ଡାକ୍ତର ସୀତାକାନ୍ତ ପଣ୍ଡା, ସିନିୟର୍ ଗାଷ୍ଟ୍ରୋଏଣ୍ଟେରୋଲୋଜି ଡାକ୍ତର ରାକେଶ ମହାନ୍ତି, ଆସିଷ୍ଟାଣ୍ଟ ପ୍ରଫେସର ଆନାସ୍ଥେସିଓଲୋଜି ଡାକ୍ତର ରାଜ କୁମାର ମହାପାତ୍ର ପ୍ରମୁଖ ରହିଥିଲେ । ଜିଲ୍ଲା ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସେବା ପାଇ ଜିଲ୍ଲାର ରୋଗୀ ଖୁସି ବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଦ୍ୱାରା ଜିଲ୍ଲାର ହଜାରରୁ ଉଜାର ରୋଗୀ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସେବା ପାଇ ଉପକୃତ ହୋଇଥିବାରୁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ଅବସରରେ ସିଡିଏମଓ ଡାକ୍ତର ତୋଳାମଣି ପ୍ରଧାନ, ଡାକ୍ତର ବ୍ରଜବନ୍ଧୁ ଦାସ, ଡାକ୍ତର ନିହାର ରଞ୍ଜନ ପ୍ରହରାଜ, ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ଡାକ୍ତର କବିତା ସ୍ୱାଇଁ, ଡାକ୍ତର ସପନ କୁମାର ଡିଣ୍ଡା, ଡାକ୍ତର ପ୍ରଫୁଲ୍ଲ କୁମାର ବେହେରା, ଡାକ୍ତର ସୁବ୍ରତ କୁମାର ଜେନାଙ୍କ ସମେତ ଡିପିଏମ୍ ଡ଼ଃ ମୌସୁମୀ ମିଶ୍ର, ମେଡିକାଲ ମ୍ୟାନେଜର ସୁଶାନ୍ତ କୁମାର ବିଶ୍ୱାଳ ଓ ବିଶ୍ୱଜିତ ଉପସ୍ଥିତ ଥିଲେ ।

# ନାଲ୍‌କୋ ଅଧିକାରୀଙ୍କ ସରସ୍ୱତୀ ବିଦ୍ୟାମନ୍ଦିର ପରିଦର୍ଶନ



ଦାମନଯୋଡ଼ି/ସେମିଳିଗୁଡା, ୨୨।୮ (ସମିସ) : କୋରାପୁଟ ଜିଲ୍ଲାର ଦାମନଯୋଡି ସ୍ଥିତ ନାଲକୋ ଶିଳ୍ପାଞ୍ଚଳ ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରେକ୍ଷାଳୟରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ମାନବ ସମ୍ବଳ ବିଭାଗ ନିର୍ଦ୍ଦେଶକ ତାପସ କୁମାର ପଟ୍ଟନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ସମ୍ମାନିତ ଅତିଥି ଆଶୁତୋଷ ରଥ, ମୁଖ୍ୟ ମହାପ୍ରବନ୍ଧକ ଏସ୍. ବାସୁ, ସମ୍ପାଦକ ଡା. ଚିତ୍ତରଂଜନ ମିଶ୍ର ଓ ଶିକ୍ଷା ବିକାଶ ସମିତିଙ୍କ ପ୍ରାନ୍ତ ସଂଯୋଜକ କୈଳାସ ଚନ୍ଦ୍ର ମିଶ୍ର ପ୍ରାର୍ଥନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅଧକ୍ଷ ଡ. ସୁଭ୍ରଂଶୁ ଶେଖର ବାହିନୀପତି ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ବିଦ୍ୟାମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ସମ୍ପାଦକ, ଅଧକ୍ଷ ଓ ଭାରପ୍ରାପ୍ତ ଉପାଧକ୍ଷ ପ୍ରଦୀପ କୁମାର ଜଗତିଙ୍କ ଠାରୁ ଅବଗତ ହୋଇଥିଲେ । ଏଥି ନିମନ୍ତେ ସମ୍ପାଦକଙ୍କ ଅଧକ୍ଷତାରେ ଏକ ସଭା ମଧ୍ୟ ହୋଇଥିଲା । କାର୍ଯ୍ୟକ୍ରମରେ ୫୫୦ରୁ ଅଧିକ ଛାତ୍ରଛାତ୍ରୀ ଓ ୭୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ସହିଦ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦଙ୍କୁ ସମ୍ବର୍ଦ୍ଧନା



ମାଲକାନଗିରି, ୨୨।୮ (ସମିସ): ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘରେ ନେତାଜୀ ସୁବାଷ ବୋଷ ଟାଉନ୍ କ୍ଲବ୍ ପକ୍ଷରୁ ଅଗଷ୍ଟ କ୍ରାନ୍ତି ସ୍ମାରକୀ ରଥ ଓ ସହିଦ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ମାଥିଲି ଗୁଲିକାଣ୍ଡ ଦିବସରେ ସୁଦୂର ଭଦ୍ରକ ଜିଲ୍ଲା ସହିଦ ପୀଠ ଇରମ ଓ ଭଣ୍ଡାରୀ ପୋଖରୀ ଅଞ୍ଚଳରୁ ଆସିଥିବା ଅଗଷ୍ଟ କ୍ରାନ୍ତି ସ୍ମାରକୀ ରଥ ଓ ସହିଦ ସଂଗ୍ରାମୀ ଦାୟଦଙ୍କୁ ଆଜି ମାଲକାନଗିରି ଜିଲ୍ଲା ନେତାଜୀ ସୁବାଷ ବୋଷ ଟାଉନ କ୍ଲବ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜଣାଯାଇଛି । ଆଜି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ଠାରେ ସଂଘର ବରିଷ୍ଠ ଉପଦେଷ୍ଟା ରତ୍ନାକର ଦାଶଙ୍କ ଅଧକ୍ଷତା ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡିଶା ଗାନ୍ଧି ଫୋରମ ସହିଦ ତୀର୍ଥଯାତ୍ରୀ ସଂଘ ସଭାପତି ବରିଷ୍ଠ ସଂଗ୍ରାମୀ ବୈଲୋଚନ ଜେନା, ମୁଖ୍ୟବକ୍ତା ଭାବେ ଜାତୀୟ ମହିଳା ଫେଡ୍ରେସନ୍‌ର ଜାତୀୟ ପରିଷଦ ସଭ୍ୟା ବନଲତା ଜେନା, ସମ୍ମାନିତ ଅତିଥି ଭାବେ ସହିଦ ତୀର୍ଥ ଯାତ୍ରୀ ସଞ୍ଜୀବ ବାରିକ, ଉତ୍କଳ ମହିଳା ସମିତି ସଭାନେତ୍ରୀ କୌଶଲ୍ୟା କୁଅଁର ଯୋଗଦେଇ ଓଡିଶା ମାଟିର ସହିଦ ସଂଗ୍ରାମୀଙ୍କ ସ୍ୱାଧୀନତା ଆନ୍ଦୋଳନର ଗାଥା କହିଥିଲେ । ଏହି ଅବସରରେ ନେତାଜୀ ସୁବାଷ ବୋଷ ଟାଉନ କ୍ଲବର ସଭାପତି ଜି ଶ୍ରୀନିବାସ ରାଓ, ପି କେଶୁ ରାଓ, ସରୋଜ ପାତ୍ର, ସାମ୍ବାଦିକ ସଂଘ ସଭାପତି ଅଶୋକ ମିଶ୍ର, ସମ୍ପାଦକ ଶ୍ରୀନୁପାତ୍ର ପ୍ରମୁଖ ସାମ୍ବାଦିକ ଓ କ୍ଲବ ସଦସ୍ୟ ମାନେ ସଂଗ୍ରାମୀ ଦାୟଦ ମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ । ଭଦ୍ରକ ସହିଦ ପୀଠରୁ ଅଣାଯାଇଥିବା ପବିତ୍ର କଳସ ସଂଘ ସଭାପତି ଓ କ୍ଲବ୍ ସଭାପତିଙ୍କୁ ପ୍ରଦାନ କରି ଉକ୍ତ କଳସରେ ମାଲ୍ୟବନ୍ତଗିରୀର ପବିତ୍ର ମାଟି ନିଆ ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ମାଣିକ ବାଚଡ, ରାହୁଲ ଗୋଲରି, ରାଜେସ ବେପାରୀ, ମୃଣାଲ ମଣ୍ଡଳ, ପଙ୍କଜ ଖରା, ବିଜନ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଚୋରି ଘଟଣାରେ ୫ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ

ରାୟଗଡ଼ା,୨୨।୮ (ସମିସ): ଏକ ଚୋରି ମାମଲାର ଶୁଣାଣି କରି ୫ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି ରାୟଗଡ଼ା ଏସ୍‌ଡିଜେଏମ୍ ବର୍ଷା ଦାସ । ରାୟଗଡ଼ା ଗୌତମନଗର ନିବାସୀ ସୁଧିର କୁମାର ପାତ୍ରୀଙ୍କ ଭାଇ ବୃନ୍ଦାବନ ଯାଇଥିଲେ । ଗତ ଜୁନ୍ ୨ ତାରିଖରେ ତାଙ୍କ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସୁନା ଚେନ, ସୁନାମୁଦି, ରୁପା ପ୍ଲେଟ ସହ ନଗଦ ୧୦ ହଜାର ଟଙ୍କା ଚୋରି କରି ନେଇଥିଲେ । ଏ ନେଇ ରାୟଗଡା ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲେ । ଏହି ମାମଲାରେ ଅଭିଯୁକ୍ତ ଆଶ୍ରୀଫୁଲ ଶେଖ, ମହମ୍ମଦ ରୋଜି ଶେଖ, ମହମ୍ମଦ ଆଲମିନ, ଶେଖ ବାବୁ ଓ ସମୀର ଶେଷଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଚୋରି ଜିନିଷ ଜବତ କରିଥିଲା ପୁଲିସ । ଏହି ମାମଲାରେ ବିଚାରପତି ୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ୫ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜୋରିମାନା ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟରେ ଆଉ ୬ ମାସ ଜେଲ ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି ରାୟଗଡ଼ା ଏସ୍‌ଡିଜେଏମ । ସମସ୍ତ ଅଭିଯୁକ୍ତ ବିହାର ରାଜ୍ୟର ଏବଂ ସେମାନଙ୍କ ନାମରେ ଏକାଧିକ ମାମଲା ରହିଛି । ଏହି ମାମଲାକୁ ପରିଚାଳନା କରୁଥିଲେ ସରକାରୀ ଓକିଲ ସଚ୍ଚିଦାନନ୍ଦ ଖାଡଙ୍ଗା ।

# ଦୁଇ ଆହତଙ୍କୁ ଚିକିତ୍ସା କରାଇଲେ ସାମ୍ବାଦିକ



ମାଲକାନଗିରି, ୨୨।୮ (ସମିସ): ବିଜାଘାଟିରେ ଦୁର୍ଘଟଣାରେ ଆହତ ହୋଇ ଆଚେତ ଅବସ୍ଥାରେ ରସ୍ତାରେ ପଡ଼ିଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରି ଜିଲ୍ଲା ହସ୍ପିଟାଲକୁ ନେଇ ଚିକିତ୍ସା ବ୍ୟବସ୍ଥା କଲେ ଦୁଇ ଯୁବ ସାମ୍ବାଦିକ ଓ ସମାଜସେବୀ । ସୂଚନା ଅନୁଯାୟୀ ଶୁକ୍ରବାର ଅପରାହ୍ନରେ ମାଲକାନଗିରି ଜୟପୁର ୩୨୬ ନମ୍ବର ଜାତୀୟ ରାଜପଥ ବିଜାଘାଟିରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇ ଆଚେତ ଅବସ୍ଥାରେ ରାସ୍ତା କଡ଼ରେ ପଡ଼ିଥିଲେ । ତାଙ୍କ ନିକଟରେ ଅନ୍ୟ ଜଣେ ଯୁବକ ଆହତ ହୋଇ ସାହାଯ୍ୟ ପାଇଁ ଚିତ୍କାର କରୁଥିଲେ । ଏହି ସମୟରେ ଏକ କାରରେ ମାଲକାନଗିରିର ଦୁଇ ଯୁବ ସାମ୍ବାଦିକ ଜାନକି ପଟନାୟକ, ଚକ୍ରଧର ପଟନାୟକ ଓ ସମାଜ ସେବୀ ନାଗେଶ୍ୱର ପଟନାୟକ ଉକ୍ତ ରାସ୍ତା ଦେଇ ଗଙ୍ଗଲାରୁ ମାଲକାନଗିରିକୁ ଫେରୁଥିବା ବେଳେ ରାସ୍ତା କଡ଼ରେ ଉଭୟ ଆହତଙ୍କୁ ଦେଖି ସେମାନଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ । ସେଠାରେ ଡାକ୍ତର ଉଭୟ ଆହତଙ୍କ ଚିକିତ୍ସା ଆରମ୍ଭ କରିଥିବା ବେଳେ ଉଭୟ ବର୍ତ୍ତମାନ ସେମାନେ ବିପଦମୁକ୍ତ ବୋଲି ଡାକ୍ତର କହିଛନ୍ତି । ଦୁର୍ଘଟଣାରେ ଆହତ ଯୁବକଙ୍କ ମଧ୍ୟରୁ ଜଣେ ରଞ୍ଜନ କୁମାର ପରିଚ୍ଛା ଓ ସେ ପୁଲିସ ବିଭାଗରେ କାମ କରୁଥିବାର ଜଣାପଡିଛି । ରଞ୍ଜନ ଅନ୍ୟ ଜଣେ ଯୁବକ ସହ ମାଥିଲିରୁ କିଛି କାମ ସାରି ମାଲକାନଗିରିକୁ ଫେରୁଥିବା ବେଳେ ପାଣ୍ଡ୍ରିପାଣି ପଞ୍ଚାୟତ ନିକଟ ବିଜାଘାଟି ନିକଟରେ ହଠାତ୍ ଏକ ବସ ଓଭର ଟେକ କରିବାରୁ ଭାରସାମ୍ୟ ହରାଇ ଘାଟିରେ ପଡିଯାଇ ଆହତ ହୋଇଥିବା ଜଣାପଡିଛି । ସାମ୍ବାଦିକମାନଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ସାଂସଦ ପ୍ରତିନିଧିଙ୍କୁ ନେଇ ଯୁବ କଂଗ୍ରେସରେ ଅସନ୍ତୋଷ

ନନ୍ଦପୁର,୨୨।୮ (ସମିସ): ସାଧାରଣ ନିର୍ବାଚନ ଶେଷ ହେବା ସହ କଂଗ୍ରେସର ଜୟଗାନ ପରେ ପଟାଙ୍ଗି ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ନନ୍ଦପୁର ବ୍ଲକରେ ସାଂସଦ ପ୍ରତିନିଧି ପଦକୁ ନେଇ ବର୍ତ୍ତମାନ ଯୁବ କଂଗ୍ରେସ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଜଣେ ବ୍ୟକ୍ତିର ଗତ ୬ ବର୍ଷ ହେବ ନନ୍ଦପୁର ବ୍ଲକ୍‌ରେ ସାଂସଦ ପ୍ରତିନିଧି ଭାବେ ମନୋନୀତ ହେବା ନେଇ ଯୁବ କଂଗ୍ରେସ ଅସନ୍ତୋଷ ଜାହିର କରିଛି । ତେବେ ନନ୍ଦପୁର ବ୍ଲକ୍ କଂଗ୍ରେସ ଦଳୀୟ କର୍ମକର୍ତ୍ତା ମଧ୍ୟ ବର୍ତ୍ତମାନ ବ୍ଲକ ସାଂସଦ ପ୍ରତିନିଧି ବଦଳାଇବାକୁ ଦାବି କରିଛନ୍ତି । ନନ୍ଦପୁର ବ୍ଲକ ଯୁବ କଂଗ୍ରେସ ସଦସ୍ୟ କୋରାପୁଟ ସାଂସଦଙ୍କୁ ମଧ୍ୟ ଅବଗତ କରାଯାଇଥିବା ଶୁଣିବାକୁ ମିଳିଛି । ତେବେ କାହିଁକି କଣ ପାଇଁ ଜଣଙ୍କୁ ଦୀର୍ଘ ବର୍ଷ ଧରି ଗୋଟିଏ ପଦବୀରେ ସ୍ଥାପିତ କରାଯାଇଛି ବୋଲି ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି । ନନ୍ଦପୁର ବ୍ଲକ୍‌ରେ ଯୁବ କଂଗ୍ରେସ ପ୍ରତିଭା କିଛି କମ୍ ନଥିବା ବେଳେ କୋରାପୁଟ ସାଂସଦ ଜଣଙ୍କୁ ମାତ୍ର ଅନୁକମ୍ପା କାହିଁକି ବୋଲି ସାଧାରଣରେ ଆଲୋଚନା ହେଉଛି । ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବା ବେଳେ ଦଳୀୟ ଅସନ୍ତୋଷ ଉଗ୍ର ରୂପ ନେବା ଆଗରୁ ସାଂସଦ କି ପଦକ୍ଷେପ ନେଉଛନ୍ତି ତାହାକୁ ନେଇ କଂଗ୍ରେସ କର୍ମୀ ମହଲରେ ଆଲୋଚ୍ୟ ବିଷୟ ହୋଇଛି । ସେପଟେ ବିଧାୟକ ଶ୍ରୀ କଡାମ ପଞ୍ଚାୟତ ବୁଲି ଅଭିଯୋଗ ଶୁଣାଣି କରି ଉନ୍ନୟନ କାର୍ଯ୍ୟକୁ ଆଗକୁ ନେବାକୁ ପ୍ରୟାସ ଆରମ୍ଭ କରିଥିବା ବେଳେ କୋରାପୁଟ ସାଂସଦଙ୍କ ନନ୍ଦପୁର ବ୍ଲକ୍‌ରେ ଦେଖା ନଥିବା ମଧ୍ୟ ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର୍ ଧରିଛି ।

# ମୋବାଇଲ ଲାଇଟ୍‌ରେ ରୋଗୀ ସେବା

ରାୟଗଡ଼ା,୨୨।୮ (ସମିସ):



ଆଜି ରାୟଗଡା ସହରରେ ବିଦ୍ୟୁତ କାଟ୍ ହୋଇଥିବା ବେଳେ ଦୀର୍ଘ ୩ ଘଣ୍ଟା ଧରି ମୋବାଇଲ ଲାଇଟ୍‌ରେ କରାଗଲା ରୋଗୀଙ୍କ ଚିକିତ୍ସାସେବା । ଏଭଳି ଅଭାବନୀୟ ଘଟଣା ଆଜି ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦେଖିବାକୁ ମିଳିଥିଲା । ଡାକ୍ତରଖାନାର ଜେନେରେଟର୍ ଅଚଳ ହୋଇପଡିଥିବା ଯୋଗୁଁ ରୋଗୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥଲେ । ଦୀର୍ଘ ୩ଘଣ୍ଟା କାଳ ଲିଫ୍ଟ ଅଚଳ ହୋଇପଡିଥିଲା । ବିଶେଷ କରି ମୁଖ୍ୟ ଡାକ୍ତରଖାନାର ଓପିଡି, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଭେଷଜ ବିଭାଗ, ରକ୍ତ ନମୁନା ସଂଗ୍ରହ କେନ୍ଦ୍ରରେ ରୋଗୀ ସେବା ସମ୍ପୂର୍ଣ୍ଣ ବ୍ୟାହତ ହୋଇପଡିଥିଲା । ଫଳରେ ରୋଗୀଙ୍କ ସମ୍ପର୍କୀୟ ମାନେ ଘୋର ଅସନ୍ତୋଷ ବ୍ୟକ୍ତ କରିଥିଲେ । ଗତକାଲି ଠାରୁ ଟିପିଏସଓଡିଏଲ ପକ୍ଷରୁ ଆଜି ସକାଳ ୯ ଟାରୁ ସାଢେ ଗୋଟାଏ ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ ପାଇଁ ଘୋଷଣା କରାଯାଇଥିଲା । ହେଲେ ସ୍ୱାସ୍ଥ୍ୟ ବିଭାଗର ଆନ୍ତରିକତା ଅଭାବ ଯୋଗୁଁ ଅଚଳ ହୋଇପଡିଥିବା ଜେନେରେଟର୍‌କୁ କାର୍ଯ୍ୟକ୍ଷମ କରାଯାଇ ପାରିନଥିଲା । ଦୀର୍ଘ ୩ ଘଣ୍ଟା ପରେ ଜେନେରେଟର୍ ଠିକ୍ ହେବା ପରେ ମେଡିକାଲରେ ବିଦ୍ୟୁତ୍ ସଂଯୋଗ ହୋଇଥିଲା । ମେଡିକାଲ କର୍ତ୍ତୃପକ୍ଷଙ୍କ ଏପରି ଦାୟିତ୍ୱହୀନତାକୁ ସାଧାରଣରେ ବିରୋଧ କରାଯାଇଛି ।

# ଜିଲ୍ଲା ବଧିର ସଂଘର ସମ୍ପାଦକଙ୍କ ପରଲୋକ



ସେମିଲିଗୁଡ଼ା, ୨୨।୮ (ସମିସ): କୋରାପୁଟ ଜିଲ୍ଲା ବଧିର ସଂଘର ସାଧାରଣ ସମ୍ପାଦକ ତଥା ସାମାଜିକ କର୍ମୀ ଚିନ୍ତାମଣି ପୃଷ୍ଟି (୬୭) ଙ୍କର ଗତକାଲି ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି । ମୃତ୍ୟୁ ସମୟରେ ତାଙ୍କ ଧର୍ମପତ୍ନୀ ମିନା କୁମାରୀ ପୃଷ୍ଟି ଓ ଦୁଇ ପୁଅ ଓ ବୋହୂ ଉପସ୍ଥିତ ଥିଲେ । ସ୍ୱର୍ଗତ ପୃଷ୍ଟି ଜଣେ ସୁସଂଗଠକ, ଅତ୍ୟନ୍ତ ମେଳାପି ଓ ପରୋପକାରୀ ବ୍ୟକ୍ତି ଭାବେ ସମଗ୍ର କୋରାପୁଟ ଜିଲ୍ଲାରେ ପରିଚିତ ଥିଲେ । ବଧିର ସଂଘର ସମ୍ପାଦକ ଭାବେ ସେ ଜିଲ୍ଲାର ଶ୍ରବଣ ବାଧିତ ଛାତ୍ରଛାତ୍ରୀ ଓ ବ୍ୟକ୍ତି ବିଶେଷଙ୍କ ବିକାଶ ପାଇଁ ସର୍ବଦା ଚେଷ୍ଟିତ ରହୁଥିଲେ । ଏତଦ୍ ବ୍ୟତୀତ ଶ୍ରୀଯୁକ୍ତ ପୃଷ୍ଟି , ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍, ସେମିଳିଗୁଡା ବରିଷ୍ଠ ନାଗରିକ ସଂଘ, ଟିମ୍ ସମର୍ପଣ, ତରଙ୍ଗ ସେବା ସଂସ୍ଥାର ସକ୍ରିୟ ସଦସ୍ୟ ତଥା ଭାରତୀୟ ରେଡକ୍ରସ ସୋସାଇଟିର ଆଜୀବନ ସଦସ୍ୟ ଭାବେ ବିଭିନ୍ନ ସମାଜସେବା କାର୍ଯ୍ୟରେ ସର୍ବଦା ଲିପ୍ତ ରହୁଥିଲେ । ତାଙ୍କର ମୃତ୍ୟୁ ଖବର ସୁନାବେଡା ଓ ସେମିଳିଗୁଡାରେ ଶୋକର ଛାୟା ଖେଳାଇ ଦେଇଛି । ସ୍ୱର୍ଗତ ପୃଷ୍ଟିଙ୍କ ଶେଷ ଦର୍ଶନ ପାଇଁ ସେମିଳିଗୁଡା ନେତାଜୀ ନଗରସ୍ଥିତ ତାଙ୍କ ବାସଭବନକୁ ସୁନାବେଡା ପୌରାଧକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ସ୍ଥାନୀୟ କାଉନସିଲର ସୁଶ୍ରୀ ମମତା ରାୟ, ସମାଜସେବୀ ପ୍ରତାପ ଚନ୍ଦ୍ର ପାତ୍ର, ଜି.ସଞ୍ଜିବ କୁମାର, ଡ. ଉମାଶଙ୍କର ପ୍ରସାଦ ପାତ୍ର , ବରିଷ୍ଠ ସାମ୍ବାଦିକ ଡ. ଅଜୟ କୁମାର ସାହୁ, ମନୋଜ ପଟ୍ଟନାୟକ, କୋରାପୁଟ ଜିଲ୍ଲା ବଧିର ସଂଘର ସଭାପତି ଶେଖ ଇବ୍ରାହିମ୍ ଓ ସମସ୍ତ ସଦସ୍ୟଙ୍କ ସମେତ ଅନେକ ରାଜନେତା, ସମାଜସେବୀ, ଶିକ୍ଷାବିତ୍ ଓ ଶତାଧିକ ସଂଖ୍ୟାରେ ଅଞ୍ଚଳବାସୀ ଆସି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେମିଳିଗୁଡା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ହୋଇଥିଲା । ତାଙ୍କର ଜ୍ୟେଷ୍ଠ ପୁତ୍ର ଗୋପାଳ କୃଷ୍ଣ ପୃଷ୍ଟି ମୁଖାଗ୍ନି ଦେଇଥିଲେ ।

## ଜଣଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୨୨।୮ (ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ ସୁକୁମା ଜିଲ୍ଲାରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି । ଗତକାଲି ବିଳମ୍ବିତ ରାତିରେ ପୋଲାମପାଲି ଥାନା ଅନ୍ତର୍ଗତ ଆର୍ଲାମପାଲି ଗ୍ରାମର ସୋଡି ଦେବାଙ୍କୁ ହତ୍ୟା କରିଛନ୍ତି ମାଓବାଦୀ । ୧୫ ରୁ ୨୦ ଜଣ ମାଓବାଦୀ ଆର୍ଲାମପାଲି ଗାଁରେ ପହଞ୍ଚି ସୋଡି ଦେବାଙ୍କୁ ନିଦରୁ ଉଠାଇ ମାଓ ନେତା ଡାକୁଛନ୍ତି ବୋଲି କହି ନେଇଯାଇଥିଲେ । ହେଲେ ଆଜି ସକାଳେ ଗାଁ ନିକଟସ୍ଥ ଜଙ୍ଗଲ ଭିତରେ ସୋଡି ଦେବାଙ୍କ ମୃତଦେହ ପଡି ରହିଥିବା ଗାଁ ଲୋକେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ । ବର୍ତ୍ତମାନ ଗାଁରେ ପୋଲାମପାଲି ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି । ମାଓବାଦୀଙ୍କ ସଂପୃକ୍ତି ରହିଥିବା ଜାଣିବା ପରେ ସେ ଅଞ୍ଚଳରେ ଅପରେସନ ଆରମ୍ଭ କରାଯାଇଛି ।


# ଅମଲା ସଂଘର ତହସିଲ୍ କାର୍ଯ୍ୟାଳୟ ଆଗରେ ଧାରଣା

ଗୁଣୁପୁର, ୨୨।୮ (ସମିସ): ରାଜ୍ୟ ରାଜସ୍ୱ ଅମଲା ସଂଘର ଡାକରାରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଶୁକ୍ରବାର ୧୨ ଦିନରେ ପହଞ୍ଚିଛି । ଅମଲା ସଂଘ ରାୟଗଡା ଶାଖାର ୨୮୦ ଜଣ ରାଜସ୍ୱ ଅମଲା କଲମ ଛାଡ଼ ଆନ୍ଦୋଳନରେ ଅଂଶ ଗ୍ରହଣ କରିଛନ୍ତି । ଦାବି ଗୁଡ଼ିକ ପୂରଣ ନ ହେବା ପର୍ଯ୍ୟନ୍ତ ସମୂହ ଛୁଟିରେ ରହିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରି ଗତ ୧୧ ତାରିଖ ଠାରୁ କଲମ ଛାଡ଼ ଆନ୍ଦୋଳନ କରିଥିଲେ । ସରକାର ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରୁନଥିବାରୁ ସଂଘ ପକ୍ଷରୁ ତହସିଲ ଅଫିସ ଆଗରେ ଧାରଣା ଦେଇ ଏକ ଖବରଦାତା ସମ୍ମିଳନୀ କରାଯାଇଛି । ସେମାନଙ୍କ ମୌଳିକ ଦାବି ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିବେଦନ କରାଯାଇଛି । ସଂଘର ସାଧାରଣ ସମ୍ପାଦକ ଅଜୟ କୁମାର ନାହକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ରାୟଗଡ଼ା ଜିଲ୍ଲା ରାଜସ୍ୱ ଅମଲା ସଂଘର କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱନାଥ ମଣ୍ଡଳ, ଆହ୍ୱନ କାଉନ୍‌ସିଲ ଅଧକ୍ଷ ରାମଚନ୍ଦ୍ର ରଥ, ବରିଷ୍ଠ ସଦସ୍ୟ ଅରୁଣ କୁମାର ପାଢ଼ୀ , ରାୟଗଡ଼ା ଉପ ସଭାପତି ରବି ପାଟଯୋଶୀ ,ଗୁଣପୁର ଉପସଭାପତି ବଳରାମ ଭୂୟା , ଯୁଗ୍ମ ସମ୍ପାଦକ ବବିତା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ୧୦ ଦଫା ଦାବି ଗୁଡିକ ସମ୍ପର୍କରେ ସୂଚନା ଦେଇଥିଲେ । ସେମାନଙ୍କ ଦାବିକୁ ସମର୍ଥନ କରି ଗୁଣପୁ ତୃତୀୟ ଲିଙ୍ଗ ମହସଂଘ ପକ୍ଷରୁ ପିଙ୍କି ମହାପାତ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତା ମାନେ ଧାରଣାରେ ସାମିଲ ବସିଥିଲେ ।

## ଜିଲ୍ଲା ଆଦିବାସୀ ମହାସଂଘର ସାମ୍ବାଦିକ ସମ୍ମିଳନୀ

# ଜିଲ୍ଲାପାଳଙ୍କୁ ୧୪ ଦଫା ଦାବିପତ୍ର ପ୍ରଦାନ

ମାଲକାନଗିରି, ୨୨।୮ (ସମିସ):



ମାଲକାନଗିରି ଜିଲ୍ଲା ଆଦିବାସୀ ସମାଜ ମହାସଂଘ ପକ୍ଷରୁ ୧୫ ଗୋଟି ଆଦିବାସୀ ସମ୍ପ୍ରଦାୟର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ସହ ଜିଲ୍ଲା ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ ମୁଦୁଲିଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ୧୪ ଦଫା ଦାବି ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏନେଇ ଏକ ସାମ୍ବାଦିକ ସମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୫ ଗୋଟି ଆଦିବାସୀ ସମାଜର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ । ଯେଉଁଥିରେ ବିଭିନ୍ନ ସମସ୍ୟା ଗୁଡିକ ତୁରନ୍ତ ସମାଧାନ ହେଲେ ଆଦିବାସୀ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା, ସାମାଜିକ ଆର୍ଥିକ, ସଂସ୍କୃତି କ୍ଷେତ୍ରରେ ବୃଦ୍ଧି ଘଟିବ ବୋଲି ସଂଘ ପକ୍ଷରୁ ସ୍ୱର ଉଠା ଯାଇଥିଲା । ବିଶେଷ କରି ଜଙ୍ଗଲ ଜମି ପଟ୍ଟା, ଗୋଷ୍ଠୀଗତ ପଟ୍ଟା ପ୍ରଦାନ ଆଦିବାସୀ ଓ ବନବାସୀଙ୍କୁ ତୁରନ୍ତ ପଟ୍ଟା ପ୍ରଦାନ କରିବା, ଜିଲ୍ଲାରେ ଚାଷୀ ମାନେ ୟୁରିଆ ସାର ପାଇବାରୁ ବଞ୍ଚିତ ହେଉଥିବା ବେଳେ ଏହାର ସମାଧାନ କରିବା, ବେଆଇନ ଅନୁପ୍ରବେଶକାରୀଙ୍କୁ ରୋକିବା, ମାଲକାନଗିରି ଜିଲ୍ଲା ଏକ ପଞ୍ଚମ ଅନୁସୂଚି ଅଞ୍ଚଳ ତେଣୁ କେବଳ ଆଦିବାସୀ ଗ୍ରାମ ଗୁଡିକୁ ରାଜସ୍ୱ ଗ୍ରାମ ମାନ୍ୟତା ଦେବା, ବିକାଶ ନାମରେ ବିଭିନ୍ନ ପ୍ରକଳ୍ପ ରେ ବିସ୍ଥାପିତ ପରିବାରଙ୍କୁ ଜମି ପଟ୍ଟା ପ୍ରଦାନ କରି ଥଇଥାନ କରିବା, ରେଳ ପଥ ନିମନ୍ତେ ଜମି ଅଧିଗ୍ରହଣରେ ଉଚିତ ମୂଲ୍ୟ ପ୍ରଦାନ କରିବା, ସ୍କୁଲ କଲେଜ ରେ ଆଦିବାସୀ ନାବାଳିକା କ୍ଷେତ୍ରରେ ଅନ୍ୟାୟ, ଅତ୍ୟାଚାରକୁ ରୋକିବା, ସ୍ୱାସ୍ଥ୍ୟ ସମସ୍ୟା, ଜଙ୍ଗଲଜାତ ଦ୍ରବ୍ୟ, ଖଣିଜ ସମ୍ପଦରେ ପତ୍ର, ମହୁଲ, ଟଲା, କେନ୍ଦୁ ପତ୍ର ଆଦିର ଉଚିତ ମୂଲ୍ୟ ପ୍ରଦାନ କରିବା, ଭଳି ଅନେକ ସମସ୍ୟା ମାଲକାନଗିରି ଜିଲ୍ଲାରେ ଦୃଷ୍ଟି ଗୋଚର ହୋଇଛି । ଜିଲ୍ଲା ପ୍ରଶାସନ, ସହ ରାଜନୈତିକ ନେତୃବୃନ୍ଦ ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକିତା ରହିଛି ବୋଲି ଜିଲ୍ଲା ଆଦିବାସୀ ସମାଜ ମହାସଂଘ ପକ୍ଷରୁ ପ୍ରକାଶ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ଡିଡ଼ାଇ ସମାଜ ସଭାପତି ବଂଶୀଧର ମୁଦୁଲି, ବଣ୍ଡା ସମାଜ ସଭାପତି ମୁକୁନ୍ଦ ମାଝୀ, ଗାଦବା ସମାଜ ସଭାପତି ଭୀଷ୍ମ ଖିଲ, କନ୍ଧ ସମାଜ ସମ୍ପାଦକ ହରି ଗୋଲରୀ, ଭୂମିଆ ସମାଜ ସଭାପତି ସମାରୁ ନାୟକ, ଜିଲ୍ଲା ଆଦିବାସୀ ସମାଜ ମହାସଂଘ ସମ୍ପାଦକ ଦେବେନ୍ଦ୍ର ଖିଲ, ସାନ୍ତାଳ ସମାଜ ସଭାପତି ବବୁଲୁ ମୁର୍ମୁ, ଦୁରୁଆ ସମାଜ ସଭାପତି ଗୁପ୍ତ ଦୁରୁଆ, କୋୟା ସମାଜ ସମ୍ପାଦକ ଏରା ପଡିଆମୀ, ଜିଲ୍ଲା ଆଦିବାସୀ ସମାଜ ମହାସଂଘ କୋଷାଧକ୍ଷ ବୁଦ୍ରା କାର୍ତ୍ତାମୀ ଓ ଆଦିବାସୀ ସମାଜ ମହାସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

## ଗୁଡାରୀରେ ବଢୁଛି ବଙ୍ଗୀୟ ବେପାରୀଙ୍କ ବ୍ୟବସାୟ

ଗୁଡାରୀ,୨୨।୮ (ସମିସ): ୨୦ ବର୍ଷ ତଳେ ଗୁଡାରୀ ସହରକୁ ଗମନାଗମନ ସୁବିଧା ନଥିଲା । ପୂର୍ବ ସରକାର ସମୟରେ ସମସ୍ତ ପଞ୍ଚୟତଙ୍କୁ ସଡ଼କ ଓ ସେତୁ ମାଧ୍ୟମରେ ପରିଷଦକୁ ସଂଯୋଗୀକରଣ ପରେ ଦିନକୁ ଦିନ ସହରର ଜନସଂଖ୍ୟା ବଢୁଛି । ବିଶେଷକରି ବାହାର ରାଜ୍ୟର ଲୋକମାନେ ଆସି ଏଠାରେ ବ୍ୟବସାୟ କରୁଛନ୍ତି । ବାହାର ରାଜ୍ୟର ବଙ୍ଗାଳି, ବିହାରୀ ଓ ତେଲୁଗୁ ସମ୍ପ୍ରଦାୟର ଲୋକଙ୍କ ସଂଖ୍ୟା ବଢିବାରେ ଲାଗିଛି । ପରିଷଦର ମୁଖ୍ୟ ରାସ୍ତାରେ ଏମାନଙ୍କ ଦୋକାନ, ବଜାର ଦେଖିବାକୁ ମିଳିଛି । ବ୍ୟବସାୟ କରିବା ପାଇଁ ବାଙ୍ଗଲାଦେଶୀ ରୋହିଙ୍ଗ୍ୟା ମାନଙ୍କ ଅନୁପ୍ରବେଶ ଦିନକୁ ଦିନ ବଢ଼ିବାରେ ଲାଗିଛି । ପ୍ରଶାସନ ପକ୍ଷରୁ ସେମାନଙ୍କ ଭୋଟର ପରିଚୟପତ୍ର ଯାଞ୍ଚ କରାଯାଉନାହିଁ । ଦୁଇ ବର୍ଷ ତଳେ ୬ ବର୍ଷ ଝିଅ ନିଖୋଜ ହୋଇଥିଲା । ଆଜି ପର୍ଯ୍ୟନ୍ତ ତାର ଖୋଜଖବର ନାହିଁ । ବାହାର ରାଜ୍ୟରୁ ଆସୁଥିବା ବେପାରୀଙ୍କ ବିଷୟରେ ଯାଞ୍ଚ କରାଯିବାକୁ ଦାବି ହେଉଛି ।

# ଭୁବନେଶ୍ୱର-ଜୁନାଗଡ଼ ରୋଡ୍ ଏକ୍ସପ୍ରେସ୍ ଏଲ୍‌ଏଚ୍‌ବି କୋଚ୍‌କୁ ଉନ୍ନୀତ

ରାୟଗଡ଼ା୨୨।୮ (ସମିସ) : ଭୁବନେଶ୍ୱର-ଜୁନାଗଡ଼ ରୋଡ୍-ଭୁବନେଶ୍ୱର ସୁପର-ଫାଷ୍ଟ ଏକ୍ସପ୍ରେସ୍‌କୁ ଲିଙ୍କ୍ ହଫମାନ ବୁଶ୍ (ଏଲଏଚବି) କୋଚ୍‌କୁ ଉନ୍ନୀତ କରାଯାଇଛି । ଏଲଏଚବି କୋଚ୍ ପ୍ରଚଳନ ହେବା ଦ୍ୱାରା ଯାତ୍ରୀଙ୍କ ସୁରକ୍ଷା, ଆରାମ ଏବଂ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବାରେ ସହାୟକ ହେବ ବୋଲି ରେଳବାୟି ବିଭାଗିୟ ସୂତ୍ରରୁ ପ୍ରକାଶ ପାଇଛି । ଏହ ଉନ୍ନତ ଡିଜାଇନ୍ ପାଇଁ ଜଣାଶୁଣା ଏବଂ ଏହି କୋଚ୍‌ଗୁଡ଼ିକ ପାରମ୍ପରିକ ଆଇସିଏଫ କୋଚ୍ ତୁଳନାରେ ସୁଗମ ଯାତ୍ରା, କମ୍ ଶବ୍ଦ, ଉନ୍ନତ ସୁରକ୍ଷା ମାନଦଣ୍ଡ ଏବଂ ଉଚ୍ଚ କାର୍ଯ୍ୟକ୍ଷମତା ପ୍ରଦାନ କରିବ ବୋଲି ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ କେ ସଂଦୀପ ପ୍ରକାଶ କରିଛନ୍ତି । ଅଗଷ୍ଟ ୨୫ରୁ ଭୁବନେଶ୍ୱର-ଜୁନାଗଡ଼ ରୋଡ୍ ଟ୍ରେନରେ ଏଲଏଚବି ସେବା ଆରମ୍ଭ ହେବ ଏବଂ ନରବର୍ତ୍ତୀ ଦିନ ଜୁନାଗଡ଼ ରୋଡ୍-ଭୁବନେଶ୍ୱର ଟ୍ରେନରେ ଆରମ୍ଭ ହେବ । ଟ୍ରେନର ସଂଶୋଧିତ ଗଠନ ୧୭ଟି (ଏଲଏଚବି) କୋଚ୍ ରହିବ । ଯେଉଁଥିରେ ୨ଟି ୨ୟ ଏସି କୋଚ୍, ୦୪ଟି ତୃତୀୟ ଏସି କ୍ଲାସ କୋଚ୍, ୫ଟି ସ୍ଲିପର୍ କ୍ଲାସ କୋଚ୍, ୪ଟି ଦ୍ୱିତୀୟ ଶ୍ରେଣୀ ସିଟିଂ କୋଚ୍, ଗୋଟିଏ ଗାର୍ଡ କମ୍ ପାୱାର କାର୍ ଏବଂ ଗୋଟିଏ ଦ୍ୱିତୀୟ ଶ୍ରେଣୀ ଲଗେଜ୍ ଓ ଦିବ୍ୟାଙ୍ଗଙ୍କ ପାଇଁ କୋଚ୍ ରହିବ ବୋଲି ଶ୍ରୀ ସଂଦୀପ ସୂଚନା ଦେଇଛନ୍ତି ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୨୫ ● ପାଉଣ୍ଡ ୧୧୭.୧୨
- ୟୁରୋ ୧୦୧.୬୪ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୧୫୦ (ଭୁବନେଶ୍ୱର)
- ରୁପା : ୧,୧୮,୪୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୩୦୬.୦୦
- ନିଫ୍ଟି ୨୪,୮୭୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଅନ୍‌ଲାଇନ୍ ଗେମିଂରେ ତାଲା; ବନ୍ଦ ହେଲା ଫାଣ୍ଟାସୀ ଗେମ୍ସ

ନୂଆଦିଲ୍ଲୀ,୨୨।୮ (ଏଜେନ୍ସି):




- ସବୁ ପ୍ଲାଟଫର୍ମ ନୂଆ ଜମା ଉପରେ ଲଗାଇଲେ ରୋକ୍
- ଟଙ୍କା ସୁରକ୍ଷିତ, ଫେରସ୍ତର ଭରସା ଦେଲେ କମ୍ପାନୀ
- ଆପ୍ ଷ୍ଟୋର, ଗୁଗୁଲ୍ ପ୍ଲେ ଷ୍ଟୋରରେ ଏବେ ବି ଗେମିଂ ଆପ୍ ଉପଲବ୍ଧ

ରିଅଲ୍ ମନି ଗେମିଂ ଅର୍ଥାତ୍ ଆରଜିଏମ୍‌କୁ ଡ୍ରଗ୍ସଠାରୁ ବି ଅଧିକ ହାନିକାରକ କୁହାଯାଉଛି। କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ଏହାଦ୍ୱାରା ଦେଶରେ ଆତ୍ମହତ୍ୟା ବଢୁଛି ଓ ନିମ୍ନ ମଧ୍ୟବିତ୍ତ ପରିବାର ସବୁଠୁ ଅଧିକ ପ୍ରଭାବିତ ହେଉଛନ୍ତି। ପ୍ରମୋସନ ଆଣ୍ଡ ରେଗୁଲେସନ୍ ଅଫ୍ ଅନଲାଇନ୍ ଗେମିଂ ବିଲ୍ ୨୦୨୫ ସଂସଦରେ ଗୃହୀତ ହୋଇଛି। ଏହି ବିଲ୍ ଆସିବା ଭାରତର ରିଅଲ୍-ମନି ଗେମିଂ ଶିଳ୍ପରେ ହଇଚଇ ସୃଷ୍ଟି ହୋଇଛି। ବଡ଼ ଗେମିଂ ପ୍ଲାଟ୍‌ଫର୍ମଗୁଡ଼ିକ ଟଙ୍କା ଲଗାଯାଉଥିବା ଖେଳଗୁଡିକୁ ବନ୍ଦ କରିଦେଇଛନ୍ତି । ତେବେ ଆପ୍ ଷ୍ଟୋର ଓ ଗୁଗୁଲ୍ ପ୍ଲେ ଷ୍ଟୋରରେ ଏବେ ବି ଏହି ଆପ୍‌ଗୁଡ଼ିକ ଉପଲବ୍ଧ। ଏହି ନୂଆ ବିଲ୍ ଆସିବା ପରେ ହଠାତ୍ ଏହି ଅନ୍‌ଲାଇନ୍ ଗେମିଂରେ ତାଲା ଲାଗିଯାଇଛି। ବନ୍ଦ ହୋଇଯାଇଛି ଫାଣ୍ଟାସି ଗେମ୍ସ। ଅନ୍‌ଲାଇନ୍ ଗେମିଂର ସବୁ ପ୍ଲାଟଫର୍ମଗୁଡିକ ନୂଆ ଜମା ଉପରେ ରୋକ୍ ଲଗାଇଛନ୍ତି। ଏଥିରେ କମ୍ପାନୀଗୁଡିକ ଜମାକାରୀଙ୍କୁ ସେମାନଙ୍କର ଟଙ୍କା ସୁରକ୍ଷିତ ଥିବା ଏବଂ ତାହା ଫେରସ୍ତ କରିବାର ଭରସା ଦେଇଛନ୍ତି।

ଏକ ଖବର ଅନୁଯାୟୀ, ଭାରତର ବଡ଼ ବଡ଼ ଅନଲାଇନ୍ ଗେମିଂ କମ୍ପାନୀଗୁଡ଼ିକ ଯେପରିକି ଡ୍ରିମ୍ ୧୧ର ମୂଳ କମ୍ପାନୀ ଡ୍ରିମ୍ ସ୍ପୋର୍ଟ୍ସ, ଗେମ୍ସ କ୍ରାଫ୍ଟ,ମୋବାଇଲ ପ୍ରିମିୟର ଲିଗ୍(ଏମ୍‌ପିଏଲ୍) ,ଜୁପି ଏବଂ ପ୍ରୋବୋ ଭଳି କମ୍ପାନୀ ସେମାନଙ୍କ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ ରିଅଲ ମନି ଗେମ୍‌ଗୁଡ଼ିକୁ ବନ୍ଦ କରିବା ଆରମ୍ଭ କରିଛନ୍ତି। ସଂସଦରେ ଅନଲାଇନ୍ ଗେମିଂ ବିଲ୍ ୨୦୨୫ ଗୃହୀତ ହେବା ପରେ ଏହି ପଦକ୍ଷେପ ନିଆଯାଇଛି। ଏହି ଆଇନ ଅନୁଯାୟୀ, ଏବେ ଯେ କୌଣସି ଖେଳ ଯେଉଁଥିରେ ଖେଳାଳି ଟଙ୍କା ଜମା କରନ୍ତି ଏବଂ ଜିତିବାକୁ ଆଶା କରନ୍ତି ତାହାକୁ ବେଆଇନ ବୋଲି ବିବେଚନା କରାଯିବ। ଡ୍ରିମ୍ ସ୍ପୋର୍ଟସ୍ ଏହାର ନୂତନ ଆପ୍ସ ଡ୍ରିମ୍ ପିକ୍ସ ଏବଂ ଡ୍ରିମ୍ ପ୍ଲେରେ ଚାଲୁଥିବା ସମସ୍ତ ପେ ଟୁ ପ୍ଲେ ପ୍ରତିଯୋଗିତାକୁ ବନ୍ଦ କରିଦେଇଛି। କମ୍ପାନୀ କହିଛି ଯେ ସମସ୍ତ ଖେଳାଳିଙ୍କ ଟଙ୍କା ସୁରକ୍ଷିତ ଅଛି ଏବଂ ଯେକୌଣସି ସମୟରେ ଡ୍ରିମ୍ ୧୧ ଆପ୍ ରୁ ଉଠାଯାଇପାରିବ। ଆଗାମୀ ସମୟରେ, ଡ୍ରିମ୍ ୧୧ ର ମୁଖ୍ୟ ଆପ୍ ଉପରେ ମଧ୍ୟ ଏହି ପ୍ରତିବନ୍ଧକ ଲଗାଯାଇପାରେ। ଜଣାପଡିଛି ଯେ ଆର୍ଥିକବର୍ଷ ୨୩ ରେ କମ୍ପାନୀ ୧୮୮ କୋଟି ଟଙ୍କା ଲାଭ ଏବଂ ୬,୩୮୪ କୋଟି ଟଙ୍କା ରାଜସ୍ୱ ପଞ୍ଜୀକୃତ କରିଥିଲା।

ଅନଲାଇନ୍ ଗେମିଂ କମ୍ପାନୀଗୁଡ଼ିକ ସେମାନଙ୍କର ପ୍ଲାଟ୍‌ଫର୍ମରେ ନିଜ ନିଜ ୱେବସାଇଟ୍‌ରେ ୟୁଜର୍ସଙ୍କ ପାଇଁ ବାର୍ତ୍ତ ଦେଇଛନ୍ତି । ସଂସ୍ଥାଗୁଡିକ ୱେବ୍‌ସାଇଟ୍‌ରେ ଲେଖିଛନ୍ତି, ସରକାରଙ୍କ ଏହି ପଦକ୍ଷେପ ପରେ ଏବେ କାରବାର ବନ୍ଦ କରିବାକୁ ପଡୁଛି। ତେବେ କମ୍ପାନିଗୁଡିକ ୟୁଜର୍ସମାନଙ୍କୁ ସେମାନଙ୍କ ଟଙ୍କା ସୁରକ୍ଷିତ ଥିବା ଓ ଫେରସ୍ତ କରାଯିବ ବୋଲି ଭରସା ଦେଇଛନ୍ତି। ନୂଆ ଆଇନରେ ସ୍ପଷ୍ଟ କରାଯାଇଛି ଯେ କୌଣସି ପ୍ରକାର ରିୟଲ୍-ମନି ଗେମ୍‌ର ପ୍ରମୋସନ କିମ୍ବା ଟ୍ରାଞ୍ଜେକ୍ସନ ପାଇଁ ଏବେ ଅନୁମତି ଦିଆଯିବନାହିଁ । ନିୟମ ଉଲ୍ଲଂଘନ କରୁଥିବା ସଂସ୍ଥା ଏବଂ ବ୍ୟକ୍ତିଙ୍କ ବିରୋଧରେ କଠୋର ଆକ୍ସନ ନିଆଯିବ। ଏପରି କମ୍ପାନୀ ଉପରେ ଏକ କୋଟି ଟଙ୍କାର ଜରିମାନା ଓ ୩ ବର୍ଷ ଯାଏ ଜେଲ୍ ମଧ୍ୟ ହୋଇପାରେ। ଅନ୍ୟପଟେ ପ୍ରମୋଟର୍ସଙ୍କ ଉପରେ ୫୦ ଲକ୍ଷ ଟଙ୍କାର ଜରିମାନା ଓ ୨ବର୍ଷ ଯାଏ ଜେଲ୍ ଦଣ୍ଡ ପ୍ରାବଧାନ କରାଯାଇଛି। ସରକାର ଏହା ବି କହିଛନ୍ତି ଯେ ଇ-ସ୍ପୋର୍ଟ୍ସ ଓ ସୋସିଆଲ୍ ଗେମ୍ସକୁ ପ୍ରୋମୋଟ୍ କରାଯିବ। ଏଥିପାଇଁ ନ୍ୟାସନାଲ୍ ଗେମିଂ କମିଶନ ଗଠନ କରାଯିବ।

# ଅନ୍‌ଲାଇନ୍ ଗେମିଂ ବିଧେୟକ ଆଇନରେ ପରିଣତ

**ବିଲ୍‌କୁ ରାଷ୍ଟ୍ରପତି ଦେଲେ ମଞ୍ଜୁରୀ**

ନୂଆଦିଲ୍ଲୀ,୨୨।୮ (ଏଜେନ୍ସି):ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନ ପାଇବା ପରେ, ଅନଲାଇନ୍ ଗେମିଂ ବିଧେୟକ ଏବେ ଏକ ଆଇନରେ ପରିଣତ ହୋଇଛି। ଏବେ ରିଅଲ ମନି ଖେଳ ଉପରେ ପ୍ରତିବନ୍ଧକ ଲାଗିଯିବ। ସଂସଦରେ ଗୃହୀତ ହେବାର ଗୋଟିଏ ଦିନ ପରେ, ଅନଲାଇନ୍ ଗେମିଂ ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଛି। ଏବେ ଏହା ଏକ ଆଇନରେ ପରିଣତ ହୋଇଛି ଏବଂ ଖୁବ୍ ଶୀଘ୍ର ଏହାର କାର୍ଯ୍ୟକାରୀ ତାରିଖ ବିଜ୍ଞପ୍ତି ମାଧ୍ୟମରେ ଘୋଷଣା କରାଯିବ। ଏହି ଆଇନ ଅନୁଯାୟୀ, ସମସ୍ତ ପ୍ରକାରର ଟଙ୍କା ଖେଳ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବ, ଯେତେବେଳେ କି ସରକାର ଇ-କ୍ରୀଡା ଏବଂ ସାମାଜିକ ଖେଳକୁ ପ୍ରୋତ୍ସାହିତ କରିବେ। କେନ୍ଦ୍ର ସରକାର କହିଛନ୍ତି ଯେ ଅନଲାଇନ୍ ଟଙ୍କା ଖେଳ ଆଜି ଏକ ଗମ୍ଭୀର ସାମାଜିକ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଛି। ଏଗୁଡ଼ିକ କେବଳ ଯୁବପିଢ଼ିଙ୍କ ମଧ୍ୟରେ ନିଶା ଏବଂ ଆର୍ଥିକ ନଷ୍ଟ ବୃଦ୍ଧି କରିନାହିଁ, ବରଂ ସମାଜ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଛି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଅନଲାଇନ୍ ଟଙ୍କା ଖେଳ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ବିପଦ ପାଲଟିଛି। ପରିବାରର ସଞ୍ଚୟ ନଷ୍ଟ ହେଉଛି, ଅନେକ ଯୁବକ ମାନସିକ ବିକାର, ହିଂସାତ୍ମକ ଆଚରଣ ଏବଂ ବାଧ୍ୟତାମୂଳକ ଗେମିଂ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ନିଶା ଦ୍ୱାରା ୪୫ କୋଟି ଲୋକ ପ୍ରଭାବିତ ହୋଇଛନ୍ତି ଏବଂ ଏଥିରେ ୨୦,୦୦୦ କୋଟି ଟଙ୍କାରୁ ଅଧିକ କ୍ଷତି ହୋଇଛି ବୋଲି ଆକଳନ କରାଯାଇଛି। ସେ ଏହା ମଧ୍ୟ କହିଛନ୍ତି- ଏହା କେବଳ ନିଶା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ମନି ଲଣ୍ଡରିଂ ଏବଂ ଆତଙ୍କବାଦ କାର୍ଯ୍ୟକଳାପ ପାଇଁ ପାଣ୍ଠି ଯୋଗାଣର ମାମଲା ମଧ୍ୟ ସାମ୍ନାକୁ ଆସିଛି। ସଂସଦରେ ବିଲ୍ ପାସ୍ ହେବା ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଏହି ଆଇନ ସମାଜକୁ ଅନଲାଇନ୍ ମନି ଗେମର କ୍ଷତିକାରକ ପ୍ରଭାବରୁ ରକ୍ଷା କରିବ। ଏହା ଭାରତକୁ ଇ-କ୍ରୀଡା, ନବସୃଜନ ଏବଂ ସୃଜନଶୀଳତାର ଏକ ବିଶ୍ୱବ୍ୟାପୀ କେନ୍ଦ୍ର କରିବାରେ ମଧ୍ୟ ସାହାଯ୍ୟ କରିବ। ମୋଦି କହିଥିଲେ, ସରକାର ଚାହାଁନ୍ତି ଯେ ଭାରତରେ ଗେମ୍ ବିକାଶ ଶିଳ୍ପକୁ ପ୍ରୋତ୍ସାହିତ କରାଯାଉ ଏବଂ ଯୁବପିଢ଼ିଙ୍କ ସୃଜନଶୀଳତାକୁ ଠିକ୍ ଦିଗରେ ବ୍ୟବହାର କରାଯାଉ।

# ଅଗଷ୍ଟ ୨୭ରେ 'ଭାରତ ପ୍ରତିଭା' ସମ୍ମାନ

କଟକ, ୨୨।୮ (ସମିସ)

ପ୍ରତିବର୍ଷ ପରି ଚଳିତ ବର୍ଷ ନିଜର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ଭାରତ ମସଲା ତାର ୨୬ବର୍ଷ ପୂର୍ତ୍ତି ଆସନ୍ତା ୨୭ ଗଣେଶ ଚତୁର୍ଥୀ ଦିନ ପାଳନ ହେବାକୁ ଯାଉଛି। ବାରଙ୍ଗ ରାମଦାସପୁରସ୍ଥିତ ଭାରତ ମସଲା ପରିସରରେ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ନାଁକୁ ଦେଶ ବିଦେଶରେ ପ୍ରତିଷ୍ଠିତ କରାଇଥିବା ପ୍ରତିଭାମାନଙ୍କୁ ସେହିଦିନ ସମ୍ବର୍ଦ୍ଧିତ କରାଯିବ। ୧୯୭୧ରେ କାର୍ଗିଲରେ ପାକିସ୍ଥାନ ବିରୁଦ୍ଧରେ ଯୁଦ୍ଧକୁ ଲମ୍ଫ ଦେଇଥିବା ପୂର୍ବତନ ଭାରତୀୟ ସେନାଧିକାରୀ କ୍ୟାପ୍‌ଟେନ୍ ଦୁର୍ଯ୍ୟୋଧନ ମହାନ୍ତିଙ୍କୁ ଚଳିତବର୍ଷର ସମ୍ମାନଜନକ 'ଭାରତ ଗୌରବ' ସମ୍ମାନ ପ୍ରଦାନ କରାଯିବ। ସେହିପରି ଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିଥିବା ଡିଏଭି ସ୍କୁଲର ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥିଙ୍କୁ 'ସେବା ଭାରତ', ପଞ୍ଚାୟତରାଜ ବ୍ୟବସ୍ଥା ଓ ଗାନ୍ଧୀଙ୍କର ଗ୍ରାମ୍ୟ ସ୍ୱରାଜ୍ୟ ଉପରେ ସନ୍ଦର୍ଭ ଲେଖି ଚର୍ଚ୍ଚାରେ ଥିବା ଅବସରପ୍ରାପ୍ତ ଆଇଏଏସ୍ ଡ. ଅରବିନ୍ଦ ବେହେରାଙ୍କୁ 'କଥା ଭାରତ', ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଡ. ଶ୍ୱେତକୁମାର ଦାଶଙ୍କୁ 'ସଂସ୍କୃତି ଭାରତ, ଏସିଆନ୍ କ୍ରୀଡାରେ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିବା କିଶୋର ଜେନାଙ୍କୁ 'କ୍ରୀଡା ଭାରତ' ସମ୍ମାନରେ ସମ୍ମାନିତ କରାଯିବ ବୋଲି ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ସୂଚନା ପ୍ରଦାନ କରିଛନ୍ତି ।ସେହିପରି ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିବା ପାଇଁ +୨ କଳା, ବାଣିଜ୍ୟ ଓ ବିଜ୍ଞାନ କ୍ଷେତ୍ରରେ ଯଥାକ୍ରମେ ଶୀର୍ଷସ୍ଥାନ ଅଧିକାର କରିଥିବା ପ୍ରିୟଦର୍ଶିନୀ ଗଡନାୟକ, ଆର୍ଚ୍ଚି ଚିନ୍ମୟୀ ପ୍ରଧାନ ଓ ତପେଶ୍ୱର ବାଗଙ୍କୁ 'ବିଦ୍ୟା ଭାରତ' ସମ୍ମାନରେ ସମ୍ମାନିତ କରାଯିବ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରତିଭାଧାରୀ ମାନଙ୍କୁ ନଗଦ ଅର୍ଥ ରାଶି ସହ ଉପଢ଼ୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବ ବୋଲି ଅଧ୍ୟକ୍ଷତା କରୁଥିବା ଜୟଭାରତ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ପ୍ରକାଶ କରିଛନ୍ତି। ଏସ୍.ଏନ୍ ମିଲେନିୟମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଏହି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଭାରତ ମସଲାର ଜିଏମ୍ (ଅପରେସନ) ଅରୁଣ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା ,ଜିଏମ୍ ଅଶ୍ୱିନୀ କୁମାର ଦାସ, ଜିଏମ୍ (ପ୍ରଡକସନ୍) ନବକୃଷ୍ଣ ପ୍ରଧାନ, ପିଆର୍‌ଓ ଆଶିସ ମଙ୍ଗନ ପ୍ରମୁଖ ସହଯୋଗ କରିଥିଲେ ।




- ୨୬ ବର୍ଷରେ ଭାରତ ମସଲା
- କ୍ୟାପ୍‌ଟେନ୍ ଦୁର୍ଯ୍ୟୋଧନ ମହାନ୍ତି ପାଇବେ 'ଭାରତ ଗୌରବ' ସମ୍ମାନ

# ଟ୍ରମ୍ପ ଶୁଳ୍କକୁ ଚ୍ୟାଲେଞ୍ଜ
# ମଜଭୁତ ହେଉଛି ଭାରତ-ବ୍ରାଜିଲ ତୈଳ ସମ୍ପର୍କ

ନୂଆଦିଲ୍ଲୀ,୨୨।୮ (ଏଜେନ୍ସି)



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଉଚ୍ଚ ଶୁଳ୍କ ଲାଗୁ କରିବା ପରେ ଏହି ଘଟଣା ଭାରତ ଏବଂ ବ୍ରାଜିଲକୁ ତୈଳ ବାଣିଜ୍ୟକୁ ବୃଦ୍ଧି କରିବା ପାଇଁ ସୁଯୋଗ ଅନୁସନ୍ଧାନ କରିବାକୁ ପ୍ରେରଣା ଦେଉଛି। କାରଣ ନୂଆଦିଲ୍ଲୀ ସମ୍ପ୍ରତି ରୁଷୀୟ ତୈଳର ବିକଳ୍ପ ଖୋଜୁଛି। ଯେତେବେଳେ କି ବ୍ରାଜିଲ ଏହାର ବର୍ଦ୍ଧିତ ଅଶୋଧିତ ତୈଳ ଉତ୍ପାଦନ ପାଇଁ ନୂତନ ବଜାର ସନ୍ଧାନରେ ଅଛି। ଏସ୍‌ଆଣ୍ଡପି ଗ୍ଲୋବାଲ୍ କମୋଡିଟି ଇନସାଇଟ୍ସର ଏକ ରିପୋର୍ଟରେ ଏହା କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଇତିମଧ୍ୟରେ ବ୍ରାଜିଲ୍‌ରୁ ଭାରତକୁ ତୈଳ ଆମଦାନୀରେ ୭୫% ବୃଦ୍ଧି ପରିଲକ୍ଷିତ ହୋଇଛି।

ଭାରତରେ ରୁଷୀୟ ତୈଳ ପ୍ରବାହ ଜାରି ରହିଛି, କିନ୍ତୁ ଭାରତୀୟ ରିଫାଇନାରୀମାନେ ସେମାନଙ୍କର ଉତ୍ସଗୁଡ଼ିକୁ ବିବିଧ କରି ସବୁଠାରୁ ତୈଳ ଆମଦାନୀ ପାଇଁ ପ୍ରସ୍ତୁତ ହେଉଛନ୍ତି। ଏହା ଏପରି ଏକ ପଦକ୍ଷେପ ଯାହା ଭାରତକୁ ବ୍ରାଜିଲୀୟ ଅଶୋଧିତ ତୈଳ ପ୍ରବାହକୁ ଖୁବ୍ ଉପରକୁ ନେଇଯାଇପାରେ, ଯାହା ୨୦୨୫ ର ପ୍ରଥମାର୍ଦ୍ଧରେ ସମସ୍ତ ଯୋଗାଣକାରୀଙ୍କ ମଧ୍ୟରେ ସର୍ବାଧିକ ଅଭିବୃଦ୍ଧି ଥିଲା। ତେବେ ବର୍ଷର ଦ୍ୱିତୀୟାର୍ଦ୍ଧରେ ଏଥିରେ ଆହୁରି ବୃଦ୍ଧି ଘଟିଛି। ମାଲ ପରିବହନ, ମଧ୍ୟସ୍ଥତା ସୁଯୋଗ ଏବଂ ଅତିରିକ୍ତ କାର୍ଗୋର ଉପଲବ୍ଧତା ଭାରତୀୟ ବିଶୋଧନାକାରୀଙ୍କ ମଧ୍ୟରେ ବ୍ରାଜିଲୀୟ ଅଶୋଧିତ ତୈଳର ବାଣିଜ୍ୟିକ କାର୍ଯ୍ୟକ୍ଷମତା ନିର୍ଣ୍ଣୟ କରିବ, ଭାରତ ଏବଂ ବ୍ରାଜିଲ ସରକାରଙ୍କ ମଧ୍ୟରେ ବଢୁଥିବା କୂଟନୈତିକ ପ୍ରୟାସ ସକାରାତ୍ମକ ଫଳାଫଳ ଆଣିବ। ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବ୍ରାଜିଲିଆନ୍

**ବ୍ରାଜିଲ୍‌ରୁ ତୈଳ ଆମଦାନୀ ୭୫% ବୃଦ୍ଧି**

ଅଶୋଧିତ ତୈଳର ପ୍ରାଥମିକ କ୍ରେତା ହୋଇଛନ୍ତି। ଭାରତ ଦକ୍ଷିଣ ଆମେରିକୀୟ ଦେଶରୁ ଅଶୋଧିତ ତୈଳ ଆମଦାନୀ କିପରି ବୃଦ୍ଧି କରିପାରିବ ଏବଂ ଅଫଶୋର ଗଭୀର ଏବଂ ଅତି-ଗଭୀର ଜଳ ଅନୁସନ୍ଧାନ ଏବଂ ଉତ୍ପାଦନ ପ୍ରକଳ୍ପରେ ସହଯୋଗ ପାଇଁ ସୁଯୋଗ ଅନୁସନ୍ଧାନ କରିପାରିବ ସେ ବିଷୟରେ ଆଲୋଚନା କରିବା ପାଇଁ ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ନିକଟରେ ବ୍ରାଜିଲ ଗସ୍ତ କରିଥିଲେ।

# ବ୍ରିଟିଶ ଶିଳ୍ପପତି ଲର୍ଡ଼ ସ୍ୱରାଜ ପଲ୍‌ଙ୍କ ନିଧନ



ନୂଆଦିଲ୍ଲୀ,୨୨।୮ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ କିମ୍ବଦନ୍ତୀ ବ୍ରିଟିଶ ଶିଳ୍ପପତି ଲର୍ଡ ସ୍ୱରାଜ ପଲ୍‌ଙ୍କ ଦେହାନ୍ତ ଘଟିଛି। ୯୪ ବର୍ଷ ବୟସରେ ପଲ୍ ଦୀର୍ଘ ଅସୁସ୍ଥତାରେ ପୀଡିତ ଥିଲେ। ହାଉସ୍ ଅଫ୍ ଲର୍ଡସ୍ ସଦସ୍ୟ ସ୍ୱରାଜ ପଞ୍ଜାବର ଜଳନ୍ଧରର ବାସିନ୍ଦା। ପଲ୍ ବ୍ୟବସାୟ ଏବଂ ଅର୍ଥ କ୍ଷେତ୍ରରେ ସଫଳ ଥିଲେ, କିନ୍ତୁ ତାଙ୍କ ପରିବାର ସବୁବେଳେ ଦୁଃଖରେ ଘେରି ରହୁଥିଲା। ୨୦୧୫ ମସିହାରେ ତାଙ୍କ ପୁଅ ଅଙ୍ଗଦ ପଲ ୮ମ ମହଲାରୁ ପଡ଼ି ମୃତ୍ୟୁବରଣ କରିଥିଲେ। ୨୦୨୨ ମସିହାରେ ତାଙ୍କ ପତ୍ନୀ ଅରୁଣାଙ୍କ ମଧ୍ୟ ଦେହାନ୍ତ ହୋଇଥିଲା। ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀ ସ୍ୱରାଜ ପଲ ୧୯୩୧ ମସିହାରେ ଜନ୍ମଗ୍ରହଣ କରିଥିଲେ। ସେ କମ୍ ବୟସରେ ଲଣ୍ଡନ ଚାଲିଯାଇଥିଲେ। ସେଠାରେ କାପାରୋ ଗ୍ରୁପ୍ ଆରମ୍ଭ କରିଥିଲେ। ସଣ୍ଡେ ଟାଇମ୍ସ ରିଚ୍ ଲିଷ୍ଟ ଅନୁଯାୟୀ, ସେ ବ୍ରିଟେନର ଧନୀମାନଙ୍କ ତାଲିକାରେ ସାମିଲ ଅଛନ୍ତି। ଏହି ବର୍ଷ ସେ ଧନୀ ତାଲିକାର ୮୧ତମ ସ୍ଥାନ ହାସଲ କରିଛନ୍ତି। ୨ ବିଲିୟନ ପାଉଣ୍ଡ ଅର୍ଥାତ୍ ପ୍ରାୟ ୨୧୦୦୦ କୋଟି ଟଙ୍କାର ସମ୍ପତ୍ତି ସହିତ, ସେ ବ୍ରିଟେନ୍‌ରେ ନିଜର ଦବ୍‌ଦବା ଜାହିର କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱରାଜ ପଲଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ପୁରୀରେ ଭାରତୀୟ ଟୁର୍ ଅପରେଟର୍ ସଂଘ ସମ୍ମିଳନୀ ଆରମ୍ଭ

## ଯୋଗଦେଲେ ୧୭ ରାଜ୍ୟର ଏକହଜାର ଟୁର୍ ଅପରେଟର୍



ଭୁବନେଶ୍ୱର,୨୧।୮ (ସମିସ)

ପୁରୀରେ ଆରମ୍ଭ ହୋଇଛି ପର୍ଯ୍ୟଟନ ମହାକୁମ୍ଭ। ଭାରତୀୟ ଟୁର୍ ଅପରେଟର ସଂଘ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ୧୭ଟି ରାଜ୍ୟରୁ ଟୁର୍ ଅପରେଟର, ଟ୍ରାଭେଲ୍ ଏଜେଣ୍ଟ, ହୋଟେଲିୟର, ଟୁରିଷ୍ଟ ଟ୍ରାନ୍ସପୋର୍ଟ ଅପରେଟର ପ୍ରମୁଖ ଯୋଗଦେଇଛନ୍ତି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଯୋଗଦେଇଥିଲେ।

ଏଥିରେ ଆଇଏଟିଓର ପୂର୍ବାଞ୍ଚଳ ଅଧ୍ୟକ୍ଷ ଡ. ଜେ.କେ ମହାନ୍ତି ସ୍ୱାଗତ ଭାଷଣ ଦେଇ କହିଲେ, ଓଡ଼ିଶା ଏପରି ଏକ ଭୂମି ଯାହାର କୌଣସି ପରିଚୟର ଆବଶ୍ୟକତାନାହିଁ। ଏହା ଏପରି ଏକ ରାଜ୍ୟ ଯେଉଁଠାରେ ଇତିହାସ, ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ପ୍ରକୃତି ନିର୍ବିଶେଷରେ ମିଶ୍ରିତ। ପୁରୀର ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିରର ସ୍ଥାପତ୍ୟ ଚମତ୍କାରଠାରୁ ଆରମ୍ଭ କରି ଖଣ୍ଡଗିରି ଏବଂ ଉଦୟଗିରିର ପ୍ରାଚୀନ ଗୁମ୍ଫା, ଏସିଆର ସର୍ବବୃହତ ଲୁଣିଆ ଜଳାଭୂମୀ ଚିଲିକା ହ୍ରଦଠାରୁ ଆରମ୍ଭ କରି ସିମିଳିପାଳ ଏବଂ ଭିତରକନିକାର ବନ୍ୟପ୍ରାଣୀ ସମ୍ପଦ ପର୍ଯ୍ୟନ୍ତ, ଓଡ଼ିଶା ଆକର୍ଷଣର ଏକ ଅତୁଳନୀୟ ବିବିଧତା ପ୍ରଦାନ କରେ। ପ୍ରକୃତରେ, ଓଡ଼ିଶା ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଉଜ୍ଜ୍ୱଳ ଭାବରେ ଝଲସାଇବାକୁ ଅପେକ୍ଷା କରିଥିବା ଏକ ଲୁକ୍କାୟିତ ରତ୍ନ। ପୂର୍ବରୁ ଦୁଇଥର ଓଡ଼ିଶାରେ ଏହାର ସମ୍ମିଳନୀ ଆୟୋଜନ କରିଛି । ୨୦୦୮ ଏବଂ ପୁଣି ୨୦୧୭ରେ। ଉଭୟ ଥର, ରାଜ୍ୟକୁ ପ୍ରଚଣ୍ଡ ଦୃଶ୍ୟମାନତା, ନିବେଶ ଏବଂ ଆନ୍ତର୍ଜାତୀୟ ଦୃଷ୍ଟି ମିଳିଥିଲା। ଆଜି ତୃତୀୟ ଥର ପାଇଁ, ଓଡ଼ିଶା ଆପଣମାନଙ୍କୁ ସମସ୍ତଙ୍କୁ ଆତିଥ୍ୟ କରିବାର ଗୌରବ ପାଇଛି, ଏବଂ ଆମେ ନିଶ୍ଚିତ ଯେ ଏହି ୪୦ତମ ସମ୍ମିଳନୀ ନୂତନ ମାନଦଣ୍ଡ ସ୍ଥାପନ କରିବ ଏବଂ ସହଯୋଗ ଏବଂ ଅଭିବୃଦ୍ଧି ପାଇଁ ନୂତନ ରାସ୍ତା ଖୋଲିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## ସାଧାରଣ ଜନତାଙ୍କ ସ୍ୱର ସାଜିଛି ଗୋଷ୍ଠୀ ବେତାର

# ଲୋକାଲ୍ ରେଡିଓ ୮୮.୮ ଏଫ୍‌ଏମ୍ ଲୋକାର୍ପିତ

ଭୁବନେଶ୍ୱର,୨୨।୮ (ସମିସ)




ଶୁକ୍ରବାର ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ୟଙ୍ଗ ଇଣ୍ଡିଆ ପକ୍ଷରୁ ଗୋଷ୍ଠୀ ବେତାର କେନ୍ଦ୍ର 'ଲୋକାଲ ରେଡ଼ିଓ' ୮୮.୮ ଏଫ୍.ଏମ୍.ର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୟଙ୍ଗ ଇଣ୍ଡିଆ ପକ୍ଷରୁ ଗତ ୨୦୧୦ ମସିହାରେ କୋଣାର୍କରେ ଓଡ଼ିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ନମସ୍କାର ପ୍ରତିଷ୍ଠା କରାଯାଇଥିଲା। ୟଙ୍ଗ ଇଣ୍ଡିଆର ଏହା ଦ୍ୱିତୀୟ ପଦକ୍ଷେପ। 'ଲୋକାଲ ରେଡ଼ିଓ' ଭୁବନେଶ୍ୱର ଓ କଟକ ଦ୍ୱୈତ ନଗରୀର ସାଧାରଣ ଜନତାଙ୍କ ସ୍ୱର ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଲୋକାର୍ପଣ ଉତ୍ସବର ପ୍ରଥମ ଅଧିବେଶନରେ ପିରାମଲ୍ ଫାଉଣ୍ଡେସନର ବରିଷ୍ଠ କାର୍ଯ୍ୟକ୍ରମ ପ୍ରବନ୍ଧକ ବି.ଏନ୍.ଦୁର୍ଗାଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନା ଚକ୍ରରେ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ, ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ, ୟୁନିସେଫର ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ, ଆକ୍ସନ୍‌ଏଡ଼୍‌ର ସହନିର୍ଦ୍ଦେଶକ ଦେବବ୍ରତ ପାତ୍ର ଓ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଯୋଗଦେଇ ସାଧାରଣ ଜନତାଙ୍କ ସ୍ୱର ସାଜିଥିବା ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ନମସ୍କାରର କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ସଂପ୍ରତି ଗୋଷ୍ଠୀ ବେତାର କେନ୍ଦ୍ରର ସାମାଜିକ ପ୍ରଭାବ ସୁଦୂରପ୍ରସାରୀ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅଧିବେଶନରେ ୟଙ୍ଗ ଇଣ୍ଡିଆ ଓ ରେଡ଼ିଓ ନମସ୍କାରର ପ୍ରତିଷ୍ଠାତା ଏନ୍.ଏ.ଶାହଃ ଅନସାରୀ ଦ୍ୱୈତ ନଗରୀବାସୀଙ୍କ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ 'ଲୋକାଲ ରେଡ଼ିଓ'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ। ରେଡ଼ିଓ ନମସ୍କାର ପକ୍ଷରୁ ପ୍ରସ୍ତୁତ କରାଯାଇଥିବା 'ନିପୁଣ ଓଡ଼ିଶା ଅଭିଯାନ'ର ରିପୋର୍ଟକୁ ଅତିଥିମାନନେ ଉନ୍ମୋଚନ କରିଥିଲେ। ନିପୁଣ ଓଡ଼ିଶା ଅଭିଯାନର ସଫଳ ରୂପାୟନ ସଂପର୍କରେ ଯୁବ ଗବେଷକ ଅନ୍ଦାଜ ଆରନ୍ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। କମ୍ୟୁନିଟି ରେଡ଼ିଓ ଅଫ୍ ଓଡ଼ିଶାର ସଭାପତି ବିଶିଷ୍ଟ ଗାନ୍ଧୀବାଦୀ ପ୍ରବକ୍ତା ଏସ୍.ଏ.ସଫିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ, ବରିଷ୍ଠ ସାମ୍ବାଦିକ ସମ୍ପଦ ମହାପାତ୍ର, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡି.ଏନ୍. ଜେନା, ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ପ୍ରତିବେଶୀ ରେଡ଼ିଓ ସାଥୀ 'ରେଡ଼ିଓ ଆଉଟ୍ ରିଚ୍', 'ରେଡ଼ିଓ ଜୁହାର', 'ରେଡ଼ିଓ ସମ୍ପର୍କ', 'ରେଡ଼ିଓ ମହକ', 'ରେଡ଼ିଓ ଗାର୍ଡେନ', 'ରେଡ଼ିଓ ସ୍ୱରାଜ' ଓ 'ରେଡ଼ିଓ ନମସ୍କାର'କୁ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରିଶେଷରେ ସମାଜସେବୀ କୁମୁଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଲୋକାଲ ରେଡ଼ିଓର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ୍ ପ୍ରଧାନ, ଏସ୍. କାଜଲ, ଏମ୍. ନିୟାଜ, ବିଶ୍ୱରଞ୍ଜନ ବିଶ୍ୱଶ୍ରୀ, ନିହାର ରଞ୍ଜନ ବେଉରା ଓ ଜ୍ଞାନ ରଞ୍ଜନ ବିଶ୍ୱାଳ ସହଯୋଗ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୨୨-ସ୍ପେନ୍ ବିପକ୍ଷରେ ମରକ୍କୋରେ ବିଦ୍ରୋହ।
- ୧୯୪୭- ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଦେଶର ଉପ ପ୍ରଧାନମନ୍ତ୍ରୀ ହେଲେ।
- ୧୯୭୬- ଚୀନ୍‌ରେ ଭୂମିକମ୍ପ ଯୋଗୁଁ ହଜାରେ ଲୋକଙ୍କ ମୃତ୍ୟୁ।
- ୧୯୯୫- ଦେଶର ପ୍ରଥମ ସେଲୁଲାର ଫୋନ୍‌କୁ କଲିକତାରେ ବ୍ୟବସାୟିକ ପ୍ରବେଶ କରାଗଲା।
- ୨୦୦୮- ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ମଧୁ କୋଡ଼ା ନିଜ ପଦବୀରୁ ଇସ୍ତଫା ଦେଲେ।

## ଆଜି ବାହୁଡ଼ିଥିଲେ: ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ




ସ୍ୱାଧୀନତା ପାଇଁ ଯେତେବେଳେ ବ୍ରିଟିଶମାନଙ୍କ ସହ ଭାରତୀୟମାନେ ଲଢ଼ୁଥିଲେ ସେହି ସମୟରେ ଓଡ଼ିଶାରେ ଯେଉଁ କେତେଜଣ ନାରୀ କବିଙ୍କ ଆବିର୍ଭାବ ହୋଇଥିଲା ସେମାନଙ୍କ ମଧ୍ୟରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଅନ୍ୟତମ ଥିଲେ। ଏକାଧାରରେ ସେ ଥିଲେ ଜଣେ ଲେଖିକା, ସମ୍ପାଦିକା, ସେବିକା, ସଂସ୍କାରକ ଓ ବିପ୍ଳବୀ। ତାଙ୍କ ଲେଖାରେ ଥିବା ଆହ୍ୱାନ ସମସ୍ତଙ୍କୁ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିବାକୁ ପ୍ରେରଣା ଦେଉଥିଲା। ଜାତିଆଣ ଭାବ ଓ ବାଲ୍ୟବିବାହ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରୁଥିଲେ। ପେସାରେ ସେ ଜଣେ ଡାକ୍ତର ହୋଇଥିଲେ ସୁଦ୍ଧା ଲେଖାଲେଖିରେ ତାଙ୍କର ଗଭୀର ରୁଚି ଥିଲା। ଓଡ଼ିଶାର ସେ ପ୍ରଥମ ମହିଳା ଡାକ୍ତର ଥିଲେ। ସ୍ୱଳ୍ପ ଅବଧିର ଜୀବନ କାଳରେ ସେ ସୃଷ୍ଟି କରିଥିଲେ ଏକାଧିକ ମର୍ମସ୍ପର୍ଶୀ କାବ୍ୟଗ୍ରନ୍ଥ, ଉପନ୍ୟାସ ଓ ପ୍ରବନ୍ଧ। ଜାତିପ୍ରଥା, ପରଦା ପ୍ରଥା, ବାଲ୍ୟ ବିବାହ ଓ ଲିଙ୍ଗଗତ ବାଛବିଚାର ବିରୋଧରେ ସେ ଲେଖୁଥିଲେ। ଏହାଛଡ଼ା ବିଧବା ବିବାହ ଓ ନାରୀ ସଶକ୍ତୀକରଣ ନିମନ୍ତେ ସେ କାମ କରୁଥିଲେ। ତାଙ୍କ ରଚିତ ପ୍ରଥମ କବିତା 'ତାରାପତି' ଉତ୍କଳ ସାହିତ୍ୟରେ ପ୍ରକାଶିତ ହୋଇଥିଲା। ତାଙ୍କ ଚର୍ଚ୍ଚିତ କବିତାଗୁଡ଼ିକ ମଧ୍ୟରେ ଥିଲା 'ଅଞ୍ଜଳି', 'ଉଚ୍ଛ୍ୱାସ', 'ଆହ୍ୱାନ', 'ଅଭିଶପ୍ତର ଅଭିମାନ', 'ପୂଜା' ଏବଂ 'ଶେଫାଳି ପ୍ରତି'। କେବଳ କବିତା ନୁହେଁ, 'ଭ୍ରାନ୍ତି', 'ନଅତୁଣ୍ଡୀ', 'କାଳୀ ବୋହୂ', 'ପରଶମଣି', 'ରଘୁ ଅରକ୍ଷିତ' ଆଦି ଅନେକ ସଫଳ ଉପନ୍ୟାସର ମଧ୍ୟ ଥିଲେ ସ୍ରଷ୍ଟା। ଓଡ଼ିଆ ସାହିତ୍ୟକୁ ତାଙ୍କ ଅବଦାନ ଅତୁଳନୀୟ। ହିନ୍ଦୀ ଓ ଇଂରାଜୀରେ ମଧ୍ୟ ସେ ଲେଖୁଥିଲେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସେ ବକ୍ତୃତା ଦେବା ନିମନ୍ତେ ନିମନ୍ତ୍ରିତ ହୋଇଥିଲେ। ଓଡ଼ିଆ ଭାଷାର ଉନ୍ନତି କଳ୍ପେ ସେ ଦିଲ୍ଲୀରେ ଭାରତୀ ତପୋବନ ସଂଘ ନାମରେ ଏକ ସମିତି ଗଢ଼ିଥିଲେ। ୧୯୨୫ ମସିହାରେ ପୁରୀର 'ମହିଳା ବନ୍ଧୁ ସମିତି' ତାଙ୍କୁ ଉତ୍କଳ ଭାରତୀ ନାମରେ ସମ୍ମାନିତ କରିଥିଲେ। ତାଙ୍କର ଅନେକ ରଚନା ଇଂରାଜୀ ତଥା ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୁବାଦିତ ହୋଇଥିଲା। ୧୯୦୧ ମସିହା ଫେବ୍ରୁଆରୀ ୮ ତାରିଖରେ କୁନ୍ତଳା, ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ବସ୍ତରର(ବର୍ତ୍ତମାନ ଛତିଶଗଡ଼ର ବସ୍ତର ଜିଲ୍ଲା) ଜଗଦଲପୁରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଡାନିଏଲ୍ ସାବତ, ସେ ଜଣେ ଡାକ୍ତର ଥିଲେ। ଏଥିପାଇଁ ପିତାଙ୍କ ସହ ସୁଦୂର ବର୍ମାରେ ସେ କିଛି କାଳ ରହିଥିଲେ। ଶୈଶବ ଓ କୈଶୋର ତାଙ୍କର କଟିଥିଲା ବର୍ମାର ଅଣଓଡ଼ିଆ ପରିବେଶରେ। ତେଣୁ ସେ ଆରମ୍ଭରୁ ହିନ୍ଦୀ ଭାଷା ସହିତ ପରିଚିତ ହେଲେ। ତେବେ ଘରୋଇ ଉଦ୍ୟମରେ 'ମଧୁ ବର୍ଣ୍ଣବୋଧ', 'ଶିଶୁପାଠ', 'ସାହିତ୍ୟ କୁସୁମ', 'ସାହିତ୍ୟ ତରଙ୍ଗ' ଆଦିର ସହାୟତାରେ ସେ ଓଡ଼ିଆ ଶିଖିଲେ। ପରେ ସେ ମା'ଙ୍କ ସହ ଖୋର୍ଦ୍ଧା ଆସିଥିଲେ। ସେ ରେଭେନ୍ସା ବାଳିକା ବିଦ୍ୟାଳୟରେ ଶିକ୍ଷା ଲାଭ କଲା ପରେ କଟକ ଡାକ୍ତରୀ ବିଦ୍ୟାଳୟରେ (ବର୍ତ୍ତମାନର ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ) ଶିକ୍ଷା ଗ୍ରହଣ କରି ୧୯୨୧ ମସିହାରେ ସ୍ୱର୍ଣ୍ଣ ପଦକ ସହ ଏଲ୍.ଏମ୍.ପି, ଡିଗ୍ରୀ ପାଇ ଉତ୍ତୀର୍ଣ୍ଣ ହେଲେ। ଓଡ଼ିଆ ଭାଷା ଛଡ଼ା ସେ ବଙ୍ଗଳା, ଇଂରାଜୀ ଓ ବର୍ମାର ଭାଷା ଶିଖିଥିଲେ। ସେ ଆର୍ଯ୍ୟ ଧର୍ମ ଗ୍ରହଣ କରି ବ୍ରହ୍ମଚାରୀ କୃଷ୍ଣ ପ୍ରସାଦ ଦାସଙ୍କୁ ୮ ଅଗଷ୍ଟ ୧୯୨୮ ମସିହାରେ ବିବାହ କରିଥିଲେ। ବହୁମୁଖୀ ପ୍ରତିଭାର ଅଧିକାରିଣୀ କୁନ୍ତଳା କୁମାରୀଙ୍କର ମାତ୍ର ୩୭ ବର୍ଷ ବୟସରେ ୧୯୩୮ ମସିହା ଆଜିର ଦିନରେ ଦେହାନ୍ତ ହୋଇଥିଲା।

## ସୂର୍ଯ୍ୟକିରଣ ଓ ଟେକ୍ନୋଲୋଜିଠୁ ଦୂରରେ ପାତାଲକୋଟ



ପ୍ରାଚୀନ ଗ୍ରନ୍ଥ ଓ ପୁରାଣଗୁଡ଼ିକରେ ପାତାଳକୁ ଏକ ରହସ୍ୟମୟ ଏବଂ ଆଶ୍ଚର୍ଯ୍ୟଜନକ ଦୁନିଆ ଭାବରେ ବର୍ଣ୍ଣନା କରାଯାଇଛି। ଏହା ପୃଥିବୀ ତଳେ ଅବସ୍ଥିତ ବୋଲି କୁହାଯାଏ। ଏହି କ୍ରମରେ ମଧ୍ୟପ୍ରଦେଶ, ଛିନ୍ଦୱାଡା ଜିଲ୍ଲାର ଏକ ସ୍ଥାନ ପାତାଳ ଲୋକଠାରୁ କିଛି କମ୍ ନୁହେଁ। ଏହାର ନାଁ ପାତାଲକୋଟ। ସ୍ଥାନୀୟ ଅଞ୍ଚଳର ଲୋକେ ଏହାକୁ ପାତାଳ ଲୋକ ନାଁରେ ଜାଣନ୍ତି। ଏହି ସ୍ଥାନଟି ସମୁଦ୍ର ପତ୍ତନଠାରୁ ପାଖାପାଖି ୧୨୦୦ରୁ ୧୫୦୦ ଫୁଟ ତଳେ ଅବସ୍ଥିତ। ଆଜିକାଲିର ୫ଜି ଯୁଗରେ ବି ଏଠାକାର ଲୋକେ ଟେକ୍ନୋଲୋଜିଠାରୁ ବହୁ ଦୂରରେ। ଏବେ ବି ସେମାନେ ସେମାନଙ୍କର ପରମ୍ପରା ଏବଂ ପ୍ରକୃତି ସହିତ ସମନ୍ୱୟ ରଖି ଜୀବନଯାପନ କରୁଛନ୍ତି। ତେବେ ପାତାଲକୋଟରେ ୧୨ଟି ଛୋଟ ଛୋଟ ଗାଁ ରହିଛି। ତନ୍ମଧ୍ୟରୁ ୩ଟି ଗାଁ ଏମିତି ରହିଛି ଯେଉଁଠି ସକାଳ ବି ସନ୍ଧ୍ୟା ଭଳି ଲାଗିଥାଏ। କାରଣ ଏହି ଗାଁଗୁଡ଼ିକରେ ସୂର୍ଯ୍ୟାଲୋକ ପଡ଼ି ନ ଥାଏ। ମୁଖ୍ୟତଃ ପାତାଲକୋଟରେ ଗୋଣ୍ଡ ଏବଂ ଭାରିୟା ଜନଜାତିର ଲୋକେ ବସବାସ କରନ୍ତି। ଏଠାକାର କିଛି ଲୋକ ଚାଷ କାମ କରି ଜୀବନ ନିର୍ବାହ କରୁଥିବାବେଳେ ଆଉ କିଛି ଲୋକେ ଜଙ୍ଗଲଜାତ ଜିନିଷ ଓ ଜଡ଼ିବୁଟି ବିକ୍ରିକରି ଦୁଇ ପଇସା ଉପାର୍ଜନ କରିଥାନ୍ତି। ସବୁଠୁ ଭଲ କଥା ହେଉଛି, ପେଟ ଯନ୍ତ୍ରଣା, ଆଣ୍ଠୁଗଣ୍ଠି ଯନ୍ତ୍ରଣା ହେଉ କି ଶର୍କରା ସମସ୍ୟା, ସମସ୍ତ ରୋଗର ଉପଶମ ପାଇଁ ଏମାନଙ୍କ ପାଖେ ଜଡ଼ିବୁଟି ରହିଛି। ଏହାବାଦ୍ ପାତାଲକୋଟରେ ଏକ ସୁନ୍ଦର ଝରଣା ରହିଛି। ଏହି ଝରଣାର ପାଣିକୁ ହିଁ ଏଠାକାର ଲୋକେ ପିଇବା ଓ ଖାଦ୍ୟ ରାନ୍ଧିବା ପାଇଁ ବ୍ୟବହାର କରିଥାନ୍ତି। ସବୁଠୁ ବଡ଼ କଥା ହେଉଛି ଏହି ୧୨ଟି ଗାଁର ଲୋକଙ୍କର ବାହାର ଦୁନିଆ ସହିତ ଏତେଟା ସମ୍ପର୍କ ନ ଥିବାରୁ କରୋନା ମହାମାରୀ ସମୟରେ ଏଠାରେ ଗୋଟିଏ ବି କୋଭିଡ୍ ମାମଲା ଦେଖିବାକୁ ମିଳି ନଥିଲା।

## ସୁଗ୍ରୀବ ଭୂମିକାରେ ଅମିତ



ଚଳିତବର୍ଷ ଯେଉଁ ଫିଲ୍ମକୁ ନେଇ ସବୁଠୁ ଅଧିକ ଚର୍ଚ୍ଚା ହେଉଛି ତାହା ହେଉଛି ନୀତେଶ ତିୱାରୀଙ୍କ 'ରାମାୟଣ'। 'ରାମାୟଣ'ରେ ରାମ ଭୂମିକାରେ ରଣବୀର କପୁର, ସୀତା ଭୂମିକାରେ ସାଇ ପଲ୍ଲବୀ, ରାବଣ ଭୂମିକାରେ ଯଶ୍, ଲକ୍ଷ୍ମଣ ଭୂମିକାରେ ରବି ଦୁବେ, ହନୁମାନ ଭୂମିକାରେ ସନ୍ନି ଦେଓ୍ୱଲ, କୈକେୟୀଙ୍କ ଭୂମିକାରେ ଲାରା ଦତ୍ତା ନଜର ଆସିବେ। ନମିତ ମଲହୋତ୍ରା ଓ ଯଶ୍‌ଙ୍କ ପ୍ରଯୋଜିତ ଏହି ଫିଲ୍ମ ଭାରତୀୟ ଚଳଚ୍ଚିତ୍ର ଇତିହାସରେ ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ହେବାକୁ ଯାଉଛି। ଏବେ 'ରାମାୟଣ'ରେ ଆଉ ଜଣେ ଆଗଧାଡ଼ିର ଅଭିନେତାଙ୍କ ଏଣ୍ଟ୍ରି ହୋଇଛି। 'ମହାରାନୀ' ୱେବ୍ ସିରିଜ୍, ଅଜୟ ଦେବଗନଙ୍କ ବ୍ଲକ୍‌ବଷ୍ଟର୍ ଫିଲ୍ମ 'ରେଡ୍-୨' ରେ ଅଭିନୟ କରିଥିବା ଅମିତ ସିୟାଲ ଏବେ 'ରାମାୟଣ'ରେ ସୁଗ୍ରୀବଙ୍କ ଭୂମିକାରେ ଦେଖାଯିବେ। ଦିନକୁ ଦିନ 'ରାମାୟଣ'ରେ କଳାକାରଙ୍କ ସଂଖ୍ୟା ବଢ଼ି ଚାଲିଛି। ନିୟମିତ ବ୍ୟବଧାନରେ ନୂଆ ନୂଆ କଳାକାରମାନଙ୍କ ଏଣ୍ଟ୍ରି ହେଉଛି। ତେବେ ୨୦୨୬ ଦୀପାବଳିରେ 'ରାମାୟଣ'ର ପ୍ରଥମ ପାର୍ଟ ଓ ୨୦୨୭ ଦୀପାବଳିରେ ଏହାର ଦ୍ୱିତୀୟ ପାର୍ଟ ଆସିବ।

## ଆସ ପ୍ରଭୁ ଗଣନାଥ



ଭୋଦୁଅ ମାସର ଚତୁର୍ଥୀ ତିଥିରେ
ଆସ ପ୍ରଭୁ ଗଣନାଥ,
ଜାତି ଜାତି ଫୁଲ ଚାହିଁ ବସିଛନ୍ତି
ତୁମ ଆସିବାର ପଥ ।
ଶୁଖି ଯାଇଅଛି ମାଟିର ସଡ଼କ
ନାହିଁ ଓଦା ପଚା ସଢ଼ା,
ତୁମ ଆସିବାର ଆଗମନ ଜାଣି
ତୋରଣ ହେଲାଣି ଗଢ଼ା।
ଆଲୋକ ମାଳାରେ ସଜା ହୋଇଲାଣି
ସହର ବଜାର ଗାଆଁ,
ପୂରୁବ ଦିଗରେ ସୂରୁଜ ଦେବତା
ଉଇଁଲେଣି ଛାଆଁ ଛାଆଁ ।
ପୂଜା ମଣ୍ଡପକୁ ସଜଉଛୁ ଆମେ
ବିବିଧ ରଙ୍ଗରେ ମାଖି,
ଦେଖି ଦେଲେ ଥରେ ନୂଆ ବାଟୋଇର
ଝଲସି ଉଠିବ ଆଖି ।
ସୁନାରେ, ଚାନ୍ଦିରେ ମେଢ଼ ଗଢୁଅଛି
ଶିଳିପି ନ ଶୋଇ ରାତି,
ଜାତି ଜାତି ଫୁଲ କାନରେ କହୁଛି
ଭଅଁର ସକାଳୁ ନିତି ।
ଧୂପ, ଦୀପ, ଲଡୁ, କଦଳୀ, ନଡ଼ିଆ
ସଜ ହୋଇଲାଣୀ ଯେତେ,
ଚନ୍ଦନ, କର୍ପୂର ମନ୍ଦାର ମାଳକୁ
ଯୋଗାଡ଼ କରିଛି କେତେ ।
ପାଦ ଦିଅ ଥରେ ମରତ ମାଟିରେ
ମରତର ହେଉ ଶୁଭ,
ସକଳ ପ୍ରାଣୀକୁ ଦିଅ ବୁଦ୍ଧି ବିଦ୍ୟା
ଦିଅ ମନେ ଭକ୍ତି ଭାବ ।■



ତପନ କୁମାର ସ୍ୱାଇଁ

ଅଇଶିଲି, ତିର୍ତ୍ତୋଲ
ଜଗତସିଂହପୁର
ମୋ - ୯୦୪୦୦୩୩୩୯୦

## ଆସୁଛି ଗଣେଶ ପୂଜା




ରାମଚନ୍ଦ୍ର ବେହେରା

ଭୋଦୁଅ ଶୁକଳ ପୂଣ୍ୟ ଚତୁର୍ଥୀରେ
ଆସୁଛି ଗଣେଶ ପୂଜା
ସାରା ବିଦ୍ୟାଳୟ ଉତ୍ସବ ମୁଖର
ହେଉଅଛି ସାଜସଜା।
ସ୍କୁଲ ଫାଟକରୁ ଶ୍ରେଣୀଗୃହ ତକ
ଦିଶେ ସ୍ୱଚ୍ଛ ଶୋଭାବନ
ରଙ୍ଗୀନ ଜରୀର ଅପୂର୍ବ ତୋରଣ
କିଣିନିଏ ସର୍ବ ମନ।
ମୂଷିକ ବାହନେ ବିରାଜିବେ ପ୍ରଭୁ
ପିନ୍ଧିବେ ଗଜରା ମାଳ
ନାନା ଜାତି ଫଳ ରାଶିଲଡୁ ଭୋଗ
ଲଗାଇବେ ଛାତ୍ରଗଣ।
ନୂଆ ବସନରେ ସଭିଏଁ ଆସିବେ
ଗାଇବେ ଗଣେଶ ସ୍ତୁତି
ପୁଷ୍ପାଞ୍ଜଳି ଦେଇ ପ୍ରଣତି କରିବେ
ବିଦ୍ୟା ଦେବେ ବିଦ୍ୟାପତି।
ଶିଶୁ ଭକ୍ତି ଦେଖି ଖୁସିହେବେ ପ୍ରଭୁ
ଢାଳିବେ କରୁଣା ବାରି
ଅଜ୍ଞାନ ତିମିର ଦୂରକରି ପ୍ରଭୁ
ଦିବ୍ୟଜ୍ଞାନ ଦେବେ ଭରି।
କୋମଳ ଶିଶୁଙ୍କ କୋମଳ ପରାଣେ
ଭରିବେ ଧର୍ମ ବିଚାର
ଜ୍ଞାନଦାତାଙ୍କର ଜ୍ଞାନ ଆଲୋକରେ
ହସିବ ସାରା ସଂସାର।■

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୪୫୫୬୩୪୨୪୬

## ନୂଆଁଖାଇ





ସୁଧାକର ରାଉତ

ଭାଦରବ ମାସ ପଞ୍ଚମୀ ତିଥିରେ
ନୂଆଁଖାଇ ପର୍ବ ଆସି
ବରଷାରେ ଭିଜି ଡାକଇ ଦୁଆରେ
ବାଣ୍ଟିବାକୁ ତା'ର ଖୁସି ।
ତା'ର ସୁଗନ୍ଧେ ପଶ୍ଚିମ ଓଡ଼ିଶାର
ପଲ୍ଲୀଠୁ ସହର ହସେ
ମା'ଙ୍କର ଅପାର କରୁଣାରୁ ସିଏ
ମହମହ ହୋଇବାସେ ।
ମା' ସମଲେଇଙ୍କୁ ଭକ୍ତି ଭରେ ସର୍ବେ
ନବାନ୍ନ ସମର୍ପି ଦେଇ
ପ୍ରଫୁଲ୍ଲ ଚିତ୍ତରେ କରନ୍ତି ଭୋଜନ
ଦୁଃଖ ଶୋକ ଭୁଲି ଯାଇ ।
ଆବାଳ ବୃଦ୍ଧ ବନିତା ଏ ପରବେ
ନୂତନ ବସନ ପିନ୍ଧି
ପରସ୍ପରେ ଆଜି ଜୁହାର ହୁଅନ୍ତି
ସ୍ନେହ ପ୍ରେମ ଡୋରେ ବାନ୍ଧି ।
ଭୁଲନ୍ତି ସଭିଏଁ ଭେଦ ଭାବ ଯେତେ
ଅବା ହିଂସା ରାଗ ରୋଷ
ପ୍ରଣତି ଜଣାନ୍ତି ମା'ଙ୍କ ପଦ୍ମପାଦେ
ପୂର୍ଣ୍ଣ କରିବାକୁ ଆଶ ।
ଅତି ନିଆରା ଏ ଗଣ ପରବଟି
ଓଡ଼ିଶା ରାଇଜେ ଆମ
ଗରବ ଗୌରବ ଗାଥା ଗାଇ ତା'ର
ରଖିଛି ସ୍ୱତନ୍ତ୍ର ନାମ ।■

ପ୍ରତାପନଗରୀ, କଟକ
ମୋ-୮୨୪୯୯୩୨୮୨୯

## ସୁମନ

## ସହନଶୀଳତା



ଚିନୁ ଗାଁ ସ୍କୁଲରେ ସପ୍ତମ ଶ୍ରେଣୀରେ ପାଠ ପଢ଼େ । ସେ ଶ୍ରେଣୀରେ ଭଲ ପାଠ ପଢୁଥିବାରୁ ଶିକ୍ଷକମାନେ ତାକୁ ଭାରି ଆଦର କରନ୍ତି। ସ୍କୁଲରେ ସମସ୍ତଙ୍କ ସହିତ ତା'ର ଉତ୍ତମ ସମ୍ପର୍କ। ମନକୁ ତା'ର ଯାହା ଆସେ ତାହା କରି ପକାଏ ଯେତେ ବୁଝାଇଲେ ମଧ୍ୟ ସେ କାହା କଥା ଶୁଣେନାହିଁ। ସେ ସବୁଦିନ ସ୍କୁଲରୁ ଘରକୁ ଫେରିବା ବାଟରେ ଜଣେ ସାଧୁ ଲୋକଙ୍କୁ ଗୋଟେ ଆମ୍ବଗଛ ମୂଳରେ ବସିଥିବାର ଦେଖେ। ଖରାଦିନ ହୋଇ ଥିବାରୁ ପାକଲା ଆମ୍ବଟିଏ ଗଛରୁ ପଡ଼ିଲେ ସେ ସାଧୁ ଲୋକ ଜଣଙ୍କ ମନଖୁସିରେ ନେଇ ତାକୁ ଖାଇ ଦିଅନ୍ତି । ଚିନୁ ଏ ସବୁ ଦେଖି ତା' ମନରେ ଈର୍ଷା ଜାତ ହେଲା। ସେ ଭାବିଲା- ବିନା କାରଣରେ ସାଧୁ ଜଣକ ଏଠାରେ ଖାଲି ବସି ରହୁଛନ୍ତି ଓ ଆମ୍ବ ନେଇ ଖାଇ ଦେଉଛନ୍ତି । ସେ ମନେମନେ ଚିନ୍ତା କଲା ସାଙ୍ଗମାନଙ୍କୁ ନେଇ ରବିବାର ଦିନ ଗଛରୁ ସବୁ ଆମ୍ବ ଝଡ଼ାଇ ଖାଇ ଦେଲେ ଆଉ ଥିବ ଯେ ସାଧୁ ଆମ୍ବ ଖାଇବେ। ରବିବାର ଛୁଟି ଦିନ ହୋଇଥିବାରୁ ଚିନୁ ସାଙ୍ଗମାନଙ୍କୁ ନେଇ ଆମ୍ବ ଗଛ ମୂଳରେ ପହଞ୍ଚିଲା । ଆଗଭଳି ସାଧୁ ଜଣଙ୍କ ସେଠାରେ ବସି ରହିଥିଲେ । ଚିନୁ ଓ ତାର ସାଙ୍ଗମାନେ କିଛି ନ କହି ହାତରେ ଧରିଥିବା ଟେକା ଆମ୍ବ ଗଛକୁ ପକାଇବା ପାଇଁ ପ୍ରସ୍ତୁତ ହେଲା ବେଳେ ସେ ଏପରି କରିବାକୁ ମନା କଲେ। ଚିନୁ ସାଧୁ ଜଣଙ୍କୁ ଆପଣଙ୍କର କ'ଣ ଅସୁବିଧା ହେଉଛି ବୋଲି ରାଗିକି ପଚାରିଲା। ସେ ନମ୍ର ହୋଇ ସମସ୍ତଙ୍କୁ ଗୋଟିଏ କଥା ଶୁଣି ସାରିବା ପରେ ତୁମମାନଙ୍କର ଯାହା ଇଚ୍ଛା ହେବ ତାହା କରିବ ଆଉ ଅଟକାଇ ବି ନାହିଁ ବୋଲି ହସି ଦେଇ କହିଲେ। ସମସ୍ତେ ଭାବିଲେ ସାଧୁଙ୍କ କଥା ଶୁଣି ସାରିବା ପରେ ଆମ୍ବ ଗଛକୁ ଟେକା ପକାଇବେ। ସାଧୁ ଜଣଙ୍କ ସମସ୍ତଙ୍କ ମୁହଁକୁ ଚାହିଁ କହିଲେ ମଣିଷ ତା' ଜୀବନରେ ପଶୁ ପକ୍ଷୀଠାରୁ ଆରମ୍ଭ କରି ଗଛଲତା ଯାଏ ସମସ୍ତଙ୍କ ପାଖରୁ ଅନେକ କିଛି ଶିକ୍ଷା ଲାଭ କରିଥାଏ । ମଣିଷକୁ ସହନଶୀଳତାର ଗୁଣ ଗଛଠାରୁ ବେଶି ଶିଖିବାକୁ ମିଳିଥାଏ । ଆମ୍ବ ଗଛଟିର ଡାଳରେ ଅନେକ ଆମ୍ବ ଭରି ରହିଛି ସେ କିନ୍ତୁ କେବେ ମନଦୁଃଖ କରେନି ଯେ ବୋଝ ଉଠାଇ ତାକୁ କଷ୍ଟ ହେଉଛି ବୋଲି। ଖରା ବର୍ଷା ଶୀତ କାକର ଆସିଲେ ବି ସେପରି ହସି ଦୁନିଆର ଉପକାର କରିଥାଏ। ତେଣୁ ଜୀବନରେ ବିନା କାରଣରେ ନିଜର ରାଗ କାହା ଉପରେ ନ ସୁଝାଇ ତା' ଠାରୁ ଭଲ ଗୁଣ ଗ୍ରହଣ ଉଚିତ। ଏମିତି ହେଲେ ଜଣେ ଉତ୍ତମ ଚରିତ୍ରର ମଣିଷ ହୋଇ ସମାଜର ମଙ୍ଗଳ କରିପାରିବ। ଚିନୁ ଆଉ ତା ସାଙ୍ଗମାନେ ନିଜ ନିଜର ଭୁଲ ବୁଝି ପାରି ଜୀବନରେ ଆଉ କେବେ ଏପରି କରିବେ ନାହିଁ ବୋଲି ଶପଥ କରି ସାଧୁଙ୍କ ଠାରୁ ବିଦାୟ ନେଇ ଘରକୁ ଫେରିଲେ ।■



ସତ୍ୟନାରାୟଣ ପ୍ରଧାନ

ଜେନାପୁର, ଯାଜପୁର
ମୋ -୯୧୭୮୩୧୩୬୪୪





ଆର୍ଯ୍ୟା ଐଶ୍ୱର୍ଯ୍ୟା ଷଡ଼ଙ୍ଗୀ
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





ମିହିକା ଶାହ
ପଞ୍ଚମ ଶ୍ରେଣୀ
ଗୀତା ଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର





ସିଦ୍ଧ ମନୀଷ ସାହୁ
ପଞ୍ଚମ ଶ୍ରେଣୀ
ଗାଇଡାନ୍ସ ଇଂରାଜୀ ମାଧ୍ୟମ ବିଦ୍ୟାଳୟ
ଡୁମୁଡୁମା, ଭୁବନେଶ୍ୱର





ନବ୍ୟା
ନବମ ଶ୍ରେଣୀ
ଦିଲ୍ଲୀ ପବ୍ଲିକ୍ ସ୍କୁଲ୍
କାଟ୍ରା, ଜମ୍ମୁ କାଶ୍ମୀର

## ଚୟନ କମିଟିରେ ସାମିଲ ହେବେ ପ୍ରଜ୍ଞାନ; ଶିବଙ୍କୁ ନେଇ ଅନିଶ୍ଚିତତା



ମୁମ୍ବଇ, ୨୨।୮ (ଏଜେନ୍ସି): ଭାରତୀୟ ଦଳର ଚୟନ କମିଟିରେ ଆଗକୁ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ବିସିସିଆଇ ଏଥିଲାଗି ଜାତୀୟ ପୁରୁଷ ଓ ମହିଳା ଦଳ ଚୟନ କମିଟିର ପଦବୀ ପାଇଁ ଶୁକ୍ରବାର ଦରଖାସ୍ତ ଆହ୍ୱାନ କରିଛି। ଯେଉଁଥିରେ ପୁରୁଷ ଚୟନ କମିଟିରେ ୨ଜଣ ଓ ମହିଳା ଚୟନ କମିଟିରେ ୪ଜଣ ନୂଆ ସଦସ୍ୟଙ୍କୁ ସାମିଲ କରାଯିବ। ଆବେଦନର ଶେଷ ତାରିଖ ସେପ୍ଟେମ୍ବର ୧୦ ରହିଛି। ଅତିକମ୍‌ରେ ୧୦ଟି ଏକଦିବସୀୟ, ୭ଟି ଟେଷ୍ଟ କିମ୍ବା ୨୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା କ୍ରିକେଟର୍ ଆବେଦନ କରିପାରିବେ ବୋଲି ଜଣାପଡ଼ିଛି। ସେହିଭଳି ସେ ୫ ବର୍ଷ ତଳୁ ଅବସର ନେଇଥିବେ ଓ ବିସିସିଆଇର କୌଣସି ଚୟନ କମିଟିରେ କ୍ରମାଗତ ୫ବର୍ଷ ଧରି ରହି ନ ଥିବେ। ପୁରୁଷ ଚୟନ କମିଟିର କେଉଁ ଜୋନରୁ ପ୍ରାର୍ଥୀଙ୍କୁ ବଦଳାଯିବ କିମ୍ବା କେଉଁ ଜୋନରୁ ନୂତନ ପ୍ରାର୍ଥୀ ଆସିବେ ସେ ସମ୍ପର୍କରେ ବିସିସିଆଇ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହିଁ। ତଥାପି ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଦୁଇ ନୂଆ ସଦସ୍ୟ ଦକ୍ଷିଣ ଓ କେନ୍ଦ୍ରୀୟ ଜୋନରୁ ଆସିବେ। ଦକ୍ଷିଣ ଜୋନ୍‌ର ଏସ୍. ଶରତ ତାଙ୍କ କାର୍ଯ୍ୟକାଳ ପୂରଣ କରିସାରିଛନ୍ତି। ପୂର୍ବତନ ଓଡ଼ିଆ କ୍ରିକେଟର୍ ପ୍ରଜ୍ଞାନ ଓଝା ତାଙ୍କ ସ୍ଥାନ ନେବେ ବୋଲି ଜଣାପଡ଼ିଛି। ତେବେ କେନ୍ଦ୍ରୀୟ ଜୋନରୁ କାହାକୁ ନିଆଯିବ ସେ ସମ୍ପର୍କରେ କିଛି ସ୍ପଷ୍ଟ ଜଣାପଡ଼ିନି। ବର୍ତ୍ତମାନର ଚୟନ କମିଟିରେ ଓଡ଼ିଶାର ଶିବ ସୁନ୍ଦର ଦାସ କେନ୍ଦ୍ରୀୟ ଜୋନରୁ ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କ ସ୍ଥାନରେ ନୂଆ ସଦସ୍ୟଙ୍କୁ ନେବାକୁ ବିସିସିଆଇ ଚିନ୍ତା କରୁଥିବା ବିଭିନ୍ନ ରିପୋର୍ଟରେ କୁହାଯାଇଛି। ଅପରପକ୍ଷରେ ଚୟନ କମିଟିରେ ପଶ୍ଚିମ ଜୋନ ଓ ଉତ୍ତର ଜୋନର ସଦସ୍ୟଙ୍କ କାର୍ଯ୍ୟକାଳ ବଢ଼ିବା ନିଶ୍ଚିତ ହୋଇଛି। ପଶ୍ଚିମ ଜୋନରୁ ପ୍ରତିନିଧିତ୍ୱ କରୁଥିବା ଅଗରକରଙ୍କ କାର୍ଯ୍ୟକାଳ ୨୦୨୬ ଜୁନ ପର୍ଯ୍ୟନ୍ତ ବଢ଼ିଥିବା ରିପୋର୍ଟ ଗତ ୨ ଦିନ ତଳେ ପ୍ରକାଶ ପାଇଥିଲା। ସେହିଭଳି ଉତ୍ତର ଜୋନର ଅଜୟ ରାତ୍ରାଙ୍କ କାର୍ଯ୍ୟକାଳ ମଧ୍ୟ ବଢ଼ାଇବାକୁ ଚିନ୍ତା କରାଯାଉଥିବା ଜଣାପଡ଼ିଛି। ପୂର୍ବ ଜୋନରୁ ସୁବ୍ରତ ବାନାର୍ଜୀ ବର୍ତ୍ତମାନ ପ୍ରତିନିଧିତ୍ୱ କରୁଛନ୍ତି।

## ଗୋଟିଏ ସପ୍ତାହରେ ସମାଧାନ ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ଆଇଏସ୍‌ଏଲ୍ ବିବାଦ**




ନୂଆଦିଲ୍ଲୀ,୨୨।୮ (ଏଜେନ୍ସି): ଦେଶର ସର୍ବବୃହତ ଫୁଟବଲ ଲିଗ୍‌ର ମାନ୍ୟତା ପାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଚାଲିଥିବା ବିବାଦ ନେଇ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହିକ୍ରମରେ କୋର୍ଟ ସମାଧାନ ବାହାର କରିବାକୁ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ଓ ଆୟୋଜନକାରୀ କମ୍ପାନୀ ଫୁଟବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ (ଏଫ୍‌ଏସ୍‌ଡିଏଲ୍)କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ପିଏସ୍ ନରସିହ୍ମା ଓ ଜଷ୍ଟିସ୍ ଜୟମାଲ୍ୟା ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଆଇଏଫ୍‌ଏଫ୍ ଓ ଏଫ୍‌ଏସ୍‌ଡିଏଲ୍ ଏକାଠି ବସି ଆସନ୍ତା ଗୋଟିଏ ସପ୍ତାହ ମଧ୍ୟରେ ସମାଧାନ ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଥାଉ କି, ମାଷ୍ଟର ରାଇଟ୍ ଏଗ୍ରିମେଣ୍ଟ (ଏମ୍‌ଆରଏ)ର ନବୀକରଣ ନେଇ ଦୁଇ ସଂସ୍ଥା ଏଆଇଏଫ୍‌ଏଫ୍ ଓ ଏଫ୍‌ଏସ୍‌ଡିଏଲ୍ ମୁହାଁମୁହିଁ ସ୍ଥିତିରେ ରହିଛନ୍ତି। ୨୦୧୦ରେ ଏହି ଦୁଇ ସଂସ୍ଥା ମଧ୍ୟରେ ୧୫ ବର୍ଷ ପାଇଁ ଏମ୍‌ଆରଏ ନେଇ ଚୁକ୍ତି ହୋଇଥିଲା। ଏହି ଚୁକ୍ତି ଅନୁସାରେ ଏଫ୍‌ଏସ୍‌ଡିଏଲ୍ ପ୍ରତିବର୍ଷ ଏଆଇଏଫ୍‌ଏଫ୍‌କୁ ୫୦ କୋଟି ଟଙ୍କା ପ୍ରଦାନ କରିଥାଏ। ବଦଳରେ ଏଫ୍‌ଏସ୍‌ଡିଏଲ୍‌କୁ ଭାରତୀୟ ଜାତୀୟ ଫୁଟବଲ ଦଳ ସହିତ ଆଇଏସଏଲ୍‌ର ପ୍ରସାରଣ, ପ୍ରବନ୍ଧନ ଓ ପ୍ରଚାର ଅଧିକାର ପ୍ରାପ୍ତ ହୋଇଥାଏ। ବର୍ତ୍ତମାନ ଚୁକ୍ତି ଅବଧି ଶେଷ ହୋଇଛି। ବିଭିନ୍ନ କାରଣରୁ ଏମ୍‌ଆରଏ ଚୁକ୍ତିର ନବୀକରଣ ହୋଇ ନଥିବାରୁ ଅଚଳାବସ୍ଥା ସୃଷ୍ଟି ହୋଇଛି। ତେଣୁ ସମାଧାନ ବାହାର କରିବାକୁ ଏବେ ସମୟ ଉପନୀତ ହୋଇଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

**ଅନ୍‌ଲାଇନ୍ ଗେମିଂ ବିଲ୍‌ର ପ୍ରଭାବ**

# ଏସିଆ କପ୍ ପୂର୍ବରୁ ମୁଖ୍ୟ ପ୍ରାୟୋଜକ ହରାଇବ ଭାରତ

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି):




ଅନ୍‌ଲାଇନ୍ ମନି ଗେମିଂ ବିଲ୍ ଉପରେ ଲାଗିଛି ପ୍ରତିବନ୍ଧକ। ସଂସଦର ଉଭୟ ଗୃହରେ ଏହା ପାରିତ ହେବାପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଏହି ବିଲ୍ ଉପରେ ସ୍ୱାକ୍ଷର କରିଛନ୍ତି। ଫଳରେ ଏହି ବିଲ୍ ନୂତନ ଆଇନରେ ପରିଣତ ହୋଇଛି। ଏବେ ଏହାର ସିଧାସଳଖ ପ୍ରଭାବ ଭାରତୀୟ କ୍ରିକେଟ୍ ଦଳ ଉପରେ ପଡ଼ିଛି। ଭାରତୀୟ କ୍ରିକେଟ୍ ଦଳ ଏହାର ଜର୍ସି ତଥା ମୁଖ୍ୟ ପ୍ରାୟୋଜକ ହରାଇବାର ଆଶଙ୍କା ପ୍ରକାଶ ପାଇଛି। ଯାହା ଫଳରେ ଆସନ୍ତା ମାସରେ ୟୁଏଇରେ ଖେଳାଯିବାକୁ ଥିବା ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ବିନା ଲୋଗୋରେ ଜର୍ସି ପରିଧାନ କରି ପଡ଼ିଆକୁ ଓହ୍ଲାଇପାରେ।

ଅନ୍‌ଲାଇନ ଫାଣ୍ଟାସି କ୍ରୀଡ଼ା 'ଡ୍ରିମ ୧୧' ଜୁଲାଇ ୨୦୨୩ରେ ତିନି ବର୍ଷ ଲାଗି ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରାୟୋଜକ ଭାବେ ଚୁକ୍ତି କରିଥିଲା। ରିପୋର୍ଟ ମୁତାବକ ୩୫୮ କୋଟି ଟଙ୍କାରେ ଏହି ଚୁକ୍ତି ହୋଇଥିଲା। ଏହାପରେ 'ବାୟଜୁସ'ର ସ୍ଥାନରେ 'ଡ୍ରିମ ୧୧' ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ମୁଖ୍ୟ ପ୍ରାୟୋଜକ ଅଧିକାର ହାସଲ କରିଥିଲା। ସେବେଠାରୁ ଭାରତର ପୁରୁଷ, ମହିଳା, ଜୁନିଅର ଆଦି ଦଳର ଖେଳାଳିଙ୍କ ଜର୍ସିରେ ଏହାର ଲୋଗୋ ରହୁଥିଲା। କିନ୍ତୁ ଏବେ ଅନ୍‌ଲାଇନ ଗେମିଂ ବିଲ୍ ଆସିବା ପରେ ଭାରତୀୟ ଦଳର ମୁଖ୍ୟ ପ୍ରାୟୋଜକର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଏ ସମ୍ପର୍କରେ ବିସିସିଆଇ କିମ୍ବା 'ଡ୍ରିମ ୧୧' ପକ୍ଷରୁ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ। ତଥାପି ବିସିସିଆଇର ସମ୍ପାଦକ ଦେବଜିତ୍ ସାଇକିଆ କହିଛନ୍ତି, ବିସିସିଆଇ ଦେଶର ଆଇନକୁ ସମ୍ମାନ କରେ ଏବଂ ଏହାକୁ ପାଳନ କରିବ।

ଉଲ୍ଲେଖଯୋଗ୍ୟ ଡ୍ରିମ ୧୧' ଏକମାତ୍ର କମ୍ପାନୀ ନୁହେଁ ଯାହାର ଭାଗ୍ୟ ବିସିସିଆଇ ସହ ଜଡ଼ିତ ହେବାପରେ କ୍ଷତିଗ୍ରସ୍ତ ହୋଇଛି। ଏଥିପୂର୍ବରୁ ବିସିସିଆଇର ମୁଖ୍ୟ ପ୍ରାୟୋଜକ ରହିଥିବା ବିଭିନ୍ନ କମ୍ପାନୀ ଯଥା ସାହାରା, ଷ୍ଟାର୍ ଇଣ୍ଡିଆ, ଓପୋ, ବାୟଜୁସ୍ ବିସିସିଆଇର ପ୍ରାୟୋଜକ ରହି ପ୍ରଚୁର ଲାଭ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କ୍ଷତିର ସମ୍ମୁଖୀନ ହୋଇଛନ୍ତି।

● ଆଜି ଡୁରାଣ୍ଡ କପ୍ ଫାଇନାଲ୍

## ଟାଇଟଲ୍ ପାଇଁ ଲଢ଼ିବେ ନର୍ଥଇଷ୍ଟ-ଡାଏମଣ୍ଡ ହାର୍ବର୍



କୋଲକାତା, ୨୨।୮ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ଶନିବାର ଖେଳାଯିବ। ଟାଇଟଲ୍ ପାଇଁ ନର୍ଥଇଷ୍ଟ ୟୁନାଇଟେଡ୍ ଓ ପଦାର୍ପଣକାରୀ ଡାଏମଣ୍ଡ ହାର୍ବର୍ ଦଳ ପରସ୍ପରକୁ ଭେଟିବେ। ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ସନ୍ଧ୍ୟା ୫ଟା ୩୦ରେ ଏହି ଫାଇନାଲ ମ୍ୟାଚ୍ ଖେଳାଯିବ। ଗତ ସଂସ୍କରଣରେ ନର୍ଥଇଷ୍ଟ ଚାମ୍ପିଅନ ହୋଇଥିବାରୁ ଏଥର ଟାଇଟଲ୍ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଡାଏମଣ୍ଡ ହାର୍ବର୍ ଦଳ ପ୍ରଥମଥର ଲାଗି ଡୁରାଣ୍ଡ କପ୍ ଖେଳୁଛି। ପଦାର୍ପଣରେ ଦଳ ସେମିଫାଇନାଲରେ ୧୬ଥରର ଚାମ୍ପିଅନ ଇଷ୍ଟବେଙ୍ଗଲକୁ ପରାସ୍ତ କରି ବଡ଼ ବିପର୍ଯ୍ୟୟ ଘଟାଇବା ସହ ଫାଇନାଲରେ ପ୍ରବେଶ କରିଥିଲା। ଶନିବାର ମଧ୍ୟ ଡାଏମଣ୍ଡ ହବର୍ ଆଉ ଏକ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛି।

**ଫାଇନାଲ ମ୍ୟାଚ୍**
ଆରମ୍ଭ : ସନ୍ଧ୍ୟା ୫ଟା ୩୦
ପ୍ରସାରଣ : ସୋନୀ ଟେନ୍-୨

## ବୁଚି ବାବୁ କ୍ରିକେଟ: ଓଡ଼ିଶା ୨୨୨/୧୦

କଟକ,୨୨।୮ (ସମିସ): ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ପୂର୍ବତଟ ରେଳବାଇକୁ ଭେଟିଛି ଓଡ଼ିଶା। ଶୁକ୍ରବାରଠାରୁ ଚେନ୍ନାଇର ଏସ୍‌ଆରଏମସି ଟର୍ଫ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରମୁଖ ବ୍ୟାଟରଙ୍କ ବିଫଳତା ଯୋଗୁଁ ଓଡ଼ିଶାର ପ୍ରଥମ ଇନିଂସ୍ ୨୨୨ ରନରେ ସୀମିତ ରହିଯାଇଛି। ଏହାପରେ ବ୍ୟାଟିଂ ଆରମ୍ଭ କରିଥିବା ରେଳବାଇ ବିନା ୱିକେଟରେ ୧୯ ରନ ସଂଗ୍ରହ କରିଛି। ଓଡ଼ିଶା ଅଧିନାୟକ ସ୍ୱସ୍ତିକ ସାମଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ୱିକେଟକିପର ରାଜେଶ ଧୂପରଙ୍କ ୪୩, ସମ୍ବିତ ବରଳାଙ୍କ ୩୭, ବାଦଲ ବିଶ୍ୱାଳଙ୍କ ୩୪ ଓ ଅଧିନାୟକ ସ୍ୱସ୍ତିକଙ୍କ ୩୩ ରନ ବଳରେ ଦଳ ସମ୍ମାନଜନକ ରନ ସଂଗ୍ରହ କରିଥିଲା। ଅନ୍ୟସମସ୍ତ ବ୍ୟାଟର ଫେଲ୍ ମାରିଥିଲେ। ରେଳବାଇର ବାମହାତୀ ସ୍ପିନର ରାଜ ଚୌଧୁରୀ ୧୦୪ରନ ବ୍ୟୟ କରିବା ସତ୍ତ୍ୱେ ୬ଟି ୱିକେଟ ଦଖଲ କରିଥିଲେ। ଆକାଶ ପାଣ୍ଡେ ଓ ବିଶାଲ ହର୍ଶ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ସ୍ପିନରଙ୍କ ସହଯୋଗରେ ୧୦ଟି ଯାକ ୱିକେଟ ରେଳବାଇ ହାସଲ କରିଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ରେଳବାଇ ୪ ଓଭର ଖେଳି କୌଣସି ୱିକେଟ ନ ହରାଇ ୧୯ ରନ କରିଛି। ମୃଣାଳ ଦେବଧର ୬ ଏବଂ ଆଶିଷ ସିଂହ ୧୨ ରନରେ ଅପରାଜିତ ଅଛନ୍ତି।

## ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଓଡ଼ିଶାକୁ ଆଉ ଦୁଇ ରୌପ୍ୟ

କଟକ,୨୨।୮ (ସମିସ): ଶ୍ରୀନଗରରେ ଚାଲିଥିବା ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ଓଡ଼ିଶା କାୟାକିଂ ଓ କାନୋଇଂ ଦଳ ଆଉ ଦୁଇ ରୌପ୍ୟ ପଦକ ଜିତିଛି। ଏଥିସହିତ ଓଡ଼ିଶାର ପଦକ ସଂଖ୍ୟା ମୋଟ ୪ରେ ପହଞ୍ଚିଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇ ରୌପ୍ୟ ପଦକ ରହିଛି। ଆଜି ପୁରୁଷ କାୟାକିଂ-୨'ର ୫୦୦ ମିଟର ଇଭେଣ୍ଟରେ ନାଓରାମ ଜମେଶ ଓ ସନ୍ତୋଷଙ୍କ ଯୋଡ଼ି ରୌପ୍ୟ ପଦକ ଜିତିଥିଲେ। ସେହିପରି ମହିଳା କାୟାକିଂ-୨'ର ୫୦୦ ମିଟର ଇଭେଣ୍ଟରେ ଓନିମା ବିଦ୍ୟାଦେବୀ ଓ ଶ୍ରୁତି ଚୌଗୁଲଙ୍କ ଯୋଡ଼ି ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ବିଜୟୀ ହୋଇଛି।

## ନେସନ୍ସ କପ୍: ଜାତୀୟ ଦୃଷ୍ଟିବାଧିତ ଫୁଟବଲ ଦଳରେ ଆକାଶ



ଭୁବନେଶ୍ୱର, ୨୨।୮ (ସମିସ): ଭାରତୀୟ ଦୃଷ୍ଟିବାଧିତ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ନେସନ୍ସ କପ୍ ଓ ଏସିଆ ଓସେନିଆ ଡିଭିଜନ-୨ ଦୃଷ୍ଟିବାଧିତ ଫୁଟବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିଲାଗି ଭାରତୀୟ ଦୃଷ୍ଟିହୀନ ଫୁଟବଲ୍ ମହାସଂଘ ପକ୍ଷରୁ ଶୁକ୍ରବାର ଦଳ ଘୋଷଣା କରାଯାଇଛି। ଓଡ଼ିଶାର ଆକାଶ ପଡ଼ିଆମୀ ଗୋଲ୍‌କିପର ଭାବେ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ନିକଟରେ ଅଗଷ୍ଟ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ କେରଳର କୋଚିଠାରେ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର 'ବ୍ଲୁସ୍ ଆଇ' ସଂଗଠନ ପକ୍ଷରୁ ଆଶିଷ ସାହୁ ଓ ଆକାଶ ପଡ଼ିଆମୀ ଭାଗନେଇଥିଲେ। ଚୟନ ଶିବିରରେ ପ୍ରଭାବୀ ପ୍ରଦର୍ଶନ କରି ଆକାଶ ଭାରତୀୟ ଦୃଷ୍ଟିବାଧିତ ଫୁଟବଲ ଦଳରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ଏହି ଅବସରରେ 'ବ୍ଲୁସ୍‌ଆଇ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ଓ ଅନ୍ୟ କର୍ମକର୍ତ୍ତା ଆକାଶଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

**ମହିଳା ଦିନିକିଆ ବିଶ୍ୱକପ୍**

## ଚିନ୍ନାସ୍ୱାମୀରୁ ଡିୱାଇ ପାଟିଲକୁ ସ୍ଥାନାନ୍ତରିତ ହେଲା ମ୍ୟାଚ୍

ମୁମ୍ବାଇ, ୨୨।୮: ଆଇସିସି ଦିନିକିଆ ମହିଳା ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବ। ଭାରତ ଏହି ମେଗା ଟୁର୍ଣ୍ଣାମେଣ୍ଟର ଏଥର ଆୟୋଜକ ରହିଥିବାବେଳେ ପାକିସ୍ତାନ ଦଳ ଏହାର ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ତେବେ ଏଥିପୂର୍ବରୁ ଭେନ୍ୟୁ ପରିବର୍ତ୍ତନକୁ ନେଇ ବିଶ୍ୱ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସି ଏକ ବଡ଼ ନିଷ୍ପତ୍ତି ନେଇଛି। ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ମ୍ୟାଚଗୁଡ଼ିକୁ ନବୀ ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମକୁ ସ୍ଥାନାନ୍ତରିତ କରିନିଆଯାଇଛି। ଆଇସିସି ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି।

ଗତ ଆଇପିଏଲ୍‌ରେ ବେଙ୍ଗାଲୁରୁ ପ୍ରଥମଥର ଲାଗି ଚାମ୍ପିଅନ ହେବାପରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଏହି ସମୟରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟାରେ ୧୨ ଜଣ ଲୋକଙ୍କ ଜୀବନ ଯାଇଥିଲା। ଏହି ଘଟଣାରେ ଚିନ୍ନାସ୍ୱାମୀ ଷ୍ଟାଡିୟମର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା। ଜଷ୍ଟିସ ଜନ ମାଇକେଲ ଡି'ଚୁନା କମିଶନ ଏହାର ରିପୋର୍ଟରେ ଦର୍ଶାଇଥିଲା କି ଚିନ୍ନାସ୍ୱାମୀ ବଡ଼ ଇଭେଣ୍ଟ ଆୟୋଜନ କରିବା ଲାଗି ସୁରକ୍ଷିତ ନୁହେଁ। ଯେଉଁଥି ପାଇଁ ଆଗାମୀ ବିଶ୍ୱକପ୍ ମ୍ୟାଚ୍ ଆୟୋଜନ ଲାଗି ସ୍ଥାନୀୟ ଅଧିକାରୀଙ୍କ ନିକଟରୁ ଅନୁମତି ମିଳିପାରି ନ ଥିଲା। ଯେଉଁଥି ପାଇଁ ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ଶେଷ ମୁହୂର୍ତ୍ତରେ ଭେନ୍ୟୁ ତାଲିକାରୁ ବାଦ୍ ଦେବାକୁ ବିସିସିଆଇ ବାଧ୍ୟ ହୋଇଥିଲା। ଚିନ୍ନାସ୍ୱାମୀ ଏବେ ଉଦ୍‌ଘାଟନୀ ଓ ଫାଇନାଲ ସମେତ ୫ଟି ମ୍ୟାଚ୍ ଆୟୋଜନ ଅଧିକାର ହରାଇଛି। ଅପରପକ୍ଷରେ ନବୀ ମୁମ୍ବଇ ଏବେ ବିଶ୍ୱକପ୍ ଆୟୋଜନର ୫ ଭେନ୍ୟୁ ତାଲିକାରେ ଯୋଡ଼ି ହୋଇଛି।

**ବିଶ୍ୱକପ୍‌ର କେଉଁ କେଉଁ ମ୍ୟାଚ୍ ହରାଇଲା ଚିନ୍ନାସ୍ୱାମୀ**

| | |
|---|---|
| ସେପ୍ଟେମ୍ବର ୩୦ | ଭାରତ-ଶ୍ରୀଲଙ୍କା |
| ଅକ୍ଟୋବର ୩ | ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା |
| ଅକ୍ଟୋବର ୨୬ | ଭାରତ-ବାଂଲାଦେଶ |
| ଅକ୍ଟୋବର ୩୦ | ଦ୍ୱିତୀୟ ସେମିଫାଇନାଲ |
| ନଭେମ୍ବର ୨ | ଫାଇନାଲ |

**ଠାକୁରାଣୀ ଚ୍ୟାଲେଞ୍ଜର ଫୁଟବଲ୍**

## ସନ୍ନି ଏକ୍ସପ୍ରେସ୍ ଚାମ୍ପିଅନ



ଭୁବନେଶ୍ୱର, ୨୨।୮ (ସମିସ): କେନ୍ଦୁଝରର ଡାଲକୀ ବୀର ବିର୍ସା ମୁଣ୍ଡା ୟୁଥ କ୍ଲବ ଆନୁକୂଲ୍ୟରେ ଠାକୁରାଣୀ ଚ୍ୟାଲେଞ୍ଜର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍)ର ସିଏସ୍‌ଆର୍ ପଦକ୍ଷେପ 'ଉଡାନ' ମାଧ୍ୟମରେ ଏହି ଏକଦିବସୀୟ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ପ୍ରାୟୋଜକ ଭୂମିକା ନିର୍ବାହ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳର ୨୪୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ନକ୍‌ଆଉଟ୍ ଫର୍ମାଟ୍‌ରେ ମ୍ୟାଚ୍‌ଗୁଡ଼ିକ ଖେଳାଯାଇଥିଲା। ଫାଇନାଲରେ ସନ୍ନି ଏକ୍ସପ୍ରେସ ୧-୦ ଗୋଲରେ ଖୁସି-୧୧'କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ବୀର ବିର୍ସା ମୁଣ୍ଡା ୟୁଥ କ୍ଲବର ସଭାପତି ନିରଞ୍ଜନ ମୁଣ୍ଡା, ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଠାକୁରାଣୀ ଖଣିର ଲୋକକଲ୍ୟାଣ ଅଧିକାରୀ ପ୍ରମୋଦ ଆଚାର୍ଯ୍ୟ, ସିଏସ୍‌ଆର୍ ମୁଖ୍ୟ ଅରୁଣ ଅଗ୍ରୱାଲଙ୍କ ସମେତ କମ୍ପାନୀର ଅନ୍ୟ ଅଧିକାରୀ ଉପସ୍ଥିତ ରହି ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଶିବ ମୁଣ୍ଡା ଶ୍ରେଷ୍ଠ ଗୋଲ୍‌କିପର, ଅଜୟ ମୁଣ୍ଡା ଶ୍ରେଷ୍ଠ ଡିଫେଣ୍ଡର ଓ ଅବିନାଶ ମୁଣ୍ଡା ଶ୍ରେଷ୍ଠ ସ୍କୋରର ପୁରସ୍କାର ପାଇଥିଲେ।

## ଅଷ୍ଟ୍ରେଲିଆ ବିପକ୍ଷରେ ଦ. ଆଫ୍ରିକାର କ୍ରମାଗତ ୫ମ ସିରିଜ୍ ବିଜୟ

ମାକୟ, ୨୨।୮ (ଏଜେନ୍ସି)



ଶୁକ୍ରବାର ଏଠାରେ ଖେଳାଯାଇଥିବା ଏକଦିବସୀୟ ସିରିଜର ୨ୟ ମ୍ୟାଚରେ ଘରୋଇ ଅଷ୍ଟ୍ରେଲିଆ ୮୪ ରନରେ ଶୋଚନୀୟ ଭାବେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜୟବରଣ କରିଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଦକ୍ଷିଣ ଆଫ୍ରିକା ୯୮ ରନରେ ଜିତିଥିଲା। ଫଳରେ ସିରିଜର ଗୋଟିଏ ମ୍ୟାଚ୍ ବଳକା ଥାଇ ଭ୍ରମଣକାରୀ ଦଳ ୨-୦ରେ ସିରିଜ ଆଗୁଆ କବ୍‌ଜା କରିନେଇଛି। ଅଷ୍ଟ୍ରେଲିଆ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଏହା କ୍ରମାଗତ ୫ମ ଦିନିକିଆ ସିରିଜ ବିଜୟ। ସେହିଭଳି ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ଶେଷ ୮ଟି ଦିନିକିଆ ସିରିଜରୁ ଅଷ୍ଟ୍ରେଲିଆ ମାତ୍ର ଗୋଟିଏ ଜିତିବାରେ ସମର୍ଥ ହୋଇଛି।

ଦ୍ୱିତୀୟ ଦିନିକିଆରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ଅଧିନାୟକ ଆଇଡେନ ମାର୍କରମ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭରୁ ୨୩ ରନ ମଧ୍ୟରେ ଦଳ ଦୁଇ ଓପନର୍ ର୍‌ୟାନ ରିକ୍ଲେଟନ (୮) ଓ ଅଧିନାୟକ ମାର୍କରମ (୦)ଙ୍କ ୱିକେଟ୍ ହରାଇଥିଲା। ଜାଭିଅର ବାର୍ଟଲେଟ୍ ଏହି ଦୁଇଟି ୱିକେଟ୍ ନେଇ ଘରୋଇ ଦଳକୁ ଡବଲ୍ ବ୍ରେକ୍ ଥ୍ରୁ ଦେଇଥିଲେ। ତେବେ ମଧ୍ୟକ୍ରମରେ ମାଥ୍ୟୁ ବ୍ରିଜକେ (୮୮ ରନ) ଓ ଟ୍ରିଷ୍ଟାନ ଷ୍ଟବ୍ସ (୭୪ ରନ)ଙ୍କ ଅର୍ଦ୍ଧଶତକ ବଳରେ ଭ୍ରମଣକାରୀ ଦଳ ୪୯.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୨୭୭ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଅଷ୍ଟ୍ରେଲିଆର ଆଡାମ ଜାମ୍ପା ୩ ଏବଂ ବାର୍ଟଲେଟ, ନାଥନ ଏଲିସ୍ ଓ ମାର୍ନସ ଲାବୁଶେନ ୨ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଜୋଶ୍ ଇଂଲିଶଙ୍କ ୮୭ ରନ ସତ୍ତ୍ୱେ ୩୭.୪ ଓଭରରେ ୧୯୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ୫ ୱିକେଟ୍ ନେଇ ଅଷ୍ଟ୍ରେଲିଆର ସର୍ବାଧିକ କ୍ଷତି ପହଞ୍ଚାଇଥିବା ଦ୍ରୁତ ବୋଲର ଲୁନଗି ଏନଗିଡି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସିରିଜର ଅନ୍ତିମ ତଥା ୩ୟ ମୁକାବିଲା ରବିବାର ଖେଳାଯିବ। ଦକ୍ଷିଣ ଆଫ୍ରିକାର ମାଥ୍ୟୁ ବ୍ରିଜକେ ଏହି ଅର୍ଦ୍ଧଶତକୀୟ ପାଳିରେ ଏକ ବିଶ୍ୱରେକର୍ଡ କରିଛନ୍ତି। ଏକଦିବସୀୟ କ୍ରିକେଟ୍‌ର ୫୪ ବର୍ଷ ଇତିହାସରେ ପ୍ରଥମ ଖେଳାଳି ଭାବେ ସେ ପଦାର୍ପଣ ପରେ କ୍ରମାଗତ ୪ଟି ଅର୍ଦ୍ଧଶତକ ମାରିଛନ୍ତି। ବ୍ରିଜକେ ଏଥିପୂର୍ବରୁ ପାକିସ୍ତାନ ବିପକ୍ଷ ପଦାର୍ପଣ ମ୍ୟାଚରେ ୧୫୦ ରନ, ପରେ ସେହି ଦଳ ବିପକ୍ଷରେ ୮୩ ଏବଂ ଅଷ୍ଟ୍ରେଲିଆ ସହ ପ୍ରଥମ ମ୍ୟାଚରେ ୫୭ ରନ କରିଥିଲେ। ଭାରତର ନବଜୋତ୍ ସିଂହ ସିଦ୍ଧୁ ପଦାର୍ପଣ ପରେ କ୍ରମାଗତ ୩ଟି ଅର୍ଦ୍ଧଶତକ ହାସଲ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS